

ଅକ୍ଷୟଙ୍କ 'ଜଙ୍ଗଲୀ' ଲୁକ୍

▶ପୃଷ୍ଠା ୧୧ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-321 ♦WEDNESDAY ♦20 MAY 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୩୨୧ ♦ବୁଧବାର ♦୨୦ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଆଜି ପ୍ରକାଶ ପାଇବ +୨ ପରୀକ୍ଷା ଫଳ



■ ଭୁବନେଶ୍ୱର, ୧୯।୫ (ସମିସ): ଆସନ୍ତାକାଲି ଅର୍ଥାତ୍ ବୁଧବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ ୨ ପରୀକ୍ଷାଫଳ ପ୍ରକାଶ ପାଇବ। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ରେଜଲ୍ଟ ଏକାବେଳେ ପ୍ରକାଶ ପାଇବ। ମଧ୍ୟାହ୍ନ ସାଢ଼େ ୧୨ଟାରେ ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରେ ପରୀକ୍ଷାଫଳ ପୁସ୍ତିକାକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉନ୍ମୋଚନ କରିବେ। ଅପରାହ୍ଣ ୩ଟାରେ ୱେବସାଇଟ୍‌ରେ ରେଜଲ୍ଟ ଉପଲବ୍ଧ ହେବ। ଛାତ୍ରଛାତ୍ରୀମାନେ https://results.odisha.gov.in ଓ https://results.digilocker.gov.in ୱେବସାଇଟ୍‌ରେ ନିଜ ରୋଲ ନମ୍ବର ଓ ଜନ୍ମ ତାରିଖ ଦେଇ ପରୀକ୍ଷାଫଳ ଦେଖିପାରିବେ। ଏହାସହ ସାମସ୍ ଇ-କଲେଜ ସ୍ପେସ୍‌ରେ ମଧ୍ୟ ପରୀକ୍ଷାଫଳ ଉପଲବ୍ଧ ହେବ। ପ୍ରାୟ ୪ଲକ୍ଷ ପରୀକ୍ଷାର୍ଥୀ ରେଜଲ୍ଟ ପ୍ରକାଶକୁ ନେଇ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

**ମଧ୍ୟାହ୍ନ ସାଢ଼େ ୧୨ରେ ରେଜଲ୍ଟ ପୁସ୍ତିକା ଉନ୍ମୋଚନ**

**ଅପରାହ୍ଣ ୩ ରେ ୱେବସାଇଟ୍‌ରେ ହେବ ଉପଲବ୍ଧ**

## ଆଜି ସାରା ରାଜ୍ୟରେ ଔଷଧ ଦୋକାନ ବନ୍ଦ

■ ଭୁବନେଶ୍ୱର, ୧୯।୫ (ସମିସ): ଅନଲାଇନ ଔଷଧ ବିକ୍ରିକୁ ବିରୋଧ କରି ଆସନ୍ତାକାଲି ଓଡ଼ିଶା ସମେତ ସାରା ଭାରତରେ ଔଷଧ ଦୋକାନ ବନ୍ଦ ରହିବ। କେବଳ ଓଡ଼ିଶାର ଥିବା ୩୦୦୦୦ରୁ ଅଧିକ ଔଷଧ ଦୋକାନ ବନ୍ଦ ରହିବା ନେଇ ପୂର୍ବରୁ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ(ୟୁସିଡିଏ) ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରରିପେକ୍ଷୀରେ ରୋଗୀ ଓ ସାଧାରଣ ଜନତା ଯେପରି ଜରୁରୀକାଳୀନ ଜୀବନରକ୍ଷାକାରୀ ଔଷଧ ପାଇବାରେ କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ, ସେଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି।

ଡ୍ରଗ୍ସ କଣ୍ଟ୍ରୋଲରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତାକାଲି ରାଜ୍ୟର ସମସ୍ତ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଥିବା 'ନିରାମୟ କେନ୍ଦ୍ର' ଗୁଡ଼ିକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିବେ ଏବଂ ରୋଗୀଙ୍କୁ ମାଗଣା ଔଷଧ ବିତରଣ କରିବେ। ଏହା ସହିତ ସମସ୍ତ ହସ୍ପିଟାଲ୍ ପରିସରରେ ଥିବା ଔଷଧ ଦୋକାନ, ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ରଏବଂ ୨୪ ଘଣ୍ଟିଆ ଖୋଲା ରହୁଥିବା ଇନ୍-ହାଉସ୍ ଫାର୍ମାସୀ ଗୁଡ଼ିକୁ ବାଧ୍ୟତାମୂଳକ ଭାବେ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ବଜାରରେ କୃତ୍ରିମ ଅଭାବ କିମ୍ବା କଳାବଜାରୀ ରୋକିବା ପାଇଁ ସମସ୍ତ ଡ୍ରଗ୍ସ ଇନ୍ସପେକ୍ଟର ଏବଂ ଆସିଷ୍ଟାଣ୍ଟ ଡ୍ରଗ୍ସ କଣ୍ଟ୍ରୋଲରମାନଙ୍କୁ ସେମାନଙ୍କ ଅଞ୍ଚଳରେ ପ୍ରତ୍ୟକ୍ଷ ସ୍ଥିତି ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହୋଲସେଲର ଓ ବିତରକମାନଙ୍କ ସହ ସମନ୍ୱୟ ରକ୍ଷା କରି ବନ୍ଦ ପୂର୍ବରୁ ଖୁଚୁରା ଦୋକାନୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଜୀବନରକ୍ଷାକାରୀ ଔଷଧ ଯୋଗାଇ ଦେବାକୁ କୁହାଯାଇଛି। ▶ପୃଷ୍ଠା-୭

## ପୁଣି ବଢ଼ିଲା ପେଟ୍ରୋଲ, ଡିଜେଲ ଦର

■ ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଗତ ଶୁକ୍ରବାର ଦେଶବ୍ୟାପୀ ତେଲ ଦରରେ ୩ ଟଙ୍କା ବୃଦ୍ଧି ହେବାର ଠିକ୍ ୫ ଦିନ ପରେ, ସୋମବାର ତେଲ କମ୍ପାନୀଗୁଡ଼ିକ ପୁଣିଥରେ ପେଟ୍ରୋଲ ଏବଂ ଡିଜେଲ ଦର ବଢ଼ାଇଛନ୍ତି। ଚଳିତ ସପ୍ତାହରେ ଦ୍ୱିତୀୟ ଥର ପାଇଁ ତେଲ ଦର ଲିଟର ପିଛା ପ୍ରାୟ ୯୦ ପଇସା ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

ନୂଆଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୮୭ ପଇସା ବଢ଼ି ୯୮.୬୪ ଟଙ୍କା ଏବଂ ଡିଜେଲ ୯୧ ପଇସା ବଢ଼ି ୯୧.୫୮ ଟଙ୍କା ହୋଇଛି। କୋଲକାତାରେ ପେଟ୍ରୋଲ ଦର ସବୁଠାରୁ ଅଧିକ ୯୬ ପଇସା ବୃଦ୍ଧି ପାଇ ୧୦୯.୭୦ ଟଙ୍କା ଏବଂ ଡିଜେଲ ୯୪ ପଇସା ବଢ଼ି ୯୬.୦୭ ଟଙ୍କା ହୋଇଛି। ସେହିପରି ଚେନ୍ନାଇରେ ପେଟ୍ରୋଲ ୮୨ ପଇସା ବୃଦ୍ଧି ସହ ୧୦୪.୪୯ ଟଙ୍କା ଏବଂ ଡିଜେଲ ୮୬ ପଇସା ବୃଦ୍ଧି ପାଇ ୯୬.୧୧ ଟଙ୍କା ହୋଇଛି। ଏହା ସହିତ ଦିଲ୍ଲୀରେ ସିଏନଜି ଦର ମଧ୍ୟ କିଲୋଗ୍ରାମ ପିଛା ୨ ଟଙ୍କା ବୃଦ୍ଧି ପାଇ ୮୭ ଟଙ୍କାରେ ପହଞ୍ଚିଛି। ସେହିଭଳି ଭୁବନେଶ୍ୱରରେ ପେଟ୍ରୋଲ ଦାମ ଲିଟର ପିଛା ୧୦୫ ଟଙ୍କା ୨୬ ପଇସାକୁ ବୃଦ୍ଧି ପାଇଛି। ପଶ୍ଚିମ ଏସିଆରେ ଚାଲିଥିବା ସାମରିକ ଉତ୍ତେଜନା ▶ପୃଷ୍ଠା-୭



**୫ ଦିନରେ ଦ୍ୱିତୀୟ ଥର**

# ଇରାନ ଆକ୍ରମଣ ଯୋଜନା ସ୍ଥଗିତ

## ଏଥର ଆରବ ରାଷ୍ଟ୍ରଙ୍କ ଚାପରେ ଟଳିଲା ଯୁଦ୍ଧ: ଟ୍ରମ୍ପ

■ ୱାସିଂଟନ/ତେହରାନ, ୧୯।୫ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ଦିନ ଇରାନ ଉପରେ ହେବାକୁ ଥିବା ସାମରିକ ଆକ୍ରମଣ ଯୋଜନାକୁ ସାମୟିକ ଭାବେ ସ୍ଥଗିତ ରଖିଛନ୍ତି।। ଆରବ ସାଗରୀୟ ଅଞ୍ଚଳର ପ୍ରମୁଖ ନେତାମାନଙ୍କ ଅନୁରୋଧ ଏବଂ ଚାଲିଥିବା ଶାନ୍ତି ଆଲୋଚନାକୁ ସୁଯୋଗ ଦେବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଏହି ଆଲୋଚନା ବିଫଳ ହେଲେ ଇରାନ ବିରୋଧରେ ଏକ ବଡ଼ ଧରଣର ଆକ୍ରମଣ କରାଯିବ ବୋଲି ଟ୍ରମ୍ପ ପୁନର୍ବାର ଚେତାବନୀ ଦେଇଛନ୍ତି। ଯୁଦ୍ଧବିରତି ଚାଲିଥିବା ବେଳେ ଇରାନ ଉପରେ ଆକ୍ରମଣ ଯୋଜନାକୁ ଦ୍ୱିତୀୟ ଥର ଲାଗି ସ୍ଥଗିତ ରଖିବାକୁ ଘୋଷଣା କରିଛନ୍ତି। ପ୍ରଥମେ ମଧ୍ୟସ୍ଥି ପାକିସ୍ତାନ୍‌ର ଅନୁରୋଧ ରକ୍ଷା କରି ଗତମାସ ଆକ୍ରମଣ ଯୋଜନା ସ୍ଥଗିତ ରଖିଥିବା କହିଥିଲେ ଟ୍ରମ୍ପ। ଟ୍ରମ୍ପଙ୍କ ଏଭଳି ଘୋଷଣାକୁ ନେଇ ବିଭ୍ରାନ୍ତି ସୃଷ୍ଟି ହୋଇଛି।



**ପୂର୍ବରୁ ପାକିସ୍ତାନ ଅନୁରୋଧରେ ସ୍ଥଗିତ ହୋଇଥିଲା**

ଇରାନ ଉପରେ ଆଉ ଆକ୍ରମଣ ନକରିବା ଲାଗି ଟ୍ରମ୍ପ ଏଭଳି ପାକିସ୍ତାନ ଓ ଆରବ ରାଷ୍ଟ୍ରର ବାହାନା ଖୋଜୁଛନ୍ତି ବୋଲି କୁହାଯାଉଛି।

ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ସାମାଜିକ ଗଣମାଧ୍ୟମ ବିବୃତି ଦେଇ ଜଣାଇଛନ୍ତି ଯେ କତାରର ଅମିର ଶେଖ ତାମିମ ବିନ ହାମାଦ ଅଲ ଥାନୀ, ସାଉଦି ଆରବର କ୍ରାଉନ ପ୍ରିନ୍ସ ମହମ୍ମଦ ବିନ ସଲମାନ ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ରାଷ୍ଟ୍ରପତି ମହମ୍ମଦ ବିନ ଜାୟେଦ ଅଲ ନାହୟାନଙ୍କ ମିଳିତ ଅନୁରୋଧ କ୍ରମେ ସେ ଇରାନ ଆକ୍ରମଣ ଯୋଜନାକୁ ସ୍ଥଗିତ ରଖିଛନ୍ତି। ଏହି ନେତାମାନେ ଟ୍ରମ୍ପଙ୍କୁ କୁଆଡ଼େ ବୁଝାଇଛନ୍ତି ଯେ ବର୍ତ୍ତମାନ ସ୍ଥିତି ସୁଧାରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଜାରି ରହିଛି। ଆରବ ଦେଶଗୁଡ଼ିକର ଏହି ନେତାମାନଙ୍କୁ ସମ୍ମାନ ଜଣାଇ ଟ୍ରମ୍ପ କହିଛନ୍ତି ଯେ ଇରାନକୁ କୌଣସି ପରିସ୍ଥିତିରେ ଆଣବିକ ଅସ୍ତ୍ର ନିର୍ମାଣ କରିବାକୁ ଦିଆଯିବ ନାହିଁ। ଆକ୍ରମଣ ସ୍ଥଗିତ ରହିଥିଲେ ମଧ୍ୟ ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ଏବଂ ଯୁଦ୍ଧ ବିଭାଗର ମୁଖ୍ୟ ପ୍ରମୁଖଙ୍କୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ▶ପୃଷ୍ଠା-୭

### ରାଜ୍ୟରେ ଅରାଜକତାର ଭୟଙ୍କର ଚିତ୍ର: ନବୀନ

## ଓଡ଼ିଶାରେ ବିଜେପି ଶାସନ ନୁହେଁ, ଗୁଣ୍ଡାରାଜ ଚାଲିଛି

■ ଭୁବନେଶ୍ୱର, ୧୯।୫ (ସମିସ): ବ୍ରହ୍ମପୁର ସହରରେ ଦିନକତଳେ ଜଣେ ଯୁବକ ଓ ଯୁବତୀଙ୍କୁ ରାସ୍ତା ଉପରେ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଓଡ଼ିଶାରେ ବିଜେପି ଶାସନ ନୁହେଁ; ବରଂ ଗୁଣ୍ଡାରାଜ୍ ଚାଲିଛି ବୋଲି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କ୍ଷୋଭ ପ୍ରକାଶ କରିଛନ୍ତି ନବୀନ।

ନବୀନ କହିଛନ୍ତି ଯେ ବ୍ରହ୍ମପୁରର ବିଚ୍ ରାସ୍ତାରେ ଜଣେ ଯୁବକ ଏବଂ ମହିଳାଙ୍କୁ ସର୍ବସମ୍ମୁଖରେ ଅତି ନିର୍ମମ ଭାବେ ପିଟି ପିଟି ମରଣାନ୍ତକ ଆକ୍ରମଣ କରାଯିବାର ଦୃଶ୍ୟ ଅତ୍ୟନ୍ତ ଅମାନୁଷିକ। ସାରା ଓଡ଼ିଶାବାସୀଙ୍କୁ ଏହା ଆତଙ୍କିତ ଓ ବିଚଳିତ କରିଛି। ଲାଗୁଛି ବିଜେପି ସରକାର ଓଡ଼ିଶାକୁ ଅପରାଧୀଙ୍କ ହାତକୁ ଟେକି ଦେଇଛି। ଭୟଶୂନ୍ୟ ହୋଇ ଅପରାଧୀମାନେ ଅତ୍ୟନ୍ତ ନୃଶଂସ କାଣ୍ଡ ଘଟାଉଛନ୍ତି। ରାଜ୍ୟରେ ଅରାଜକତାର ଏପରି ଭୟଙ୍କର ଚିତ୍ର ଅତ୍ୟନ୍ତ ସ୍ପର୍ଶକାତର। ▶ପୃଷ୍ଠା-୭



**"ସରକାର ରାଜ୍ୟକୁ ଅପରାଧୀଙ୍କ ହାତକୁ ଟେକି ଦେବା ପରି ଲାଗୁଛି"**

### ଗଣମାଧ୍ୟମର କଣ୍ଠରୋଧ

# ସତ କହିଲେ ମହାପାପ !



**ନୟାଗଡ଼ରେ 'ସକାଳ' ପୋଡ଼ି; ସାମ୍ବାଦିକଙ୍କ ନାମରେ ମିଛ ମାମଲା**

**ଗିରଫ ସାଇବର ମାଫିଆଙ୍କ ସପକ୍ଷରେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକ**

■ ଭୁବନେଶ୍ୱର, ୧୯।୫ (ସମିସ): ସତ ସହଜରେ ଅନେକଙ୍କୁ ହଜମ ହୁଏ ନାହିଁ। ସତକୁ ମହାପାପ ଓ ସତ କହୁଥିବା ଲୋକଙ୍କୁ ମହାପାପୀ ବୋଲି ମଣନ୍ତି। ଗଣତନ୍ତ୍ରରେ ଗଣମାଧ୍ୟମକୁ ସାଧାରଣ ଜନତାଙ୍କ ସ୍ୱର କୁହାଯାଉଥିଲେ ହେଁ ନିର୍ଭିକ ସ୍ୱରକୁ ଚାପି ଦେବାକୁ ରାଜନୈତିକ ଷଡ଼ଯନ୍ତ୍ର ହେଉଛି। ସତ୍ୟ ଲୋକଲୋଚନକୁ ଆଣୁଥିବା ଗଣମାଧ୍ୟମ ପ୍ରତିନିଧି ଷଡ଼ଯନ୍ତ୍ରର ଶିକାର ହେଉଛି। ନୟାଗଡ଼ ଜିଲ୍ଲାରେ ଘଟିଛି ଅନୁରୂପ ଘଟଣା। ବିଭିନ୍ନ ଅଭିଯୋଗରେ ଗିରଫ ଦୁଇ ବ୍ୟକ୍ତିଙ୍କ ସମର୍ଥନରେ ତାଙ୍କର ପୃଷ୍ଠପୋଷକ କୁହାଯାଉଥିବା କିଛି ରାଜନୈତିକ ବ୍ୟକ୍ତିବିଶେଷ ନୟାଗଡ଼ରେ 'ସକାଳ' ସମ୍ବାଦପତ୍ର ପୋଡ଼ିଛନ୍ତି ଓ ଜିଲ୍ଲା ପ୍ରତିନିଧି ଅନୀଲ ପଣ୍ଡାଙ୍କ ନାମରେ ମିଛ ମାମଲା ରୁଜୁ କରିଛନ୍ତି।

ନୟାଗଡ଼ରେ ଗତ କିଛିଦିନ ହେଲା ଚାଲିଥିବା ଘଟଣାକ୍ରମ ଓ ଅନ୍ୟାନ୍ୟ ପ୍ରସଙ୍ଗରେ 'ସକାଳ'ରେ ନିୟମିତ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ଯାହାକୁ ନେଇ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକ ନୟାଗଡ଼ ଜିଲ୍ଲା ପ୍ରତିନିଧିଙ୍କୁ ନିଶାଣ କରିଥିଲେ। ସାମାଜିକ ଗଣମାଧ୍ୟମରେ ତାଙ୍କ ପରିବାର ବିରୋଧରେ ଯାବତୀୟ ଅକଥନୀୟ ଅପଶବ୍ଦ ବ୍ୟବହାର କରି ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। କ୍ରମାଗତ ଭାବରେ ଏହି ଧାରା ଚାଲିବାରୁ ଅନୀଲ ନୟାଗଡ଼ ଟାଉନ ▶ପୃଷ୍ଠା-୭

## ଦିଲ୍ଲୀରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ

■ ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ଚଳିତ ବର୍ଷ ଗ୍ରୀଷ୍ମ ଋତୁର ପ୍ରକୋପ ଚରମ ସୀମାରେ ପହଞ୍ଚିଛି। ଗତ ସୋମବାର ଦିନ ଦିଲ୍ଲୀର କେତେକ ଅଞ୍ଚଳରେ ତାପମାତ୍ରା ପ୍ରାୟ ୪୪ ଡିଗ୍ରୀ ସେଲସିୟସ ନିକଟତର ହେବା ସହ ଏହା ଚଳିତ ଋତୁର ସବୁଠାରୁ ଗରମ ଦିନ ଭାବେ ରେକର୍ଡ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ ଅନୁସାରେ, ଦିଲ୍ଲୀର ମୁଖ୍ୟ ପାଣିପାଗ କେନ୍ଦ୍ର ସଫଦରଜଙ୍ଗଠାରେ ସର୍ବୋଚ୍ଚ ତାପମାତ୍ରା ୪୩.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି, ଯାହା ଗତ ଦୁଇ ବର୍ଷ ମଧ୍ୟରେ ମେ' ମାସର ସବୁଠାରୁ ଉତ୍ତପ୍ତ ଦିନ ଅଟେ। ପାଣିପାଗ ବିଶେଷଜ୍ଞଙ୍କ ଅନୁସାରେ, ରାଜସ୍ଥାନର ଥର ମରୁଭୂମି ଏବଂ ପାକିସ୍ତାନର କେନ୍ଦ୍ରୀୟ ଅଞ୍ଚଳରୁ ବହୁଥିବା ଶୁଷ୍କ ଓ ଗରମ ପଶ୍ଚିମା-ପବନ ଯୋଗୁଁ ଦିଲ୍ଲୀରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏହି ପବନ ଭୂପୃଷ୍ଠର ଉତ୍ତାପକୁ ବଢ଼ାଇବା ସହ ଗ୍ରୀଷ୍ମ ପ୍ରବାହକୁ ଅଧିକ ସାଙ୍ଘାତିକ କରିଦେଇଛି। ଦିଲ୍ଲୀର ପାଣିପାଗ କେନ୍ଦ୍ରରେ ଆଜି ସର୍ବାଧିକ ୪୪.୬ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଲୋଧି ରୋଡ୍‌ରେ ଏହା ପ୍ରାୟ ୪୩.୮ ଡିଗ୍ରୀ ସେଲସିୟସ ରହିଥିଲା, ଯାହା ସ୍ୱାଭାବିକ ତାପମାତ୍ରାଠାରୁ ପ୍ରାୟ ୫ ଡିଗ୍ରୀ ଅଧିକ। ପାଣିପାଗ ବିଭାଗ ଚେତାବନୀ ଦେଇଛି ଯେ ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଏହି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିବ ଏବଂ ପାରଦ ୪୫ ଡିଗ୍ରୀ ସେଲସିୟସ ଟପିଯାଇପାରେ। ଏହାକୁ ଦୃଷ୍ଟିରେ ରଖି ନାଗରିକମାନଙ୍କୁ ଦ୍ୱିପ୍ରହର ସମୟରେ ଅନାବଶ୍ୟକ ଭାବେ ବାହାରକୁ ନ ବାହାରିବା ଏବଂ ପ୍ରଚୁର ପରିମାଣରେ ପାଣି ପିଇ ସୁରକ୍ଷିତ ରହିବାକୁ ପରାମର୍ଶ ଦିଆଯାଇଛି। କେବଳ ଦିଲ୍ଲୀ ନୁହେଁ, ବରଂ ପାର୍ଶ୍ୱବର୍ତ୍ତୀ ହରିୟାଣା, ପଞ୍ଜାବ, ରାଜସ୍ଥାନ ଏବଂ ପଶ୍ଚିମ ଉତ୍ତର ପ୍ରଦେଶରେ ମଧ୍ୟ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହେବାରେ ଲାଗିଛି। ହରିୟାଣାର ରୋହତକଠାରେ ୪୫.୨ ▶ପୃଷ୍ଠା-୭

**ଦୁଇ ବର୍ଷ ମଧ୍ୟରେ ମେ' ସବୁଠାରୁ ଉତ୍ତପ୍ତ**

## ଅସମ୍ଭାଳ ତାତି, ଅସହ୍ୟ ଗୁଳୁଗୁଳି

### ୪୦ ଡିଗ୍ରୀ ଉପରେ ୧୭ ସହର, ଝାରସୁଗୁଡ଼ାରେ ସର୍ବାଧିକ ୪୪.୮

■ ଭୁବନେଶ୍ୱର, ୧୯।୫ (ସମିସ): ରାଜ୍ୟରେ ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ପ୍ରଭାବିତ କରିଛି। ସୋମବାର ତୁଳନାରେ ମଙ୍ଗଳବାର ତାତିର ପ୍ରଭାବ ଆହୁରି ବଢ଼ିଥିବା ବେଳେ ଗୁଳୁଗୁଳି ମଧ୍ୟ ପୂର୍ବବତ୍ ଜାରି ରହିଛି। ଆଜି ରାଜ୍ୟର ୧୭ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଓ ଏହାଠାରୁ ଅଧିକ ରେକର୍ଡ ହୋଇଛି। ୪୪.୮ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ତତଲା ସହର ପାଲଟିଛି। ସେହିପରି ସମ୍ବଲପୁରରେ ତାପମାତ୍ରା ୪୩.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଅନୁଗୁଳରେ ୪୩.୬, ତାଳଚେର ଓ ବୌଦ୍ଧରେ ତାପମାତ୍ରା ୪୩ ଡିଗ୍ରୀ ରେକର୍ଡ ହୋଇଛି। ତାତି ସାଙ୍ଗକୁ ବାୟୁମଣ୍ଡଳରେ ଆର୍ଦ୍ରତା ଉପକୂଳବର୍ତ୍ତୀ ଜିଲ୍ଲାରେ ନାହିଁ ନ ଥିବା ଗୁଳୁଗୁଳି ଜାରି ରହିଛି।

ପାଣିପାଗ ବିଶେଷଜ୍ଞ ଶରତ ସାହୁ କହିଛନ୍ତି, ଉତ୍ତର-ପଶ୍ଚିମ ଦିଗରୁ ଆସୁଥିବା ଶୁଷ୍କ ବା ଗରମ ପବନ ଓ ମେଘ ମୁକ୍ତ ଆକାଶ ପାଇଁ ତାପମାତ୍ରା ବଢୁଛି। ଗୁରୁଚାପ ଓ ବାୟୁ ଚଳାଚଳକୁ ନେଇ କାଳବୈଶାଖୀ ହେଉଥିବା ବେଳେ ଏଥିରେ ତାତିରୁ କିଛିଟା ଆଶ୍ୱସ୍ତି ମିଳୁଥିଲା। ବର୍ତ୍ତମାନ କୌଣସି ପାଣିପାଗ ନିୟାମକ ସକ୍ରିୟ ନ ଥିବା ସହ ଯେତିକି ତାପମାତ୍ରା ରହିଛି ସେଥିରେ ଯେତିକି ଜଳୀୟବାଷ୍ପ ସୃଷ୍ଟି ହେଉଛି ▶ପୃଷ୍ଠା-୭

**୪୫ ଛୁଇଁବ ତାପମାତ୍ରା**



### ପୂର୍ବାଞ୍ଚଳ କୃଷି ସମ୍ମିଳନୀରେ କେନ୍ଦ୍ର କୃଷିମନ୍ତ୍ରୀଙ୍କ ଚେତାବନୀ

# ନକଲି ସାର ଓ ବିହନ ବିକିଲେ କଠୋର କାର୍ଯ୍ୟାନୁଷ୍ଠାନ

■ ଭୁବନେଶ୍ୱର, ୧୯।୫(ସମିସ): ଦେଶରେ ନୂତନ କୀଟନାଶକ ଅଧିନିୟମ ଅଣାଯିବ। 'ଇନସେକ୍ଟିସାଇଡ୍ ଆକ୍ଟ- ୧୯୬୮'କୁ ସଂଶୋଧନ କରି କଠୋର ଦଣ୍ଡ ବିଧାନ ବ୍ୟବସ୍ଥା କରାଯିବ। ଚାଷ ପାଇଁ ମାଟିର ସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରାଥମିକତା ଦେଇ ନକଲି ବା ନିମ୍ନମାନର ସାର ଓ କୀଟନାଶକ ବିକ୍ରି କରୁଥିବା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୋଟା ଅଙ୍କର ଜରିମାନା ସହିତ ଜେଲ୍ ଦଣ୍ଡର ପ୍ରାବଧାନ କରିବାକୁ ସରକାର ବିଚାର କରୁଛନ୍ତି। ପୂର୍ବ ଭାରତର କୃଷି ବିକାଶ ପାଇଁ ଆଜି ଭୁବନେଶ୍ୱରରେ ଅନୁଷ୍ଠିତ ପୂର୍ବାଞ୍ଚଳ କୃଷି ସମ୍ମିଳନୀ ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି ସୂଚନା ଦେଇଛନ୍ତି।




**କୃଷି ସମ୍ମିଳନୀର ନିଷ୍କର୍ଷ ପୂର୍ବ ଭାରତକୁ ଆତ୍ମନିର୍ଭରଶୀଳ କରିବ: ମୁଖ୍ୟମନ୍ତ୍ରୀ**

**ସନ୍ତୁଳିତ ସାର ବ୍ୟବହାର ପାଇଁ ଜୁନ୍ ୧ରୁ 'କ୍ଷେତ ବଞ୍ଚାଅ' ଅଭିଯାନ**

ମନ୍ତ୍ରୀ ଶ୍ରୀ ଚୌହାନ ଆହୁରି କହିଛନ୍ତି ଯେ, ଅତ୍ୟଧିକ ୟୁରିଆ ବ୍ୟବହାର ଯୋଗୁଁ ମାଟି ଓ ମଣିଷର ସ୍ୱାସ୍ଥ୍ୟ ବିପନ୍ନ ହେଉଥିବାରୁ ଜୁନ୍ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ "କ୍ଷେତ ବଞ୍ଚାଅ' ଅଭିଯାନ ଆରମ୍ଭ ହେବ। ଚାଷୀଙ୍କୁ ସନ୍ତୁଳିତ ସାର ବ୍ୟବହାର ପାଇଁ ସଚେତନ କରାଯିବ। କେବଳ ଧାନ ବା ଗହମ ଚାଷ ନକରି ମାଟିର ଗୁଣବତ୍ତା ବଜାୟ ରଖିବା ପାଇଁ ଡାଲି, ତୈଳବୀଜ, ମୋଟା ଶସ୍ୟ ଓ ପନିପରିବା ଚାଷ ଭଳି "କୃଷି ବିବିଧୀକରଣ' ଉପରେ ଗୁରୁତ୍ୱ ଦିଆଯିବ। କ୍ଷୁଦ୍ର ଚାଷୀଙ୍କ ପାଇଁ ଫଳ, ପନିପରିବା, ପଶୁପାଳନ, ମତ୍ସ୍ୟଚାଷ, ମହୁମାଛି ପାଳନ ଓ ଏଗ୍ରୋ-ଫରେଷ୍ଟ୍ରିକୁ ନେଇ ଏକ "ଇଣ୍ଟିଗ୍ରେଟେଡ୍ ଫାର୍ମି ମଡେଲ' ପୂର୍ବ ଭାରତରେ ପ୍ରସାର କରାଯିବ। ▶ପୃଷ୍ଠା-୭




## ବ୍ରିକ୍ସ ସମ୍ମିଳନୀ: ସେପ୍ଟେମ୍ବରରେ ଭାରତ ଆସିବେ ପୁଟିନ

ନୂଆଦିଲ୍ଲୀ, ୧୯।୫(ଏଜେନ୍ସି): ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆସନ୍ତା ସେପ୍ଟେମ୍ବର ମାସରେ ଭାରତ ଗସ୍ତରେ ଆସିବେ। ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଆଗାମୀ ବ୍ରିକ୍ସ (ବ୍ରାଜିଲ, ରୁଷ, ଭାରତ, ଚୀନ ଏବଂ ଦକ୍ଷିଣ ଆଫ୍ରିକା) ସମ୍ମିଳନୀରେ ସେ ଯୋଗଦେବେ ବୋଲି ସୂଚନା ମିଳିଛି। ଦକ୍ଷିଣ ଆଫ୍ରିକାରେ ଥିବା ରୁଷ ଦୂତାବାସ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି। ରୁଷ ଦୂତାବାସ ନିଜର ସାମାଜିକ ଗଣମାଧ୍ୟମ ପୃଷ୍ଠାରେ ପ୍ରକାଶ କରିଛି ଯେ, ଆସନ୍ତା ସେପ୍ଟେମ୍ବର ୧୨ ଏବଂ ୧୩ ତାରିଖରେ ନୂଆଦିଲ୍ଲୀରେ ଏହି ବ୍ରିକ୍ସ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ। ରୁଷର ପ୍ରମୁଖ ସରକାରୀ ସହଯୋଗୀ ୟୁରି ଉଶାକୋଭ ମଧ୍ୟ ନିଶ୍ଚିତ କରିଛନ୍ତି ଯେ ରାଷ୍ଟ୍ରପତି ପୁଟିନ ଭାରତର ରାଜଧାନୀରେ ଆୟୋଜିତ ଏହି ସମ୍ମିଳନୀରେ ପ୍ରତ୍ୟକ୍ଷ ଭାବେ



ଅଂଶଗ୍ରହଣ କରିବେ। ବର୍ତ୍ତମାନର ବିଶ୍ୱ ରାଜନୀତି ଏବଂ ବିଭିନ୍ନ ଆଞ୍ଚଳିକ ଉତ୍ତେଜନା ମଧ୍ୟରେ ପୁଟିନଙ୍କ ଏହି ଭାରତ ଗସ୍ତକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି। ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧି ଏବଂ ଆର୍ଥିକ ଭାଗିଦାରୀକୁ ସୁଦୃଢ଼ କରିବା ପାଇଁ ଏହି ବୈଠକରେ ଆଲୋଚନା ହେବ। ତେବେ ପୁଟିନଙ୍କ ଏହି ଗସ୍ତ ସମୟରେ ଅନ୍ୟ ଦେଶର ନେତାମାନଙ୍କ ସହ ହେବାକୁ ଥିବା ଦ୍ୱିପାକ୍ଷିକ ଆଲୋଚନା ଏବଂ ତାଙ୍କର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ସମ୍ପର୍କରେ ଅଧିକ ସୂଚନା ମିଳିବା ବାକି ଅଛି।

## ହାଇକୋର୍ଟ ବିଚାରପତିଙ୍କ ଅବମାନନା ମାମଲା, କେଜ୍ରିୱାଲଙ୍କୁ ନୋଟିସ୍

ନୂଆଦିଲ୍ଲୀ, ୧୯।୫(ଏଜେନ୍ସି): ଦିଲ୍ଲୀ ଅବକାରୀ ନୀତି (ମଦ ଦୁର୍ନୀତି) ମାମଲାରେ ବିଚାରପତିଙ୍କ ବିରୁଦ୍ଧରେ ସୋସିଆଲ ମିଡିଆରେ ଅଭିଯାନ ଚଳାଇବା ଅଭିଯୋଗରେ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ଦିନ ଆମ ଆଦମୀ ପାର୍ଟି ନେତା ଅରବିନ୍ଦ କେଜ୍ରିୱାଲ, ମନୀଷ ସିସୋଦିଆ, ସଞ୍ଜୟ ସିଂହ ଏବଂ ଅନ୍ୟମାନଙ୍କୁ କ୍ରିମିନାଲ କୋର୍ଟ ଅବମାନନା ନୋଟିସ୍ ଜାରି କରିଛନ୍ତି। ଜଷ୍ଟିସ ନବୀନ ଚାୱଲା ଏବଂ ଜଷ୍ଟିସ ରବୀନ୍ଦ୍ର ଦୁଦେଜାଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଆପ୍ ନେତାମାନଙ୍କୁ ଆଗାମୀ ୪ ସପ୍ତାହ ମଧ୍ୟରେ ନିଜର ପକ୍ଷ ରଖି ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ଜଷ୍ଟିସ ସ୍ୱର୍ଣ୍ଣକାନ୍ତା ଶର୍ମାଙ୍କ ଆଚରଣ ଉପରେ ପ୍ରଶ୍ନ ଉଠାଇ କେଜ୍ରିୱାଲ ଏବଂ ଅନ୍ୟ ନେତାମାନେ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହାକୁ ଅପମାନଜନକ ଏବଂ କୋର୍ଟଙ୍କ ସମ୍ମାନ ହାନି ବୋଲି ଦର୍ଶାଇ ଜଷ୍ଟିସ ଶର୍ମା ନିଜେ ଏହି ଅବମାନନା ପ୍ରକ୍ରିୟା ଆରମ୍ଭ କରିଥିଲେ। ମଦ ଦୁର୍ନୀତି ମାମଲାରେ ନିମ୍ନ ଅଦାଲତ କେଜ୍ରିୱାଲ ଓ ଅନ୍ୟ ୨୨ ଜଣଙ୍କୁ ଦୋଷମୁକ୍ତ କରିଥିଲେ, ଯାହା ବିରୁଦ୍ଧରେ ସିବିଆଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଆପ୍ ନେତାମାନେ ଜଷ୍ଟିସ ଶର୍ମାଙ୍କ ଉପରେ ପକ୍ଷପାତିତାର ଅଭିଯୋଗ ଆଣିବା ସହ ତାଙ୍କ କୋର୍ଟରେ ହାଜର ନହେବାକୁ ଜିଦ୍ ଧରିଥିଲେ। ବର୍ତ୍ତମାନ ଜଷ୍ଟିସ ଶର୍ମା ସିବିଆଇ ମାମଲାକୁ ଅନ୍ୟ ଏକ ବେଞ୍ଚକୁ ସ୍ଥାନାନ୍ତର କରିଛନ୍ତି।

## ପଞ୍ଜାବୀ ଗାୟିକା ଇନ୍ଦର କୌରଙ୍କ ମୃତଦେହ କେନାଲରୁ ଉଦ୍ଧାର

ଲୁଧିଆନା, ୧୯।୫(ଏଜେନ୍ସି): ଲୁଧିଆନାର ମୁଣ୍ଡିଆଁ କଲାଁ ଅଞ୍ଚଳର ଜଣାଶୁଣା ୨୯ ବର୍ଷୀୟା ପଞ୍ଜାବୀ ଗାୟିକା ଯଶିନ୍ଦର କୌର (ଇନ୍ଦର କୌର) ବନ୍ଧୁକ ମୁନରେ ଅପହରଣ ହେବାର ୫ ଦିନ ପରେ, ମଙ୍ଗଳବାର ଦିନ କୁବା ଗ୍ରାମ ନିକଟସ୍ଥ ନିଲୋଁ କେନାଲରୁ ତାଙ୍କର ମୃତଦେହ ଉଦ୍ଧାର କରାଯାଇଛି।



କେନାଲଠାରୁ ପ୍ରାୟ ୧ କିଲୋମିଟର ଦୂରରେ ପୋଲିସ ଗାୟିକାଙ୍କ ଫୋର୍ଡ ଫିଗୋ କାର୍ ଉଦ୍ଧାର କରିଛି, ଯେଉଁଥିରେ ରକ୍ତ ଦାଗ ମିଳିଛି। ପ୍ରାଥମିକ ତଦନ୍ତ ଅନୁଯାୟୀ, କାର୍ ଭିତରେ ତାଙ୍କୁ ହତ୍ୟା କରାଯିବା ପରେ ଶବକୁ କେନାଲରେ ଫିଙ୍ଗି ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ମୋଗାର ସୁଖବିନ୍ଦର ସିଂ (ସୁଖା) ନାମକ ଜଣେ ଯୁବକଙ୍କ ସହ ଇନ୍ଦର କୌରଙ୍କ ପୂର୍ବରୁ ସମ୍ପର୍କ ଥିଲା, କିନ୍ତୁ ପରେ ସେମାନେ ଅଲଗା ହୋଇଯାଇଥିଲେ। ଇନ୍ଦର ବିବାହ କରିବାକୁ ମନା କରିବାରୁ ଗତ ମେ ୧୩ ତାରିଖରେ ସୁଖା ଓ ତାର ସହଯୋଗୀମାନେ ତାଙ୍କୁ ବନ୍ଧୁକ ମୁନରେ ଅପହରଣ କରିଥିଲେ। ବର୍ତ୍ତମାନ କାନାଡ଼ାରେ ରହୁଥିବା ମୁଖ୍ୟ ଅଭିଯୁକ୍ତ ସୁଖା, ଗତ ଏପ୍ରିଲ ୨୯ ରେ ନେପାଳ ଦେଇ ଗୁପ୍ତରେ ଭାରତ ଆସିଥିଲା ଏବଂ ଅପହରଣ ଦିନ (ମେ ୧୩) ହିଁ ସେହି ବାଟ ଦେଇ ପୁଣି କାନାଡ଼ା ପଳାଇଛି। ଜମାଲପୁର ଥାନା ପୋଲିସ ଏହି ମାମଲାରେ ସୁଖାର ବାପା ପ୍ରୀତମ ସିଂ ଏବଂ ତାର ସାଙ୍ଗ କରମଜିତ ସିଂଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି।

## ବି.ସି. ଖଣ୍ଡୁରୀଙ୍କ ପରଲୋକ

ଡେରାଡୁନ୍, ୧୯।୫(ଏଜେନ୍ସି): ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ମେଜର ଜେନେରାଲ (ଅବସରପ୍ରାପ୍ତ) ଭୁବନ ଚନ୍ଦ୍ର ଖଣ୍ଡୁରୀଙ୍କର ମଙ୍ଗଳବାର ଦିନ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ ଏବଂ ଦେହରାଦୁନ୍‌ର ମ୍ୟାକ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଭାରତୀୟ ସେନାରେ ଜଣେ ଦକ୍ଷ ଅଫିସର ଭାବେ ଦେଶ ସେବା କରିବା ପରେ ସେ ରାଜନୀତିରେ ପ୍ରବେଶ କରିଥିଲେ। ସେ ଦୁଇ ଥର ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ।

# ଲଢ଼େଇ ପୂର୍ବରୁ ମଇଦାନ ଛାଡ଼ିଲେ 'ପୁଷ୍ପା'

ଚାପ ନା ପ୍ୟାକେଜ ?

ଫାଲତାରେ ବିଜେପି ଗୁଣ୍ଡାରାଜ ଚଳାଇଛି: ଟିଏମ୍‌ସି



କୋଲକାତା, ୧୯।୫(ଏଜେନ୍ସି): ପଶ୍ଚିମବଙ୍ଗର ଫାଲ୍‌ତା ବିଧାନସଭା ଆସନର ଉପ-ନିର୍ବାଚନ ଭୋଟ୍ ଗ୍ରହଣର ମାତ୍ର ଦୁଇ ଦିନ ପୂର୍ବରୁ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଜାହାଙ୍ଗୀର ଖାନ ନିର୍ବାଚନ ମୈଦାନରୁ ଓହରି ଯାଇଛନ୍ତି। ଅଭିଷେକ ବାନାର୍ଜୀଙ୍କ ଅତ୍ୟନ୍ତ ନିକଟତର ବୋଲାଉଥିବା ଜାହାଙ୍ଗୀର ଆଉ କୌଣସି ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ଜାହାଙ୍ଗୀର କହିଛନ୍ତି ଯେ ସେ ଫାଲ୍‌ତାରେ ଶାନ୍ତି ଏବଂ ବିକାଶ ଚାହାନ୍ତି। ରାଜ୍ୟର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଫାଲ୍‌ତାର ବିକାଶ ପାଇଁ ଏକ ସ୍ୱତନ୍ତ୍ର ପ୍ୟାକେଜ୍ ଦେଉଥିବାରୁ ସେ ନିଜକୁ ଏହି ନିର୍ବାଚନରୁ ଦୂରେଇ ରଖିଛନ୍ତି।

ନିର୍ବାଚନ ପୂର୍ବରୁ ଆଇପିଏସ ଅଫିସର ଅଜୟପାଲ ଶର୍ମାଙ୍କୁ ଚ୍ୟାଲେଞ୍ଜ କରି ଜାହାଙ୍ଗୀର କହିଥିଲେ, 'ସେ ଯଦି ସିଂଘମ, ତେବେ ମୁଁ ପୁଷ୍ପା'। କିନ୍ତୁ ଏବେ ସେ ଓହରିଯିବା ପରେ ଟିଏମସି ନେତା କୁନାଲ ଘୋଷ କଟାକ୍ଷ କରି କହିଛନ୍ତି, 'ଜାହାଙ୍ଗୀର ଯଦି ପୁଷ୍ପା ଥିଲେ, ତେବେ ଝୁକିଗଲେ କାହିଁକି?' ନିର୍ବାଚନୀ ବେଆଇନ କାର୍ଯ୍ୟକଳାପ ପାଇଁ ପୂର୍ବରୁ ଏହି ଆସନର ଭୋଟ୍ ବାତିଲ ହୋଇଥିଲା। ଏହି ଉପ-ନିର୍ବାଚନ ପ୍ରଚାର ସମୟରେ ଟିଏମ୍‌ସିର କୌଣସି ବଡ଼ ନେତାଙ୍କୁ ଦେଖିବାକୁ ମିଳିନଥିଲା। ବିଜେପି ନେତା ଦିଲୀପ ଘୋଷଙ୍କ କହିବା ଅନୁଯାୟୀ, ପୂର୍ବରୁ ଟିଏମ୍‌ସି ଗୁଣ୍ଡାଗର୍ଦ୍ଦି ବଳରେ ଭୋଟ୍ ଜିତୁଥିଲା। ଏବେ ପୋଲିସର ସମର୍ଥନ ନଥିବାରୁ ଏବଂ ଗୁଣ୍ଡାମାନେ ପଳାଇଥିବାରୁ ସେମାନଙ୍କ ପାଇଁ ପ୍ରଚାର କରିବାକୁ କେହି ନାହାନ୍ତି।

ଅନ୍ୟପକ୍ଷରେ ମମତାଙ୍କ ଟିଏମ୍‌ସି ଅଭିଯୋଗ କରିଛି ଯେ ବିଜେପି ପ୍ରଶାସନ ଚାପରେ ଜହାଙ୍ଗୀର ଏଭଳି ନିଷ୍ପତ୍ତି ନେଇଛନ୍ତି। ନିର୍ବାଚନରୁ ଓହରିଯିବା ଲାଗି ନିଷ୍ପତ୍ତି ତାଙ୍କର ନିଜସ୍ୱ ଓ ବ୍ୟକ୍ତିଗତ। ଏଥିରେ ଟିଏମ୍‌ସିର କୌଣସି ହାତ ନାହିଁ। ଦଳ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ଏହାର କର୍ମୀଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ପ୍ରାର୍ଥୀଙ୍କୁ ପ୍ରଚାର କରିବାକୁ ଦିଆଯାଉ ନାହିଁ। ଫାଲତା ନିର୍ବାଚନମଣ୍ଡଳୀରେ ଟିଏମସି ଅଫିସକୁ ବିଜେପି କର୍ମୀମାନେ ଜୋରଜବରଦସ୍ତ ବନ୍ଦ କରଉଛନ୍ତି। ଅଫିସରେ ଭଙ୍ଗାରୁଜା କରାଯାଉଛି। ବିନା କାରଣରେ ଦଳୀୟ କର୍ମୀଙ୍କୁ ଗିରଫ କରାଯାଉଛି। ଏସଂପର୍କରେ ନିର୍ବାଚନ କମିସନରେ ଅଭିଯୋଗ କରାଯାଇଥିଲେ ମଧ୍ୟ କେଡି ଶୁଣିବାକୁ ପ୍ରସ୍ତୁତ ନୁହନ୍ତି। ଜହାଙ୍ଗୀର ନିର୍ବାଚନରୁ ଓହରିଯାଇଥିଲେ ମଧ୍ୟ ବିଜେପି ବିରୋଧରେ ଟିଏମ୍‌ସିର ସଂଘର୍ଷ ଉଭୟ ପଶ୍ଚିବ ବଙ୍ଗ ଏବଂ ଦିଲ୍ଲୀରେ ଜାରି ରହିବ ବୋଲି ବିବୃତିରେ କୁହାଯାଇଛି। ସୂଚନାଯୋଗ୍ୟ ଯେ ଜହାଙ୍ଗୀର ହେଉଛନ୍ତି ମମତାଙ୍କ ପୁତୁରା ଅଭିଶେକ ବାନାର୍ଜୀଙ୍କର ଘନିଷ୍ଠ ସହଯୋଗୀ। ଫାଲତାରେ ବିଜେପି ଯେତେ ଜୋର ଲଗାଇଲେ ମଧ୍ୟ ଜିତିପାରିବ ନାହିଁ ବୋଲି ଅଭିଶେକ ଅମିତ ଶାହଙ୍କୁ ଚାଲେଞ୍ଜ କରିଥିଲେ।

## ଅଭିଷେକଙ୍କ ଅଡୁଆ ବଢ଼ିଲା



କୋଲକାତା, ୧୯।୫(ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ସର୍ବଭାରତୀୟ ସାଧାରଣ ସମ୍ପାଦକ ତଥା ସାଂସଦ ଅଭିଷେକ ବାନାର୍ଜୀଙ୍କ ଅଡୁଆ ବଢ଼ିବାରେ ଲାଗିଛି। ବେଆଇନ ନିର୍ମାଣ ଅଭିଯୋଗରେ କୋଲକାତା ମ୍ୟୁନିସିପାଲ କର୍ପୋରେସନ (କେଏମ୍‌ସି) ପକ୍ଷରୁ ଅଭିଷେକ ବାନାର୍ଜୀ, ତାଙ୍କ ପିତାମାତା ଏବଂ ତାଙ୍କ କମ୍ପାନୀ 'ଲିପ୍ସ ଆଣ୍ଡ ବାଉଣ୍ଡସ୍' ସହ ଜଡ଼ିତ ୧୭ଟି ଆବାସିକ ଓ ସାଂଗଠନିକ ପ୍ରତିଷ୍ଠାନକୁ ନୋଟିସ ଜାରି କରାଯାଇଛି। କୋଲକାତା ମ୍ୟୁନିସିପାଲ କର୍ପୋରେସନ ଆକ୍ଟ, ୧୯୮୦ର ଧାରା ୪୦୦(୧) ଅନୁଯାୟୀ ଏହି ନୋଟିସ ପଠାଯାଇଛି। କର୍ପୋରେସନ ପକ୍ଷରୁ ବିଲ୍ଡିଂ ପ୍ଲାନ୍ ଅନୁମୋଦନର ଦସ୍ତାବେଜ୍ ଏବଂ ଅତିରିକ୍ତ ନିର୍ମାଣ ପାଇଁ ଅନୁମତି ନିଆଯାଇଛି କି ନାହିଁ, ସେ ସମ୍ପର୍କରେ ସ୍ପଷ୍ଟୀକରଣ ମଗାଯାଇଛି। ବିଲ୍ଡିଂଗୁଡ଼ିକରେ ଲଗାଯାଇଥିବା ଲିଫ୍ଟ ଏବଂ ଏସ୍କାଲେଟର ଭଳି ବ୍ୟବସ୍ଥାର ସଠିକ୍ ଅନୁମତି ପତ୍ର ଦାଖଲ କରିବାକୁ ମଧ୍ୟ କୁହାଯାଇଛି। ଆଗାମୀ ୭ ଦିନ ମଧ୍ୟରେ ସମସ୍ତ ବେଆଇନ ନିର୍ମାଣକୁ ନିଜେ ଭାଙ୍ଗିବାକୁ ନିର୍ଦ୍ଦେଶ ଦିଆଯାଇଛି, ନଚେତ୍ କାହିଁକି ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ, ସେ ନେଇ କାରଣ ଦର୍ଶାଅ ନୋଟିସର ଜବାବ ରଖିବାକୁ କୁହାଯାଇଛି। ଏହି ବେଆଇନ ନିର୍ମାଣ ଯାଞ୍ଚ ପରିସରଭୁକ୍ତ ସ୍ଥାନଗୁଡ଼ିକ ମଧ୍ୟରେ ହରିଶ ମୁଖାର୍ଜୀ ରୋଡ୍, କାଳୀଘାଟ ରୋଡ୍, ପ୍ରେମେନ୍ଦ୍ର ମିତ୍ର ସରଣୀ, ପଣ୍ଡିତିଆ ରୋଡ୍ ଏବଂ ଉସ୍ତାଦ ଆମୀର ଖାନ ସରଣୀ ଭଳି କୋଲକାତାର ଅନେକ ହାଇ-ପ୍ରୋଫାଇଲ୍ ଅଞ୍ଚଳ ସାମିଲ ରହିଛି।




ଦିଲ୍ଲୀରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ

## ହିଂସ୍ର ଓ ଜଳାତଙ୍କ ଆକ୍ରାନ୍ତ କୁକୁରଙ୍କୁ ମାରିବା ପାଇଁ ସୁପ୍ରିମକୋର୍ଟ ଦେଲେ ଅନୁମତି

ନୂଆଦିଲ୍ଲୀ, ୧୯।୫(ଏଜେନ୍ସି): ସାଧାରଣ ଜନତା ବିଶେଷ କରି ଶିଶୁ ଏବଂ ବୃଦ୍ଧବୃଦ୍ଧାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ସର୍ବୋଚ୍ଚ ଅଦାଲତ ପ୍ରଶାସନକୁ ଅତି ହିଂସ୍ର, ଜଳାତଙ୍କ ଏବଂ ଆରୋଗ୍ୟ ହୋଇପାରୁନଥିବା ଅସୁସ୍ଥ ବୁଲା କୁକୁରଙ୍କୁ 'ଇଉଥାନେସିଆ' ବା ଦୟାମୃତ୍ୟୁ ଦେବା ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମେହେଟ୍ଟା ଏବଂ ଜଷ୍ଟିସ ଏନ.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ସାଧାରଣ ସ୍ଥାନମାନଙ୍କରେ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧିକୁ 'ଉଦ୍‌ବେଗଜନକ' ବୋଲି ଅଭିହିତ କରିଛନ୍ତି। ପଶୁ ଜନ୍ମ ନିୟନ୍ତ୍ରଣ ବା ଆନିମଲ ବାର୍ଥ କଣ୍ଟ୍ରୋଲ (ଏବିସି) ନିୟମ ଏବଂ ଅନ୍ୟାନ୍ୟ ସାମ୍ବିଧାନିକ ପ୍ରୋଟୋକଲ୍ ଅନୁଯାୟୀ ପ୍ରଶାସନ ଆଇନଗତ ଭାବେ ଏହି ପଦକ୍ଷେପ ନେଇପାରିବେ। କିଛି ଏନଜିଓ ଏବଂ ପଶୁ ପ୍ରେମୀମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ କୋର୍ଟ ଖାରଜ କରିଛନ୍ତି। ପୂର୍ବ ନିର୍ଦ୍ଦେଶ ଅନୁଯାୟୀ, ବୁଲା କୁକୁରଙ୍କୁ ଡାକ୍ତରଖାନା, ପାର୍କ ଓ ରେଳ ଷ୍ଟେସନ ଭଳି ସାଧାରଣ ସ୍ଥାନରୁ ହଟାଇ ଆଶ୍ରୟସ୍ଥଳୀକୁ ନିଆଯିବ ଏବଂ ବନ୍ଧ୍ୟାକରଣ ପରେ ସେମାନଙ୍କୁ ପୁଣି ସେହି ସ୍ଥାନରେ ଛଡ଼ାଯାଇପାରିବ ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ନିର୍ଦ୍ଧାରିତ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ସାଧାରଣ ସ୍ଥାନରେ ବୁଲା କୁକୁରମାନଙ୍କୁ ଖାଦ୍ୟ ଦେବା ଉପରେ ମଧ୍ୟ ସମ୍ପୂର୍ଣ୍ଣ ରୋକ୍ ଲଗାଯାଇଛି। କୋର୍ଟ ଏହି ନିୟମଗୁଡ଼ିକୁ ସଠିକ୍ ଭାବେ ପାଳନ କରି ନ ଥିବାରୁ ରାଜ୍ୟ ସରକାରମାନଙ୍କୁ ସମାଲୋଚନା କରିଛନ୍ତି।



## ଖୁବ୍‌ଶୀଘ୍ର ଭାଙ୍ଗିବ ବିଜୟଙ୍କ ସରକାର: ଷ୍ଟାଲିନ୍

ଚେନ୍ନଇ, ୧୯।୫(ଏଜେନ୍ସି): ତାମିଲନାଡୁ ରାଜନୀତିରେ ବଡ଼ ହଲଚଲ ଦେଖିବାକୁ ମିଳିଛି। ଅଭିନେତାରୁ ନେତା ସାଜିଥିବା ବିଜୟଙ୍କ ନେତୃତ୍ୱାଧୀନ ନୂତନ ସରକାର 'ଯେକୌଣସି ସମୟରେ ଭାଙ୍ଗିଯାଇପାରେ' ବୋଲି ଡିଏମକେ ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ ଭବିଷ୍ୟବାଣୀ କରିଛନ୍ତି। ଏହାସହ ସେ ଦଳୀୟ ସଂଗଠନ ଓ ଜିଲ୍ଲା ସମ୍ପାଦକମାନଙ୍କୁ ଆଗୁଆ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଜୟଙ୍କ ଦଳ ଟିଭିକେ ପାଖରେ ବର୍ତ୍ତମାନ ୧୦୭ଟି ଆସନ ରହିଛି ଏବଂ କଂଗ୍ରେସର ୫ ଜଣ ବିଧାୟକଙ୍କ ସମେତ ବାହ୍ୟ ସମର୍ଥନ ଦେଉଥିବା ଅନ୍ୟ ସହଯୋଗୀଙ୍କ ବଳରେ ସେ ସରକାର ଗଢ଼ିଛନ୍ତି। ଏହାଛଡ଼ା ଗତ ସପ୍ତାହରେ ହୋଇଥିବା ଆସ୍ଥା ଭୋଟ୍‌ରେ ଏଆଇଏଡିଏମ୍‌କେ' ର ୨୫ ଜଣ ବିଦ୍ରୋହୀ ବିଧାୟକ ମଧ୍ୟ ବିଜୟଙ୍କ ସପକ୍ଷରେ ଭୋଟ୍ ଦେଇଥିଲେ। ଯଦି କୋର୍ଟ କିମ୍ବା ବାଚସ୍ପତି ଏଆଇଏଡିଏମ୍‌କେ'ର ବିଦ୍ରୋହୀ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରନ୍ତି କିମ୍ବା ବାହାରୁ ସମର୍ଥନ ଦେଉଥିବା ବାମପନ୍ଥୀ ଓ ଅନ୍ୟ ସହଯୋଗୀ ଦଳ ସମର୍ଥନ ପ୍ରତ୍ୟାହାର କରନ୍ତି, ତେବେ ବିଜୟ ସରକାର ସଂଖ୍ୟାଗରିଷ୍ଠତା ହରାଇବ। ଷ୍ଟାଲିନଙ୍କ କହିବା ଅନୁଯାୟୀ, ରାଜ୍ୟରେ ସୃଷ୍ଟି ହେବାକୁ ଥିବା ରାଜନୈତିକ ଅସ୍ଥିରତା ଯୋଗୁଁ ୨୦୨୯ ଲୋକସଭା ନିର୍ବାଚନ ସହିତ ହିଁ ତାମିଲନାଡୁରେ ପୁଣିଥରେ ବିଧାନସଭା ନିର୍ବାଚନ ହୋଇପାରେ। ନିକଟରେ ଶେଷ ହୋଇଥିବା ନିର୍ବାଚନରେ ଡିଏମକେର ଶୋଚନୀୟ ପରାଜୟ ହୋଇଛି ଏବଂ ଷ୍ଟାଲିନ ନିଜେ ମଧ୍ୟ ନିଜ ଆସନ ହରାଇଛନ୍ତି। ଦଳର ଏହି ବିଫଳତା ପାଇଁ ସେ ନିଜକୁ ଦାୟୀ କରିବା ସହ କହିଛନ୍ତି, 'ଏହି ପରାଜୟ ସାମୟିକ, ତାମିଲନାଡୁରେ ଡିଏମକେ'ର ସୂର୍ଯ୍ୟ କେବେ ଅସ୍ତ ହେବ ନାହିଁ।' ବିଜୟଙ୍କ ଲୋକପ୍ରିୟତାକୁ ଟକ୍କର ଦେବା ପାଇଁ ଷ୍ଟାଲିନ କର୍ମୀମାନଙ୍କୁ ସୋସିଆଲ ମିଡିଆରେ ସକ୍ରିୟ ହେବାକୁ କହିଛନ୍ତି। ସେ କହିଛନ୍ତି, 'ଯେଉଁ ରାଜନୀତି ଦିନେ ଚା' ଦୋକାନରେ ଆଲୋଚନା ହେଉଥିଲା, ତାହା ଏବେ ଡିଜିଟାଲ ପ୍ଲାଟଫର୍ମରେ ହେବା ଦରକାର।' ପରାଜୟର ସମୀକ୍ଷା ପାଇଁ ଡିଏମକେ ପକ୍ଷରୁ ଏକ ୩୬ ଜଣିଆ କମିଟି ମଧ୍ୟ ଗଠନ କରାଯାଇଛି।

## ଯୁଦ୍ଧର ନୂଆ ମୋର୍ଚ୍ଚା ଖୋଲିବାକୁ ଇରାନର ଧମକ

ତେହରାନ, ୧୯।୫(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ଦିନ ହେବାକୁ ଥିବା ସାମରିକ ଆକ୍ରମଣ ଯୋଜନାକୁ ସାମୟିକ ଭାବେ ସ୍ଥଗିତ ରଖିବା ବିଷୟ ପ୍ରକାଶ କରିବା ପରେ ପଶ୍ଚିମ ଏସିଆରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଟ୍ରମ୍ପଙ୍କ ଏହି ବଡ଼ ଖୁଲାସା ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରି ଇରାନ ସେନା ଚେତାବନୀ ଦେଇଛି ଯେ, ଯଦି ୱାଶିଂଟନ ପୁଣିଥରେ ଆକ୍ରମଣ କରିବାକୁ ଚେଷ୍ଟା କରେ, ତେବେ ଆମେରିକା ବିରୁଦ୍ଧରେ 'ଯୁଦ୍ଧର ନୂଆ ମୋର୍ଚ୍ଚା' ଖୋଲାଯିବ। ସୋମବାର ଦିନ ଟ୍ରମ୍ପ ପ୍ରକାଶ କରିଥିଲେ ଯେ ସେ ଇରାନ ଉପରେ ଏକ 'ବଡ଼ ଧରଣର ଆକ୍ରମଣ' ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି କରି ସାରିଥିଲେ। କିନ୍ତୁ ୟୁଏଇ ଏବଂ ସାଉଦି ଆରବ ଭଳି ଗଲ୍ଫ ସହଯୋଗୀ ଦେଶଗୁଡ଼ିକର ଅନୁରୋଧ କ୍ରମେ ସେ ଏହାକୁ ୨ ରୁ ୩ ଦିନ ପାଇଁ ସ୍ଥଗିତ ରଖିଛନ୍ତି। ଶାନ୍ତି ଚୁକ୍ତି ଏବଂ ପରମାଣୁ ବୁଝାମଣା ନିକଟତର ହେଉଥିବା ଗଲ୍ଫ ନେତାମାନେ ଆଶା ପ୍ରକାଶ କରିଛନ୍ତି। ଏହି ଆଲୋଚନା ଓ ବିବାଦ ମଧ୍ୟରେ କୁଏତ ଅନ୍ତର୍ଜାତୀୟ ବିମାନବନ୍ଦରର ତୈଳ ଭଣ୍ଡାର ଉପରେ ଏକ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ ହୋଇଛି, ଯାହା ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ଗଲ୍ଫ ଦେଶଗୁଡ଼ିକର ମଧ୍ୟସ୍ଥତା ସତ୍ତ୍ୱେ ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନା ଏବଂ ପରମାଣୁ ଚୁକ୍ତି ପ୍ରକ୍ରିୟା ବର୍ତ୍ତମାନ ସୁଦ୍ଧା ଅଧାରେ ଅଟକି ରହିଛି। ଟ୍ରମ୍ପ କହିଛନ୍ତି ଯେ ସେ କିଛି ସମୟ ପାଇଁ ଆକ୍ରମଣକୁ ସ୍ଥଗିତ ରଖିଛନ୍ତି ଏବଂ ଆଶା କରୁଛନ୍ତି ଯେ ଏହା ସବୁଦିନ ପାଇଁ ଟଳିଯାଉ। କିନ୍ତୁ ଯଦି ଆଲୋଚନା ବିଫଳ ହୁଏ, ତେବେ ଆମେରିକା ସେନା ଏକ ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି।

## ଖାଲିଦଙ୍କ ମଧ୍ୟବର୍ତ୍ତୀକାଳୀନ ଜାମିନ ଆବେଦନ ଖାରଜ

ନୂଆଦିଲ୍ଲୀ, ୧୯।୫(ଏଜେନ୍ସି): ଦିଲ୍ଲୀ ଦଙ୍ଗା ମାମଲାରେ ଜେଲ୍‌ରେ ଥିବା ସାମାଜିକ କର୍ମୀ ଉମର ଖାଲିଦଙ୍କ ମଧ୍ୟବର୍ତ୍ତୀକାଳୀନ ଜାମିନ ଆବେଦନକୁ ମଙ୍ଗଳବାର ଦିନ ଦିଲ୍ଲୀର ଏକ ଅଦାଲତ ଖାରଜ କରିଦେଇଛନ୍ତି। ଅସୁସ୍ଥ ମା'ଙ୍କ ସେବା କରିବା ପାଇଁ ସେ ଦର୍ଶାଇଥିବା କାରଣ 'ଯୁକ୍ତିଯୁକ୍ତ ବା ଗ୍ରହଣଯୋଗ୍ୟ ନୁହେଁ' ବୋଲି ଅଦାଲତ କହିଛନ୍ତି। ଆଡିସନାଲ ସେସନ୍ସ ଜଜ୍ ସମୀର ବାଜପେଇ ଉମର ଖାଲିଦଙ୍କ ଆବେଦନ ଉପରେ ଶୁଣାଣି କରୁଥିଲେ। ଖାଲିଦ ନିଜ ମାମୁଁଙ୍କ ମୃତ୍ୟୁର ୪୦ତମ ଦିନର ରୀତିନୀତି'ରେ ଯୋଗ ଦେବା ଏବଂ ଅପରେସନ ହେବାକୁ ଥିବା ନିଜ ଅସୁସ୍ଥ ମା'ଙ୍କ ଦେଖାଶୁଣା କରିବା ପାଇଁ ୧୫ ଦିନର ମଧ୍ୟବର୍ତ୍ତୀକାଳୀନ ଜାମିନ ମାଗିଥିଲେ। ଏହି ଆଦେଶର ଠିକ୍ ଗୋଟିଏ ଦିନ ପୂର୍ବରୁ ସୁପ୍ରିମକୋର୍ଟ ଉମର ଖାଲିଦ ଓ ସର୍ଜିଲ ଇମାମଙ୍କ ଜାମିନ ଖାରଜ ସମ୍ପର୍କିତ ନିମ୍ନ ଅଦାଲତର ରାୟ ଉପରେ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ। ସର୍ବୋଚ୍ଚ ଅଦାଲତ କହିଥିଲେ ଯେ ୟୁଏପିଏ ଏବଂ ପିଏମଏଲଏ ମାମଲାରେ ମଧ୍ୟ ଯଦି ଜଣେ ବ୍ୟକ୍ତି ଦୀର୍ଘ ଦିନ ଧରି ଜେଲ୍‌ରେ ରହିଥାନ୍ତି ଏବଂ ଟ୍ରାଏଲ୍‌ରେ ବିଳମ୍ବ ହୁଏ, ତେବେ ତାଙ୍କୁ ଜାମିନ ମିଳିବା ଉଚିତ। ୨୦୨୦ ମସିହାରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଘଜଉ ବିରୋଧରେ ଚାଲିଥିବା ଆନ୍ଦୋଳନ ସମୟରେ ଉତ୍ତର-ପୂର୍ବ ଦିଲ୍ଲୀରେ ଭୟାବହ ଦଙ୍ଗା ସୃଷ୍ଟି ହୋଇଥିଲା। ଏହି ହିଂସାକାଣ୍ଡରେ ୫୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୭୦୦ ରୁ ଅଧିକ ଲୋକ ଆହତ ହୋଇଥିଲେ। ଏହି ଦଙ୍ଗାର ମୁଖ୍ୟ ଷଡ଼ଯନ୍ତ୍ର ରଚିବା ଅଭିଯୋଗରେ ଉମର ଖାଲିଦଙ୍କ ବିରୁଦ୍ଧରେ କଠୋର ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ) ଏବଂ ଆଇପିସି'ର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଛି।

## ଦ୍ୱିତୀୟ ପ୍ରେମିକ ସହ ମିଶି ପ୍ରଥମ ପ୍ରେମିକକୁ ମାରିଲେ ବିବାହିତା ମହିଳା

ସୁରେନ୍ଦ୍ରନଗର, ୧୯।୫(ଏଜେନ୍ସି): ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରେ ଘଟିଥିବା ଏକ ରହସ୍ୟଜନକ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି ଅହମଦାବାଦ କ୍ରାଇମବ୍ରାଞ୍ଚ। ପ୍ରଥମେ ଦୁର୍ଘଟଣାଜନିତ ମୃତ୍ୟୁ କୁହାଯାଉଥିବା ଏହି ଘଟଣା ପଛରେ ଏକ ପ୍ରେମ ଜନିତ ହତ୍ୟାକାଣ୍ଡର କାହାଣୀ ଲୁଚି ରହିଥିଲା। ପୁଲିସ ଏହି ମାମଲାରେ



ମୁଖ୍ୟ ଅଭିଯୁକ୍ତ ମହିଳା ଜାଗୃତି ଗୋସ୍ୱାମୀ ଏବଂ ତାଙ୍କ ପ୍ରେମିକ କାନ୍ତିଲାଲଙ୍କୁ ଗିରଫ କରିଛି। ଘଟଣା ମୁତାବକ, ଜାଗୃତି ନିଜର ପ୍ରଥମ ସ୍ୱାମୀ ଓ ପିଲାମାନଙ୍କୁ ଛାଡ଼ି ସ୍ୱାମୀଙ୍କ ବଡ଼ ଭାଇ ଶାନ୍ତିଗିରିଙ୍କ ସହ ପଳାଇ ଆସି ବିବାହ କରିଥିଲେ। ତେବେ ଶାନ୍ତିଗିରି ଟ୍ରକ ଡ୍ରାଇଭର ଥିବାରୁ ପ୍ରାୟତଃ ବାହାରେ ରହୁଥିଲେ। ଏହି ସମୟରେ ଜାଗୃତିଙ୍କର ପଡୋଶୀ କାନ୍ତିଲାଲଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଶାନ୍ତିଗିରିଙ୍କୁ ରାସ୍ତାରୁ ହଟାଇବା ପାଇଁ ଦୁହେଁ ପ୍ରଥମେ ଜଣେ ସୁପାରି କିଲରକୁ ୨୫,୦୦୦ ଟଙ୍କା ଦେଇଥିଲେ, ହେଲେ ସେ ଭୟରେ ହତ୍ୟା ନକରି ମିଛ କହି ଟଙ୍କା ନେଇ ପଳାଇଥିଲା। ସୁପାରି କିଲର ବିଫଳ ହେବା ପରେ ଜାଗୃତି ଓ କାନ୍ତିଲାଲ ନିଜେ ଶାନ୍ତିଗିରିଙ୍କୁ ତକିଆରେ ମୁହଁ ଚାପି ଏବଂ ବେକ ଚିପି ହତ୍ୟା କରିଥିଲେ। ଏହାପରେ ଜାଗୃତି ନିଜର ଅନ୍ୟ ଜଣେ ପ୍ରେମିକ ଦୀପକର ସାହାଯ୍ୟ ନେଇ ଶବକୁ ଗାଡ଼ିରେ ବୋହି ଏକ କେନାଲରେ ଫିଙ୍ଗି ଦେଇଥିଲେ, ଯେମିତି ଏହା ଏକ ଦୁର୍ଘଟଣା ଭଳି ମନେହେବ। ଦୀର୍ଘ ମାସର ତଦନ୍ତ ପରେ କ୍ରାଇମବ୍ରାଞ୍ଚ ଏହି ସମ୍ପୂର୍ଣ୍ଣ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରି ଅଭିଯୁକ୍ତମାନଙ୍କୁ ଜେଲ୍ ପଠାଇଛି।

## ଜାମିନରେ ଆସିବା ପରେ ଦୁଷ୍କର୍ମ ଅଭିଯୁକ୍ତକୁ ଭବ୍ୟ ସ୍ୱାଗତ

ଗାଜିଆବାଦ୍, ୧୯।୫(ଏଜେନ୍ସି): ଉତ୍ତର ପ୍ରଦେଶର ଗାଜିଆବାଦ ଜେଲ୍‌ରୁ ଜାମିନରେ ମୁକୁଳିବା ପରେ ଜଣେ ଦୁଷ୍କର୍ମ ଅଭିଯୁକ୍ତଙ୍କୁ ବୀର ଭଳି ଭବ୍ୟ ସ୍ୱାଗତ କରାଯିବା ଘଟଣା ସାରା ଦେଶରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଅଭିଯୁକ୍ତ ସୁଶୀଲ ପ୍ରଜାପତି ଜେଲ୍‌ରୁ ବାହାରିବା ପରେ ତାଙ୍କ ସମର୍ଥକମାନେ ତାଙ୍କୁ ଗେଣ୍ଡୁଫୁଲ ମାଳ ପିନ୍ଧାଇ, କାନ୍ଧରେ ବୋହି ଏକ ବିଜୟ ଶୋଭାଯାତ୍ରା ବା 'ରୋଡ୍ ଶୋ' କରିଥିଲେ, ଯାହାର ଭିଡିଓ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି। ସୂଚନାଯୋଗ୍ୟ ଯେ, ହିନ୍ଦୁ ଯୁବ ବାହିନୀର ପୂର୍ବତନ ସଦସ୍ୟ ସୁଶୀଲ ପ୍ରଜାପତିଙ୍କ ଉପରେ ଜଣେ ଆଇନ ଛାତ୍ରୀଙ୍କୁ ଓକିଲଙ୍କ ସହ ଚିହ୍ନଟ କରାଇବା ବାହାନାରେ ଏକ ଫ୍ଲାଟ୍‌କୁ ନେଇ ଦୁଷ୍କର୍ମ କରିଥିବା ଅଭିଯୋଗ ରହିଛି। ପ୍ରାୟ ୯ ମାସ ଜେଲ୍‌ରେ ରହିବା ପରେ ଗତ ମେ ୧୭ ତାରିଖରେ



ସେ ଜାମିନରେ ମୁକ୍ତ ହୋଇଥିଲେ। ଭାଇରାଲ ଭିଡିଓରେ ସମର୍ଥକମାନେ ବିଜୟ ସୂଚକ ସଙ୍କେତ ଦେଖାଉଥିବା ଏବଂ ଗାଡ଼ିର ପଟୁଆର କରୁଥିବା ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ସାଧାରଣରେ ଆକ୍ରୋଶ ପ୍ରକାଶ ପାଇବା ପରେ ସ୍ଥାନୀୟ ପୁଲିସ ଭାଇରାଲ ଭିଡିଓର ତଦନ୍ତ ଆରମ୍ଭ କରିଛି।

## ୟୁପିରେ ୯ ବର୍ଷରେ ୧୭୦୦୦ ଏନକାଉଣ୍ଟର, ୨୮୯ ନିହତ

ଲକ୍ଷ୍ନୌ, ୧୯।୫(ଏଜେନ୍ସି): ଉତ୍ତର ପ୍ରଦେଶରେ ଗତ ୯ ବର୍ଷ ମଧ୍ୟରେ ମୋଟ ୧୭, ୦୪୩ଟି ଏନକାଉଣ୍ଟର କରାଯାଇଛି, ଯେଉଁଥିରେ ୨୮୯ ଜଣ ଅପରାଧୀ ନିହତ ହୋଇଛନ୍ତି। ଏହି କାର୍ଯ୍ୟାନୁଷ୍ଠାନ ସମୟରେ ୩୪, ୨୫୩ ଜଣ ଅପରାଧୀଙ୍କୁ ଗିରଫ କରାଯାଇଥିବା ବେଳେ ଗୁଳି ବିନିମୟରେ ୧୧, ୮୩୪ ଜଣ ଅଭିଯୁକ୍ତ ଆହତ ହୋଇଛନ୍ତି। ସାରା ରାଜ୍ୟରେ ମିରଟ ଜୋନ୍‌ରେ ସର୍ବାଧିକ ୪୮୧୩ଟି ଏନକାଉଣ୍ଟର ହୋଇଛି, ଯେଉଁଠାରେ ସବୁଠାରୁ ଅଧିକ ୯୭ ଜଣ ଅପରାଧୀ ପୁଲିସ୍ ଗୁଳିରେ ପ୍ରାଣ ହରାଇଛନ୍ତି। ଦ୍ୱିତୀୟ ସ୍ଥାନରେ ବାରାଣସୀ ଜୋନ୍ (୨୯ ନିହତ) ଏବଂ ତୃତୀୟରେ ଆଗ୍ରା ଜୋନ୍ (୨୪ ନିହତ) ରହିଛି। ବିଭିନ୍ନ ପୁଲିସ୍ କମିସନରେଟ୍ ମଧ୍ୟରୁ ଗାଜିଆବାଦରେ ସର୍ବାଧିକ ୧୮ ଜଣ ଅପରାଧୀଙ୍କୁ ଏନକାଉଣ୍ଟର କରାଯାଇଛି। ଅପରାଧୀଙ୍କ ସହ ଲଢେଇ କରି ଉତ୍ତର ପ୍ରଦେଶ ପୁଲିସ୍‌ର ୧୮ ଜଣ ଯବାନ ଶହୀଦ ହୋଇଛନ୍ତି ଏବଂ ୧, ୮୫୨ ଜଣ ପୁଲିସ୍ କର୍ମଚାରୀ ଆହତ ହୋଇଛନ୍ତି। ୟୁପି ସରକାର ଏବଂ ପୁଲିସ୍ ପ୍ରଶାସନ ପକ୍ଷରୁ ଅପରାଧୀଙ୍କ ବିରୁଦ୍ଧରେ ଗ୍ୟାଙ୍ଗଷ୍ଟର ଆକ୍ଟ, ଜାତୀୟ ସୁରକ୍ଷା ଆଇନ ଏବଂ ବେଆଇନ ସମ୍ପତ୍ତି ବ୍ୟାଜ୍ୟାପ୍ତି ଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

ବଡ଼ମ୍ବାରେ ଲୋମହର୍ଷଣକାରୀ ହତ୍ୟାକାଣ୍ଡ

# ଗୁଣି ସନ୍ଦେହରେ ଯୁବକଙ୍କୁ ହତ୍ୟା କରି ପୋତିଦେଲେ

■ ଘର ସମ୍ମୁଖରୁ ଟେକିନେଲେ ୨୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀ
■ ୧୦ ଦିନ ପରେ ଜଙ୍ଗଲରୁ ହାଡ଼ ଓ ପାଉଁଶ ଜବତ
■ ୨୫ ଜଣ ଅଭିଯୁକ୍ତ ଗିରଫ; ଗ୍ରାମ ପୁରୁଷ ଶୂନ୍ୟ

ତିଗିରିଆ/ବଡ଼ମ୍ବା,୧୯।୫(ସମିସ): କଟକ ଜିଲ୍ଲା ଅଧୀନ ବଡ଼ମ୍ବା ବ୍ଲକ ଓ ଥାନା ଅଞ୍ଚଳ ଏବେ ସମ୍ପୂର୍ଣ୍ଣ ଅଶାନ୍ତ ହୋଇପଡ଼ିଛି। ଗତ ଦୁଇ ଦିନ ତଳେ କରଡିବନ୍ଧ ଗ୍ରାମରେ ଶଶୁର ଘରେ ଜ୍ୱାଇଁକୁ ନିର୍ମମ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଉଥିବା ବେଳେ, ଏବେ ଆଉ ଏକ ଜଘନ୍ୟ ତଥା ବିଭତ୍ସ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ଗୁଣି ଗାରେଡ଼ି ସନ୍ଦେହକୁ କେନ୍ଦ୍ର କରି ଗତ ୧୦ ତାରିଖରେ ବଡ଼ମ୍ବା ବ୍ଲକ ମାଣିଆବନ୍ଧ ଥାନା ଅଧୀନ ତାଳମୁଣ୍ଡଳି ଗ୍ରାମରେ ସଂଗଠିତ ଏହି ଲୋମହର୍ଷଣକାରୀ ହତ୍ୟାକାଣ୍ଡ ବିଷୟରେ ଆଜି ଖୋଦ୍ କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ (ଏସପି) ବିନିତ ଅଗ୍ରୱାଲ ତିଗିରିଆ ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ ଯେ, ଗତ ମେ' ୧୦ ତାରିଖରେ ତାଳମୁଣ୍ଡଳି ଗ୍ରାମ ହରିଜନ ସାହିର ଶ୍ୱେତ ବେହେରାଙ୍କ ପୁଅ ଟିକନ ବେହେରା (୩୦) ଗ୍ରାମରେ ଗୁଣି ଗାରେଡ଼ି କରୁଥିବା ନେଇ ଗ୍ରାମର କିଛି ଗୋଷ୍ଠୀ ସନ୍ଦେହ କରିଥିଲେ। ଏହି ଆକ୍ରୋଶ ରଖି ଗ୍ରାମର ପ୍ରକାଶ ଦେଉରୀ, ଜୟୀ ଦେଉରୀ, ହଡ଼ା ବେହେରା ଓ ଆକାଶଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସ୍ପଷ୍ଟ ଦିବାଲୋକରେ ଟିକନଙ୍କୁ ତାଙ୍କ ଘରୁ ବାହାରକୁ ଡାକି ଆଣିଥିଲେ। କିଛି ବୁଝିବା ପୂର୍ବରୁ ସମସ୍ତେ ମିଳିମିଶି ଘର ସମ୍ମୁଖରେ ହିଁ ବିଭିନ୍ନ ଧାରୁଆ ଅସ୍ତ୍ରରେ ଟିକନଙ୍କୁ ନିର୍ମମ ଭାବେ ହାଣି ଶରୀରର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟେଙ୍ଗକୁ ଖଣ୍ଡଖଣ୍ଡ କରିଦେଇଥିଲେ। ଏହାପରେ ରକ୍ତ ଜୁଡ୍ଡୁବୁଡ୍ଡୁ ମୃତଦେହକୁ ଏକ ଅଖା (ବସ୍ତା)ରେ ଭର୍ତ୍ତି କରି ନିକଟସ୍ଥ ଜଙ୍ଗଲ ମଧ୍ୟକୁ ଟେକି ନେଇଥିଲେ। ଟିକନଙ୍କ ସ୍ତ୍ରୀ ସମସ୍ତ ଦୃଶ୍ୟ ଆଖି ଆଗରେ ଦେଖିଥିଲେ ମଧ୍ୟ ଭୟରେ ସ୍ତବ୍ଧ ହୋଇ ଘରୁ ବାହାରି ପାରି ନ ଥିଲେ। ଅଭିଯୁକ୍ତମାନେ ହତ୍ୟାକାଣ୍ଡ ଘଟାଇବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ଜଙ୍ଗଲର ଏକ ନିଛାଟିଆ ସ୍ଥାନରେ ଟିକନଙ୍କ ମୃତଦେହକୁ ବସ୍ତା ସହିତ ପୋଡ଼ି ଦେଇଥିଲେ। ଶେଷରେ ଅଧାପୋଡ଼ା ଅବସ୍ଥାରେ ଥିବା ମୃତଦେହର ଅବଶିଷ୍ଟାଂଶ, ହାଡ଼ ଓ ପାଉଁଶକୁ ସେହି ଜଙ୍ଗଲ ମଧ୍ୟରେ ମାଟି ତଳେ ପୋତି ଦେଇଥିଲେ। ପୁଲିସକୁ କହିଲେ ପରିବାର ନିପାତ କରିଦେବୁ ବୋଲି ହତ୍ୟାକାରୀମାନେ ଧମକ ଦେଇଥିବାରୁ, ଭୟଭୀତ ଅବସ୍ଥାରେ ଟିକନଙ୍କ ପରିବାର ଲୋକେ ନିଜ ଜୀବନ ବଞ୍ଚାଇବା ପାଇଁ ମାଣିଆବନ୍ଧ ଅଞ୍ଚଳରେ ଆତ୍ମଗୋପନ କରି ରହିଥିଲେ। ହତ୍ୟାକାଣ୍ଡର ଦୀର୍ଘ ୧୦ ତାରିଖ ପରେ ଅର୍ଥାତ୍ ଗତ ୧୮ ମେ'ରେ ପରିବାର ଲୋକେ ସାହସ ଜୁଟାଇ ମାଣିଆବନ୍ଧ



ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ମାଣିଆବନ୍ଧ ଥାନାରେ କେସ ନମ୍ବର ୯୩/୨୬ ମାମଲା ରୁଜୁ ହେବା ସହ ଗ୍ରାମାଞ୍ଚଳ ଏସପିଙ୍କ ସୂଚନା କ୍ରମେ ପୁଲିସ ତତ୍ପରତା ପ୍ରକାଶ କରିଥିଲା। ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଶ୍ୱଜିତ ମହାନ୍ତିଙ୍କ ନେତୃତ୍ୱ ଓ ମାଣିଆବନ୍ଧ ଥାନା ଆଇଆଇସି ବିଜୟ କୁମାର ମଲ୍ଲିକଙ୍କ ଉପସ୍ଥିତିରେ ୨ ପ୍ଲାଟୁନ୍ ପୁଲିସ ଫୋର୍ସ ତାଳମୁଣ୍ଡଳି ଗ୍ରାମର ଅସବର୍ଣ୍ଣ ସାହିରେ ଚଢ଼ଉ କରି ହତ୍ୟାକାଣ୍ଡରେ ସମ୍ପୃକ୍ତ ୨୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ପରେ ପୁଲିସ ଅଭିଯୁକ୍ତଙ୍କ ସୂଚନା କ୍ରମେ ଜଙ୍ଗଲର ସେହି ନିର୍ଦ୍ଦିଷ୍ଟ ସ୍ଥାନରୁ ସାଇଣ୍ଟିଫିକ ଟିମ୍ ସହାୟତାରେ ମାଟି ଖୋଳି ମୃତ ଟିକନଙ୍କ ହାଡ଼ ଓ ପାଉଁଶ ଜବତ କରିଛି। ଅଭିଯୁକ୍ତମାନେ ଗୁଣି ସନ୍ଦେହରେ ହିଁ ଏହି ହତ୍ୟାକାଣ୍ଡ ଘଟାଇଥିବା ନେଇ ଏସପିଙ୍କ ନିକଟରେ ସ୍ୱୀକାର କରିଛନ୍ତି। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ଗଣମାଧ୍ୟମ ଆଗରେ କାନ୍ଦି କାନ୍ଦି ମୃତ ଟିକନଙ୍କ ବାପା ଓ ମା' କହିଛନ୍ତି ଯେ, "ମୋ ପୁଅ ପାଠସାଠ ପଢ଼ିନାହିଁ କି ଗୁଣିଗାରେଡ଼ି ଜାଣି ନାହିଁ। ଆଜି ଯେଉଁ ୨୫ ଜଣ ଗିରଫ ହୋଇଛନ୍ତି ସେମାନେ ସମସ୍ତେ ମୋ ପୁଅର ସାଙ୍ଗସାଥୀ ଥିଲେ ଏବଂ ସବୁବେଳେ ଏକାଠି ଚଳନ୍ତି। ହେଲେ କେଉଁ କାରଣରୁ ସେମାନେ ଏଭଳି ଅମାନୁଷିକ ଭାବେ ପୁଅକୁ ଖଣ୍ଡ ଖଣ୍ଡ କରି ହାଣି ପୋଡ଼ିଦେଲେ ତାହା ଆମେ ଜାଣିନାହୁଁ।" ଆଇନ ପ୍ରତି ସେମାନଙ୍କର ସମ୍ପୂର୍ଣ୍ଣ ଭରସା ଅଛି ଏବଂ ଏହି ମାମଲାରେ ଗିରଫ ସଂଖ୍ୟା ଆଗକୁ ଆହୁରି ବଢ଼ିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ପୁଲିସ ମଧ୍ୟ ଘଟଣାରେ ସମ୍ପୃକ୍ତ ଅନ୍ୟ କିଛି ଫେରାର ବ୍ୟକ୍ତିଙ୍କୁ ଗିରଫ କରିବା ପାଇଁ ତଦନ୍ତ ଜାରି ରଖିଛି।

# ଲାଞ୍ଚ ନେଉଥିବା ବେଳେ ମାଡ଼ି ବସିଲା ଭିଜିଲାନ୍ସ

## ମିର୍ଗିନେଣ୍ଡି ଗ୍ରାମ ପଞ୍ଚାୟତ ପିଇଓ ଗିରଫ

ବାରିପଦା/କରଞ୍ଜିଆ,୧୯।୫(ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ୍ ଅନ୍ତର୍ଗତ ମିର୍ଗିନେଣ୍ଡି ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ପର୍ଶୁରାମ ନାଏକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ପଞ୍ଚାୟତ ଅଫିସ୍‌ର ଜଣେ ଠିକା କର୍ମଚାରୀଙ୍କଠାରୁ ତାଙ୍କ ନିୟମିତ ଓ ବକେୟା ପ୍ରାପ୍ୟ ଅନୁମୋଦନ ପାଇଁ ୧୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଛି। ଠିକା କର୍ମଚାରୀଜଣଙ୍କ ମାର୍ଚ୍ଚ ୨୦୨୩ରୁ ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ପ୍ରାପ୍ୟ ପାଇନଥିଲେ। ବିଡିଓଙ୍କ ଆଦେଶ ସତ୍ତ୍ୱେ ପିଇଓ ଶ୍ରୀ ନାଏକ ପ୍ରାପ୍ୟ ଅନୁମୋଦନ କରୁନଥିଲେ। ବାରମ୍ବାର ଅନୁରୋଧ କରିବା ପରେ



ମଧ୍ୟ ସେ ଶୁଣିନଥିଲେ। ଅନ୍ୟ ଉପାୟ ନପାଇ କର୍ମଚାରୀଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ତାଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲେ। ପୂର୍ବ ଯୋଜନା ମୁତାବକ, ପିଇଓ ଆଜି ତାଙ୍କ ଅଫିସ୍ ଭିତରେ ଲାଞ୍ଚ ନେଉଥିବା ବେଳେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ଏନେଇ ବାଲେଶ୍ୱର ଭିଜିଲାନ୍ସ ନମ୍ବର ୭/୨୬ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

■ ରାଜ୍ୟରେ ମଣ୍ଡି ଓ ଟୋକନ ସମସ୍ୟା ଯୋଗୁଁ ବଢ଼ୁଛି ଚାଷୀ ଅସନ୍ତୋଷ

# ରାଜରାସ୍ତାରେ ଚାଷୀ; ସରକାର ଉତ୍ସବ ମନାଉଛନ୍ତି: ବିଜେଡି

ଭୁବନେଶ୍ୱର,୧୯।୫(ସମିସ): ୨୦୨୪ ସାଧାରଣ ନିର୍ବାଚନରେ ଚାଷୀଙ୍କ ପାଇଁ ବିଜେପି ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ପାଣିର ଗାର ହୋଇଛି। ଚାଷୀଙ୍କୁ ଏମଏସପି ସହିତ ୮୦୦ ଟଙ୍କାର ଇନପୁଟ୍ ସବସିଡି ଦେବାର ଆଶ୍ୱାସନା ଦେଇଥିବା ବିଜେପି ସରକାର ଚାଷୀମାନଙ୍କୁ ଶୋଷଣ କରୁଛି କହି କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଓ ବିଧାୟକ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ବିଜେପି ସରକାରର ଚାଷୀ ମାରଣ ନୀତି ଯୋଗୁଁ ଚାଷୀ ନିଜର ହକ୍ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେଉଛି। ରାଜ୍ୟରେ ଚାଷୀମାନଙ୍କ ସମସ୍ୟା ଉତ୍କଟ ରୂପ ନେଉଥିବା ବେଳେ ସରକାର ଉତ୍ସବ ମନାଇବାରେ ବ୍ୟସ୍ତ ରହୁଛନ୍ତି। ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ବିଜେପି, ଚାଷୀକୂଳ ପ୍ରତି ଉଦାସୀନତା ପନ୍ଥା ଅବଲମ୍ବନ କରିବା ନିନ୍ଦନୀୟ ବୋଲି କହିଛନ୍ତି।



■ ବିଜେପି କ୍ଷମତାକୁ ଆସିବା ପରଠାରୁ ବଢ଼ିଛି ଚାଷୀ ସମସ୍ୟା
■ କଟନୀଛଟନୀ ନାଁରେ ଚାଷୀଙ୍କୁ ଶୋଷଣ କରୁଛନ୍ତି ସରକାର
■ ସମାଧାନ ନହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ

ଶ୍ରୀ ଦାସବର୍ମା କହିଛନ୍ତି ଯେ ବିଜେପି କ୍ଷମତାକୁ ଆସିବା ପୂର୍ବରୁ ଓଡ଼ିଶାର ଚାଷୀକୂଳକୁ ଆଶ୍ୱସ୍ତ କରିଥିଲା ଯେ ଏମ୍ଏସପି ସହିତ ୮୦୦ ଟଙ୍କାର ଇନପୁଟ ସବସିଡି ଦେଇ ଧାନ କିଣିବୁ ଏବଂ ଚାଷୀର ସମସ୍ତ ବଳକା ବିକ୍ରିଯୋଗ୍ୟ ଧାନ ସଂଗ୍ରହ କରିବୁ। ଏହା ଭିତରେ ଦୁଇଟି ଆର୍ଥିକ ବର୍ଷ ବିତିଯାଇଥିଲେ ମଧ୍ୟ ସରକାରଙ୍କ ଅପାରଗତା କାରଣରୁ ଚାଷୀକୂଳ ଆଜି ଦୁର୍ଦ୍ଦିନରେ କାଳାତିପାତ କରୁଛି। ବିଜେପିର ମିଛ ପ୍ରତିଶ୍ରୁତିର ଶିକାର ହୋଇ ଚାଷୀକୁ ଆଜି ରେଜିଷ୍ଟ୍ରେସନ ପାଇଁ, ଟୋକନ ପାଇଁ, ମଣ୍ଡି ଖୋଲିବା ପାଇଁ ଓ ନିଜ କଷ୍ଟ ଉପାର୍ଜିତ ଫସଲକୁ କିପରି ବିକ୍ରି କରିପାରିବେ, ସେଥିପାଇଁ ବାରମ୍ବାର ରାଜରାସ୍ତାରେ ଆନ୍ଦୋଳନ କରିବାକୁ ପଡୁଛି। ପଶ୍ଚିମ ଓଡ଼ିଶାରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଓ ସରକାରଙ୍କ ବୈମାତୃକ ମନୋଭାବ ବିରୋଧରେ ରାଜରାସ୍ତାରେ ଗର୍ଜନ କରୁଛନ୍ତି। ସରକାରଙ୍କ ଉଦାସୀନତା ମନୋଭାବ ଯୋଗୁଁ ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି। ସରକାର ତୁରନ୍ତ ପଦକ୍ଷେପ ନ ନେଲେ ବିଜେଡି ଚାଷୀଙ୍କ ହକ୍ ପାଇଁ ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ସେ କହିଛନ୍ତି।

ବ୍ୟୋମକେଶ କହିଛନ୍ତି ଯେ ଖରିଫ ସିଜିନରେ ରେକର୍ଡ ସଂଖ୍ୟକ ଧାନ ଅମଳ ହୋଇଥିଲା। ଗତବର୍ଷ ଯେଉଁ ଧାନ ସଂଗ୍ରହ ହୋଇଥିଲା, ତାହା ସରକାର ଓ ମିଲ୍ ମାନଙ୍କ ପାଖରେ ଭରପୂର ମାତ୍ରାରେ ରହିଥିଲା। ସରକାରଙ୍କ ପାଖରେ ଆଉ ଜାଗା ନଥିଲା ଏ ବର୍ଷର ଧାନ କିଣିବା ପାଇଁ। ଯାହା ମୁଖ୍ୟମନ୍ତ୍ରୀ ପୂର୍ବାଞ୍ଚଳ କୃଷି ସମ୍ମିଳନୀରେ ସ୍ୱୀକାର କରିଛନ୍ତି। ସରକାର ପ୍ରଥମ ଦିନରୁ ଚେଷ୍ଟା କରିଥିଲେ କିପରି ଏବର୍ଷ କମ୍ ଧାନ ସଂଗ୍ରହ କରାଯିବ। ସରକାର ରେଜିଷ୍ଟ୍ରେସନ ପ୍ରକ୍ରିୟାକୁ ଜଟିଳ କରିବା ସହିତ ୧୫୦ କ୍ୱିଣ୍ଟାଲ ଉପରକୁ କୌଣସି ଚାଷୀ ଧାନ ବିକ୍ରି କରିପାରିବ ନାହିଁ କହି ଚାଷୀକୂଳକୁ ହତାଦର କଲେ। ସରକାର ଚାଷୀକୂଳର ସମସ୍ୟାକୁ ତୁରନ୍ତ ସମାଧାନ କରନ୍ତୁ, ନଚେତ୍ ଆଗାମୀ ଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ରାୟ ଚେତାବନୀ ଦେଇଛନ୍ତି।

ବିବାହ ପ୍ରଲୋଭନ ଦେଖାଇ ଆଦିବାସୀ ନାବାଳିକାକୁ ପ୍ରତାରଣା

# ପୀଡ଼ିତା ଓ ପରିବାର ଉପରେ ପୁଲିସର ଦମନନୀତି

ବାରିପଦା, ୧୯।୫ (ସମିସ): ପୀଡ଼ିତା ଓ ପରିବାର ଉପରେ ପୁଲିସର ଦମନ ନୀତି ପାଇଁ ପୁଣିଥରେ ମୟୂରଭଞ୍ଜ ଜିଲ୍ଲା ଚର୍ଚ୍ଚାକୁ ଆସିଛି। ବିବାହର ପ୍ରଲୋଭନ ଦେଖାଇ ଜଣେ ଆଦିବାସୀ ନାବାଳିକାକୁ ପ୍ରତାରଣା ଘଟଣାରେ ପୁଲିସ୍ ଅଭିଯୁକ୍ତକୁ ଗିରଫ କରିବା ବଦଳରେ ପୀଡ଼ିତା ଓ ତା' ପରିବାରଲୋକଙ୍କୁ ଗାଳିଗୁଲଜ କରିବା, ପୀଡ଼ିତାଙ୍କ ବାପାଙ୍କଠାରୁ ସାଦା କାଗଜରେ ଟିପ ଚିହ୍ନ ନେବା ଏବଂ ପୀଡ଼ିତାକୁ ଏତଲା ବଦଳାଇବାକୁ ବାଧ୍ୟ କରିବା ଭଳି ଘଟଣା ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

■ ଏତଲା ବଦଳାଇବାକୁ ମହିଳା ସବ୍-ଇନ୍ସପେକ୍ଟର୍‌ଙ୍କ ଚାପ
■ ପୀଡ଼ିତାଙ୍କ ବାପାଙ୍କଠାରୁ ନେଇଗଲେ ସାଦା କାଗଜରେ ଟିପ
■ ମାମଲା ଚାପିବାକୁ ଉଦ୍ୟମ ଅଭିଯୋଗ

ଅଭିଯୋଗ ଅନୁଯାୟୀ, ବାରିପଦା ସଦର ଥାନାର ମୁଡୁରୀ ଅଞ୍ଚଳର ଜୟସିଂ ମୁର୍ମୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ନାବାଳିକାକୁ ନିଜ ଘରକୁ ନେଇଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କୁ ପ୍ରତାରଣା ଦେଇଥିଲେ। ସେଠାରେ ୩ଦିନ ରଖିବା ପରେ ଜୟସିଂ ଫେରାର୍ ହୋଇଯାଇଥିଲା। ଏପଟେ, ଯୁବକଙ୍କ ପରିବାରଲୋକେ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ଠିକ୍ ଭାବେ ଖାଇବାକୁ ନ ଦେବା ସହ କାମ କରାଉଥିଲେ। ଏ ସଂପର୍କରେ ନାବାଳିକା ଓ ତାଙ୍କ ବାପା ଶୁଳିଆପଦା ପୁଲିସ୍ ପାଖରେ ନ୍ୟାୟ ପାଇଁ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ, ଥାନାର ଜଣେ ମହିଳା ସବଇନ୍ସପେକ୍ଟର୍ ରୂପଶ୍ରୀ ସ୍ୱାଇଁ ନାବାଳିକାଙ୍କୁ ଧମକଚମକ ଦେବା



ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ନାବାଳିକା ଓ ତାଙ୍କ ବାପାଙ୍କ ପାଖରୁ ଏତଲା ରଖିବା ବଦଳରେ ଅଭିଯୋଗ ବଦଳାଇବାକୁ ବାଧ୍ୟ କରିଥିଲେ। ଏପରିକି, ଏକ ସାଦା କାଗଜରେ ଜୋରଜବରଦସ୍ତ ନାବାଳିକାଙ୍କ ବାପାଙ୍କ ପାଖରୁ ଟିପ ଚିହ୍ନ ନେଇଥିଲେ। ଏହାସହ ନାବାଳିକାଙ୍କୁ ଡରାଇ 'ତୁ ତୋ ସାଙ୍ଗଘରେ ଥିଲୁ ବୋଲି' ଏତଲାରେ ଲେଖିବାକୁ ବାଧ୍ୟ କରାଇଥିଲେ। ଏପରି କରି ସେ ଘଟଣାକୁ ଚାପିବାକୁ ଉଦ୍ୟମ କରୁଛନ୍ତି ବୋଲି ନାବାଳିକାର ପରିବାରଲୋକ ଅଭିଯୋଗ କରିଛନ୍ତି। ନାବାଳିକାଙ୍କ ପରିବାର ଏବେ ଅସହାୟ ଅବସ୍ଥାରେ ଅଛନ୍ତି। ସେମାନେ ଅଭିଯୁକ୍ତ ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଉଚିତ ନ୍ୟାୟ ଦାବି କରିଛନ୍ତି। ତେବେ ଏନେଇ ସବ୍-ଇନ୍ସପେକ୍ଟର୍ ରୂପଶ୍ରୀ ସ୍ୱାଇଁଙ୍କ ମତାମତ ମିଳିପାରିନି। ଅପରପକ୍ଷରେ ନାବାଳିକା ବାପାଙ୍କ ଅଭିଯୋଗକ୍ରମେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ବୋଲି ବାରିପଦା ଏସଡିପିଓ ପ୍ରଭାତ ବିଶ୍ୱାଳ କହିଛନ୍ତି।

ରବି ଧାନ ସଂଗ୍ରହ

# ସମ୍ବଲପୁର ଓ ବରଗଡ଼ ଜିଲ୍ଲା ବିଧାୟକମାନଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

ଭୁବନେଶ୍ୱର,୧୯।୫(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ସମ୍ବଲପୁର ଓ ବରଗଡ଼ ଜିଲ୍ଲାର ବିଧାୟକମାନଙ୍କ ସହିତ ରବିଧାନ ସଂଗ୍ରହ ସମ୍ପର୍କରେ ଆଲୋଚନା କରିଛନ୍ତି। ବୈଠକରେ ମଣ୍ଡି ଭିତ୍ତିଭୂମି, ଟୋକନ ପ୍ରଦାନ, ମିଲର୍‌ମାନଙ୍କ ଧାନ ଉଠାଣ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ସମସ୍ତ ଅଞ୍ଚଳର ଚାଷୀମାନଙ୍କ ଠାରୁ ଧାନ କିଣିବା ପାଇଁ ସରକାରଙ୍କ ପ୍ରକ୍ରିୟା ଜାରି ରହିଛି। ଚାଷୀମାନଙ୍କ ଯେପରି କୌଣସି ଅସୁବିଧା ହେବ ନାହିଁ ଏବଂ ମିଲର୍‌ମାନେ ଠିକ୍ ସମୟରେ ଧାନ ଉଠେଇବେ, ତା'ଉପରେ ସ୍ୱତନ୍ତ୍ର ଫୋକସ ରଖାଯାଇଛି। ଚାଷୀମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଚାଷୀମାନଙ୍କର ଯାହାକିଛି ସମସ୍ୟା ରହିଛି, ତାହା ନିଶ୍ଚିତ ଦୂର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ସଚିବ ସଞ୍ଜୟ ସିଂହ ବୈଠକରେ ଉପସ୍ଥିତ ଥିଲେ।

ବାଲିଅନ୍ତା ଭିଡ଼ ହତ୍ୟା ମାମଲା

# ରଣପୁର ଜଙ୍ଗଲରୁ ଆଉ ୨ଜଣ ଗିରଫ

ଭୁବନେଶ୍ୱର,୧୯।୫(ସମିସ): ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ କ୍ରାଇମ୍‌ବ୍ରାଞ୍ଚ ପଞ୍ଚାନନ ଓରଫ କାଳିଆ ବଡ଼ଜେନା ଏବଂ ରଣଜିତ ରଣାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏମାନଙ୍କୁ ନୟାଗଡ଼ ଜିଲ୍ଲା ରଣପୁର ଜଙ୍ଗଲରୁ ଗିରଫ କରାଯାଇଛି। ଆଜି ୨ ଜଣଙ୍କ ଗିରଫ ପରେ ଗିରଫଦାରୀ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ପୂର୍ବରୁ କମିଶନରେଟ୍ ପୁଲିସ ୧୧ଜଣଙ୍କୁ ଗିରଫ କରିଥିଲା ବେଳେ କ୍ରାଇମ୍‌ବ୍ରାଞ୍ଚ ୪ଜଣଙ୍କୁ ଗିରଫ କରିଛି। ଏହି ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ଆଗାମୀ ଦିନରେ ଗିରଫଦାରୀ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ପ୍ରକ୍ରିୟା ଉପରେ ସୌମ୍ୟଙ୍କ ପରିବାର ଲୋକେ ଏବଂ ତାଙ୍କ ସମ୍ପର୍କୀୟ ପ୍ରଶ୍ନ ଉଠାଇଛନ୍ତି। କ୍ରାଇମ୍‌ବ୍ରାଞ୍ଚ ଅଧୀନରେ ତଦନ୍ତ ହେଲେ ସୌମ୍ୟଙ୍କୁ ନ୍ୟାୟ ମିଳିବନି। ଏଣୁ ସେମାନେ ବାରମ୍ବାର ସିବିଆଇ ତଦନ୍ତ ଦାବି କରୁଥିଲେ ମଧ୍ୟ ସେ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ସେମାନେ କହିଛନ୍ତି।

# ହାତୀ ଆକ୍ରମଣରେ ଯୁବକ ମୃତ

ଛେଣ୍ଡିପଦା,୧୯।୫(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକଜଣଙ୍କ ହେଲେ, ଟାଙ୍ଗିରି ଗାଁର ବିନୋଦ ବେହେରା। ବିନୋଦ ପାଟକମୁଣ୍ଡା ନିକଟସ୍ଥ ଜଙ୍ଗଲ ପାଖରେ ଆମ୍ବ ଗୋଟାଉଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ପାଦରେ ଦଳି ଦେଇଥିଲା। ଚାଷ କାମ ପାଇ ବିନୋଦ ଦେବଗଡ଼ ଜିଲ୍ଲା ରତନପୁର ଗାଁକୁ ଗତକାଲି ଯାଇଥିଲେ। ଆଜି ତାଙ୍କର ପାଟକମୁଣ୍ଡା ଗାଁ ଝରଣକଟା ନିକଟସ୍ଥ ଯଦୁ ଆମ୍ବତୋଟାରେ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ବନ ବିଭାଗ କର୍ମଚାରୀ ପହଞ୍ଚି ଘଟଣାର ଛାନଭିନ୍ ଚଳାଇଛନ୍ତି।

# ଚାଷୀଙ୍କୁ ଆଇନର କଠୋର ଜାଲରେ ଛନ୍ଦିବା ଅନୁଚିତ

କଟକ,୧୯।୫(ସମିସ): "ଆମ ଦେଶରେ ପ୍ରକୃତି ଏବଂ ସମ୍ବିଧାନର ଧାରା ୧୨ ଅଧୀନରେ ଆସୁଥିବା ସରକାରୀ ସଂସ୍ଥା ଗୁଡ଼ିକ କୃଷକମାନଙ୍କ ସହ 'ପଶା ଖେଳ' ଖେଳିଥାନ୍ତି। ଅନେକ ସମୟରେ ଏମାନଙ୍କର ଦୁଃଖକଷ୍ଟ କାହାରି ନଜରକୁ ଆସେ ନାହିଁ, କିନ୍ତୁ ଅଦାଲତ ପ୍ରତି ଆଖି ବୁଜି ଦେଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଗଞ୍ଜାମ ଜିଲ୍ଲାର ଜଣେ ଚାଷୀଙ୍କ ଋଣ ସଂକ୍ରାନ୍ତୀୟ ମାମଲାର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ୍ ଚିତ୍ତରଞ୍ଜନ



ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି କହିବା ସହ ଆବେଦନକାରୀଙ୍କୁ ବ୍ୟାଙ୍କର କଠୋର ଆଦାୟ ପ୍ରକ୍ରିୟାରୁ ସାମୟିକ ଆଶ୍ୱସ୍ତି ଦେଇଛନ୍ତି। ଚାଷୀଙ୍କ ପ୍ରାର୍ଥନାକୁ ଗ୍ରହଣ କରି ହାଇକୋର୍ଟ ମାମଲାର ଅନ୍ତ ଘଟାଇଛନ୍ତି।

'ଜାତୀୟ କୃଷକ କମିଶନ'ର ରିପୋର୍ଟକୁ ଉଲ୍ଲେଖ କରି ଅଦାଲତ କହିଛନ୍ତି ଯେ ଚାଷୀମାନେ ସବୁବେଳେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ମାନବକୃତ ସମସ୍ୟାର ଶିକାର ହୋଇଥାନ୍ତି। ତେଣୁ ସେମାନଙ୍କୁ ଆଇନର କଠୋର ଜାଲରେ ଛନ୍ଦିବା ଅନୁଚିତ। ଏଣୁ ଆବେଦନକାରୀ ଚାଷୀଙ୍କୁ ସମ୍ପୂର୍ଣ୍ଣ ଋଣ ରାଶି ଶୁଝିବା ପାଇଁ ୪ମାସର ସମୟ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେ ଏହି ଟଙ୍କାକୁ ୪ଟି ସମାନ କିସ୍ତିରେ ପରିଶୋଧ କରିବେ। ତାଙ୍କୁ ପ୍ରଥମ କିସ୍ତି ୧୦ ଜୁନ୍ ସୁଦ୍ଧା କିମ୍ବା ତା' ପୂର୍ବରୁ ଦେବାକୁ ହେବ। ବାକି ସମସ୍ତ କିସ୍ତି ମଧ୍ୟ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଦେବାକୁ ପଡ଼ିବ। ଯଦି ଚାଷୀଜଣକ କିସ୍ତି ଦେବାରେ ବିଫଳ ହୁଅନ୍ତି, ତେବେ ବ୍ୟାଙ୍କ ସ୍ଥାନୀୟ ପୁଲିସ ସହାୟତାରେ ତାଙ୍କ ସମ୍ପତ୍ତିକୁ ନିଜ ଅକ୍ତିଆରକୁ ନେଇପାରିବ

## ଋଣ ଶୁଝିବା ପାଇଁ ୪ମାସ ମହଲତ ପ୍ରଦାନ କଲେ ହାଇକୋର୍ଟ

ଏବଂ ଏଥିରେ କୌଣସି ବାଧା ସୃଷ୍ଟି କରାଯିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ପ୍ରକାଶ ଥାଉକି ଗଞ୍ଜାମ ଜିଲ୍ଲାର ଆବେଦନକାରୀ ଚାଷୀ କୃଷି କାର୍ଯ୍ୟ ପାଇଁ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବ୍ରହ୍ମପୁର ଶାଖାରୁ ଋଣ ନେଇଥିଲେ। ସୁଧ-ମୂଳ ମିଶାଇ ବର୍ତ୍ତମାନ ତାଙ୍କର ମୋଟ ୧୪ଲକ୍ଷ ୭୦ହଜାର ଟଙ୍କା ବାକି ରହିଛି। ଆର୍ଥିକ ଅନାଟନ ଯୋଗୁଁ ସେ ସମୟ ଅନୁସାରେ କିସ୍ତି ଶୁଝିପାରିନଥିଲେ। ଫଳରେ ବ୍ୟାଙ୍କ୍ ତାଙ୍କ ସମ୍ପତ୍ତି ଜବତ ପ୍ରକ୍ରିୟା ଆରମ୍ଭ କରିଥିଲା। ଏହାକୁ ଚ୍ୟାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ଟଙ୍କା ଯୋଗାଡ଼ କରି ଶୁଝିବା ପାଇଁ କିଛି ସମୟ ମାଗିଥିଲେ। ହାଇକୋର୍ଟ ଏଥିପାଇଁ ଅନୁମତି ପ୍ରଦାନ କରିଛନ୍ତି।

ମାତିଛନ୍ତି ବାଲି ମାଫିଆ

# ହଜିଗଲାଣି ସୁରକ୍ଷା କବଚ 'ବାଲିବନ୍ତ'

ପୁରୀ, ୧୯।୫(ସମିସ): ପୁରୀ ଜିଲ୍ଲାରେ ମାତିଛନ୍ତି ବାଲି ମାଫିଆ। ଖୁଲମଖୁଲା ଲୁଟ୍ ହେଉଛି ବାଲି ଆଉ ମାଟି। କେଉଁଠି ନଦୀପଠା ତ ଅନ୍ୟ କେଉଁଠି ଅନାବାଦି ଗୋଚର ଜମି ଆଉ ପଡିଆକୁ ଛାଡୁନାହାନ୍ତି। ବେଧଡ଼କ ଭାବେ ହାଇୱା, ଟ୍ରାକ୍ଟର ଲଗାଇ ଲୁଟ୍ ହେଉଛି ବାଲି। ପୂର୍ବରୁ ଉପକୂଳବର୍ତ୍ତୀ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ୟାପକ ମାତ୍ରାରେ ବାଲିବନ୍ତ ଦେଖିବାକୁ ମିଳୁଥିଲା। ହେଲେ ୧୦/୧୨ ବର୍ଷ ହେବ ଉପକୂଳର ସୁରକ୍ଷା କବଚ କୁହାଯାଉଥିବା ଏହି ବାଲିବନ୍ତ ଆଉ ଦେଖିବାକୁ ମିଳୁନାହିଁ। ଏକପ୍ରକାର ନିଶ୍ଚିହ୍ନ ହୋଇଗଲାଣି। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ କ୍ଷୟକ୍ଷତି ବଢୁଛି। ଏହା ଜାଣି ବି କେହି ସଚେତନ ହେଉନାହାନ୍ତି। ଫଳରେ ଏବେ ବାଲି ଲୁଟ୍ କରି ବଡ଼ ବଡ଼ ଗାତ ସୃଷ୍ଟି କରୁଛନ୍ତି।

ପୁରୀ ଜିଲ୍ଲାରେ କେବଳ ମାଟି କି ବାଲି ନୁହେଁ ମୋରମ ଏବଂ ପଥର ମାହାଲକୁ ବି ଛାଡୁନାହାନ୍ତି ମାଫିଆ। ଏହାଦ୍ୱାରା ପ୍ରତିବର୍ଷ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ସରକାର। ଅନ୍ୟପକ୍ଷରେ ସରକାରୀ ଖଣିଜ ଚୋରି କରି ମାଲେମାଲ୍ ହେଉଛନ୍ତି ମାଫିଆ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବାଲି ଲୁଟ୍ ଯୋଗୁ ନଦୀବନ୍ଧଗୁଡ଼ିକ ଦୁର୍ବଳ ହେଉଛି। ଫଳରେ ନଦୀରେ ପାଣି ଆସିଲେ ଘାଇ ସୃଷ୍ଟି ହେବାର ଭୟ ବି ରହୁଛି। ଏହି ବାଲିମାଫିଆଙ୍କ ଯୋଗୁ ଜନଜୀବନ ବିପଦରେ ପଡୁଥିଲେ ମଧ୍ୟ ଏଥିପ୍ରତି ଅଧିକାରୀଙ୍କ ନିଘା ନାହିଁ। ବରଂ ମାଫିଆଙ୍କ ସହ ହାତ ମିଳାଇ ଏଭଳି ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି। ସରକାରଙ୍କ ବାରମ୍ବାର ତାଗିଦ ସତ୍ତ୍ୱେ ସରକାରୀ ଜମିକୁ ବି ବାଦ୍ ଦେଉନାହାନ୍ତି ମାଫିଆ। ଦିନକୁ ଦିନ ଜିଲ୍ଲାରେ ବାଲି ଚୋରାଚାଲାଣ ବଢିଥିଲେ ହେଁ ଶୁଣିବାକୁ କେହି ନାହିଁ। ବରଂ



ମାଫିଆମାନଙ୍କୁ ସ୍ଥାନୀୟ ରାଜସ୍ୱ ଅଧିକାରୀ ଏବଂ ପୁଲିସ ସୁରକ୍ଷା ଦେଉଥିବା ଅଭିଯୋଗ ହେଉଛି। ଫଳସ୍ୱରୂପ ସ୍ପଷ୍ଟ ଦିବାଲୋକରେ ବେଧଡ଼କ ଚୋରି ହେଉଛି ବାଲି।

ବଡ଼ କଥା ହେଉଛି, ଏହି ବାଲି ପାଇଁ ବିଭିନ୍ନ ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ନିକଟରେ କଣାସରେ ଯେଉଁ ବର୍ବରତା ସମଗ୍ର ଓଡ଼ିଶାରେ ଚର୍ଚ୍ଚା ହୋଇଥିଲା, ତା' ପଛରେ ବେଆଇନ ବାଲି କାରବାର ଥିବା ଅଭିଯୋଗ ରହିଛି। ବାଲି ମାଫିଆଙ୍କ ପ୍ରରୋଚନାରେ ଜଣେ ଯୁବକଙ୍କୁ ସ୍ପଷ୍ଟ ଦିବାଲୋକରେ ମାଛକଟା ପନିକିରେ ହାଣି ତା' ଉପରେ ବୁଲେଟ୍ ଚଢାଇଥିଲେ କିଛି ଦୁର୍ବୃତ୍ତ।

ଜିଲ୍ଲାର ପ୍ରତ୍ୟେକ ତହସିଲ ଅଞ୍ଚଳରେ ବାଲି ଲୁଟ୍ ଏବେ ବଢ଼ି ଯାଇଛି। ପୁରୀ ତହସିଲ ଅଧୀନରେ ଥିବା ବଳିଆପଣ୍ଡା, ନୂଆନଈ ଓ ଚନ୍ଦନପୁର ଅଞ୍ଚଳରୁ ବାଲି ଚୋରି ହେଉଛି। ବାଲିପଡ଼ା ନିକଟ ଭାର୍ଗବୀ ଓ ନୂଆନଦୀ ପଠାରୁ ବର୍ଷ ବର୍ଷ ଧରି ବାଲି, ମାଟି ଚୋରାଚାଲାଣ ଚାଲିଛି। ପିପିଲି, କଣାସରେ ସବୁଠୁ ଅଧିକ ସକ୍ରିୟ ହୋଇପଡ଼ିଛନ୍ତି ବାଲିମାଫିଆ। ନିକଟରେ ବାଲିମାଫିଆଙ୍କ ପାଇଁ ଘଟିଛି ତୁମୁଳକାଣ୍ଡ। ଗୋପ ବ୍ଲକ ଅନ୍ତର୍ଗତ କୁଶଭଦ୍ରା ନଦୀପଠା ସମତେ ବିଭିନ୍ନ ଅଞ୍ଚଳରୁ ବାଲି ଲୁଟ୍ ହେଉଛି। ବିଶେଷକରି କୁଶଭଦ୍ରା ନଦୀପଠା ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ରାତିଦିନ ଏଠାରୁ ଶହ ଶହ ଟ୍ରିପ ବାଲି ଚୋରାଚାଲାଣ କରାଯାଉଛି। କିଛି ଅସାଧୁ ସରକାରୀ କର୍ମଚାରୀଙ୍କ ସହ ହାତ ମିଳାଇ ମାଫିଆ ଲୁଟ୍ କରୁଥିବା ବେଳେ ସରକାର ରାଜସ୍ୱ ହରାଉଛନ୍ତି। ସେହିପରି ସତ୍ୟବାଦୀ ତହସିଲ ଅଧୀନ ବିଭିନ୍ନ ବାଲିଘାଟ ଏବଂ ନଦୀପଠାରୁ ବେଆଇନ ଭାବେ ବାଲିଚାଲାଣ କରାଯାଉଛି। କେତେକ ସ୍ଥାନରୁ ବାଲି ଉତ୍ତୋଳନ ଏବଂ ପରିବହନ ପାଇଁ ଅନୁମତି ଦିଆଯାଇଥିଲେ ହେଁ ନିର୍ଦ୍ଧାରିତ ପରିମାଣଠାରୁ ଯଥେଷ୍ଟ ଅଧିକ ବାଲି ଉତ୍ତୋଳନ କରାଯାଉଛି। ବାଲି ମାଫିଆଙ୍କ ଏହି ବେଆଇନ କାରବାର ଯୋଗୁ ଜିଲ୍ଲା ମଧ୍ୟ ଦେଇ ପ୍ରବାହିତ ଭର୍ଗବୀ, କୁଶଭଦ୍ରା, ଦୟା, ନୂଆନଈ, ପ୍ରାଚୀ ଆଦି ନଦୀବନ୍ଧ ଦୁର୍ବଳ ହେବାରେ ଲାଗିଛି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ବ୍ରହ୍ମଗିରି ବ୍ଲକ୍‌ର ଷଣ୍ଢପୁର, ଗୋପୀନାଥପୁର ଓ ସିପସରୁବାଲି ଅଞ୍ଚଳରୁ ବେଧଡ଼କ ବାଲି ଲୁଟୁଛନ୍ତି ମାଫିଆ। ବିଶେଷକରି ସିପସରୁବାଲି ଅଞ୍ଚଳରୁ ଅଧିକ ମାତ୍ରାରେ ବାଲି ଲୁଟ୍ ହେଉଛି। ସମୁଦ୍ରକୁ ଲାଗି ରହିଥିବା ଏହି ଅଞ୍ଚଳରେ ପୂର୍ବରୁ ଶହ ଶହ ସଂଖ୍ୟାରେ ବାଲିବନ୍ତ ଥିଲା, ଯାହାକି ପ୍ରାକୃତିକ ସୁରକ୍ଷାକବଚ ଭାବେ ଠିଆ ହୋଇ ରହିଥିଲା। ହେଲେ ମାଫିଆମାନେ ଶହଶହ ବାଲିବନ୍ତକୁ ଭାଙ୍ଗି ଲୁଟି ନେଇଛନ୍ତି। ଏବେ ଆଉ ବାଲିବନ୍ତ ଦେଖିବାକୁ ମିଳୁନାହିଁ। ପୂର୍ବରୁ ଝଡ଼ ବତାସ ହେଉ କି ସମୁଦ୍ର ଜୁଆର ମାଡି ଆସିଲେ ଏହି ବାଲିବନ୍ତ ହିଁ ଜନବସତିକୁ ସୁରକ୍ଷା ଦେଉଥିଲା। ଝଡ଼ ପବନକୁ ଅଟକାଉଥିଲା। ମାତ୍ର ଏବେ ବାଲିବନ୍ତ ଆଉ ନାହିଁ। ଫଳରେ ଏହାର ପ୍ରଭାବ ପଡୁଛି ଜନବସତି ଉପରେ।

### ଜନବସତି ଓ ପରିବେଶ ସୁରକ୍ଷା ପାଇଁ ୧୬ ଗ୍ରାମବାସୀ ଏକଜୁଟ୍

# ପ୍ରସ୍ତାବିତ କ୍ରୋମାଇଟ୍ ବେନିଫିକେସନ୍ ପ୍ଲାଣ୍ଟକୁ ବିରୋଧ

**ଦାନଗଦି, ୧୯।୫(ସମିସ)**



ଯାଜପୁର ଜିଲ୍ଲା ଟମକା ଥାନା ଅନ୍ତର୍ଗତ ଦେଉଳକଣ ପଞ୍ଚାୟତର ପାର୍ଟବାଲି ମୌଜାରେ ପ୍ରସ୍ତାବିତ 'କ୍ରୋମାଇଟ୍ ବେନିଫିକେସନ୍ ପ୍ଲାଣ୍ଟ'କୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଏହି କାରଖାନା ନିର୍ମାଣ ହେଲେ ସ୍ଥାନୀୟ ପରିବେଶ, ଜଳଉତ୍ସ ଓ ଜନଜୀବନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହେବାର ଆଶଙ୍କା କରି ପାର୍ଟବାଲି ସମେତ ପାର୍ଶ୍ୱବର୍ତ୍ତୀ ପ୍ରାୟ ୧୬ଟି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଏହାର ଦୃଢ଼ ବିରୋଧ କରିଛନ୍ତି। ଏହି ସଂକ୍ରାନ୍ତରେ ଗ୍ରାମବାସୀ ଯାଜପୁର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିବା ସହ ଟମକା ଥାନା ଅଧିକାରୀଙ୍କୁ ଭେଟି ଆପତ୍ତି ଜଣାଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରସ୍ତାବିତ ପ୍ଲାଣ୍ଟଟି ଏକ ବେନିଫିକେସନ୍ ୟୁନିଟ୍ ହୋଇଥିବାରୁ ଏଥିରୁ ନିର୍ଗତ ହେବାକୁ ଥିବା ଦୂଷିତ ବର୍ଜ୍ୟଜଳ ଏବଂ ସେଥିରେ ରହିବାକୁ ଥିବା ଅତି ମାରାତ୍ମକ ଓ କର୍କଟ ରୋଗ ସଦୃଶ ବିଷାକ୍ତ କେମିକାଲ୍ 'ହେକ୍ସାଭାଲେଣ୍ଟ କ୍ରୋମିୟମ' ସ୍ଥାନୀୟ ଗଣ୍ଡାନାଳ ଜଳରେ ମିଶିବାର ସମ୍ପୂର୍ଣ୍ଣ ସମ୍ଭାବନା ରହିଛି। ଏହି ଗଣ୍ଡାନାଳ ଉପରେ ପାର୍ଟବାଲି ସମେତ ୧୬ଟି ଗ୍ରାମର ହଜାର ହଜାର ଜନସାଧାରଣ ଶୌଚଠାରୁ ଆରମ୍ଭ କରି ଗୃହପାଳିତ ପଶୁଙ୍କ ପାଇଁ ଏବଂ ଅନେକ ସମୟରେ ପାନୀୟ ଜଳ ଭାବେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି। ଗଣ୍ଡାନାଳର ଜଳ ବିଷାକ୍ତ ହେଲେ ସାରା ଅଞ୍ଚଳରେ ମହାମାରୀ ଓ ସ୍ୱାସ୍ଥ୍ୟ ସଂକଟ ଦେଖାଦେବ ବୋଲି ଗ୍ରାମବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ପ୍ରସ୍ତାବିତ କାରଖାନାଟି ଜନବସତିର ଅତି ନିକଟରେ ନିର୍ମାଣ ହେଉଥିବାରୁ ଏହା ନିକଟରେ ଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ପ୍ରଦୂଷଣର ଶିକାର ହେବେ। କାରଖାନାରୁ ନିର୍ଗତ ଦୂଷିତ ପାଣି ଚାଷଜମିକୁ ପ୍ରବେଶ କଲେ ଚାଷଜମି ଗୁଡ଼ିକ ଉର୍ବରତା ହରାଇ ଅନୁପଯୋଗୀ ହୋଇପଡ଼ିବ, ଯାହାଫଳରେ କୃଷି ଉପରେ ନିର୍ଭରଶୀଳ ସ୍ଥାନୀୟ ଚାଷୀ ନିଜର ଜୀବିକା ହରାଇବେ।

ଏଥିସହିତ, ଅଞ୍ଚଳରେ ପୂର୍ବରୁ ହିଁ ପାନୀୟ ଜଳର ସମସ୍ୟା ରହିଥିବା ବେଳେ, କାରଖାନା ପାଇଁ ବ୍ୟାପକ ପରିମାଣରେ ଗଭୀର ନଳକୂପ ଖନନ କରାଯିବାକୁ ଯୋଜନା ଚାଲିଛି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଭୂତଳ ଜଳସ୍ତର ଗଭୀରକୁ ଚାଲିଯିବ ଏବଂ ସାଧାରଣ ଲୋକଙ୍କ ପାଇଁ ବ୍ୟବହୃତ ନଳକୂପ ଗୁଡ଼ିକ ଶୁଖିଯାଇ ପାନୀୟ ଜଳର ଏକ ଭୟଙ୍କର ସଙ୍କଟ ସୃଷ୍ଟି ହେବ। ତେଣୁ ପ୍ରଭାବିତ ଓ କ୍ଷତିଗ୍ରସ୍ତ ହେବାକୁ ଥିବା ପାର୍ଟବାଲି, ଆସନବନି, ଦେଉଳକାଣ, ଚକ୍ରଧରପୁର, ନୂଆସାହି, ଚନ୍ଦ୍ରୀସାହି, ମହୁଲଶୁଳା, ବିଗାଡଲିଆ, କାଠଆଦିରବିଂଝାରି, ଓଗରପଡ଼ା, ଚିଙ୍ଗୁଡ଼ିପାଳ, ପଥରବନ୍ଧ, ଆମ୍ବନଜର, ଓସ୍ତପାଳ ଏବଂ ବଗପଡଟିଆ ଆଦି ଗ୍ରାମର ଜନସାଧାରଣ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। କାରଖାନା ଦ୍ୱାରା ଜଳ, ପବନ ଓ ମାଟି ପ୍ରଦୂଷିତ ହେବା ସହ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ସ୍ଥାନୀୟ ଲୋକଙ୍କ ମୌଳିକ ଜୀବନ ଜୀବିକା ବିପନ୍ନ ହେବାକୁ ଯାଉଥିବାରୁ, ଏହି ପ୍ରସ୍ତାବିତ ପ୍ଲାଣ୍ଟକୁ ଜନବସତି ଅଞ୍ଚଳରୁ ହଟାଇ ଅନ୍ୟ କୌଣସି ଅଣ-ପ୍ରଭାବିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଗ୍ରାମବାସୀ ଜିଲ୍ଲା ପ୍ରଶାସନ ନିକଟରେ ହାତଯୋଡ଼ି ପ୍ରାର୍ଥନା କରିଛନ୍ତି। ଯଦି ପ୍ରଶାସନ ଏହି ଦିଗରେ ତୁରନ୍ତ ପଦକ୍ଷେପ ନ ନିଏ, ତେବେ ଆଗାମୀ ଦିନରେ ଏହି ଜନ-ଆନ୍ଦୋଳନ ଆହୁରି ବ୍ୟାପକ ରୂପ ନେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ନେଇ ମନ୍ତ୍ରୀ, ଏସପି, କଳିଙ୍ଗନଗର ଅତିରିକ୍ତ ଏସପି ଓ ଏଡିଏମ୍, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ, ଦାନଗଦି ତହସିଲଦାର, ଟମକା ଥାନା ଅଧିକାରୀ ଏବଂ ଦେଉଳକଣ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି।

## ପଛକୁ ପଛ ପିଟି ହେଲେ ତିନି କାର୍

**ପାଣିକୋଇଲି, ୧୯।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଯାଜପୁରରୋଡ ରାସ୍ତାର ଚାନ୍ଦପୁର ଗ୍ରାମ ନିକଟରେ ଆଜି ୩ଟି କାର୍ ସିରିଜ ଭାବେ ଦୁର୍ଘଟଣାର ଶିକାର ହୋଇଛି। ପ୍ରକାଶଯେ ପାଣିକୋଇଲି ପଟୁ ରାଜପଥରେ ଯାଜପୁରରୋଡ ଆଡକୁ ଗାଡି ଗୁଡିକ ଯାଉଥିଲା। ରାସ୍ତା ମଝିକୁ ଏକ ଗୋରୁ ହଠାତ ମାଡ଼ି ଆସିବାରୁ ଏକ ଟ୍ରକ୍ ବ୍ରେକ୍ ମାରିଥିଲା। ଏହାକୁ ଦେଖି ତା' ପଛରେ ଆସୁଥିବା ଏକ କାର୍ (ଓଡି୦୪ଏକ୍ସ ୬୫୫୫) ବ୍ରେକ ମାରିଥିଲା। ତା'ପଛରେ ଆସୁଥିବା ଅନ୍ୟ ଏକ କାର୍ (ଓଡି୦୨ଡିଏଚ ୭୬୬୨) ଆଗ କାର୍ ପଛରେ ମାଡ କରିଥିଲା। ସେହି ସମୟରେ ପଛରୁ ଆସୁଥିବା ଆଉ ଏକ କାର୍ (ଓଡି ୩୪ଏମ ୨୭୭୮) ତା' ପଛରେ ଧକ୍କା ଦେଇଥିଲା। ଫଳରେ ତିନୋଟି ଯାକ କାର୍ ଦୁର୍ଘଟଣାର ଶିକାର ହୋଇଥିବା ବେଳେ ମଝି କାର ଆଗପଛ ଦୁର୍ଘଟଣାର ଶିକାର ହୋଇଥିଲା। ସୌଭାଗ୍ୟ ବଶତଃ କାର୍ ମଧ୍ୟରେ ଥିବା ଯାତ୍ରୀମାନେ ସୁରକ୍ଷିତ ରହିଥିଲେ। ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଞ୍ଚି ଗାଡି ତିନୋଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି।

## ବରିଷ୍ଠ ଆଇନଜୀବୀ ପ୍ରମୋଦ ମହାନ୍ତିଙ୍କ ସ୍ମୃତିସଭା



**ଯାଜପୁର, ୧୯।୫(ସମିସ):** ଯାଜପୁର ସହରର ବରିଷ୍ଠ ଆଇନଜୀବୀ ପ୍ରମୋଦ ଚନ୍ଦ୍ର ମହାନ୍ତିଙ୍କର ଏକାଦଶାହ ଉପଲକ୍ଷେ ଗରିଆପୁରସ୍ଥିତ ଶାନ୍ତି ମଣ୍ଡପଠାରେ ସ୍ମୃତିସଭା ସମାଜସେବୀ ହୃଷୀକେଶ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବଂଗତ ପ୍ରମୋଦ ଚନ୍ଦ୍ର ମହାନ୍ତିଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ରାଜନେତା ତଥା ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ସରକାରୀ ଓକିଲ ଚନ୍ଦ୍ରଶେଖର ପଣ୍ଡା ଏବଂ ପବ୍ଲିକ ପ୍ରୋସିକ୍ୟୁଟର ପ୍ରତାପ କୁମାର ରାୟ ଏବଂ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଉପାଧ୍ୟକ୍ଷ ରାଜୀବ ମହାନ୍ତି ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ କଟକ ହାଇକୋର୍ଟର ଆଡ୍‌ଭୋକେଟ୍ ଭକ୍ତହରି ମହାନ୍ତି, ରମାକାନ୍ତ ଘଡ଼େଇ, ସତ୍ୟପ୍ରକାଶ ବେହୁରିଆ, ଡ. ଗିରିଶ ବିହାରୀ ମିଶ୍ର, ସୁବାସ ଚନ୍ଦ୍ର ମହାପାତ୍ର, ଅଧିକାରୀ ନବକିଶୋର ଦାସ, କ୍ଷୀରୋଦ ଚନ୍ଦ୍ର ପାଠୀ, ଅମୀୟ କୁମାର ମହାନ୍ତି, ରାଧାକୃଷ୍ଣ ମହାପାତ୍ର, ଯଯାତିକେଶରୀ ପଣ୍ଡା, ନିଶୀଥ ଦାସ, ନିତାଇ ନନ୍ଦ ମହାନ୍ତି, ବିରଜା ପ୍ରସାଦ କର, ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ଶୈଳେନ୍ଦ୍ର କୁମାର ଦାସ, ରାକେଶ ମିଶ୍ର, ଅମ୍ବିକା ପ୍ରସାଦ ମହାନ୍ତି, ଶିବ ପ୍ରସାଦ ମହାନ୍ତି, ଅଶୋକ ପାଇଲ, ଦିପ୍ତୀରଞ୍ଜନ ମହାନ୍ତି, ଅମୃତାଙ୍କ ଦାସ, ପୁତ୍ର ପ୍ରବୀର ମହାନ୍ତି, ସନ୍ତୋଷ ସାମଲ, ଗୋଲକ ଚନ୍ଦ୍ର ପଣ୍ଡା, ଅମୀୟ ନାୟକ, ସଂଘମିତ୍ରା ପଟ୍ଟନାୟକ, ପ୍ରଜ୍ଞା ସୁମନ ସାହୁ, ବାସୁଦେବ ପଣ୍ଡା, ଶ୍ରୀନିବାସ ସାମଲ, ସୁରେନ୍ଦ୍ର ଦାସ, ଦେବେନ୍ଦ୍ର ଜେନା, ପଦ୍ମନାଭ ବେହୁରିଆ ପ୍ରମୁଖ ଯୋଗଦେଇଥିଲେ। ଯାଜପୁରର ଜିଲ୍ଲାଜଜ୍ ଏବଂ ଅନ୍ୟାନ୍ୟ ଜଜ୍ ଏବଂ କୋର୍ଟ କର୍ମଚାରୀ ଏବଂ ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ୍, ସିଭିଲ୍ ବାର ଆସୋସିଏସନ୍ ଏବଂ କ୍ରିମିନାଲ ବାର୍ ଆସୋସିଏସନ୍‌ର ବହୁ ଆଡ୍‌ଭୋକେଟ୍ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଗୋବର୍ଦ୍ଧନପୁରରେ କଂଗ୍ରେସ କର୍ମୀ ସମ୍ମିଳନୀ



**ଦାନଗଦି, ୧୯।୫(ସମିସ):** ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତର ମାନପୁରଠାରେ ଆଜି କଂଗ୍ରେସ ପକ୍ଷରୁ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଭାତୀ ବାଳ ସଭାପତିତ୍ୱ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶରତ ରାଉତ ଯୋଗଦେଇଥିଲେ। ଏଥିରେ ସୁକିନ୍ଦା କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଭୁ ଭୂଷଣ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦଳୀୟ ସଂଗଠନକୁ ଗତିଶୀଳ କରିବା ପାଇଁ ଏହି ବୈଠକରେ ବହୁ ପ୍ରମୁଖ ନେତୃବୃନ୍ଦ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ବିଏଲ୍‌ଆଇ ବ୍ଲକ ଦାୟିତ୍ୱରେ ଥିବା ମହେନ୍ଦ୍ର ଦାସ, ଜୋନ୍-୮ର ପୂର୍ବତନ ସଭାପତି ଦାମୋଦର ପ୍ରଧାନ, ଜୋନ୍-୮ ମହିଳା କଂଗ୍ରେସ ସଭାନେତ୍ରୀ ରଙ୍ଗଲତା ମହାନ୍ତ, ସୁକିନ୍ଦା ବ୍ଲକ ସଭାପତି ମଦନ ମୋହନ ଖୁଣ୍ଟିଆ ଏବଂ ଦାନଗଦି ବ୍ଲକ ସଭାପତି ଦୟାନିଧି ପଲ୍ଲାଇ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଞ୍ଚଳର ସାଂଗଠନିକ ସ୍ଥିତି ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ ମତ ରଖିଥିଲେ। ଏଥିସହ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଅଜୟ ବେହେରା, ଦାନଗଦି ବ୍ଲକ ସାଧାରଣ ସମ୍ପାଦକ ଉମାକାନ୍ତ ଜେନାମଣି, ଜୋନ୍-୮ ସଭାପତି ମୁରଲୀଧର ବାରିକ, ନଦିଆଭଙ୍ଗା ସଭାପତି ନିଲୁ ଦେଓ ଏବଂ ଗୋବର୍ଦ୍ଧନପୁର କଂଗ୍ରେସ କମିଟିର ସଭାପତି ଅମୂଲ୍ୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ କଂଗ୍ରେସର ହାତ ମୁଠାକୁ ଅଧିକ ଶକ୍ତ କରିବା ପାଇଁ ସମସ୍ତ କର୍ମକର୍ତ୍ତା ଏକତ୍ରିତ ହୋଇ ସଂକଳ୍ପ ନେଇଥିଲେ। ଶେଷରେ ସ୍ଥାନୀୟ ଅଞ୍ଚଳର ଶତାଧିକ କଂଗ୍ରେସ କର୍ମୀ ଏହି ବୈଠକରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ପୁଲିସର ନିଷ୍କ୍ରିୟତା ପ୍ରତିବାଦରେ ଏସ୍‌ପିଙ୍କ ଦ୍ୱାରସ୍ଥ



**ପାଣିକୋଇଲି, ୧୯।୫(ସମିସ):** କୋରେଇ ଥାନା ଅନ୍ତର୍ଗତ ତୁଳତୀ ପଞ୍ଚାୟତର ରହେମାନପୁର ଗ୍ରାମର ଜଣେ ଯୁବକକୁ ଆକ୍ରମଣ କରି ମାରିଦେବା ଘଟଣାରେ ପୁଲିସ କେବଳ ମାମଲା ରୁଜୁ କରି ଚୁପ ବସିଛି। ମୃତ୍ୟୁର କାରଣ ବା ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ। ଫଳରେ ବାରମ୍ବାର ଥାନାକୁ ଦୌଡ଼ି ନିରାଶ ହୋଇ ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଏସ୍‌ପିଙ୍କୁ ଭେଟି ନ୍ୟାୟ ପାଇଁ ଗୁହାରି କରିଛନ୍ତି। ପ୍ରକାଶଯେ ରହେମାନପୁର ଗ୍ରାମର ଜଳଧର ଯେନାଙ୍କ ଅଭିଯୋଗ ମୁତାବକ ଗତ ଏପ୍ରିଲ ୧୫ ତାରିଖ ତାଙ୍କ ପୁଅ ଜିତେନ୍ଦ୍ର ଜେନା ରାତି ୧୦ଟା ସମୟରେ ପାଲା ଦେଖିବାକୁ କୋଗାଁ ଗ୍ରାମକୁ ଯାଇଥିଲା। ରାତି ଅଢ଼େଇଟା ସମୟରେ ସେ ଖବର ପାଇଲେ ତାଙ୍କ ପୁଅକୁ କେହି ମରଣାନ୍ତକ ଆକ୍ରମଣ କରି ରକ୍ତାକ୍ତ ଅବସ୍ଥାରେ ରଘୁନାଥପୁର ମଣିଛକ ନିକଟରେ ପକାଇଦେଇଛନ୍ତି। ଖବରପାଇ ସେ ସେଠାରେ ପହଞ୍ଚି ଜିତେନ୍ଦ୍ରକୁ ଗୁରୁତର ଅବସ୍ଥାରେ ପ୍ରଥମେ ଯାଜପୁରରୋଡ ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରିଥିଲେ। ମାତ୍ର ୧୬ ତାରିଖ ଚିକିତ୍ସିତ ଅବସ୍ଥାରେ ଜିତେନ୍ଦ୍ରର ମୃତ୍ୟୁ ଘଟିଥିଲା। ସେଠାରେ ଶବ ବ୍ୟବଚ୍ଛେଦ କରି ଘରକୁ ଆଣି ସତ୍କାର କରିଥିଲେ। ଏନେଇ ୨୧ ତାରିଖ ଦିନ କୋରେଇ ଥାନାରେ ଜଳଧର ଲିଖିତ ଅଭିଯୋଗ କରିଥିଲେ। ଏହି ଅକ୍ରମଣ ଘଟଣାରେ ପିମ୍ପଳ ଗ୍ରାମର ରାକେଶ ବାରିକ ଓ ତପନ ଯେନା ସମ୍ପୃକ୍ତି ନେଇ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ୧୫୪/୨୬ ରୁଜୁ କରୁଥିଲା। ହେଲେ ଘଟଣାକୁ ମାସେ ହେବାକୁ ବସିଲାଣି ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଆଜିକାଲି କହି ଚୁପ ବସିଛି। ଫଳରେ ପୁଅକୁ ହରାଇ ଜଳଧର ନ୍ୟାୟ ପାଉନାହିଁ। ତୁରନ୍ତ ଜିତେନ୍ଦ୍ରର ମୃତ୍ୟୁ ରହସ୍ୟର ପର୍ଦ୍ଦାଫାସ କରି ଅଭିଯୁକ୍ତଙ୍କୁ ଧରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଳଧର ଦାବି କରିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ବାଲିଚନ୍ଦ୍ରପୁର, ୧୯।୫(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୭ତମ ବାର୍ଷିକ ଉତ୍ସବ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପରିଚାଳନା ସମିତି ସଭାପତି ଶିକ୍ଷାବିତ ଅଜିତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଅମର କୁମାର ନାୟକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତିର ଉପସଭାପତି କମଳାକାନ୍ତ ମିଶ୍ର ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିଶୁ ମନ୍ଦିରେ ବାର୍ଷିକ ମୁଖପତ୍ର 'ସଂସ୍କୃତି'କୁ ଅତିଥିମାନେ ଉନ୍ମୋଚିତ କରିବା ସହିତ ଡାକ୍ତରୀ ବିଦ୍ୟା ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଅନୁଷ୍ଠାନର ଦୁଇ ଛାତ୍ରଛାତ୍ରୀ ପ୍ରତୀକ୍ଷା ବଳ ଓ ଓମ ପ୍ରକାଶ ଜେନା, ଏ-୧ ପାଇଥିବା ଛାତ୍ରମାନଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ବିବରଣୀ ପାଠ କରିଥିଲେ ପ୍ରଧାନ ଆଚାର୍ଯ୍ୟ କୁଳମଣି ପ୍ରଧାନ। ସମିତି ସମ୍ପାଦକ ହିମାଂଶୁ ଶେଖର ବଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଗୁରୁଜୀ ରମେଶ ଚନ୍ଦ୍ର ବିଶ୍ୱାଳ। ସମିତି ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡ଼ା, ବିପିନ ବଳ, ନିରଞ୍ଜନ ମହାନ୍ତି, ସଂକୁଳ ପ୍ରମୁଖ ଅଧ୍ୟାପକ ସଂଗ୍ରାମ କିଶୋର ପରିଡ଼ା ଓ ପ୍ରାଧ୍ୟାପକ ସତ୍ୟବ୍ରତ ପୃଷ୍ଟିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଯୁବକଙ୍କ ଆତ୍ମହତ୍ୟା

**ବିଞ୍ଝାରପୁର, ୧୯।୫(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡା ପଞ୍ଚାୟତ ଗୌଡସାହି ଗ୍ରାମର ତୋଫାନ ବେହେରାଙ୍କ ପୁଅ ପୁଷ୍ପକାନ୍ତ ବେହେରା ଓରଫ(୨୪) ପାପୁନୁ ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ କଲ୍ୟାଣେଶ୍ୱର କ୍ଲବ ଘରେ ଥିବା ଫ୍ୟାନରେ ନିଜ ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମଙ୍ଗଳବାର ସକାଳ ୯ଟା ସମୟରେ ନିଜ ଘରୁ ସ୍ଥାନୀୟ କ୍ଲବ ଘରକୁ ଯାଇଥିଲେ। ଏହାର କିଛି ସମୟ ପରେ ଅନ୍ୟ ସାଙ୍ଗସାଥି କ୍ଲବ ଘରକୁ ଯିବାରୁ ଫ୍ୟାନରେ ପୁଷ୍ପକାନ୍ତଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ପରିବାର ଲୋକଙ୍କୁ ଡାକିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ଚିକିତ୍ସକ ମୃତ ଘୋଷଣା କରିଥିଲେ। ଏହି ଘଟଣା ଖବର ପାଇ ବିଞ୍ଝାରପୁର ପୁଲିସ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା କେଶ ନଂ ୧୧/ ୨୬ ରୁଜ କରି ପୁଷ୍ପକାନ୍ତର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ଅଭିଯୁକ୍ତ ଗିରଫ

**କୟାଁଗୋଲା, ୧୯।୫(ସମିସ):** ପୁରୁଣା ୱାରେଣ୍ଟ ବଳରେ ଜଣେ ଅଭିଯୁକ୍ତକୁ ଗିରଫ କରି ଆଜି ମଙ୍ଗଳପୁର ପୁଲିସ କୋର୍ଟଚାଲାଣ କରିଛି। ମିଳିଥିବା ସୂଚନା ଅନୁସାରେ, ସିଟି (ଏସପିଏଲ) କେଶ୍ ନମ୍ବର ୮/୧୮ ମାମଲାରେ ଫେରାର ଥିବା ଅଭିଯୁକ୍ତକୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଚଷାଖଣ୍ଡ ଗ୍ରାମର ମୁଲାର ଖଟୁଆ (୪୦)। ବହୁ ଦିନ ଧରି ତାଙ୍କ ନାମରେ କୋର୍ଟରୁ ୱାରେଣ୍ଟ ଜାରି ହୋଇଥିଲା। ଏ ନେଇ ମଙ୍ଗଳପୁର ଥାନା ଅଧିକାରୀ ରଞ୍ଜନ କୁମାର ବେହେରା ସୂଚନା ଦେଇ କହିଛନ୍ତି ଯେ, ପୁରୁଣା ମାମଲାରେ ଫେରାର ଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଡ୍ରାଇଭ୍ ଚାଲିଛି। ସେହି କ୍ରମରେ ଆଜି ଅଭିଯୁକ୍ତ ମୁଲାର ଖଟୁଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଜନ ଭାଗିଦାରୀ ଅଭିଯାନ ଆରମ୍ଭ



**ଯାଜପୁର, ୧୯।୫(ସମିସ):** ଅନୁସୂଚିତ ଜନଜାତିଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସରକାରଙ୍କ ଏକ କଲ୍ୟାଣକାରୀ ନୂତନ କାର୍ଯ୍ୟକ୍ରମ 'ଜନ ଭାଗିଦାରୀ ଅଭିଯାନ' ଆଜି ଶୁଭାରମ୍ଭ ହୋଇଛି। ଏହି ଅଭିଯାନ ମେ' ୧୮ ରୁ ୨୫ ତାରିଖ ଯାଏଁ ଚାଲିବ। ଯାଜପୁର ଜିଲ୍ଲାରେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତିଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ପ୍ରଚାର ପ୍ରସାର ସହ ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗ ଦ୍ୱାରା ହିତାଧିକାରୀ ସାଚୁରେଶନ କ୍ୟାମ୍ପ, ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ସିଧାସଳଖ ହିତାଧିକାରୀଙ୍କୁ ସମସ୍ତ ଯୋଜନାର ସୁଫଳ ଯୋଗାଇ ଦିଆଯିବ। ଏନେଇ ଅଭିଯାନ ସମ୍ପର୍କରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଯାଜପୁର ଜିଲ୍ଲାର ୫ଟି ଅନୁସୂଚିତ ଜନଜାତି ବହୁଳ ବ୍ଲକ ଯଥା ସୁକିନ୍ଦା, ଦାନଗଦୀ, କୋରେଇ, ଧର୍ମଶାଳା ଓ ବଡ଼ଚଣା ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଗୋଷ୍ଠୀ ବିଶେଷ ଭାବେ ଉପକୃତ ହେବେ। ପ୍ରାୟ ୬୯ଟି ଜନଜାତି ବହୁଳ ଗ୍ରାମରେ ଏହି ଅଭିଯାନ ବ୍ୟାପକ ଭାବେ ଅନୁଷ୍ଠିତ ହେବ। ବିଶେଷ କରି ପିଏମ୍ ଜନମନ୍ ଏବଂ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଯୋଜନାର ସଫଳ ରୂପାୟନ କରାଯିବ। ଜନଜାତି ଗ୍ରାମଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ପୋଷଣ, ପାନୀୟ ଜଳ ଭଳି ସୁବିଧା ସୁନିଶ୍ଚିତ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଶେଷରେ ଜିଲ୍ଲାରେ ଜନଜାତି ଗୋଷ୍ଠୀଙ୍କ ବିକାଶକୁ ନେଇ ସାମ୍ବାଦିକମାନେ ସେମାନଙ୍କ ସୁଚିନ୍ତିତ ମତାମତ ରଖିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ମାଙ୍ଗଳିକା ରାଉତରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ବକ୍ରିଦ୍ ପର୍ବ ପାଇଁ ମଙ୍ଗଳପୁର ଥାନାରେ ଶାନ୍ତି ବୈଠକ



**ମଙ୍ଗଳପୁର/କୟାଁଗୋଲା, ୧୯।୫(ସମିସ):** ଆସନ୍ତା ମେ' ୨୭ ତାରିଖରେ ପାଳିତ ହେବାକୁ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ବକ୍ରିଦ୍ ପର୍ବ ଉପଲକ୍ଷେ ମଙ୍ଗଳପୁର ଥାନା ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ରଞ୍ଜନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଥାଲୁକୁଡ଼ି ଓ ମଲ୍ଲିକାପୁର ପଞ୍ଚାୟତ ଅଞ୍ଚଳର ମୁସଲିମ୍ ଭାଇମାନେ ଉପସ୍ଥିତ ଥିଲେ। ବୈଠକରେ ବକ୍ରିଦ୍ ପର୍ବକୁ ଶାନ୍ତି, ସୌହାର୍ଦ୍ଦ୍ୟ ଓ ଶୃଙ୍ଖଳାର ସହ ପାଳନ କରିବା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଥାନା ଅଧିକାରୀ ଶ୍ରୀ ବେହେରା କହିଥିଲେ ଯେ ସମସ୍ତ ସମ୍ପ୍ରଦାୟର ଲୋକେ ମିଳିମିଶି ଏହି ପର୍ବକୁ ପାଳନ କରିବା ଆମ ପରମ୍ପରା। ବୈଠକରେ ଉପସ୍ଥିତ ଥିବା ମୁସଲିମ୍ ପ୍ରତିନିଧିମାନେ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପର୍ବ ସମୟରେ କୌଣସି ଅପ୍ରୀତିକର ଘଟଣା ନ ଘଟିବା ପାଇଁ ସମସ୍ତେ ସଚେତନ ରହିବେ ବୋଲି ସେମାନେ କହିଥିଲେ। ପୁଲିସ୍ ପକ୍ଷରୁ ମଧ୍ୟ ପର୍ବ ସମୟରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି। ଉଭୟ ସମ୍ପ୍ରଦାୟ ମଧ୍ୟରେ ଭାଇଚାରା ବଜାୟ ରଖି ବକ୍ରୀଦ୍ ପର୍ବକୁ ଉତ୍ସାହର ସହ ପାଳନ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ଏହି ବୈଠକରେ ଏସ୍‌ଆଇ ଅନିତା ପ୍ରଧାନ ଏଏସଆଇ ଜଟାଧାରୀ ଦାସ, ପ୍ଲାବନ ମହାପାତ୍ର, ଯୁବ ନେତା ଦୀପକ ବାରିକ ଉପସ୍ଥିତ ଥିଲେ।

## ବିଜେପି ହାରୁ ନେତାଙ୍କ ଉପଦ୍ରବରେ ତ୍ରାହି ତ୍ରାହି ଡାକୁଛନ୍ତି ଅଫିସର

**ଯାଜପୁର, ୧୯।୫(ସମିସ)**

ଗତ ସାଧାରଣ ନିର୍ବାଚନରେ ଯାଜପୁର ଜିଲ୍ଲାର ୭ଟି ବିଧାନସଭା ଆସନ ମଧ୍ୟରୁ ୩ଟି ଆସନ ବିଜେପି ଦଖଲ କରିଥିଲା। ଗୋଟିଏ ଆସନ ସ୍ୱାଧୀନ ବିଧାୟକ ଏବଂ ଅନ୍ୟ ୩ଟି ଆସନ ବିଜେଡି ବଜାୟ ରଖିଥିଲା। ପରବର୍ତ୍ତୀ ସମୟରେ ଧର୍ମଶାଳାର ସ୍ୱାଧୀନ ବିଧାୟକ ବିଜେପିକୁ ସମର୍ଥନ ଦେବା ଫଳରେ ଏବେ ୪ଟି ଆସନରେ ବିଜେପି ବିଧାୟକ ରହିଥିବା କୁହାଯାଇପାରିବ। ବାକି ଯାଜପୁର, ବିଞ୍ଝାରପୁର ଏବଂ ବରୀ ବିଧାନସଭା ଆସନରେ ବିଜେଡି ବିଧାୟକ ଓ ବିଧାୟିକା ଅଛନ୍ତି। ରାଜ୍ୟରେ ବିଜେପି ସରକାର ଥିବା ବେଳେ ବିଜେଡି ହାତରେ ଥିବା ଏହି ୩ଟି ବିଧାନସଭା ଆସନରେ ହାରୁ ନେତା ମାନଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ଯାହାର ପ୍ରଭାବ ସାଧାରଣ ପ୍ରଶାସନ ଉପରେ ପଡୁଥିବା ଲକ୍ଷ୍ୟ କରାଯାଉଛି। ନିକଟରେ କଟକ ଟାଙ୍ଗୀ ବ୍ଲକ ଭିତରେ ପଶି ବିଜେପି ନେତା ଅରିନ୍ଦମ ଅଫିସରଙ୍କୁ କରିଥିବା ଦୁର୍ବ୍ୟବହାର ଘଟଣାକୁ ନେଇ ସରକାର ବ୍ୟାକ ଫୁଟ୍‌କୁ ଚାଲିଯାଇଛନ୍ତି। ଅରିନ୍ଦମଙ୍କ ବିରୋଧରେ ଏତଲା ହେବା ଠାରୁ ଆରମ୍ଭ କରି ସରକାରୀ କର୍ମଚାରୀ ମାନେ କଲମଛାଡ଼ ଆନ୍ଦୋଳନ କଲେଣି ଯେଉଁ ଯେଉଁ ବିଧାନସଭା ଆସନରେ ବିଜେପି ବିଜୟ ଲାଭ କରିଛି ସେଠାରେ ଅଫିସର ବିଧାୟକମାନଙ୍କ କଥାରେ ଏକ ପ୍ରକାର ଚାଲିଥିବା ବେଳେ ଯେଉଁ ଯେଉଁ ଆସନରେ ବିଜେପି ପରାଜିତ ହୋଇଛି ସେଠାରେ ହାରୁନେତା ମାନେ ନିଜର ପାରିବା ପଣିଆ ଜାହିର କରିବାକୁ ଯାଇ ଅଫସରଙ୍କ ଉପରେ ରାଗ ସୁଝାଉଛନ୍ତି। ବିଧି ବ୍ୟବସ୍ଥା ମୁତାବକ କୌଣସି ସରକାରୀ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ହେଲେ ପ୍ରଥମେ ଲୋକ ପ୍ରତିନିଧି ହେବାକୁ ପଡ଼ିବ। କିନ୍ତୁ ରାଜ୍ୟରେ ବିଜେପି ସରକାର ଥିବା ଦର୍ଶାଇ ସରକାରୀ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି ହାରୁ ବିଜେପି ନେତା। କେବଳ ହାରୁ ବିଜେପି ପ୍ରାର୍ଥୀ ନୁହେଁ ତାଙ୍କ ସମର୍ଥକ ମାନେ ସରକାରୀ ଅଫିସକୁ ଯାଇ ସେଠାରେ ଚେୟାରରେ ବସି ନିଜର ସରକାରୀ କ୍ଷମତାର ଦୁରୁପଯୋଗ କରୁଥିବା ଦେଖିବାକୁ ମିଳିଛି। ଆଇନର ପାଠ ପଢ଼ାଉଥିବା ଅଧିକାରୀଙ୍କୁ ବଦଳିର ଧମକ ମଧ୍ୟ ଦେଉଛନ୍ତି ଏହି ହାରୁନେତା ଓ ତାଙ୍କ ସମର୍ଥକ। ନିକଟରେ ବରୀ ବିଡିଓଙ୍କୁ ଏଭଳି କାରଣରୁ ରାତି ଅଧିଆ ବଦଳି କରାଯାଇଥିବା ଚର୍ଚ୍ଚା ହେଉଛି। ସେହିପରି ଯାଜପୁର ଏବଂ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ ରହିଥିବା ଅଫିସର ମାନେ ତ୍ରାହି ତ୍ରାହି ଡାକିଲେଣି। ପ୍ରତ୍ୟେକ ସରକାରୀ କାର୍ଯ୍ୟକ୍ରମରେ ସେମାନଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରଣ କରିବା ଏବଂ ଚେୟାର ଦେବାକୁ ବାଧ କରାଯାଉଛି। ସରକାରୀ ବ୍ୟବସ୍ଥା ନଥାଇ ମଧ୍ୟ ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା କରି ହାରୁ ବିଜେପି ନେତା ଓ ସେମାନଙ୍କ ସମର୍ଥକଙ୍କୁ ନିମନ୍ତ୍ରଣ କରିବାକୁ ବାଧ ହେଉଛୁ ବୋଲି କେତେକ ଅଧିକାରୀ ନିଜ ନାମକୁ ଗୋପନ ରଖି ସୂଚନା ଦେଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେଉଁଠି ବିଜେପି ବିଧାୟକ ନାହାଁନ୍ତି ସେଠାରେ ଏକାଧିକ ବିଜେପି ନେତା ବାହାରିବା ଏବଂ ଭିନ୍ନ ଭିନ୍ନ ମତ ପୋଷଣ କରି ସରକାରୀ ଅଧିକାରୀଙ୍କ ଚାପ ପକାଇବା ଫଳରେ ସରକାରୀ କାର୍ଯ୍ୟ ପଛେଇ ଯାଇଛି। ସରକାରୀ ଅଧିକାରୀ ମାନେ କେଉଁ ନେତାଙ୍କ କଥା ଶୁଣିବେ କେଉଁ ନେତାଙ୍କ କଥା ଶୁଣିବେ ନାହିଁ ତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି। ତେଣୁ ବିଜେପି ହାରିଥିବା ବିଧାନସଭା ଆସନରେ କୌଣସି ସରକାରୀ ଅଧିକାରୀ ରହିବାକୁ ଆଉ ଇଚ୍ଛା ପ୍ରକାଶ ନ କରିବା ଫଳରେ ସାଧାରଣ ଜନତା ମଧ୍ୟ ସରକାରୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି।

# କଚ୍ଛପ ଗତିରେ ଚାଲିଛି ମେଗା ୱାଟର ପାଇପ୍ ଯୋଗାଣ କାମ

ବାଲେଶ୍ୱର,୧୯ ।୫(ସମିସ)

ଗ୍ରାମାଞ୍ଚଳର ଲୋକମାନଙ୍କ ବିକାଶ ପାଇଁ ବିଭିନ୍ନ ପ୍ରକାର ଯୋଜନା କରୁଛନ୍ତି । ଏପରିକି ଗ୍ରାମାଂଚଳର ଲୋକମାନଙ୍କର ଅଧିକ ବିକାଶ ପାଇଁ ରାସ୍ତା ଘାଟ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଗମନାଗମନ,ଶିକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ପ୍ରକାର ଯୋଜନାମାନ କରାଯାଉଛି । ଏଥିପାଇଁ ସରକାର କୋଟି କୋଟି ଟଙ୍କା ମଧ୍ୟ ଖର୍ଚ୍ଚ କରୁଛନ୍ତି । ତେବେ ସମସ୍ତ ଯୋଜନା ମଧ୍ୟରେ ପାଣି ହେଉଛି ଏକ ମୁଖ୍ୟ ଯୋଜନା । ଯାହାକି ପୂର୍ବ ସରକାର ସମୟରେ ଜିଲ୍ଲାରେ ଆରମ୍ଭ ହୋଇଥିଲା । ଏହି ଯୋଜନା ମାଧ୍ୟମରେ ଲୋକମାନେ ନିଜ ନିଜ ଘରେ ସୁବିଧାରେ ପାଇବା ପାଣି ପାଇପ ଯୋଗେ ପାଇପାରିବେ । ଏଥିରେ ପାଇଁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଜିଲ୍ଲାରେ ୬ଟି ମେଗା ୱାଟର ପାଇପ ଯୋଜନା କାର୍ଯ୍ୟକାରୀ ହେଉଛି । ହେଲେ ଏହି ଯୋଜନା ଦୀର୍ଘ ବର୍ଷ ଧରି କରାଯାଉଥିବା ବେଳେ ଆଜି ପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ହୋଇପାରିନାହିଁ । ଏପରିକି



ପ୍ରକଳ୍ପର ମୂଲ୍ୟ ଏବଂ ସମୟ ବଦଳୁଛି ।

ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ବାଲେଶ୍ୱର ଜିଲ୍ଲାରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଭୋଗରାଇ ବ୍ଲକରେ ଦୁଇଟି ମେଗା ୱାଟର ପାଇପ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ବେଳେ ନୀଳଗିରି ବ୍ଲକରେ ଗୋଟିଏ, ବାଲିଆପାଳ ବ୍ଲକରେ ଗୋଟିଏ, ବାଲେଶ୍ୱର ସଦର ଏବଂ ରେମୁଣା ବ୍ଲକ ପାଇଁ ଗୋଟିଏ ଏବଂ ଖଇରା ବ୍ଲକ ପାଇଁ ଗୋଟିଏ ଯୋଜନା କାର୍ଯ୍ୟକାରୀ କରାଯାଉଛି । ବିଶେଷ କରି ଭୋଗରାଇ ବ୍ଲକରେ ପ୍ରଥମ ପ୍ରକଳ୍ପ କାର୍ଯ୍ୟ ୬୭.୭୫କୋଟି ଟଙ୍କାରେ ନିର୍ମାଣ ହୋଇ ଶେଷ ହୋଇଥିବା ବେଳେ ୪୧ହଜାରରୁ ଅଧିକ ଲୋକେ ଏହା ଦ୍ୱାରା ଉପକୃତ ହେଉଛନ୍ତି ବୋଲି ବିଭାଗ ପକ୍ଷରୁ ଦିଆଯାଇଥିବା ରିପୋର୍ଟରେ ଦର୍ଶାଯାଇଛି । ସେହିପରି ଉକ୍ତ ବ୍ଲକର ଦ୍ୱିତୀୟ ପ୍ରକଳ୍ପଟି ୭୩.୭୭କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ବେଳେ ଏକ ଏକ୍ଷ ଲକ୍ଷରୁ ଅଧିକ ଲୋକେ ଏଥିରେ ଉପକୃତ ହୋଇପାରିବେ । ବର୍ତମାନ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ୮୦ପ୍ରତିଶତରୁ କମ କାର୍ଯ୍ୟ ହୋଇଥିବା ବେଳେ ଏହାର ଧାର୍ଯ୍ୟ ତାରିଖ ମଧ୍ୟ ଶେଷ ହୋଇଛି । ସେହିପରି ନୀଳଗିରି ବ୍ଲକରେ ନିର୍ମାଣ ହେଉଥିବା ଏହି ପ୍ରକଳ୍ପଟି ୧୨୧.୦୮କୋଟି ଟଙ୍କା ହୋଇଥିବା ବେଳେ ବର୍ତ୍ତମାନ ୯୦ପ୍ରତିଶତ କାର୍ଯ୍ୟ ହୋଇଛି ଏବଂ ତାହା ଚଳିତ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ଶେଷ ହେବ ବୋଲି କୁହାଯାଇଛି । ସେହିପରି ବାଲିଆପାଳ ବ୍ଲକରେ ନିର୍ମାଣ ହେଉଥିବା ଏହି ପ୍ରକଳ୍ପ ୮୦.୯୧କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଦୁଇ ଲକ୍ଷରୁ ଅଧିକ ଲୋକେ ଉପକୃତ ହେବେ । ଆସନ୍ତା ସେପ୍ଟେମ୍ବର ମାସରେ ଶେଷ ହେବ ବୋଲି କୁହାଯାଇଛି । ସେହିପରି ବାଲେଶ୍ୱର ଏବଂ ରେମୁଣା ବ୍ଲକରେ ନିର୍ମାଣ ହେଉଥିବା ପ୍ରକଳ୍ପରେ ବର୍ତମାନ ସୁଦ୍ଧା ୧୩୯.୩୭କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏଥିରେ ୪ଲକ୍ଷରୁ ଅଧିକ ଲୋକେ ଉପକୃତ ହେବେ ଏବଂ ତାହା ମଧ୍ୟ ସେପ୍ଟେମ୍ବର ମାସରେ ଶେଷ ହେବ । ସେହିପରି ଖଇରା ବ୍ଲକରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପରେ ଏ ପର୍ଯ୍ୟନ୍ତ ୫୬.୯୪କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୮୦ପ୍ରତିଶତରୁ କମ କାର୍ଯ୍ୟ ହୋଇଛି । ଏବଂ ଏଥିରେ ୭୨ହଜାରରୁ ଅଧିକ ଲୋକେ ଉପକୃତ ହେବେ ବୋଲି କୁହାଯାଇଛି । ହେଲେ ବାସ୍ତବରେ ଏହି ମେଗା ୱାଟର ପାଇପ ଯୋଗାଣ କାର୍ଯ୍ୟ କଛପ ଗତିରେ ହେଉଥିବା ବେଳେ ୨୦୨୧ମସିହାରୁ ଅରମ୍ଭ ହୋଇଥିବା କାର୍ଯ୍ୟ ୨୦୨୬ ମସିହା ଅର୍ଥାତ ୫ବର୍ଷରୁ ଅଧିକ ସମୟ ହୋଇଯାଇଥିଲେ ସୁଦ୍ଧା ତାହା ସମ୍ପୂର୍ଣ୍ଣ ଭାବେ ଶେଷ ହୋଇପାରିଲା ନାହିଁ । ଏପରିକି ଯେଉଁ କାମ ହୋଇଛି ବିଭିନ୍ନ ସ୍ଥାନରେ ଟାଙ୍କି ନିର୍ମାଣ ହୋଇ ପାଇପ ବିଛା ଯାଇଛି ହେଲେ ବିଦ୍ୟୁତ ସଂଯୋଗ ପାଇଁ ତାହା କାର୍ଯ୍ୟକ୍ଷମ ହୋଇପାରୁ ନାହିଁ । ଅନ୍ୟ ବହୁତ ସ୍ଥାନରେ ପାଇପ ମଧ୍ୟ ବିଛା ଯାଇନଥିବା ମଧ୍ୟ ଜଣାଯାଇଛି । ଏପରି ସ୍ଥଳେ କେବେ ଲୋକମାନେ ସମ୍ପୂର୍ଣ୍ଣ ଭାବେ ପାଇପ ଯୋଗେ ପାଣି ପାଇବେ ତାହା କହିବା ମଧ୍ୟ ମୁସ୍କିଲ । ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ମୁଖ୍ୟ ରେବତୀ କୁଅଁର କହିଛନ୍ତି ଯେ, ଏହି ମେଗା ୱାଟର ପାଇପ ଯୋଗାଣ କାର୍ଯ୍ୟ ଜିଲ୍ଲାରେ ଅବ୍ୟାହତ ରହିଛି । ଭୋଗରାଇ ବ୍ଲକରେ ଗୋଟିଏ ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଥିବା ବେଳେ ବାକି ସମସ୍ତ ପ୍ରକଳ୍ପ ଗୁଡିକର କାର୍ଯ୍ୟ ୮୦ପ୍ରତିଶତରୁ ଅଧିକ ଚାଲିଛି । ଚଳିତ ବର୍ଷ ସମସ୍ତ ପ୍ରକଳ୍ପର କାର୍ଯ୍ୟ ସରିବ ।

## କାର୍ଯ୍ୟକାରୀ ହେଉନି ଆମ ବ୍ୟାଙ୍କ ସେବା

ଲଙ୍ଗଳେଶ୍ୱର, ୧୯।୫ (ସମିସ): କାର୍ଯ୍ୟକାରୀ ହେଉନି ଆମ ବ୍ୟାଙ୍କ ସେବା । ପ୍ରହସନରେ ପରିଣତ । ବ୍ୟାଙ୍କ୍ ପାଇଁ ନିର୍ମାଣ ହୋଇଥିବା ଲକ୍ଷ ଲକ୍ଷ ଟଙ୍କାର ଗୃହ ଭୁତ କୋଠିରେ ପରିଣତ ହେଲାଣି । ଗ୍ରାମାଞ୍ଚଳର ସାଧାରଣ ଲୋକ , ମହିଳା ମାନଙ୍କ ପାଇଁ ସରକାର ସବୁ ପଞ୍ଚାୟତ ରେ ବ୍ୟାଙ୍କ୍ ସେବା ଯୋଗାଇ ଦେବାର ପ୍ରତିଶୃତି ଦେଇଥିଲେ । କିନ୍ତୁ ଏବେ ଏହା ପ୍ରହସନ ରେ ପରିଣତ ହୋଇଛି ।ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି , ଜମ୍ବିରାଇ,ନୂଆଗାଁ ଇତ୍ୟାଦି ପଞ୍ଚାୟତ ରେ ଆମ ବ୍ୟାଙ୍କ ଖୋଲିବା ପାଇଁ ନିର୍ଦ୍ଦେଶ ଆସିଥିଲା । ସେଥି ପାଇଁ ଏକ ସୁରକ୍ଷିତ ଗୃହ ନିର୍ମାଣ ପାଇଁ ୧୦ ଲକ୍ଷ ଲେଖାଏଁ ଟଙ୍କା ମଞ୍ଜୁର ମଧ ହୋଇ ଗୃହ ନିର୍ମାଣ ସରିଛି । ବ୍ୟାଙ୍କ୍ ଚଳାଇବା ପାଇଁ ସରକାରଙ୍କ ଠାରୁ ନିର୍ଦ୍ଦେଶ ପାଇଛନ୍ତି । ନିର୍ଦ୍ଦେଶ ପାଇଥିବା ଏଜେନ୍ସିକୁ ସରପଞ୍ଚ ଘର ଏବଂ ଚାବିକାଠି ହସ୍ତାନ୍ତର ଗତ ୬ ମାସ ପୂର୍ବେ କରି ସାରିଛନ୍ତି । କିନ୍ତୁ ଏଯାଏଁ ବ୍ୟାଙ୍କ ନ ଖୋଲା ଯିବା ଦ୍ୱାରା ସାଧାରଣ ଲୋକ,ମହିଳା ଓ ପିଲାମାନେ ବହୁ ହଇରାଣ ହରକତ ହୋଇ ଆଦାନ ପ୍ରଦାନ ପାଇଁ ପାଞ୍ଚ କିମି ଦୂର ଲଙ୍ଗଳେଶ୍ୱର ୟୁକୋ ବ୍ୟାଙ୍କକୁ ଯାଉଛନ୍ତି । ଯାହାକି ସରକାରଙ୍କ ଯୋଜନା ବିଫଳ ହେବା ସହିତ ଖର୍ଚ୍ଚ ହୋଇଥିବା ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡୁଛି । ଖୁବ୍‌ଶୀଘ୍ର ବ୍ୟାଙ୍କ୍ ନ ଖୋଲିଲେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସାଧାରଣରେ ଚେତାବନୀ ଦିଆଯାଇଛି । ଏ ବାବଦରେ ସ୍ଥାନୀୟ ସରପଞ୍ଚ ଦିଲ୍ଲୀପ କୁମାର ଗିରିଙ୍କୁ ପଚାରିବାରୁ ସେ କହିଲେ ୬ମାସ ପୂର୍ବରୁ ବ୍ୟାଙ୍କ କାର୍ଯ୍ୟକ୍ଷମ ହେବ ବୋଲି ମୁଁ ଗୃହ ହସ୍ତାନ୍ତର କରିସାରିଛି ।କିନ୍ତୁ ସେମାନେ ଏ ଯାଏଁ ଖୋଲୁ ନାହାନ୍ତି । ସରକାର ଙ୍କ ଠାରୁ ବ୍ୟାଙ୍କ ଖୋଲିବା ପାଇଁ ନିର୍ଦ୍ଦେଶ ପାଇଥିବା ପ୍ରଦୀପ କୁମାର ଗିରି ଙ୍କୁ ପଚାରିବାରୁ ଜୋନାଲ ଅଫିସରୁ ନିର୍ଦ୍ଦେଶ ଆସିନାହିଁ ତେଣୁ ଲୋକାଲ ବ୍ୟାଙ୍କ୍ କିଛି ମୋତେ ଦାୟିତ୍ୱ ନ ଦେବାରୁ ବ୍ୟାଙ୍କ୍ ଖୋଲା ହୋଇପାରୁନି ବୋଲି କହିଥିଲେ । ବାଲିଆପାଳ ବ୍ଲକ ର ଅଧିକାଂଶ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆମ ବ୍ୟାଙ୍କ ଖୋଲା ଯାଇ ପାରିନାହିଁ ।

## ବସ୍‌ଷ୍ଟାଣ୍ଡରେ ଶୌଚାଳୟ ନ ଥିବାରୁ ଯାତ୍ରୀ ହନ୍ତସନ୍ତ



କାଳିପଦା, ୧୯।୫ (ସମିସ): ଦୀର୍ଘ ଦିନ ହେବ ବାଲିଆପାଳ ପୁରୁଣା ବସ୍‌ଷ୍ଟାଣ୍ଡରେ କୌଣସି ଶୌଚାଳୟ ନ ଥିବାରୁ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି । ଶୌଚାଳୟ ପାଇଁ ବଜାରବାସୀ ଓ ବସରେ ଯାତ୍ରା କରୁଥିବା ଲୋକମାନେ ବରଂବାର ଦାବି କରି ଆସିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାଁନ୍ତି । ବାଲିଆପାଳ ବସ୍‌ଷ୍ଟାଣ୍ଡରୁ ଦୈନନ୍ଦିନ ବାଲେଶ୍ୱର, ଭୁବନେଶ୍ୱର, ଚନ୍ଦନେଶ୍ୱର, ବାରିପଦା, ରାଉରକେଲା, ପୁରୀ, ବ୍ରହ୍ମପୁର ଆଦି ସହରକୁ ବସ ଚଳାଚଳ କରେ । ଏଠାରେ ଟ୍ରେନ ଚଳାଚଳର କୌଣସି ସୁବିଧା ନାହିଁ । ଫଳରେ ଯାତ୍ରୀମାନେ ବସରେ ହିଁ ଯିବାକୁ ବାଧ୍ୟ ହୁଅନ୍ତି । ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନଙ୍କୁ ଝାଡା, ପରିସ୍ରା ଲାଗିଲେ ବହୁ ହଇରାଣ ହରକତ ହୁଅନ୍ତି । ମହିଳା ଯାତ୍ରୀମାନଙ୍କ ଦୁର୍ଦ୍ଦଶା କହିଲେ ନ ସରେ । ବସ୍‌ଷ୍ଟାଣ୍ଡକୁ ଲାଗିକରି ଏକ ଶନି ମନ୍ଦିର, ମଣ୍ଡପରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି, ଦୁର୍ଗା ମଣ୍ଡପ, ତହସିଲ, ଥାନା, ବାଲିଆପାଳ ଶ୍ରଦ୍ଧାପତି ଶ୍ରୀଜଗନ୍ନାଥଙ୍କ ମାଉସୀ ମନ୍ଦିର ଆଦି ରହିଛି । ପୂଜା ପାର୍ବଣ, ଯାନି ଯାତ୍ରାରେ ମହିଳା ଓ ଛୋଟ ଛୋଟ ପିଲାମାନେ ବହୁ ଅସୁବିଧାରେ ପଡନ୍ତି । ବାଲିଆପାଳ ଗ୍ରାମ ପଞ୍ଚାୟତ ପକ୍ଷରୁ ବସ୍‌ଷ୍ଟାଣ୍ଡରେ ଶୌଚାଳୟ କରାଯାଇ ପାରନ୍ତା । ମାତ୍ର ସେଥିପାଇଁ କୌଣସି ସ୍ତରରେ ଉଦ୍ୟମ ନାହିଁ । ବାଲିଆପାଳ ସରପଞ୍ଚ ଓ ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ଚାଷୀ ବିରୋଧୀ କାର୍ଯ୍ୟ କରୁଛନ୍ତି ସରକାର: ନବନିର୍ମାଣ କୃଷକ ସଂଗଠନ

ବାଲେଶ୍ୱର,୧୯।୫ (ସମିସ): ଓଡ଼ିଶାର ବର୍ତ୍ତମାନର ସରକାର ଚାଷୀମାନଙ୍କ ପାଇଁ ବଡ଼ ବଡ଼ ପ୍ରତିଶ୍ରୁତି ଦେଉଥିବା ବେଳେ ବାସ୍ତବରେ ଏହା ଏକ ସମ୍ପୂର୍ଣ୍ଣ ଚାଷୀ ବିରୋଧୀ ସରକାର ଭାବେ କାର୍ଯ୍ୟ କରୁଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ବର୍ଦ୍ଧିତ ସର୍ବନିମ୍ନ ସହାୟକ ମୂଲ୍ୟର ସଠିକ୍ ପରିଚାଳନା ନ କରି ଓଡ଼ିଶାର ଚାଷୀଙ୍କ ହକର ସମୁଦାୟ ୧୩୦୮ କୋଟି ୮୮ ଲକ୍ଷ ଟଙ୍କା ଖାଇବାକୁ ଏହି ସରକାର ପ୍ରସ୍ତୁତି ଚଳାଇଛି ବୋଲି ନବନିର୍ମାଣ କୃଷକ ସଂଗଠନର ବାଲେଶ୍ୱର ଜିଲ୍ଲା ସଂଯୋଜକ ରଣଜିତ୍ ପଟ୍ଟନାୟକ ଗୁରୁତର ଅଭିଯୋଗ ଆଣିଛନ୍ତି । ସରକାରଙ୍କ ଧାନ ସଂଗ୍ରହର ଲକ୍ଷ୍ୟଧାର୍ଯ୍ୟ ଓ ପ୍ରକୃତ ତଥ୍ୟକୁ ସୋସିଆଲ ମିଡ଼ିଆ ଏବଂ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ସାଧାରଣ ଜନତାଙ୍କ ସାମ୍ନାକୁ ଆଣି ସରକାରଙ୍କ ଚାଷୀ ମାରଣ ନୀତିକୁ ପଦାରେ ପକାଇଛନ୍ତି । ଏହି ମହାଘୋଟାଲା ସମ୍ପର୍କରେ ତଥ୍ୟ ପ୍ରଦାନ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଗତ ସଂଗ୍ରହ ବର୍ଷରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଧାନର ଏମ୍.ଏସ୍.ପି. ପ୍ରତି କ୍ୱିଣ୍ଟାଲ ପିଛା ୬୯ ଟଙ୍କା ବୃଦ୍ଧି କରାଯାଇଥିଲା । ସେହି ବର୍ଷ ରାଜ୍ୟରେ ସମୁଦାୟ ୯୨୬.୫ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲେ ହେଁ ଚାଷୀଙ୍କୁ ଏହି ବର୍ଦ୍ଧିତ ମୂଲ୍ୟର ସୁଫଳ ନଦେଇ ସରକାର ସେମାନଙ୍କ ହକ୍‌ର ସମୁଦାୟ ୬୩୯ କୋଟି ୨୮ ଲକ୍ଷ ଟଙ୍କା ଆତ୍ମସାତ୍ କରିଛନ୍ତି ବୋଲି କୃଷକ ସଂଗଠନ ପକ୍ଷରୁ ଅଭିଯୋଗ କରିଛି । ଏପରିକି ଗତବର୍ଷ ଏତେ ବଡ଼ ଦୁର୍ନୀତି କରି ମଧ୍ୟ ସରକାରଙ୍କ ମନ ଭରିନାହିଁ । ଚଳିତ ସଂଗ୍ରହ ବର୍ଷରେ ପୁଣି ପ୍ରତି କ୍ୱିଣ୍ଟାଲ ପିଛା ୭୨ ଟଙ୍କା ଏମ୍.ଏସ୍.ପି. ବୃଦ୍ଧି କରାଯାଇଥିବା ବେଳେ ରାଜ୍ୟର ୯୩୦ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟଧାର୍ଯ୍ୟ ଅନୁଯାୟୀ ଚାଷୀଙ୍କୁ ଆହୁରି ୬୬୯ କୋଟି ୬୦ ଲକ୍ଷ ଟଙ୍କାରୁ ବଞ୍ଚିତ କରିବାକୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି । ଯଦି ଉଭୟ ୬୯ ଟଙ୍କା ଓ ୭୨ ଟଙ୍କା କୁ ମିଶାଇ କହିବା ଚାଷୀଙ୍କର ମୋଟ ୧୩୦୮ କୋଟି ୮୮ ଲକ୍ଷ ଟଙ୍କା ସରକାର ହଡ଼ପ କରିବାକୁ ଯୋଜନା କରିଛନ୍ତି କହି ଏହି ବଡ଼ ଧରଣର ଆର୍ଥିକ ଅନିୟମିତତାକୁ ନେଇ ରଣଜିତ୍ ପଟ୍ଟନାୟକ ସରକାରଙ୍କ ଉପରକୁ ତୀବ୍ର ସମାଲୋଚନା କରିଛନ୍ତି । ଚାଷୀଙ୍କ ପାଇଁ ବୋନସ ସୁନିଶ୍ଚିତ ହେଉ ନ ହେଉ ନେତା ମନ୍ତ୍ରୀ ପ୍ରଶାସନ ପାଇଁ ମଣ୍ଡିଲୁଟ୍ ବୋନସ ର ପୂରା ଗ୍ୟାରେଣ୍ଟି ଏହି ଡବଲ ଇଞ୍ଜିନ ର ବିଫଳ ସରକାର ରେ ଅଛି ବୋଲି ସେ ଦୋହରାଇଛନ୍ତି । ନବନିର୍ମାଣ କୃଷକ ସଂଗଠନ ଅଭିଯୋଗ କରିଛି ଯେ ସରକାର ତାଙ୍କ ନିର୍ବାଚନୀ ପ୍ରଚାର ରେ କେନ୍ଦ୍ର ସରକାର ଏମ୍ ଏସ ପି ବଢ଼େଇଲେ ଇନ୍ପୁଟରୁ କମ୍ କରିବା ନେଇ କିଛି ସ୍ୱଷ୍ଟତା ଦେଇ ନଥିଲେ । ସେ ସମୟ ହିସାବ ରେ ୩୧୦୦ ଦେବେ ବୋଲି ବିଶ୍ୱାସ କରିକି ଚାଷୀ ମାନେ ଭୋଟ ଦେଇଥିଲେ । ହେଲେ ସରକାର ନିଜ କଥା ରୁ ପଛକୁ ଘୁଞ୍ଚିଛନ୍ତି ଓ କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଚାଷୀଙ୍କ ହକ୍ ତ ଦେଇ ପାରୁନାହାନ୍ତି ବରଂ ବିଭିନ୍ନ ସମୟ ର ଚାଷୀକୁ ଅପମାନ କରୁଛନ୍ତି ଏହା ଦୁର୍ଭାଗ୍ୟଜନକ । ଆଜି ଓଡ଼ିଶାର ମଣ୍ଡି ଗୁଡ଼ିକରେ ବ୍ୟାପକ ଅବ୍ୟବସ୍ଥା ଓ କଟନୀ-ଛଟନୀ ଚାଲିଛି । ଚାଷୀ ଦିନରାତି ଏକ କରି ଫସଲ ଅମଳ କରୁଥିବା ବେଳେ ମଣ୍ଡିରେ ଦଲାଲ, ପ୍ରଶାସନ ଓ ଶାସକ ନେତାଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଚାଷୀ ଶୋଷଣର ଶିକାର ହେଉଛି । ସରକାର ଚାଷୀଙ୍କ ପାଇଁ ବୋନସ ଘୋଷଣା କରୁନାହାନ୍ତି, କିନ୍ତୁ ଅଫିସର ଓ ମନ୍ତ୍ରୀମାନଙ୍କ ପାଇଁ ମଣ୍ଡି ଲୁଟ୍‌ର ଅଲିଖିତ ବୋନସ ସମ୍ପୂର୍ଣ୍ଣ ସୁନିଶ୍ଚିତ ହୋଇ ରହିଛି । ବାଲେଶ୍ୱର ଜିଲ୍ଲା ସଭାପତି ଶ୍ରୀ ପଟ୍ଟନାୟକ ସରକାରଙ୍କୁ ଚେତାବନୀ ଦେଇଛନ୍ତି ଯେ ଯଦି କେନ୍ଦ୍ର ସରକାର ବଢ଼େଇଥିବା ଚାଷୀର ହକ୍‌ର ଏମ୍ ଏସ ପି ପଇସା ଚାଷୀକୁ ଦିଆ ନ ଯାଇ ନବନିର୍ମାଣ କୃଷକ ସଂଗଠନ ରାଜପଥକୁ ଓହ୍ଲାଇବ ଏବଂ ଏହି ଚାଷୀ ବିରୋଧୀ ସରକାରର ଅସଲ ଚେହେରା ସବୁ ସାଧାରଣ ଜନତାଙ୍କ ସାମ୍ନାକୁ ଆଣିବ ।

## ଜଳେଶ୍ୱର ଯୁବ ମଞ୍ଚ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ଜଳେଶ୍ୱର, ୧୯।୫ (ସମିସ): ସାଧାରଣତଃ ଗ୍ରୀଷ୍ମ ଦିନରେ ରକ୍ତ ସଂଗ୍ରହର ପରିମାଣ କମ ହୋଇଥିବାରୁ ରକ୍ତର ଅଭାବ ଅଧିକ ପରିଲକ୍ଷିତ ହୋଇଥାଏ । ଏହି ଅଭାବକୁ ଅନୁଭବ କରି ଜଳେଶ୍ୱରର ଅଗ୍ରଣୀ ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୁବ ମଂଚର ପକ୍ଷରୁ ପ୍ରତିବର୍ଷ ରକ୍ତଦାନ ଶିବିରର ଆୟୋଜନ କରାଯାଇ ରକ୍ତ ସଂଗ୍ରହ କରାଯାଇଥାଏ । ତେଣୁ ମଙ୍ଗଳବାର ସ୍ଥାନୀୟ ସତ୍ୟନାରାୟଣ ମନ୍ଦିର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଫିତାକାଟି ଉଦ୍‌ଘାଟନ କରିଥିଲେ । ବରିଷ୍ଠ ଉପଦେଷ୍ଟା ବିଷ୍ଣୁପଦ ମହାନ୍ତି, ବରିଷ୍ଟ ଆଇନଜୀବି ଚିନ୍ମୟ କୁମାର ଦାସ, ଶୁଭ୍ରାଂଶୁ ଶେଖର ଦାସ ମହାପାତ୍ର, ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତୀ ପ୍ରମୁଖ ଉପସ୍ଥିତ ହୋଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ ଶିବିରରେ ମୋଟ ୧୦୧ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଯୁବମଞ୍ଚ ତରଫରୁ ସଭାପତି ବିନୋଦ କୁମାର ସାହୁ, ସମ୍ପାଦକ ସାର୍ଥକ ସାହୁ, କୋଷାଧ୍ୟକ୍ଷ ମୂଳଚାନ୍ଦ ଲାଧା, ପୂର୍ବତନ ସଭାପତି ରାଜେଶ ଠକ୍କର, ଗୋପାଳ କୃଷ୍ଣ କଟାଲ, ପ୍ରଶାନ୍ତ ପ୍ରଧାନ, ନିଖିଲ ରାଠୋଡ, ହେମେନ୍ଦ୍ର ଠକ୍କର, ଗୋପାଳ ଠକ୍କର, କୁମାରେଶ ଦିନ୍ଦା, ସୁମୀତ ରାଠୀ, ଆଭାସ ସାହୁ, ଅରୂପ କର, ସୁଜିତ ଦାସ, ମନୋଜ ପ୍ରଧାନ, ତାପସ ପାଣିଗ୍ରାହୀ, ସୁମିତ ରାଠୀ, ଆଦିତ୍ୟ ନାରାୟଣ ପାତ୍ର, ଗୁରୁଦତ ଦାସ ମହାପାତ୍ର, ଆଭାସ ସାହୁ, ନିହାର ଖୁଣ୍ଟିଆ, ଦୀପେନ୍ଦୁ କର, ସୁରଜ ବ୍ରହ୍ମ, ଜଜାତୀ ରାଜ, ସୁବଳ ବାରିକ, ମନୀଶ ରାୟମଙ୍ଗିଆ, ରାମନାରାୟଣ ଦାସ, ଗୌରୀପଦ କର, ସୁଜିତ ଦାସ, ସୁରଜ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଜଳେଶ୍ୱର ଲାୟନ୍ସ କ୍ଲବ ଓ ରୋଟାରୀ କ୍ଲବର ସଦସ୍ୟ ମାନେ ଯୋଗଦେବା ସହିତ ରକ୍ତ ପ୍ରଦାନ କରିଥିଲେ । ଜିଲ୍ଲା ରକ୍ତଭଣ୍ଡାର ଡାକ୍ତର ତଥା କର୍ମଚାରୀ ମାନଙ୍କ ତତ୍ତ୍ୱାବଧାନରେ ରକ୍ତ ସଂଗୃହୀତ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା ।

## ଅଂଶୁଘାତରେ ଚାଷୀ ମୃତ୍ୟୁ !

ଜଳେଶ୍ୱର, ୧୯।୫ (ସମିସ) : ଜଳେଶ୍ୱର ବ୍ଲକର ନାମ୍ପୋ ପଂଚାୟତ ଅଧିନ ଆମ୍ବଫୁଂଜା ଗାଁର ନନୀଗୋପାଳ ଦାସ(୫୨) କାଲି ମଧ୍ୟାହ୍ନରେ ଘରକୁ ଫେରୁଥିବା ବେଳେ ନାମ୍ପୋ-ତାଳବଣିଆ ରାସ୍ତା ପାଶ୍ୱର୍ରେ ପଡିଥିବାରୁ ଦେଖିବାକୁ ମିଳିଥିଲା । ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଆଜି ପ୍ରବଳ ରୌଦ୍ରତାପ ହୋଇଥିବାରୁ ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ କୁହାଯାଇଥିବା ବେଳେ ଆସନ୍ତା କାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାଯାଇଛି । ସୂଚନାଯୋଗ୍ୟ ସେ ଜଣେ ଗରିବ ଚାଷୀ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସରପଂଚ ପ୍ରତିନିଧି ଅରୁଣ ରାଉଳ ନିବେଦନ କରିଛନ୍ତି ।

## ନିମ୍ନମାନର ଶବଦାହ ଚୁଲା ନିର୍ମାଣ ଅଭିଯୋଗ

ଜଳେଶ୍ୱର, ୧୯।୫ (ସମିସ) : ଜଳେଶ୍ୱର ମ୍ୟୁନିସିପାଲଟିର ୧୭ଟି ୱାର୍ଡରେ ଶବଦାହ ଲାଗି ଏବେ ଶବଦାହ ଚୁଲା ନିର୍ମାଣ ଆରମ୍ଭ ହୋଇଛି । ନନ୍ଦିକା, ଚୁଡାମଣିପୁର, ଅଲାଲପୁର, ଚକବିଷ୍ଣୁ ଇତ୍ୟାଦି ସ୍ଥାନରେ ନିର୍ମାଣ କରାଯାଉଥିବା ଏହି ଶବଦାହ ଗୃହର ଚଟାଣରେ ଲୁହାର ଏକ ଷ୍ଟକ୍‌ଚର ଅଳ୍ପ ଉଚ୍ଚରେ ନିର୍ମାଣ କରାଯାଇଛି ।



ଶବଦାହପରେ ଏହାକୁ ଧୋଇବା ଓ ପାଉଁଶ ଇତ୍ୟାଦି ବାହାର କରିବା ଅସମ୍ଭବ ହୋଇ ପଡିବ ଏବଂ ଷ୍ଟକଚର ନିମ୍ନମାନର ନିର୍ମାଣ କରାଯାଇଥିବା ଅଭିଯୋଗ କରି ୧୭ନଂ ୱାର୍ଡ ଚକବିଷ୍ଣୁର ୱାର୍ଡକାଉନ୍‌ସିଲର ରଶ୍ମି ନନ୍ଦି ପୌରପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି । ଏପରିକି କାର୍ଯ୍ୟର କୌଣସି ଫଳକ ଲାଗିନଥିବାରୁ ଏହାର ଅଟକଳମୂଲ୍ୟ ଜାଣିବା ସମ୍ଭବ ହୋଇପାରୁ ନାହିଁ ବୋଲି ଅଭିଯୋଗ କରାଯାଇଛି । ଏ ସଂପର୍କରେ ପୌରପାଳଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ ଲାଗି ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି ।

## ଲାଡ୍‌ଲି ଯୋଜନାରେ ନବଜାତ ଶିଶୁକନ୍ୟାକୁ ଉପହାର ପ୍ରଦାନ

ବାଲେଶ୍ୱର,୧୯।୫ (ସମିସ): ସଦର ବ୍ଲକ ଅନ୍ତର୍ଗତ ପରିଖୀ ପଞ୍ଚାୟତରେ ହିନ୍ଦୁସ୍ତାନ ଡେଭଲପମେଣ୍ଟ ଫାଉଣ୍ଡେସନ ପକ୍ଷରୁ ଲାଡଲି ଯୋଜନାର ଶୁଭାରମ୍ଭ କରାଯାଇଛି । ଏହି ଯୋଜନା ମାଧ୍ୟମରେ ପଞ୍ଚାୟତରେ ଗତ ଏପ୍ରିଲ ମାସରେ ଜନ୍ମ ଗ୍ରହଣ କରିଥିବା ୪ ଜଣ ଶିଶୁ କନ୍ୟାଙ୍କୁ ଉପହାର ପ୍ରଦାନ କରାଯାଇଛି । ଯେଉଁ ଘରେ କନ୍ୟା ଜନ୍ମ ହେବେ ଆଶା ଦିଦିଙ୍କ ଠାରୁ ତଥ୍ୟ ନେଇ ଉକ୍ତ ଘରକୁ ଯାଇ 'କନ୍ୟା ଅମୂଲ୍ୟ ରତ୍ନ ଘରକୁ ଆସିଛି ଲକ୍ଷ୍ମୀ' କହିବା ସହ ପରିବାରକୁ ଉତ୍ସାହିତ କରିଥିଲେ ଫାଉଣ୍ଡେସନର କର୍ମକର୍ତ୍ତା । ସେହିପରି ଫାଉଣ୍ଡେସନ ପକ୍ଷରୁ ଶିଶୁ କନ୍ୟା ଜନ୍ମ ର ଶୁଭେଚ୍ଛା ସହ, ନୂତନ ପୋଷାକ ଓ ୩ ଟି ଚାରା ବୃକ୍ଷ ବଣ୍ଟନ ଓ ରୋପଣ କରି ଶିଶୁ କନ୍ୟା ଗୃହ ପାଇଁ ଲକ୍ଷ୍ମୀ, ବୃକ୍ଷ ପରିବେଶ ପାଇଁ ଉପକାରୀ ବୋଲି ଉଲ୍ଲେଖ କରିଥିଲେ । 'ଶିକ୍ଷିତ ଲାଡଲି ହରିତ ଭାରତ' ଥିମ୍ କୁ ନେଇ ପ୍ରତେକ ମାସ ଏହି ଭଳି କାର୍ଯ୍ୟକ୍ରମ ବିଭିନ୍ନ ପଞ୍ଚାୟତ ରେ କରାଯିବ ବୋଲି ଫାଉଣ୍ଡେସନର ସଭାପତି ହମିଦ ରାଜା ଖାନ୍ ସୂଚନା ଦେଇଛନ୍ତି । ପରିଖି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ରାଉତ, ସମାଜସେବୀ କମରୁଲ ଅଲ୍ଲି ଖାନ୍, ଶିକ୍ଷକ ମିନହାଜ୍ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଫାଉଣ୍ଡେସନ ର ଏତାଦୃଶ୍ୟ କାର୍ଯ୍ୟକୁ ପ୍ରଶଂସା କରିବା ସହ ପୁରୁଷ ମହିଳା ଅନୁପାତ ରେ ସୁଧାର ଆଣିବା ପାଇଁ ଏଭଳି ପ୍ରୟାସ ବେଶ୍ ସହାୟକ ହେବ ବୋଲି ଉଲ୍ଲେଖ କରିଥିଲେ । ଆମ୍ବେଦକରଙ୍କ ଜୟନ୍ତୀ ରେ ପ୍ରାରମ୍ଭିକ ଭାବେ ଏହାର କାର୍ଯ୍ୟ ଆରମ୍ଭ କରଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ସେଖ୍ ହବିବ, ସମ୍ପାଦକ ଜବେଦା ବିବି, ସଭ୍ୟ ରଞ୍ଜିତ କୁମାର ପରିଡ଼ା, ମିର୍ଜା ନଜିମ୍, ସେଖ୍ ମୁସ୍ତାକୀମ, ମାଜେଦା ରାଜା ଖାନ୍, ସେଖ୍ ମସ୍ଲୁଦ୍ଦିନ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।




## ଜୟରାମପୁର ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

ବାଲେଶ୍ୱର(ଉତ୍ତର), ୧୯।୫ (ସମିସ): ଭୋଗରାଇ ବ୍ଲକ ଜୟରାମପୁର ସେବା ସମବାୟ ସମତିରେ ରବି ଧାନକ୍ରୟ ପାଇଁ ଆଜି ଧାନମଣ୍ଡି ଉଦଘାଟିତ ହୋଇଯାଇଛି । ସେବା ସମବାୟ ସମିତିର ସଭାପତି ପଙ୍କଜାକ୍ଷ ପଣ୍ଡା ଉକ୍ତ ଧାନ ମଣ୍ଡିକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତି ପରିଚାଳନା ବୋଡର୍‌ର ଉପ ସଭାନେତ୍ରୀ ସୁକାନ୍ତି ପାତ୍ର, ସଦସ୍ୟ ରବୀନ୍ଦ୍ର କୁମାର ଘୋଷ, ଅଶୋକ ସାମଲ, ବିଶ୍ୱମ୍ଭର ଦାସ ଅଧିକାରୀ, ବିଷ୍ଣୁପଦ ଗିରି, ଅନାଦି ବେହେରା, ଜଗଦୀଶ ପାଣିଗ୍ରାହୀ, ଶଶାଙ୍କ ଘଡ଼ାଇ,ବିଦ୍ୟୁତ ସାମଲ, ହରିଶ ଜେନା, ସଦସ୍ୟା ଭାରତୀ ଜେନା, ଧାନ କ୍ରୟ କମିଟିର ଚାଷୀ ମହେନ୍ଦ୍ର ବେହେରା ପ୍ରମୁଖଙ୍କ ସହିତ ଚାଷୀ, ଯତୀନ୍ଦ୍ର ପାତ୍ର,ବଂଶୀଧର ଘୋଷ,ଶ୍ରୀମନ୍ତ ରାଉତ, ଗୋବିନ୍ଦ ଦାସ, ଚୈତନ୍ୟ ଦାସ, ବଂଶୀଧର ବେହେରା ଉପସ୍ଥିତ ଥିଲେ । ସମିତିର ସମ୍ପାଦକ ଓମ ପ୍ରକାଶ ଘୋଷ,ସମିତିର ସହ ସମ୍ପାଦକ ଶିବଶଙ୍କର ଦେ, ରବୀନ୍ଦ୍ର ପାଲ ଏବଂ ହୀରଣ୍ମୟ ପାଣିଗ୍ରାହୀ,ରଶ୍ମିରେଖା ଦାସ ଏବଂ ଆରଏମସିର କର୍ମଚାରୀ ହରିପ୍ରସନ୍ନ ଦେ ଉପସ୍ଥିତ ଥିଲେ ।

## ବାରିକ ସଂଘର ସଭାପତି ନରୋତ୍ତମ ମାହାନାଙ୍କ ପରଲୋକ




କାଳିପଦା, ୧୯।୫ (ସମିସ): ବାଲିଆପାଳ ବ୍ଲକ ବାରିକ ସଂଘର ସଭାପତି ନରୋତ୍ତମ ମାହାନାଙ୍କ ୭୬ ବର୍ଷ ବୟସରେ ରବିବାର ମୃତ୍ୟୁ ଘଟିଛି । ସୋମବାର ବାଲିଆପାଳ ବ୍ଲକ ବାରିକ ସଂଘ ପକ୍ଷରୁ ବ୍ଲକ ଛକରେ ଶୋକସଭା ସହିତ ବାଲିଆପାଳ ବସ ଷ୍ଟାଣ୍ଡ ଠାରୁ ବ୍ଲକ ଛକ ପର୍ଯ୍ୟନ୍ତ ଶାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ସଂଘର ସଦସ୍ୟ ଥିବା କାଳିପଦା, ଜାମକୁଣ୍ଡା, ରତାଇ, ଲଙ୍ଗଳେଶ୍ୱର ଆଦି ଅଞ୍ଚଳରୁ ସମସ୍ତ ସେଲୋନ ଦୋକାନୀ ନିଜ ନିଜର ଦୋକାନ ବନ୍ଦ ରଖି ଶୋକ ସଭା ଓ ଶାନ୍ତି ଶୋଭାଯାତ୍ରାରେ ଯୋଗଦେଇଥିଲେ । ବରିଷ୍ଠ ସଦସ୍ୟ ମନ୍ମଥ ବାରିକ, ଅଜୟ ବାରିକ, ଅଦ୍ୱୈତ ବାରିକ, ପୁରୁଷୋତ୍ତମ ବାରିକ,ସୁନୀଲ ବାରିକ, ସୁଜୟ ବାରିକ, ସନାତନ ବାରିକ, ସଞ୍ଜୀୟ ବାରିକ, ଦୀପକ ବାରିକ, ପ୍ରଶାନ୍ତ ବାରିକ, ସୁଶାନ୍ତ ମାନ୍ନା, ପ୍ରଭାକର ମାନ୍ନା, ପ୍ରଶାନ୍ତ ମାନ୍ନା, ଚିନ୍ତାମଣି ବାରିକ, ଜୟନ୍ତ ବାରିକ, ତପି ବାରିକ, କାଳି ଚରଣ ବାରିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମାହାନାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ଗୁଣ କୀର୍ତ୍ତି ବଖାଣି ଥିଲେ । ମାହାନାଙ୍କ ବିୟୋଗରେ ସୋମବାର ବ୍ଲକ ଛକ ବଣିକ ସଂଘ ପକ୍ଷରୁ ମଧ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । ପରିବାର ଲୋକ ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରିଛନ୍ତି । ବଡପୁଅ ସୁବାସ ମୁଖାଗ୍ନି ଦେଇଥିଲେ ।

### ଜଳ ନିଷ୍କାସନ ନାଳରେ ୩ୟ ରେଳ ଲାଇନ

# ବର୍ଷାଦିନେ ଉବୁଟୁବୁ ହେବେ ସୀମାନ୍ତ ଅଞ୍ଚଳବାସୀ

ଜଳେଶ୍ୱର,୧୯।୫ (ସମିସ)

ବାଲେଶ୍ୱର ଜିଲ୍ଲାର ସୀମାନ୍ତ ଜଳେଶ୍ୱର ବ୍ଲକ ବାସୀ ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ । ସୁବର୍ଣ୍ଣରେଖା ନଦୀ ଅବବାହିକାର ଉର୍ବର ପଟୁ ମାଟି ଓ ଦୋରସା ମାଟିରେ ଖରିଫ୍ ଋତୁରେ ବ୍ୟାପକ ଧାନ ଚାଷ ହୋଇଥାଏ । କିନ୍ତୁ ଜଳ ନିଷ୍କାସନ ର ସଠିକ୍ ବ୍ୟବସ୍ଥା ନଥିବାରୁ ସୀମାନ୍ତ ଅଞ୍ଚଳର ଚାଷୀ ବାରମ୍ବାର କ୍ଷତି ସହି ଆସୁଛନ୍ତି । କ୍ରମାଗତ ବନ୍ୟା ଏବଂ ପଶ୍ଚିମବଂଗ ର ଉଦବୃତ୍ତ ବର୍ଷା ଜଳ ନିଷ୍କାସନ ପାଇଁ ଜଳେଶ୍ୱର ବାସୀ ଦୀର୍ଘଦିନ ଧରି ବିଭିନ୍ନ ଫୋରମ୍‌ରେ ଦାବି ଜଣାଇ ଆସୁଛନ୍ତି । କିଛି ସୁଫଳ ମିଳିବା ପରିବର୍ତ୍ତେ ଜଗନ୍ନାଥ ସଡ଼କ, ୫୭ ନଂ ରାଜ୍ୟ ରାଜପଥ ଓ ୧୬ ଜାତୀୟ ରାଜପଥ ଦୁଇ କଡ଼ରେ କୋଠା ବାଡ଼ି ନିର୍ମାଣ ଓ ଜବର ଦଖଲ ହୋଇ ନାଳ ଗୁଡ଼ିକ ସଙ୍କୁଚିତ ହେବାକୁ ବସିଲାଣି । ଏହା ସହିତ ଦୀର୍ଘଦିନ ଧରି ପୋତି ଯାଇଥିବା ବହୁ ପ୍ରମୁଖ ନାଳ ଗୁଡ଼ିକର ପଙ୍କ ଉଦ୍ଧାର ମଧ୍ୟ ହୋଇ ନାହିଁ । କିନ୍ତୁ ଏବେ ସୀମାନ୍ତ ବାସୀଙ୍କ ପାଇଁ ନୂଆ ବଡ଼ ସମସ୍ୟା ସୃଷ୍ଟି ହେବାକୁ ଯାଉଛି । ବ୍ରିଟିଶ ଅମଳରୁ ନିର୍ମାଣ ହୋଇଥିବା ଦକ୍ଷିଣ-ପୂର୍ବ ରେଳପଥର ଦୁଇ ପାଶ୍ୱର୍ରେ ଥିବା ଲମ୍ବା ଚଉଡା ରେଳ ଖାଇ, ଜଳ ନିଷ୍କାସନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ୩ୟ ରେଳ ଲାଇନ୍ ସମ୍ପ୍ରସାରଣ ଏବଂ ଚତୁର୍ଥୀ ରେଳ ଲାଇନ୍ ପାଇଁ ରେଳ ଖାଇ ଅବରୋଧ ଯୋଗୁଁ ବର୍ଷା ଦିନେ ସୀମାନ୍ତ ଅଞ୍ଚଳବାସୀ ଉବୁଟୁବୁ ହେବାକୁ ଯାଉଛନ୍ତି । ଲକ୍ଷ୍ମଣନାଥ ଷ୍ଟେସନ ଠାରୁ ନହରପାଟଣା ପର୍ଯ୍ୟନ୍ତ



ରେଳ ଖାଇ ସଙ୍କୁଚିତ କରି ରେଳ ଲାଇନ୍ ଓ ଅନ୍ୟ ପାଶ୍ୱର୍ରେ ଗାର୍ଡୱାଲ ନିର୍ମାଣ ଚାଲିଛି । ରେଳ ବିଭାଗ ନିଜସ୍ୱ ସ୍ଥାନରେ କାର୍ଯ୍ୟ କରି ଅବରୋଧ କରୁଥିବା ବେଳେ ଜଳ ନିଷ୍କାସନ ନହୋଇ ସ୍ଥାନୀୟ ଜନବସତି ଓ ବିସ୍ତୀର୍ଣ୍ଣ ଚାଷ ଜମିରେ ବନ୍ୟା ଜଳ ଦୀର୍ଘଦିନ ଧରି ପ୍ଲାବିତ ହୋଇ ରହିବ ବୋଲି ଆଶଙ୍କା ପାଇଛି । କେନ୍ଦ୍ର ସରକାରଂକ ଅଧିନରେ ହେଉଥିବା ରେଳବାଇ କାର୍ଯ୍ୟରେ ବିଭିନ୍ନ ସ୍ଥାନରେ ବନ୍ଧ ନିର୍ମାଣ ଏବଂ ମାଟି ପକାଉଥିବାରୁ ଜନସାଧାରଣଙ୍କ ବୃହତ୍ ସ୍ୱାର୍ଥକୁ ବିଶେଷ ଧ୍ୟାନ ଦେଉନଥିବା ଅଭିଯୋଗ ହୋଇ ଆସୁଛି । ଜଳେଶ୍ୱର ଅଞ୍ଚଳରେ ଥିବା ୩୮ଟି ଛୋଟ ବଡ଼ ନାଳ ସହ ନୟନ ଯୋରୀ ଗୁଡ଼ିକରୁ ସୁବର୍ଣ୍ଣରେଖା ନଦୀ କୁ ସଂଯୋଗ କରି ସ୍ଲୁଇସ ଗେଟ୍ ମାଧ୍ୟମରେ ଜଳନିଷ୍କାସନ କଲେ ସମସ୍ୟା ସମାଧାନ ହୋଇପାରିବ ବୋଲି ବହୁ ପୁରୁଣା ଚାଷୀ ଓ ବୁଦ୍ଧିଜୀବୀ ମତ ରଖିଛନ୍ତି । ବିଭାଗୀୟ ଅଧିକାରୀଙ୍କୁ ପକ୍ଷରୁ ସଙ୍କୁଚିତ ଓ ଅବରୋଧ ଖାଇ ଗୁଡ଼ିକୁ ପରିଦର୍ଶନ କରି ଜଳ ନିଷ୍କାସନର ବ୍ୟବସ୍ଥା ଓ ସୁବର୍ଣ୍ଣରେଖା ଯୋଜନା କାର୍ଯ୍ୟକାରୀ କରିବାକୁ ବହୁ ଚାଷୀ, ଅଞ୍ଚଳବାସୀ ଦାବି କରିଛନ୍ତି ।

ସକାଳ
THE SAKALA

# ସମ୍ପାଦକୀୟ



କବି, ପ୍ରେମିକ ଏବଂ ଉନ୍ମାଦଗ୍ରସ୍ତ, ଏକାଭଳି ସ୍ୱପ୍ନସମ୍ପୂର୍ଣ୍ଣ ସେମାନଙ୍କର କଳ୍ପନା ଜଗତ।

-ଉଇଲିୟମ ସେକ୍ସପିୟର

## ନ୍ୟାୟିକ ସତ୍ୱରତା ଆଶା

ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରପତି ସଂଖ୍ୟା ବର୍ତ୍ତମାନର ୩୩ରୁ ୩୭କୁ ବୃଦ୍ଧି କରିବା ପାଇଁ ସରକାର ଜାରି କରିଥିବା ଅଧ୍ୟାଦେଶକୁ ଇତିମଧ୍ୟରେ ରାଷ୍ଟ୍ରପତି ମଞ୍ଜୁର କରିଛନ୍ତି। ୯୦ ହଜାରରୁ ଊର୍ଦ୍ଧ୍ୱ ମାମଲାବୋଝ ଧରିଥିବା ସର୍ବୋଚ୍ଚ ନ୍ୟାୟାଳୟ ଏହାଦ୍ୱାରା କ୍ରମଶଃ ଚାପମୁକ୍ତ ହେବ ବୋଲି ଆଶା କରାଯାଉଛି। ତେବେ ବାସ୍ତବତା ବା ଆମ ଆଇନ ବ୍ୟବସ୍ଥା ଅନେକ ଜଟିଳ ହୋଇଥିବାରୁ ବହୁଅଧିକ ଆଶା କରିବା ବୃଥା। ତଥାପି ପୂର୍ବାପେକ୍ଷା ସ୍ଥିତିରେ ଅନେକ ସୁଧାର ଆସିବା ନିଃସନ୍ଦେହ। ୧୯୫୦ରେ ଆମ ଦେଶରେ ମାତ୍ର ୮ ଜଣ (ସାତଜଣ ବିଚାରପତି ଓ ଜଣେ ପ୍ରଧାନ ବିଚାରପତି)ଙ୍କୁ ନେଇ ଆରମ୍ଭ ହୋଇଥିବା ସର୍ବୋଚ୍ଚ ନ୍ୟାୟାଳୟରେ ୧୯୫୬ରେ ଆଇନ ପ୍ରଣୟନ ପରେ ବିଚାରପତି ସଂଖ୍ୟଶ ୧୧କୁ ବୃଦ୍ଧି ପାଇଥିଲା। ଏହାପରେ ୧୯୬୦ରେ ୧୩, ୧୯୭୭ରେ ୧୭, ୧୯୮୬ରେ ୨୫, ୨୦୦୮ ରେ ୩୦, ୨୦୧୯ ରେ ୩୩କୁ ବୃଦ୍ଧି ପାଇଥିଲା। ତେଣୁ ବିଚାରପତି ନିଯୁକ୍ତି ମଧ୍ୟ ଆବଶ୍ୟକ ତୁଳନାରେ ପର୍ଯ୍ୟାପ୍ତ ହୋଇନାହିଁ।

ଆମ ଦେଶରେ ବିଳମ୍ବିତ ବିଚାର ପ୍ରକ୍ରିୟା ନ୍ୟାୟିକ କ୍ଷେତ୍ରରେ ଏକ ବିଡ଼ମ୍ବନା ବୋଲି ଅଭିଯୋଗ ହୋଇଆସୁଛି। ଏପରିକି ବିଳମ୍ବିତ ନ୍ୟାୟ ପ୍ରକୃତ ନ୍ୟାୟ ନୁହେଁ ବୋଲି କୁହାଯାଉଥିଲେ ମଧ୍ୟ ବହୁବିଧ କାରଣରୁ ସେ ଦିଗରେ ଈପ୍ସିତ ସୁଧାର ଆସିପାରୁନାହିଁ। କୌଣସି ମାମଲାର ତୃଣମୂଳସ୍ତରରୁ ଆରମ୍ଭ କରି ଅଦାଲତର କାଠଗଡ଼ା ପର୍ଯ୍ୟନ୍ତ ପ୍ରକ୍ରିୟା ଏତେ ଜଟିଳ ଓ କୁଟିଳ ଯେ ବିଚରା ଆବେଦନକାରୀ ହିଁ ଆର୍ଥିକ, ଶାରୀରିକ ଓ ମାନସିକ ଭାବେ ନିର୍ଯାତିତ ହେବା ସାର ହେଉଛି। ଏପରିକି କେତେକ କ୍ଷେତ୍ରରେ ଆବେଦନକାରୀଙ୍କୁ ତା' ଜୀବନକାଳ ମଧ୍ୟରେ ନ୍ୟାୟ ମିଳିପାରୁନାହିଁ। ଆଉ କେତେକ କ୍ଷେତ୍ରରେ ପକ୍ଷଭୁକ୍ତମାନେ ମାନସିକ ଭାରସାମ୍ୟ ହରାଉଛନ୍ତି। ଏପରିକି ବାଦୀ/ପ୍ରତିବାଦୀମାନେ ଜମିବାଡ଼ି ବିକି ସର୍ବସ୍ୱ ହରାଇବା ପରେ ଆପେ ଆପେ କୋର୍ଟକଚେରି ଦୌଡ଼ରୁ ଓହରି ଆସି ଭାଗ୍ୟକୁ ଆଦରି ଜୀବନ କାଟୁଛନ୍ତି। ବିଳମ୍ବିତ ବିଚାର ପ୍ରକ୍ରିୟା ଯୋଗୁଁ ଏଭଳି ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି ଯେ ବିଚରା ବିଚାରାଧୀନ କଏଦୀଟିଏ ଭୁଲି ଯାଉଛି ତା'ର ଅପରାଧ କ'ଣ ଏବଂ କର୍ତ୍ତୃପକ୍ଷ ମଧ୍ୟ ତା' ବିରୋଧରେ ଆସିଥିବା ଅଭିଯୋଗର ପ୍ରମାଣ ଆଧାରିତ କାଗଜପତ୍ର ଖୋଜି ପାଉ ନାହାନ୍ତି। ଏହି ପୃଷ୍ଠଭୂମିରେ ବିଭିନ୍ନ ସ୍ତରର ଅଦାଲତମାନଙ୍କରେ ଅଧିକରୁ ଅଧିକ ବିଚାରପତି ନିଯୁକ୍ତି ବା ପଦବୀ ସଂଖ୍ୟା ବୃଦ୍ଧି ପାଇଁ ନିରନ୍ତର ଦାବି ହୋଇଆସୁଛି। ଏହି ତୃଣମୂଳସ୍ତରୀୟ ସମସ୍ୟା ସମାଧାନ ହେଲେ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ।

ବିଳମ୍ବିତ ନ୍ୟାୟିକ ପ୍ରକ୍ରିୟା କେବଳ ସାଧାରଣ ନାଗରିକଙ୍କ ଜନଜୀବନକୁ ପ୍ରଭାବିତ କରୁନାହିଁ, ବରଂ ଦେଶର ସାମାଜିକ ଓ ଅର୍ଥନୈତିକ ବିକାଶକୁ ମଧ୍ୟ ପ୍ରଭାବିତ କରୁଛି। ଏକ ଅନୌପଚାରିକ ଗବେଷଣା ଅନୁଯାୟୀ ବିଳମ୍ବିତ ନ୍ୟାୟ ଯୋଗୁଁ ଜିଡିପିର ୧.୫ ରୁ ୨% କ୍ଷତି ହେଉଛି। କିନ୍ତୁ ନ୍ୟାୟିକ ପ୍ରକ୍ରିୟା ବିଳମ୍ବିତ ହେବା ପଛରେ ରହିଥିବା ଲୁକ୍କାୟିତ କାରଣମାନ ଏବଂ ସେଥିରେ କ'ଣ ସୁଧାର ଅଣାଯାଇପାରିବ ସେ ସମ୍ପର୍କିତ କୌଣସି ଗବେଷଣା ଭାରତରେ ହୋଇଥିବା ଜଣାଯାଇନାହିଁ। ତ୍ରୟୋଦଶ ଅର୍ଥ ଆୟୋଗ ଏ ସମ୍ପର୍କରେ କିଛିଟା ଦୃଷ୍ଟିପାତ କରିଥିବା ଜଣାଯାଏ। ଆୟୋଗଙ୍କ ତର୍ଜମା ଅନୁଯାୟୀ ଭାରତୀୟ ଅଦାଲତରେ ବିଚାରପତିମାନେ ଅନେକ ପ୍ରକାରର ଅଣନ୍ୟାୟିକ କାର୍ଯ୍ୟ ଦ୍ୱାରା ଚାପଗ୍ରସ୍ତ ହୋଇପଡୁଛନ୍ତି। ତେଣୁ ଜିଲ୍ଲା ଅଦାଲତରୁ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ 'ପେସାଦାର ଅଦାଲତ ପରିଚାଳକ'(ଏମ୍‌ବିଏ ଡିଗ୍ରୀଧାରୀ କୋର୍ଟ ମ୍ୟାନେଜର) ନିଯୁକ୍ତି ପାଇଁ ଅର୍ଥ ଆୟୋଗ ସୁପାରିସ କରିବା ସହିତ ଏଥିପାଇଁ ସେତେବେଳେ(୨୦୧୦-୧୫) ରେ ୩୦୦ କୋଟି ଟଙ୍କା ମଞ୍ଜୁର କରିଥିଲେ। କିନ୍ତୁ ଏହାର ମାତ୍ର ୧୩% ଉପଯୋଗ ହୋଇପାରିଥିଲା। ଏ କ୍ଷେତ୍ରରେ ହରିଆଣା, ତାମିଲନାଡୁ, ପଞ୍ଜାବ, ରାଜସ୍ଥାନ ପରି କେତେକ ରାଜ୍ୟ ଅସ୍ଥାୟୀ ବା ଚୁକ୍ତିଭିତ୍ତିକ କୋର୍ଟ ମ୍ୟାନେଜର ନିଯୁକ୍ତ କରିଥିଲେ ମଧ୍ୟ ଦେଶରେ ସମୁଦାୟ କୋର୍ଟ ମ୍ୟାନେଜର ସଂଖ୍ୟା ମାତ୍ର ୧୨୮ ରେ ସୀମିତ ରହିଯାଇଥିଲା।

ତ୍ରୟୋଦଶ ଅର୍ଥ ଆୟୋଗଙ୍କ କାର୍ଯ୍ୟକାଳ ଶେଷ ହେବା ପରେ କୋର୍ଟ ମ୍ୟାନେଜର ନିଯୁକ୍ତି ଓ ଦରମା ବାବଦ ଅର୍ଥ ବୋଝ ରାଜ୍ୟମାନଙ୍କ ଉପରେ ନ୍ୟସ୍ତ ହେଲା ଏବଂ ସମ୍ପୃକ୍ତ ରାଜ୍ୟ ଉଚ୍ଚ ନ୍ୟାୟାଳୟମାନଙ୍କୁ ସୁପାରିସ କରିବା ପାଇଁ କୁହାଗଲା। ଏଥିସହିତ ଏହି ଯୋଜନା ମଧ୍ୟ ଏକପ୍ରକାର ସ୍ଥାଣୁ ହୋଇଗଲା। ଯୋଜନା ବିଫଳ ହେବା ପଛରେ କେନ୍ଦ୍ର ସରକାରଙ୍କ ଅନାଗ୍ରହ, ବିଚାରପତି ଓ କୋର୍ଟ ମ୍ୟାନେଜରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ପଦପଦବୀର କର୍ତ୍ତୃତ୍ୱ, ସମ୍ମାନ ଓ ଆତ୍ମାଭିମାନର ପ୍ରଶ୍ନ, ଏକ ସୁସ୍ଥ ବ୍ୟବସ୍ଥା ବିକାଶରେ ଅବହେଳା ଆଦି ଅନେକ କାରଣ ଥିଲା। ଏହି ଯୋଜନାକୁ ଯଦି ସଫଳତାର ସହିତ ବ୍ୟବସ୍ଥିତ କରାଯାଇପାରିଥା'ନ୍ତା ତେବେ ବିଳମ୍ବିତ ନ୍ୟାୟିକ ଅପବାଦ ଅନେକ ମାତ୍ରାରେ ସୁଧାରି ଆସି ପାରିଥା'ନ୍ତା।

ବର୍ତ୍ତମାନ ଭାରତ ସ୍ୱାଧୀନତାର ଅମୃତକାଳର ଯାତ୍ରା କରୁଛି। ଏହି ସମୟରେ ଅନେକ ସୁଧାର ଓ ସଂସ୍କାର ଆଶା କରାଯାଇପାରେ। କାରଣ ସ୍ୱାଧୀନତାର ଶହେବର୍ଷ ପରେ ମଧ୍ୟ ଜଣେ ସାଧାରଣ ନାଗରିକ ଠିକ୍ ସମୟରେ ନ୍ୟାୟ ପାଇପାରିବ ନାହିଁ ତେବେ ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରର ମୂଲ୍ୟବୋଧ ହିଁ ବ୍ୟାହତ ହେବ। ବିଚାରପତି ନିଯୁକ୍ତିରେ କେନ୍ଦ୍ର ସରକାର ଓ କଲେଜିୟମ୍ ବ୍ୟବସ୍ଥା ମଧ୍ୟରେ ବିରୋଧାଭାସ ଏକ ଅଲିଖିତ ପରମ୍ପରାରେ ପରିଣତ ହୋଇସାରିଛି। ଏଥିଯୋଗୁଁ ମଧ୍ୟ ବିଚାରପତି ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହୋଇ ନ୍ୟାୟିକ ପ୍ରକ୍ରିୟାକୁ ମନ୍ଥର କରୁଛି। ତେଣୁ ଏ ଦିଗରେ ମଧ୍ୟ ସର୍ବସମ୍ମତ ନିଷ୍ପତ୍ତି ବାଞ୍ଛନୀୟ।

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

### ଭାରତ-ଇଟାଲୀ ସମ୍ପର୍କ

## ଭାରତ-ଭୂମଧ୍ୟସାଗର କ୍ଷେତ୍ର ପାଇଁ ଏକ ରଣନୀତିକ ଭାଗୀଦାରୀ

ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ ଏବଂ ଜର୍ଜିଆ ମେଲୋନି, ଇଟାଲୀ ମନ୍ତ୍ରୀ ପରିଷଦର ଅଧ୍ୟକ୍ଷ





ଭାରତ ଓ ଇଟାଲୀ ମଧ୍ୟରେ ସମ୍ପର୍କ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଗତ କିଛିବର୍ଷ ମଧ୍ୟରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଅଭୂତପୂର୍ବ ଗତିରେ ବିସ୍ତାରିତ ହୋଇଛି। ଏହି ସମ୍ପର୍କ କେବଳ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବନ୍ଧୁତା ମଧ୍ୟରେ ସୀମିତ ହୋଇ ରହିନାହିଁ, ବରଂ ଏହା ଏବେ ସ୍ୱାଧୀନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ତଥା ଭବିଷ୍ୟତର ସହଭାଗୀ ଦୃଷ୍ଟିକୋଣ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ରଣନୀତିକ ଭାଗୀଦାରୀରେ ପରିବର୍ତ୍ତିତ ହୋଇଛି।

ସମ୍ପ୍ରତି ସମଗ୍ର ବିଶ୍ୱର ବ୍ୟବସ୍ଥା ଏକ ବଡ଼ ପରିବର୍ତ୍ତନ ଦେଇ ଗତି କରୁଥିବା ସମୟରେ ଭାରତ ଓ ଇଟାଲୀ ସମ୍ପର୍କ ଉଚ୍ଚ ରାଜନୈତିକ ଏବଂ ସଂସ୍ଥାଗତ ସ୍ତରରେ କ୍ରମାଗତ ଆଲୋଚନାଠାରୁ ଆଗକୁ ବଢୁଛି। ଏହି ସମ୍ପର୍କ ଏବେ ଏକ ନୂଆ ଓ ଅଧିକ ବ୍ୟାପକ ସ୍ତରରେ ପହଞ୍ଚିଛି। ଏଥିରେ ଦୁଇ ଦେଶର ଆର୍ଥିକ ଶକ୍ତି, ସାମାଜିକ ସୃଜନଶୀଳତା ଏବଂ ହଜାର ହଜାର ବର୍ଷ ପୁରୁଣା ସଭ୍ୟତାଗତ ଐତିହ୍ୟ ସାମିଲ ରହିଛି। ଏକବିଂଶ ଶତାବ୍ଦୀରେ ନବସୃଜନ କ୍ଷମତା, ଶକ୍ତି ପରିବର୍ତ୍ତନ ପରିଚାଳନା ଏବଂ ରଣନୀତିକ ଆତ୍ମନିର୍ଭରଶୀଳତାକୁ ମଜବୁତ କରିବା ଉପରେ ଦେଶର ସମୃଦ୍ଧି ଓ ସୁରକ୍ଷା ନିର୍ଭର କରିଥାଏ। ଆମ ସହଯୋଗ ଏହି ସହଭାଗୀ ଦୃଷ୍ଟିକୋଣକୁ ଦର୍ଶାଇଥାଏ। ଏହି ଉଦ୍ଦେଶ୍ୟ ନେଇ ଆମେ ଆମ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଗଭୀର ତଥା ବିବିଧ କରିବା ଲାଗି ସଂକଳ୍ପ ନେଇଛୁ, ଯାହାଫଳରେ ନୂଆ ଲକ୍ଷ୍ୟ ହାସଲ କରାଯାଇପାରିବ ଏବଂ ଦୁଇ ଦେଶର ସହଯୋଗୀ ସାମର୍ଥ୍ୟକୁ ଉନ୍ନତ ଢଙ୍ଗରେ ଉପଯୋଗ କରାଯାଇପାରିବ। ଡିଜାଇନ୍ କ୍ଷମତା, ଉନ୍ନତ ଉତ୍ପାଦନ କୌଶଳ ଏବଂ ବିଶ୍ୱସ୍ତରୀୟ ସୁପର କମ୍ପ୍ୟୁଟର୍ ପ୍ରଯୁକ୍ତିବିଦ୍ୟା ଇଟାଲୀକୁ ଏକ ଶିଳ୍ପ ମହାଶକ୍ତିରେ ପରିଣତ କରିଛି। ଆମେ ଏହାକୁ ଭାରତର ଦ୍ରୁତ ଆର୍ଥିକ ଅଭିବୃଦ୍ଧି, ଇଞ୍ଜିନିୟରିଂ ପ୍ରତିଭା, ବ୍ୟାପକ କ୍ଷମତା, ନବସୃଜନ ଏବଂ ୧୦୦ରୁ ଅଧିକ ୟୁନିକର୍ଣ୍ଣ ତଥା ୨ ଲକ୍ଷ ଷ୍ଟାର୍ଟଅପ୍ ଆଧାରିତ ଉଦ୍ୟୋଗ ଇକୋସିଷ୍ଟମ ସହ ଯୋଡ଼ି ଏକ ଶକ୍ତିଶାଳୀ ସନ୍ତୁଳନ ସୃଷ୍ଟି କରିବାକୁ ଚାହୁଁଛୁ। ଏହା କେବଳ ଏକ ସାଧାରଣ ସମନ୍ୱୟ ନୁହେଁ, ବରଂ ସହଭାଗୀ ମୂଲ୍ୟ ସୃଷ୍ଟି ଯେଉଁଥିରେ ଆମ ଦୁଇ ଦେଶର ଶିଳ୍ପ ସାମର୍ଥ୍ୟ ପରସ୍ପରକୁ ଅଧିକ ସୁଦୃଢ଼ କରିବ।

ୟୁରୋପୀୟ ସଂଘ ଏବଂ ଭାରତ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା(ଏଫଟିଏ) ଉଭୟ ଦିଗରେ ବାଣିଜ୍ୟ ଓ ନିବେଶ ବଢ଼ାଇବାର ମାର୍ଗ ଖୋଲିଥାଏ। ୨୦୨୯ ସୁଦ୍ଧା ଭାରତ ଓ ଇଟାଲୀ ମଧ୍ୟରେ ବ୍ୟବସାୟିକ କାରବାରକୁ ୨୦ ବିଲିୟନ ୟୁରୋ ଠାରୁ ଆଗକୁ ବଢ଼ାଇବା ଲାଗି ଆମେ ଲକ୍ଷ୍ୟ ରଖିଛୁ। ଏଥିରେ ପ୍ରତିରକ୍ଷା ଓ ଏରୋସ୍ପେସ୍, ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା, ଯନ୍ତ୍ରାଂଶ, ଯାନବାହନ ସରଞ୍ଜାମ, ରସାୟନ, ଔଷଧ, ବୟନ, କୃଷି-ଖାଦ୍ୟ କ୍ଷେତ୍ର ଏବଂ ପର୍ଯ୍ୟଟନ ସମେତ ଅନେକ କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯିବ। "ମେଡ୍ ଇନ୍ ଇଟାଲୀ" ସବୁବେଳେ ସାରା ବିଶ୍ୱରେ ଉତ୍କୃଷ୍ଟତାର ପ୍ରତୀକ ଭାବେ ଖ୍ୟାତି ଅର୍ଜନ କରିଛି। ଆଜି "ମେକ୍ ଇନ୍ ଇଣ୍ଡିଆ" କାର୍ଯ୍ୟକ୍ରମର ଉଚ୍ଚ ଗୁଣବତ୍ତା ଆଧାରିତ ଲକ୍ଷ୍ୟ ସହ ଏହାର ସ୍ୱାଭାବିକ ତାଳମେଳ ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ, ଭାରତ ପାଇଁ ଉତ୍ପାଦନରେ ଇଟାଲୀୟ କମ୍ପାନୀଗୁଡ଼ିକର ଆଗ୍ରହ ବୃଦ୍ଧି ପାଇବା ଏବଂ ଇଟାଲୀରେ ଭାରତୀୟ ଉଦ୍ୟୋଗଗୁଡ଼ିକର ପ୍ରଭାବ ମଜବୁତ ହେବା ଏକ ସକାରାତ୍ମକ ସଂକେତ ଦେଉଛି। ବର୍ତ୍ତମାନ ଦୁଇ ପକ୍ଷକୁ ମିଶାଇଲେ ୧୦୦୦ରୁ ଅଧିକ ଉଦ୍ୟୋଗ ଉଭୟ ଦେଶରେ କାର୍ଯ୍ୟ କରୁଛନ୍ତି। ଏହା ଆମ ଯୋଗାଣ ଶୃଙ୍ଖଳର ଏକୀକରଣକୁ ଆହୁରି ଅଧିକ ମଜବୁତ କରିବ।

ବୈଷୟିକ ନବସୃଜନ ଆମ ଭାଗୀଦାରୀର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆଧାର। ଆଗାମୀ ଦଶନ୍ଧିରେ ବିଶ୍ୱରେ ଏକ ବଡ଼ ବୈଷୟିକ ପରିବର୍ତ୍ତନ ଦେଖାଦେବ। ଏଥିରେ କୃତ୍ରିମ ବୁଦ୍ଧିମତ୍ତା, କ୍ୱାଣ୍ଟମ କମ୍ପ୍ୟୁଟିଂ, ଅତ୍ୟାଧୁନିକ ଉତ୍ପାଦନ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଡିଜିଟାଲ ମୌଳିକ ଭିତ୍ତିଭୂମି ଭଳି କ୍ଷେତ୍ରରେ ଦ୍ରୁତ ପ୍ରଗତି ହେବ। ଭାରତରେ ଦ୍ରୁତ ଗତିରେ ବଢୁଥିବା ନବସୃଜନ ପରିବେଶ ଏବଂ ବହୁସଂଖ୍ୟକ କୁଶଳୀ ପେସାଦାର ତଥା ଇଟାଲୀର ଉନ୍ନତ ଶିଳ୍ପ କ୍ଷମତା ଏସବୁ କ୍ଷେତ୍ରରେ ଦୁଇ ଦେଶର ସହଯୋଗକୁ ସ୍ୱାଭାବିକ ଏବଂ ରଣନୀତିକ କରିଥାଏ। ଦୁଇ ଦେଶର ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ବର୍ଦ୍ଧିତ ଭାଗୀଦାରୀ ମଧ୍ୟ ଏହାକୁ ଆହୁରି ମଜବୁତ କରିବ। ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) ବିଶ୍ୱର ଅନେକ ଦେଶ, ବିଶେଷକରି ଗ୍ଲୋବାଲ୍ ସାଉଥ୍ ପାଇଁ ଆକର୍ଷଣର କେନ୍ଦ୍ର ହୋଇପାରିଛି। ମୁଖ୍ୟତଃ କୃତ୍ରିମ ବୁଦ୍ଧିମତା (ଏଆଇ) ଆଜି ଆମ ସମାଜ ଏବଂ ବିଶ୍ୱ ଅର୍ଥବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପକାଇଛି। ଭାରତ ଓ ଇଟାଲୀ ଦୀର୍ଘ ସମୟ ଧରି ଏ କ୍ଷେତ୍ରରେ ସହଯୋଗକୁ ଆଗକୁ ବଢ଼ାଉଛନ୍ତି, ଯାହାଫଳରେ ଏଆଇର ବିକାଶ ଉତ୍ତରଦାୟୀ ଏବଂ ମାନବ କୈନ୍ଦ୍ରିକ ହୋଇପାରିବ।

ଏହି ପରିପ୍ରେକ୍ଷୀରେ ଭାରତ ଓ ଇଟାଲୀ ଏଆଇକୁ ସମାବେଶୀ ବିକାଶର ଏକ ଶକ୍ତିଶାଳୀ ମାଧ୍ୟମ ରୂପେ ଗ୍ରହଣ କରିଛନ୍ତି। ବିଶେଷ କରି ଗ୍ଲୋବାଲ୍ ସାଉଥ୍ ଦେଶଗୁଡ଼ିକରେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଏବଂ ସହଜରେ ଉପଲବ୍ଧ ବହୁଭାଷୀ ଜ୍ଞାନକୌଶଳ ଜରିଆରେ ଏଆଇ ସାମାଜିକ ଓ ଡିଜିଟାଲ ବ୍ୟବଧାନକୁ ଅଧିକ ବଢ଼ାଇବା ପରିବର୍ତ୍ତେ ଭରଣା କରିପାରିବ। ମଣିଷକୁ ପ୍ରଯୁକ୍ତି ପ୍ରୟୋଗର କେନ୍ଦ୍ରରେ ରଖିବା ଲାଗି ଭାରତର 'ମାନବକୈନ୍ଦ୍ରିକ' ଦୃଷ୍ଟିକୋଣ ଏବଂ ମାନବବାଦୀ ପରମ୍ପରା ଉପରେ ଆଧାରିତ ଇଟାଲୀର ମାନବ କୈନ୍ଦ୍ରିକ "ଏଲ୍ଗୋର-ଏଥିକ୍ସ" ଅବଧାରଣାକୁ ଆମେ ଆଗକୁ ବଢ଼ାଉଛୁ। କୃତ୍ରିମ ବୁଦ୍ଧିମତ୍ତାକୁ ସାମାଜିକ ସଶକ୍ତିକରଣର ମାଧ୍ୟମରେ ପରିଣତ କରିବା ଆମ ଭାଗୀଦାରୀର ଉଦ୍ଦେଶ୍ୟ। ଭାରତର ବିଶାଳ ଡିଜିଟାଲ କ୍ଷମତାକୁ ଇଟାଲୀର ନୈତିକ ଏବଂ ଔଦ୍ୟୋଗିକ ବିଶେଷଜ୍ଞତା ସହ ଯୋଡ଼ିବାକୁ ଆମେ ଲକ୍ଷ୍ୟ ରଖିଛୁ, ଯାହାଫଳରେ ପ୍ରଯୁକ୍ତିବିଦ୍ୟା ମାନବ ମର୍ଯ୍ୟାଦାକୁ ରକ୍ଷା କରିବାରେ ବିନିଯୋଗ ହୋଇପାରିବ। ସୁରକ୍ଷିତ ଡିଜିଟାଲ୍ ସହଯୋଗ, କ୍ଷମତା-ନିର୍ମାଣ ଏବଂ ମଜବୁତ ସାଇବର ଭିତ୍ତିଭୂମି ସହ ଜଡ଼ିତ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ବାଣ୍ଟିବା ଜରିଆରେ ଆମେ ଏକ ଖୋଲା, ବିଶ୍ୱସନୀୟ ଏବଂ ସମାନ ଡିଜିଟାଲ୍ ବାତାବରଣ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ, ଯେଉଁଥିରେ ପ୍ରତ୍ୟେକ ଦେଶ ଏଆଇକୁ ଉପଯୋଗ କରିପାରିବେ ଏବଂ ଏଥିରୁ ଲାଭ ପାଇପାରିବେ। ଏହି ଦୃଷ୍ଟିକୋଣକୁ ଆଧାର କରି ଇଟାଲୀ ଅଧ୍ୟକ୍ଷତାରେ ଜି-୭ ବୈଠକ ଏବଂ ୨୦୨୬ରେ ନୂଆଦିଲ୍ଲୀରେ ଆୟୋଜିତ ଏଆଇ ଇମ୍ପାକ୍ଟ ସମ୍ମିଳନୀର ନିଷ୍କର୍ଷ ପ୍ରସ୍ତୁତ କରାଯାଇଥିଲା। ଏଆଇକୁ ମଣିଷ ଦ୍ୱାରା ଏବଂ ମଣିଷ ପାଇଁ ସୃଷ୍ଟି କରାଯାଇଥିବା ଏକ ପ୍ରଯୁକ୍ତିବିଦ୍ୟା ଭାବରେ ସ୍ୱୀକାର କରିବାର ଅର୍ଥ ହେଉଛି ଏହା ସ୍ପଷ୍ଟ କରିବା ଯେ ପ୍ରଯୁକ୍ତିବିଦ୍ୟା ମଣିଷର ସ୍ଥାନ ଗ୍ରହଣ କରିପାରିବ ନାହିଁ କିମ୍ବା ସେମାନଙ୍କର ମୌଳିକ ଅଧିକାରକୁ ଦୁର୍ବଳ କରିପାରିବ ନାହିଁ। ଜନମତକୁ ପ୍ରଭାବିତ କରିବା କିମ୍ବା ଗଣତାନ୍ତ୍ରିକ ପ୍ରକ୍ରିୟାରେ ହସ୍ତକ୍ଷେପ କରିବା ଲାଗି ମଧ୍ୟ ଏହାର ଉପଯୋଗ କରାଯିବା ଉଚିତ୍ ନୁହେଁ। ବ୍ୟାପକ ଭାବେ ପରସ୍ପର ସହ ଜଡ଼ିତ ବିଶ୍ୱରେ ସ୍ୱାଧୀନତା ଏବଂ ମାନବ ମର୍ଯ୍ୟାଦାକୁ ରକ୍ଷା କରିବା ଲାଗି ଆମର ଦୃଷ୍ଟିକୋଣ ଏହି ଆହ୍ୱାନ ଉପରେ ଆଧାରିତ।

ଆମ ସହଯୋଗ ମହାକାଶ କ୍ଷେତ୍ରରେ ମଧ୍ୟ ବିସ୍ତାରିତ। ମହାକାଶ ଗବେଷଣା ଏବଂ ଉପଗ୍ରହ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ସେହିପରି ମହାକାଶ ଇଞ୍ଜିନିୟରିଂରେ ଇଟାଲୀର ଉତ୍କର୍ଷତା ରହିଛି। ଏହା ମିଳିତ ପ୍ରକଳ୍ପ ଏବଂ ନୂତନ ପିଢ଼ିର ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଶ୍ରେଷ୍ଠ ସୁଯୋଗ ପ୍ରଦାନ କରେ। ରାଷ୍ଟ୍ରଗୁଡ଼ିକର ସମୃଦ୍ଧି ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ଓ ସ୍ଥିରତା ଅତ୍ୟନ୍ତ ଜରୁରୀ। ତେଣୁ ଇଟାଲୀ ଓ ଭାରତ ପ୍ରତିରକ୍ଷା, ସୁରକ୍ଷା ଏବଂ ରଣନୀତିକ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ସେମାନଙ୍କର ସହଯୋଗକୁ ଆହୁରି ମଜବୁତ କରିବାକୁ ଚାହାନ୍ତି। ଆମ ସହଯୋଗ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗର ସୁରକ୍ଷା ସୁନିଶ୍ଚିତ କରିବା ତଥା ଆତଙ୍କବାଦ, ଅନ୍ତର୍ଜାତୀୟ ଅପରାଧ ନେଟୱର୍କ, ନିଶାଦ୍ରବ୍ୟ ଚୋରା କାରବାର, ସାଇବର ଅପରାଧ ଏବଂ ମାନବ ତସ୍କରି ଭଳି ସମସ୍ୟାର ମୁକାବିଲାକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ। ଶକ୍ତି ହେଉଛି ଆମ ସହଭାଗୀତାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ବିଶ୍ୱରେ ବିବିଧ ଶକ୍ତି ଉତ୍ସ ଦିଗରେ ହେଉଥିବା ପରିବର୍ତ୍ତନ ଲାଗି ନବସୃଜନ, ନିବେଶ ଏବଂ ସହଯୋଗ ଆବଶ୍ୟକ। ଭାରତ ଓ ଇଟାଲୀ ଅକ୍ଷୟ ଶକ୍ତି ଠାରୁ ଆରମ୍ଭ କରି ହାଇଡ୍ରୋଜେନ ପ୍ରଯୁକ୍ତି ଏବଂ ସ୍ମାର୍ଟ ଗ୍ରୀଡ ଠାରୁ ଆରମ୍ଭ କରି ସୁଦୃଢ଼ ଭିତ୍ତିଭୂମି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଏକାଠି କାମ କରୁଛନ୍ତି। ସବୁଜ ହାଇଡ୍ରୋଜେନ୍ ରପ୍ତାନିର ବିଶ୍ୱସ୍ତରୀୟ କେନ୍ଦ୍ର ହେବା ପାଇଁ ଭାରତର ପ୍ରୟାସରେ ଅପାର ସମ୍ଭାବନା ରହିଛି। ଏହା ଇଟାଲୀର ଉନ୍ନତ ଅକ୍ଷୟ ଶକ୍ତି ଭିତ୍ତିଭୂମି ଏବଂ ୟୁରୋପ ଲାଗି ଏକ ଶକ୍ତି ପ୍ରବେଶ ଦ୍ୱାର ରୂପେ ଏହାର ରଣନୀତିକ ଭୂମିକା ସହ ସମ୍ପୂର୍ଣ୍ଣ ମେଳ ଖାଉଛି। ଏହି ପରିପ୍ରେକ୍ଷୀରେ, ଭାରତ ନେତୃତ୍ୱରେ ହେଉଥିବା ପ୍ରମୁଖ ପ୍ରୟାସ – ଅନ୍ତର୍ଜାତୀୟ ସୌର ମେଣ୍ଟ (ଆଇଏସଏ), ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ ମେଣ୍ଟ (ସିଡିଆରଆଇ) ଏବଂ ଗ୍ଲୋବାଲ୍ ବାୟୋଫୁଏଲ୍ସ ଆଲାଏନ୍ସ (ଜିବିଏ)ରେ ଅନ୍ୟ ଦେଶ ସହ ଆମ ସହଯୋଗ ମଧ୍ୟ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ।

ଭୌତିକ, ଡିଜିଟାଲ ଏବଂ ମାନବୀୟ ସମ୍ପର୍କର ଖିଅରେ ଆମେ ପରସ୍ପର ସହ ବାନ୍ଧି ହୋଇ ରହିଛୁ। ଭାରତ ଓ ଇଟାଲୀ ଉଭୟ ଭାରତ-ପ୍ରଶାନ୍ତ ମହାସାଗର ଏବଂ ଭୂମଧ୍ୟସାଗର କ୍ଷେତ୍ର ଭଳି ବିଶ୍ୱ ଅର୍ଥବ୍ୟବସ୍ଥାର ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର କେନ୍ଦ୍ରରେ ରହିଛନ୍ତି। ଏବେ ଏହି କ୍ଷେତ୍ରଗୁଡ଼ିକୁ ଭିନ୍ନ ଭିନ୍ନ ନୁହେଁ, ବରଂ ପରସ୍ପର ସହ ଜଡ଼ିତ ଅଞ୍ଚଳ ରୂପରେ ଦେଖାଯାଉଛି। ବାସ୍ତବରେ ଏକ ନୂଆ "ଭାରତ-ଭୂମଧ୍ୟସାଗର" (ଇଣ୍ଡୋ-ମେଡିଟେରେନିୟାନ) କ୍ଷେତ୍ର ବିକଶିତ ହେଉଥିବା ଆମେ ଦେଖୁଛୁ। ଏହି କ୍ଷେତ୍ର ବାଣିଜ୍ୟ କାରବାର, ପ୍ରଯୁକ୍ତିବିଦ୍ୟା, ଶକ୍ତି, ଡାଟା ଏବଂ ବିଚାରଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ କରିଡର, ଯାହା ଭାରତ ମହାସାଗରକୁ ୟୁରୋପ ସହ ଯୋଡ଼ିଥାଏ। ପରସ୍ପର ସହ ଜଡ଼ିତ ଏହି କ୍ଷେତ୍ରରେ ଆମ ସମ୍ପର୍କ ସ୍ୱାଭାବିକ ଭାବେ ଏକ ସ୍ୱତନ୍ତ୍ର ରଣନୀତିକ ଭାଗୀଦାରୀ ରୂପେ ବିକଶିତ ହେଉଛି। ଏପରି ଭାଗୀଦାରୀ ଦୁଇଟି ମହାଦେଶକୁ ଯୋଡ଼ିଥାଏ ଏବଂ ନୂଆ ବିଶ୍ୱ ପରିସ୍ଥିତିକୁ ଆକାର ଦେଇଥାଏ।

ଏହି ପରିପ୍ରେକ୍ଷୀରେ, ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଆର୍ଥିକ କରିଡର (ଆଇଏମଇସି) ଏକ ଦୂରଦୃଷ୍ଟିପୂର୍ଣ୍ଣ ଯୋଜନା। ଏହାର ଲକ୍ଷ୍ୟ ହେଉଛି, ଆଧୁନିକ ପରିବହନ ଓ ଭିତ୍ତିଭୂମି, ଡିଜିଟାଲ ନେଟୱାର୍କ, ଶକ୍ତି ବ୍ୟବସ୍ଥା ଏବଂ ଦୃଢ଼ ଯୋଗାଣ ଶୃଙ୍ଖଳ ମାଧ୍ୟମରେ ଆମ କ୍ଷେତ୍ରଗୁଡ଼ିକୁ ସଂଯୋଗ କରିବା। ଭାରତ ଓ ଇଟାଲୀ ଏହି ଦୃଷ୍ଟିକୋଣକୁ ବାସ୍ତବ ରୂପ ଦେବା ପାଇଁ ଅନ୍ୟ ଅଂଶୀଦାର ଦେଶମାନଙ୍କ ସହିତ ମିଶି କାମ କରିବାକୁ ସଂକଳ୍ପବଦ୍ଧ ଅଛନ୍ତି। ଦୁଇ ଦେଶ ମଧ୍ୟରେ ଗଭୀର ସମ୍ପର୍କ ଏବଂ ଲମ୍ବା ସାଂସ୍କୃତିକ ସଂଲଗ୍ନତା ଆଧାରରେ ଆମେ ଆମ ସହଭାଗୀ ସମସ୍ୟାର ସମାଧାନ କରିପାରିବା। ଭାରତୀୟ ସଂସ୍କୃତିରେ "ଧର୍ମ"ର ବିଚାର ସେହି ଉତ୍ତରଦାୟୀ ଭାବନାକୁ ଦର୍ଶାଇଥାଏ, ଯାହା ଆମ କାର୍ଯ୍ୟକୁ ମାର୍ଗଦର୍ଶନ କରିବା ଉଚିତ୍। ସେହିପରି "ବସୁଧୈବ କୁଟୁମ୍ବକମ୍" – ଅର୍ଥାତ୍ "ସାରା ବିଶ୍ୱ ଏକ ପରିବାର"ର ସିଦ୍ଧାନ୍ତ ବର୍ତ୍ତମାନ ପରସ୍ପର ସହ ଜଡ଼ିତ ଡିଜିଟାଲ ଯୁଗରେ ଆହୁରି ଅଧିକ ପ୍ରାସଙ୍ଗିକ ପ୍ରତୀୟମାନ ହେଉଛି। ଏହି ମୂଲ୍ୟବୋଧ ନବଜାଗରଣ କାଳରେ ସୃଷ୍ଟି ହୋଇଥିବା ଇଟାଲୀର ମାନବତାବାଦୀ ପରମ୍ପରା ସହ ମଧ୍ୟ ମେଳ ଖାଉଛି। ଏହି ପରମ୍ପରା ପ୍ରତ୍ୟେକ ବ୍ୟକ୍ତିଙ୍କ ମର୍ଯ୍ୟାଦା ଏବଂ ସଂସ୍କୃତିର ସେହି ଶକ୍ତି ଉପରେ ଗୁରୁତ୍ୱାରୋପ କରିଥାଏ, ଯାହା ସମାଜ ଓ ଲୋକମାନଙ୍କୁ ଏକଜୁଟ କରିପାରେ। ସେଥିପାଇଁ ଲୋକମାନଙ୍କୁ କେନ୍ଦ୍ରରେ ରଖି ଭାରତ-ଇଟାଲୀ ସମ୍ପର୍କକୁ ଅଧିକ ସୁଦୃଢ଼, ଆଧୁନିକ ଏବଂ ଭବିଷ୍ୟ ଉନ୍ମୁଖୀ ଆଧାର ପ୍ରଦାନ କରିବା ଆମ ସହଭାଗୀ ଦୃଷ୍ଟିକୋଣର ଉଦ୍ଦେଶ୍ୟ।

## ଶାଗଭାତର ମଣିଷ କଥା କିଏ ବୁଝିବ?

ଅଶୋକ ମହାରଣା



ସରକାର ଘୋଷଣା କରିଛନ୍ତି ସୁନା କିଣ ନାହିଁ, ବିଦେଶ ବୁଲ ନାହିଁ, ପେଟ୍ରୋଲ କମ ବ୍ୟବହାର କର। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ କୌଣସି ଗୋଟିଏ ଘୋଷଣା କରିଦେବା ବହୁତ ସହଜ, ପାଳନ କରିବା କଷ୍ଟକର। ସୁନା, ବିଦେଶ ବୁଲା କୌଣସି ଗରୀବ ଲୋକର ଆବଶ୍ୟକତା ହୋଇ ନ ପାରେ। ଜୀବନଧାରଣ ପାଇଁ ବର୍ତ୍ତମାନ ସମୟରେ ସବୁକିଛି ମହଙ୍ଗା ହୋଇପଡ଼ିଛି। ଲୁଣଠାରୁ ସୁନା, ରୁପା ପର୍ଯ୍ୟନ୍ତ। ଲୁଣରେ ଧନୀ ଯେତିକି ଟିକସ ଦିଏ ଗରୀବ ବି ସେତିକି। ସୁନା ତ ଏକାଥରକେ ଶୋଷଣ କରେ। କିନ୍ତୁ ତେଲ, ଲୁଣ, ଡାଲି ପ୍ରତିଦିନ ଶୋଷଣ କରୁଥାଏ। ସୁନା ବିନା ତ ମଣିଷ ବଞ୍ଚିଯିବ। କିନ୍ତୁ ଅତ୍ୟାବଶ୍ୟକ ଦ୍ରବ୍ୟର ଦରବୃଦ୍ଧି ତ ସୁନାଠାରୁ ଅଧିକ ଯନ୍ତ୍ରଣାଦାୟକ।

ଓଡ଼ିଶାର ଜନସଂଖ୍ୟା ୪କୋଟି ୫୦ଲକ୍ଷ ଟପିବାକୁ ବସିଲାଣି। ସାକ୍ଷରତା ହାର ୭୨.୮୭ ପ୍ରତିଶତ ହୋଇଥିବା ବେଳେ ପୁରୁଷମାନଙ୍କ ମଧ୍ୟରେ ୮୧.୫୯ ଏବଂ ମହିଳାମାନଙ୍କ କ୍ଷେତ୍ରରେ ୬୪.୦୧ପ୍ରତିଶତ ସାକ୍ଷର। ତୁଳନାତ୍ମକ ଭାବରେ ଦେଖାଗଲେ ଓଡ଼ିଶାର ୧୫ବର୍ଷରୁ ଅଧିକ ଲୋକଙ୍କ ସଂଖ୍ୟା ୩କୋଟି ୫୧ଲକ୍ଷଙ୍କ ମଧ୍ୟରୁ ୨କୋଟି ୧୪ଲକ୍ଷ ହେଉଛନ୍ତି କାର୍ଯ୍ୟକ୍ଷମ ବା ଶ୍ରମ ଶକ୍ତି। ସେମାନଙ୍କ ମଧ୍ୟରୁ ୨.୦୫କୋଟି ନିଯୁକ୍ତି ପାଇଥିବା ବେଳେ ମୋଟ ଶ୍ରମଶକ୍ତିର ୬୪ ଭାଗ ଅର୍ଥାତ ୧୩୧.୬ଲକ୍ଷ ସ୍ୱାବଲମ୍ବୀ ଏବଂ ୩୬ ଭାଗ ଅର୍ଥାତ ୨୯.୬ଲକ୍ଷ ନିୟମିତ ରୋଜଗାରକ୍ଷମ ବା ଦରମା ପାଉଥିବା ଲୋକ ବୋଲି ଜଣାପଡ଼ିଛି। ଓଡ଼ିଶାର ୯ ଲକ୍ଷ ଲୋକ ବେକାର ରହିଥିବାର ଜଣାପଡ଼ିଛି। ଓଡ଼ିଶାର ଜନସଂଖ୍ୟା ମଧ୍ୟରୁ ୭୩.୭ଲକ୍ଷ ମଜୁରିଆ ହୋଇଥିବା ବେଳେ ୨୯.୬ଲକ୍ଷ ନିୟମିତ ମଜୁରୀ ବା ଦରମାପାପ୍ତ ଏବଂ ୪୪.୧ଲକ୍ଷ ଲୋକ ଦିନ ମଜୁରିଆ ଭାବରେ କାର୍ଯ୍ୟ କରନ୍ତି। ସେହିପରି କୃଷି କ୍ଷେତ୍ରରେ ୪୮.୧ ଭାଗ ଲୋକ ନିର୍ଭରଶୀଳ ଥିବା ବେଳେ ଶିଳ୍ପରେ ୨୫.୮ ଭାଗ, ସେବା କ୍ଷେତ୍ରରେ ୨୬.୧ଭାଗ ଲୋକ ନିଯୁକ୍ତ। ମୋଟ ନିୟୋଜିତ ଶ୍ରମିକମାନଙ୍କ ମଧ୍ୟରୁ ୨୧.୫ଭାଗ ସାମୟିକ, ୧୪.୪ ଭାଗ ନିୟମିତ ଓ ୬୪.୧ଭାଗ ଆତ୍ମନିର୍ଭରଶୀଳ। ଏଭଳି ସ୍ଥିତିରେ ଓଡ଼ିଶାର ଗରିବ ଲୋକ ସୁନା କିଣିବା ଏକ ସ୍ୱପ୍ନ, ବିଦେଶ ବୁଲିବା କଥା ପଚାରେ କିଏ?

ସୁନା ଦର ବଢ଼ିଲେ ବା ବିଦେଶ ବୁଲାରେ କଟକଣା ଲଗାଇଲେ ଖଟିଖିଆର କୌଣସି ଫରକ ପଡ଼େନା। ଦରଦାମ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ନିଆଯିବା ଦରକାର। ମଣିଷ ଜୀବନକୁ ତିଳ ତିଳ କରି ମାରୁଥିବା ମାଦକ ଦ୍ରବ୍ୟ, ମଦ, ଗଞ୍ଜେଇ, ଚରସ, ବିଡି, ସିଗାରେଟ, ଗୁଟକା ବନ୍ଦ ପାଇଁ କାହିଁ ତ କେବେ କଡ଼ା ନିଷ୍ପତ୍ତି ଗ୍ରହଣ କରାଯାଉନାହିଁ। ସିଗାରେଟ ଖୋଳ କିମ୍ବା ମାଦକ ଦ୍ରବ୍ୟ ଉପରେ କେବଳ କର୍କଟ ଚିହ୍ନର ଛବି ଏବଂ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଲେଖିଦେଇ କାମ ଶେଷ କରିଦିଆଯାଉଛି। ମଦ ପାଇଁ ଓଡ଼ିଶାରେ କେତେ ଯେ ଜୀବନ ଯାଉଛି ତା'ର ହିସାବ କେହି କରିଛନ୍ତି? ମୂଳ କାରଣ ଏବଂ ପରିଣାମକୁ ଗୁରୁତ୍ୱ ଦିଆଯାଉନାହିଁ। ପ୍ରତି କ୍ଷେତ୍ରରେ ଯୋଜନାର ବିଫଳତା ହିଁ ମାନବ ସମ୍ବଳକୁ ବିକଶିତ କରିବାରେ ଅନ୍ତରାୟ ସୃଷ୍ଟି ହୋଇଛି। କେବଳ ମାନବ ସମ୍ବଳର ପରିମାଣାତ୍ମକ ବିକାଶ କଥା କୁହାଯାଉଛି, ଗୁଣାତ୍ମକ ବିକାଶ ନୁହେଁ। ମଦ କଡ଼ାକଡ଼ି ଭାବରେ ବନ୍ଦ ହୋଇଗଲେ କ୍ଷତି କ'ଣ? ଆଇନର ଅର୍ଗଳି ଭିତରେ ମଦ ମାଫିଆ ଓ ବ୍ୟବସାୟୀ ଖସିଯିବାର ରାସ୍ତା ଥାଏ। ମଦ ମୃତ୍ୟୁ ପାଇଁ କାହାକୁ ନିଲମ୍ବନ କରିଦେଲେ ମୃତ୍ୟୁବରଣ କରିଥିବା ଲୋକଟି ଫେରିଆସେ ନାହିଁ। ମରିଥିବା ଲୋକର ପରିବାର ଚଳିବ କେମିତି? କିଏ ହେବ ତା'ର ସାହା ଭରସା? ରାଜ୍ୟରେ ଘଟୁଥିବା ଦୁର୍ଘଟଣା, ଦୁଷ୍କର୍ମ ସହିତ ଯେତେ ଘଟଣା ଅଧିକାଂଶ ମାଦକ ଦ୍ରବ୍ୟର ପ୍ରଭାବ। ଏକ ଜନମଙ୍ଗଳ ରାଷ୍ଟ୍ରରେ ଯେଉଁ ସରକାର ଜନସାଧାରଣଙ୍କ ପାଇଁ କାର୍ଯ୍ୟ ନକରି ମରଣ ମୁହଁକୁ ଠେଲି ଦିଏ ତାହା ଜନମଙ୍ଗଳ ରାଷ୍ଟ୍ର ପଦବାଚ୍ୟ ନୁହେଁ।

ବର୍ତ୍ତମାନ ସମୟରେ ଅତ୍ୟାବଶ୍ୟକ ଦ୍ରବ୍ୟ ଭାବରେ ଡାଲି, ତୈଳବୀଜ, ଆଳୁ, ପିଆଜ ଓ ତେଲର ଦରଦାମ ହ୍ରାସ କରାଯାଉ। ଏଠି ଚାଷୀ ଉତ୍ପାଦନ କରୁଛି। କିନ୍ତୁ ମାଗଣା ଯୋଗାଣ ମଧ୍ୟରେ ମାନବିକ ସଙ୍କଟ ସୃଷ୍ଟି କରି କେତେକ ଦଲାଲ ଏହାର ଫାଇଦା ଉଠାଇ ମାଲେ ମାଲ ହେଉଥିବା ବେଳେ ଖାଉଟି ଓ ସାଧାରଣ କୃଷକ ଶୋଷଣର ଶିକାର ହେଉଛି। ବଜାରରେ ଚାହିଦା ଅନୁସାରେ ଦ୍ରବ୍ୟର ଯୋଗାଣକୁ କମ୍ କରିଦେଇ ଏଭଳି ଏକ ନାଟକବାଜି କରାଯାଉଛି। 'ଆତ୍ମନିର୍ଭରଶୀଳ ଓଡ଼ିଶା' ବା 'ସ୍ୱାବଲମ୍ବୀ ଓଡ଼ିଶା' ଓଡ଼ିଶାବାସୀଙ୍କ ଏକ ଦିବା ସ୍ୱପ୍ନ। ରାତି ପାହିଲେ ଯେଉଁଠି ଆନ୍ଧ୍ରର ମାଛ, ମାଂସ, ଚିକେନ, ଫଳ, ପନିପରିବା, ନାସିକର ପିଆଜ, ପଶ୍ଚିମବଙ୍ଗର ଆଳୁ, ଛତିଶଗଡ଼ର କୋବି, ଟମାଟୋ ଉପରେ ମଷିଣକୁ ନିର୍ଭର କରିବାକୁ ପଡୁଛି, ସେଠାରେ ଓଡ଼ିଶା ଦିନେ ସ୍ୱାବଲମ୍ବୀ ହେବ ସେ କଥା ଚିନ୍ତା କରାଯାଇନପାରେ।

ଓଡ଼ିଶାରେ ସଂରକ୍ଷଣ କରିବା ପାଇଁ ଶୀତଳଭଣ୍ଡାର କାହିଁ? ଓଡ଼ିଆ ଲୋକ ଯେମିତି ଏବେ କିଣିଖାଇବାରେ ମଜା ଉଠାଉଛନ୍ତି ସରାକାର ବି ସେମିତି ଏକ ବଜାର ସୃଷ୍ଟି କରିଛନ୍ତି, ଯେଉଁଠି କେବଳ ଦଲାଲ ହିଁ ନିୟନ୍ତ୍ରଣ କରନ୍ତି ବଜାର। ଓଡ଼ିଶାରେ କ'ଣ ନାହିଁ? ରତ୍ନଗର୍ଭା ଓଡ଼ିଶା। ଓଡ଼ିଶା ମାଟିରେ କ'ଣ ଉତ୍ପାଦନ ହୋଇନପାରେ? ସେ କଥା ଚିନ୍ତା ନକରି କେବଳ ସୁନା କିଣିବା ଛାଡ଼ିଦିଅ, ଗାଡ଼ି ଚଢ଼ା ଛାଡ଼ି ଦିଅ, ବିଦେଶ ବୁଲିବା ବନ୍ଦ କର। ଏ ତ ଗରୀବ ଲୋକ ପାଇଁ ନୁହଁ! ଶାଗଭାତର ମଣିଷର ସ୍ୱପ୍ନ ନୁହଁ! ସରକାର ଘୋଷଣା କରୁନାହାନ୍ତି ମଦ କିଣିବା ନାହିଁ, ଗୁଟକା ଖାଇବା ନାହିଁ। ଗୋଟିଏ ଗରୀବ ପରିବାରର ବାସ୍ତବ ଆୟ ବୃଦ୍ଧି ପାଇଁ କୌଣସି ପଦକ୍ଷେପ ନାହିଁ। ଜନମଙ୍ଗଳ ରାଷ୍ଟ୍ରରେ ସୁନା, ବିଦେଶବୁଲା, ପେଟ୍ରୋଲ ଛାଡ଼ି ଇଭି ଗାଡ଼ିର ବ୍ୟବହାର କେବଳ ଏକ ଗୋଷ୍ଠୀ ପାଇଁ ଉଦ୍ଦିଷ୍ଟ। ସାଧରଣ ଗରୀବ ଲୋକ ଯେଉଁ ତିମିରେକୁ ସେହି ତିମିରେ।

(ଅଧ୍ୟାପକ)
ସିମିନଇ(ଢେଙ୍କାନାଳ), ମୋ: ୯୪୩୭୨୯୦୧୮୧



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି ସାରା ରାଜ୍ୟରେ...

ବିଶେଷ କରି ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ରହୁଥିବା ମଧୁମେହ, ଉଚ୍ଚ ରକ୍ତଚାପ, ହୃଦରୋଗ, ଏବଂ କର୍କଟ ଭଳି ଗୁରୁତର ରୋଗରେ ପୀଡ଼ିତ ରୋଗୀମାନଙ୍କୁ ପୂର୍ବରୁ ଆଗୁଆ ଔଷଧ ସଂଗ୍ରହ କରି ରଖିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

## ପୁଣି ବଢ଼ିଲା...

ଯୋଗୁଁ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ମୂଲ୍ୟ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ୧୧୧ ଆମେରିକୀୟ ଡଲାର ଏବଂ ଡବ୍ଲ୍ୟୁଟିଆଇ ୧୦୭ ଡଲାର ଅତିକ୍ରମ କରିଛି। ଭାରତ ନିଜର ଆବଶ୍ୟକତାର ପ୍ରାୟ ୮୫ ପ୍ରତିଶତ ଅଶୋଧିତ ତେଲ ଆମଦାନୀ କରୁଥିବାରୁ, ବିଶ୍ୱ ବଜାରର ଏହି ଅସ୍ଥିରତା ସିଧାସଳଖ ଭାରତୀୟ ବଜାର ଉପରେ ପ୍ରଭାବ ପକାଉଛି। ଭାରତ ବିଗତ ଦୁଇ ବର୍ଷ ହେବ ଋଷିଆରୁ ଶସ୍ତାରେ ତେଲ ଆମଦାନୀ କରି ଘରୋଇ ବଜାର ସନ୍ତୁଳିତ ରଖିଥିଲା। ମାତ୍ର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଋଷିଆର ସାମୁଦ୍ରିକ ତେଲ ବାଣିଜ୍ୟ ଉପରେ ଲଗାଯାଇଥିବା କଟକଣାର କୋହଳ ଅବଧି ଗତ ଶନିବାର ସମାପ୍ତ ହୋଇଛି। ଏହି କାରଣରୁ ଭାରତୀୟ ତେଲ କମ୍ପାନୀଗୁଡ଼ିକ ଉପରେ ଆର୍ଥିକ ଚାପ ବଢ଼ିଛି। ଇନ୍ଧନ ଦର ବୃଦ୍ଧି ଯୋଗୁଁ ଆଗାମୀ ଦିନରେ ମାଲ୍ ପରିବହନ ଖର୍ଚ୍ଚ, ଖାଦ୍ୟ ସାମଗ୍ରୀର ମୂଲ୍ୟ ଏବଂ ବିମାନ ଯାତ୍ରା ଭଡ଼ା ବଢ଼ିବା ସହ ଦେଶରେ ମୁଦ୍ରାସ୍ଫୀତି (ମହଙ୍ଗା ଗତି) ବୃଦ୍ଧି ପାଇବାର ଆଶଙ୍କା ଦେଖାଦେଇଛି। ଯଦି ପଶ୍ଚିମ ଏସିଆ ବିବାଦ ଶୀଘ୍ର ଶାନ୍ତ ନ ହୁଏ ଏବଂ ଅଶୋଧିତ ତେଲ ଦର ୧୧୧ ଡଲାର ଉପରେ ରହେ, ତେବେ ଭାରତୀୟ ବଜାରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଆହୁରି ଅଧିକ ମହଙ୍ଗା ହୋଇପାରେ।

## ଇରାନ ଆକ୍ରମଣ...

ଅନ୍ୟପଟେ, ପାକିସ୍ତାନ ମାଧ୍ୟମରେ ଇରାନ ଏକ ଚଉଦ ସୂତ୍ରୀ ବିଶିଷ୍ଟ ନୂତନ ଶାନ୍ତି ପ୍ରସ୍ତାବ ଆମେରିକା ପାଖକୁ ପଠାଇଛି। ଇରାନର ବୈଦେଶିକ ମନ୍ତ୍ରାଳୟ ଏହି ପ୍ରସ୍ତାବ ପଠାଯାଇଥିବା ସ୍ୱୀକାର କରିଥିଲେ ମଧ୍ୟ ଏହାର ସବିଶେଷ ତଥ୍ୟ ପ୍ରକାଶ କରିନାହାଁନ୍ତି। ତେବେ ଆମେରିକାର କେତେକ ବରିଷ୍ଠ ଅଧିକାରୀଙ୍କ ମତରେ ଏହି ପ୍ରସ୍ତାବ ସନ୍ତୋଷଜନକ ନୁହେଁ। ଉଭୟ ଦେଶ ମଧ୍ୟରେ ଆଣବିକ ସମୃଦ୍ଧୀକରଣ, ଅର୍ଥନୈତିକ କଟକଣା କୋହଳ କରିବା ଏବଂ ସାମୁଦ୍ରିକ ସୀମାରେ ସୁରକ୍ଷାକୁ ନେଇ ମୁଖ୍ୟ ବିବାଦ ରହିଛି। ଇରାନ ନିଜର ଆଣବିକ କାର୍ଯ୍ୟକ୍ରମ ଏବଂ ତେଲ ରପ୍ତାନି ଉପରୁ କଟକଣା ହଟାଇବା ପାଇଁ ଜିଦ୍ ଧରିଛି। ଇରାନର ରାଷ୍ଟ୍ରପତି ମସୁଦ ପେଜେସ୍କିଆନ କହିଛନ୍ତି ଯେ ଆଲୋଚନା କରିବାର ଅର୍ଥ ଆତ୍ମସମର୍ପଣ କରିବା ନୁହେଁ। ଇରାନ ନିଜ ଦେଶର ସମ୍ମାନ ଏବଂ ସାର୍ବଭୌମତ୍ୱ ରକ୍ଷା କରି ସମ୍ମାନର ସହ ଆଲୋଚନା ପ୍ରକ୍ରିୟାରେ ଭାଗ ନେବ। ବର୍ତ୍ତମାନ ପାଇଁ ଆରବ ଦେଶଗୁଡ଼ିକର ମଧ୍ୟସ୍ଥତା ଯୋଗୁଁ ଏକ ବଡ଼ ଧରଣର ଯୁଦ୍ଧ ଟଳି ଯାଇଛି। ଟ୍ରମ୍ପ ଏହି କୂଟନୈତିକ ଆଲୋଚନାକୁ ଶେଷ ସୁଯୋଗ ବୋଲି କହିଛନ୍ତି। ଯଦି ଆଗାମୀ ଦିନରେ ଏହି ଶାନ୍ତି ଆଲୋଚନା କୌଣସି ସକାରାତ୍ମକ ନିଷ୍କର୍ଷରେ ନ ପହଞ୍ଚେ, ତେବେ ଏହି ଅଞ୍ଚଳରେ ପୁନର୍ବାର ସାମରିକ ଉତ୍ତେଜନା ଚରମ ସୀମାରେ ପହଞ୍ଚିବା ଆଶଙ୍କା ପ୍ରକାଶ ପାଇଛି।

## ଓଡ଼ିଶାରେ ବିଜେପି...

ପୁଲିସ ପ୍ରଶାସନ ଓ ଆଇନକାନୁନର ବ୍ୟବସ୍ଥା କୁଆଡ଼େ ଯାଉଛି ବୋଲି ପ୍ରଶ୍ନ କରିଛନ୍ତି ନବୀନ। ସେ କହିଛନ୍ତି ଯେ ବିଜେପି ସରକାର ଉତ୍ସବରେ ମାତି ସାଧାରଣ ଜନତାଙ୍କ ସୁରକ୍ଷାକୁ ଆଉ କେତେ ବିପନ୍ନ କରିବ? ଓଡ଼ିଶା କେତେ ଆଉ ଲଜ୍ଜିତ ହେବ? ମିଛ ବାହାସ୍ଫୋଟରେ ସରକାର ଚାଲେନି, ଲୋକଙ୍କୁ ସୁରକ୍ଷା ଦରକାର ବୋଲି ନବୀନ ସଫା ସଫା ଶୁଣାଇ ଦେଇଛନ୍ତି।

ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ଗୁଣ୍ଡାରାଜ୍ ଶାସନ ପାଇଁ ଓଡ଼ିଶା ସାରା ଦେଶରେ ନିନ୍ଦିତ ହେଉଛି। ବିଜେପି ସରକାର ଅପରାଧୀଙ୍କୁ ସୁରକ୍ଷା ଦେବା ଛାଡୁ। ତୁରନ୍ତ ଦୋଷୀଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ନେଇ ସାଧାରଣ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରୁ ବୋଲି ନବୀନ ପରାମର୍ଶ ଦେଇଛନ୍ତି।

## ସତ କହିଲେ...

ଥାନାରେ ଏ ସଂକ୍ରାନ୍ତରେ ଗତ ୩୦ ତାରିଖରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ଅନୁସନ୍ଧାନ କରିବା ସହ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ଓ ସାଇବର ମାଫିଆଙ୍କ ଚେର ଖୋଜିଖୋଜି ବେଙ୍ଗାଲୁରୁରେ ପହଞ୍ଚିଥିଲା। ସେଠାରୁ ଦୁଇ ଅଭିଯୁକ୍ତ ନୟାଗଡ ରାଜବଗିଚା ଅଞ୍ଚଳର ଜିତେନ୍ଦ୍ର ସାହୁ ଏବଂ ଓଡଗାଁର ଶାନ୍ତନୁ ବିଶୋଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ମାତ୍ର ଲୋକଦଳ ଜିଲ୍ଲା ସଭାପତି କୁହାଯାଉଥିବା ଶାନ୍ତନୁ ବିଶୋଇଙ୍କ ଗିରଫଦାରୀ ପରେ ଅକସ୍ମାତ ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀଙ୍କ କିଛି ସମର୍ଥକ ଓ ବିଜେପିର କିଛି କର୍ମକର୍ତ୍ତା ପ୍ରତିକ୍ରିୟାଶୀଳ ହୋଇ ଉଠିଥିଲେ। ଶାନ୍ତନୁ ବିଶୋୟୀଙ୍କ ଗିରଫଦାରୀ ପ୍ରତିବାଦରେ ଏମାନଙ୍କ ମଧ୍ୟରୁ କିଛି ଥାନା ଆଗରେ ଧାରଣା ଦେଲେ। ଅନ୍ୟପକ୍ଷରେ ଜଣେ ମହିଳାଙ୍କୁ ଲଗାଇ 'ସକାଳ'ର ଜିଲ୍ଲା ପ୍ରତିନିଧି ଅନୀଲ ପଣ୍ଡାଙ୍କ ନାମରେ ମିଛ ଓ ପରିକଳ୍ପିତ ମାମଲା ରୁଜୁ କରାଗଲା। ସମ୍ପୃକ୍ତ ମହିଳାଙ୍କ ଅଭିଯୋଗ ଆଧାରରେ ଅନୀଲଙ୍କ ନାମରେ ନୟାଗଡ଼ ଥାନାରେ ଏକ ଅସଦାଚରଣ ମାମଲା ରୁଜୁ ହୋଇଛି।

ଅନ୍ୟପକ୍ଷରେ ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଜେପି ନେତା ଓ କାର୍ଯ୍ୟକର୍ତ୍ତାମାନେ ଅନିଲଙ୍କୁ ଗିରଫ ଦାବିରେ ଥାନା ସାମ୍ନାରେ ଧାରଣା ଦେବା ପରେ ଆଜି ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀଙ୍କ ସମର୍ଥକମାନେ ନୟାଗଡ଼ରେ 'ସକାଳ' ଖବରକାଗଜ ପୋଡିଛନ୍ତି । ଯାହାକୁ ନେଇ ସାରା ଜିଲ୍ଲାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଅପରାଧୀ ଓ ମାଫିଆଙ୍କ ସମର୍ଥନରେ ସାଂସଦଙ୍କ ସମର୍ଥକମାନେ ପଦାକୁ ବାହାରିବାକୁ ନେଇ ବିଜେପି ନେତା ଓ କର୍ମକର୍ତ୍ତାଙ୍କ ଅଭିମୁଖ୍ୟକୁ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି ।

## ଦିଲ୍ଲୀରେ ପ୍ରଚଣ୍ଡ...

ଡିଗ୍ରୀ ଏବଂ ପଞ୍ଜାବର ବାଥିଣ୍ଡାଠାରେ ସର୍ବାଧିକ ୪୭ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ଆଗାମୀ କିଛି ଦିନ ମଧ୍ୟରେ କାଳବୈଶାଖୀ କିମ୍ବା ପ୍ରାକ୍-ମୌସୁମୀ ବର୍ଷାର କୌଣସି ସମ୍ଭାବନା ନ ଥିବାରୁ ଏହି ପ୍ରଚଣ୍ଡ ଉତ୍ତାପରୁ ବର୍ତ୍ତମାନ ନିସ୍ତାର ମିଳିବା କଷ୍ଟକର ବୋଲି ଜଣାପଡ଼ିଛି। ଉତ୍ତର ଏବଂ କେନ୍ଦ୍ରୀୟ ଭାରତରେ ମୌସୁମୀ ବାୟୁର ଆଗମନ ବିଳମ୍ବ ହେଉଥିବାରୁ ଏହି ଅଞ୍ଚଳଗୁଡ଼ିକରେ ତାପମାତ୍ରା ଆହୁରି ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ସାଧାରଣ ଜୀବନଯାତ୍ରା ଏହା ଦ୍ୱାରା ଗମ୍ଭୀର ଭାବେ ପ୍ରଭାବିତ ହୋଇଥିବା ବେଳେ ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହରୁ କୌଣସି ଆଶ୍ୱସ୍ତି ମିଳିବାର ସଙ୍କେତ ନାହିଁ।

## ଅସମ୍ଭାଳ ତାତି...

ତାହା ବର୍ଷା ପାଇଁ ଅନୁକୂଳ ହେଉନାହିଁ। ବର୍ତ୍ତମାନ ସ୍ଥିତିରେ ରାଜ୍ୟରେ ତାପମାତ୍ରା ଅଧିକ ରହିବା ସହ ବୁଧବାରଠାରୁ ତାପମାତ୍ରା ଆହୁରି ବଢିବାର ସମ୍ଭାବନା ରହିଛି। ଫଳରେ ଆଗାମୀ ଦିନରେ ରାଜ୍ୟର କେତେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିପାରେ ବୋଲି ଡଃ ସାହୁ ପୂର୍ବାନୁମାନ କରିଛନ୍ତି।

ପାଣିପାଗ କେନ୍ଦ୍ର ମଧ୍ୟ ଅନୁରୂପ ସୂଚନା ଦେଇଛି। ବୁଧବାର ଝାରସୁଗୁଡ଼ା, ବୌଦ୍ଧ ଓ ମୟୂରଭଞ୍ଜରେ ଗ୍ରୀଷ୍ମ ଲହରୀ ସ୍ଥିତି ଉପୁଜି ହେବାକୁ ଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ସହ ଉଷ୍ମ ଓ ଆର୍ଦ୍ର ପାଣିପାଗ ସ୍ଥିତି ସୃଷ୍ଟି ହୋଇପାରେ ବୋଲି କେନ୍ଦ୍ର କହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଅନ୍ୟପଟେ ରାଜ୍ୟରେ ଜାରି ରହିଥିବା ତାତି ଓ ଗୁଳୁଗୁଳି ପରେ ଅପରାହ୍ଣରେ ଉପକୂଳ ଅଞ୍ଚଳରେ କାଳବୈଶାଖୀ ହୋଇପାରେ। ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର ଓ କଟକ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା କରାଯାଇଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୫୦-୬୦ କିମି ପର୍ଯ୍ୟନ୍ତ ଆଶଙ୍କା କରି ପାଣିପାଗ କେନ୍ଦ୍ର ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି।

## ନକଲି ସାର...

କୃଷି କ୍ଷେତ୍ରର ଉନ୍ନତି ପାଇଁ ୫ଟି ମୁଖ୍ୟ ଲକ୍ଷ୍ୟ ଉପରେ ସରକାର କାମ କରୁଛନ୍ତି। ଖାଦ୍ୟ ସୁରକ୍ଷା ସହିତ ପୋଷଣ ସୁରକ୍ଷା, ଚାଷୀଙ୍କ ଆୟ ବୃଦ୍ଧି, ଉତ୍ପାଦନ ଖର୍ଚ୍ଚ ହ୍ରାସ ଏବଂ ଚାଷୀଙ୍କୁ ଉତ୍ପାଦର ସଠିକ ମୂଲ୍ୟ ପ୍ରଦାନ କରିବାକୁ ଗୁରୁତ୍ୱାରୋପ କରାଯାଉଛି। ରାଜ୍ୟ-ରାଜ୍ୟ ଓ ଜିଲ୍ଲା-ଜିଲ୍ଲା ମଧ୍ୟରେ ଥିବା ଉତ୍ପାଦନ ଗତିର ଅସମାନତାକୁ ଦୂର କରିବା ପାଇଁ ଉନ୍ନତ ବିହନ ଏବଂ ଆଧୁନିକ କୃଷି ପ୍ରଣାଳୀ ଉପଯୋଗ ଉପରେ ଜୋର ଦିଆଯିବ। ପ୍ରତି ରାଜ୍ୟର ମାଟି ଓ ଜଳବାୟୁ ଅନୁସାରେ ସ୍ୱତନ୍ତ୍ର "କୃଷି ରୋଡମ୍ୟାପ୍' ପ୍ରସ୍ତୁତ କରାଯିବ। ଓଡ଼ିଶାରେ ଆମ୍ବ ଓ ଚିନାବାଦାମ ଉତ୍ପାଦନ କ୍ଷେତ୍ରରେ ବିଶ୍ୱରେ ନମ୍ବର-୧ ହେବା ପାଇଁ ଅପାର କ୍ଷମତା ରହିଥିବାବେଳେ ତଦନୁଯାୟୀ କାର୍ଯ୍ୟକ୍ରମ ହାତକୁ ନିଆଯିବ। ସେହିପରି ସ୍ଥାନୀୟ ଅଞ୍ଚଳରେ ଡାଲି ମିଲ୍ ପ୍ରତିଷ୍ଠା ପାଇଁ ୨୫ ଲକ୍ଷ ଟଙ୍କା ଏବଂ ତେଲ ମିଲ୍ ପାଇଁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ସମସ୍ତ ଚାଷୀଙ୍କୁ "ଡିଜିଟାଲ ପରିଚୟ ପତ୍ର' ପ୍ରଦାନ ପାଇଁ କୃଷକ ପଞ୍ଜୀକରଣ କରାଯାଉଛି। ଯାହାଦ୍ୱାରା ଗୋଟିଏ ସ୍ଥାନରେ ଚାଷୀମାନେ ସମସ୍ତ ସୁଯୋଗ ପାଇପାରିବେ। ବର୍ତ୍ତମାନ ସୁଦ୍ଧା ଦେଶରେ ୧.୬୫ କୋଟି ପଞ୍ଜୀକରଣ ସରିଥିବାବେଳେ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରେ ଏହା ଆରମ୍ଭ ହୋଇ ନ ଥିବା ମଧ୍ୟ ସେ କହିଛନ୍ତି।

କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଖାଦ୍ୟ ଉତ୍ପାଦନ, ତୈଳ ଉତ୍ପାଦନରେ ଆତ୍ମନିର୍ଭର, ଫସଲ ବିବିଧୀକରଣ ଓ କୃଷି ବିସ୍ତାର ଉପରେ ଓଡ଼ିଶା ସରକାରଙ୍କ ଯୋଜନା ସମ୍ପର୍କରେ ଆଲୋକପାତ କରିଛନ୍ତି। ସେହିପରି ଅଧିକ ଜୈବିକ ଚାଷ ପାଇଁ ବ୍ୟାପକ ଗବେଷଣା କରିବାକୁ ସେ କୃଷି ବୈଜ୍ଞାନିକମାନଙ୍କୁ ଆହ୍ୱାନ ଦେଇଛନ୍ତି। କୃଷି ସମ୍ମିଳନୀର ନିଷ୍କର୍ଷ ପୂର୍ବ ଭାରତର ସମସ୍ତ ରାଜ୍ୟକୁ କୃଷି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସମେତ ବିହାର କୃଷିମନ୍ତ୍ରୀ ବିଜୟ କୁମାର ସିହ୍ନା ଏବଂ ଛତିଶଗଡ଼ କୃଷିମନ୍ତ୍ରୀ ରାମ ବିଚାର ନେତାମ, କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ରାମ ନାଥ ଠାକୁର ଓ ଭାଗୀରଥ ଚୌଧୁରୀ, ପଶ୍ଚିମବଙ୍ଗର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅଶୋକ କୀର୍ତ୍ତନିଆ, କୃଷକ କଲ୍ୟାଣ ବିଭାଗର ସଚିବ ଅତିଶ ଚନ୍ଦ୍ର ଏବଂ କେନ୍ଦ୍ରୀୟ କୃଷି ଗବେଷଣା ଓ ଶିକ୍ଷା ବିଭାଗର ସଚିବ ଡ. ମଙ୍ଗିଲାଲ୍ ଜାଟ୍ ପ୍ରମୁଖ ଉପସ୍ଥିତ ଥିଲେ।

---

### ବଢୁଛି ଭିଡ଼ ହିଂସା, ବର୍ଷିଲା କଂଗ୍ରେସ

# 'ଅପରାଧୀ ଦମନରେ ସରକାରଙ୍କ ଆନ୍ତରିକତା ନାହିଁ'

ଭୁବନେଶ୍ୱର,୧୯।୫(ସମିସ): ରାଜ୍ୟରେ ବିଜେପିର ମାତ୍ର ୨ ବର୍ଷର ଶାସନରେ ଅରାଜକତା ସବୁ ସୀମା ଟପି ଯାଇଛି। ଏବେ ରାଜ୍ୟର ଶାସନ ତାଲିବାନୀ-ଶାସନରେ ପରିଣତ ହୋଇଛି। ପୂର୍ବରୁ କୌଣସି ଶାସନରେ ବି ପୁଲିସକୁ ଶାସକ ଦଳର ନେତା ଓ କର୍ମୀ ଏପରି ଖୁଲମଖୁଲା ବ୍ୟବହାର କରିନଥିଲେ। ଏବେ ଶାସକ ଦଳର ଛତ୍ରଛାୟାରେ ରହି

- ପୂର୍ବରୁ ପୁଲିସକୁ କୌଣସି ଦଳ ଏପରି ବ୍ୟବହାର କରି ନ ଥିଲେ
- ଶାସକ ଦଳର ଛତ୍ରଛାୟାରେ ଅପରାଧୀମାନେ ଭିଡ଼ହିଂସାରେ ଲିପ୍ତ ହେଉଛନ୍ତି

ଅପରାଧୀମାନେ ଖୁଲମଖୁଲା ହିଂସାକାଣ୍ଡ ଭିଆଉଛନ୍ତି ବୋଲି ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି।

ମଙ୍ଗଳବାର ଏକ ପ୍ରେସ୍ ବିବୃତିରେ ସେ କହିଛନ୍ତି, ରାଜ୍ୟରେ ଆଇନର ଶାସନ ବୋଲି ଆଉ କିଛି ନାହିଁ। ବର୍ବର ଭିଡ଼ ହିଂସା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଯାଇଛି। ସ୍ପଷ୍ଟ ଦିବାଲୋକରେ ବହୁତ ଲୋକ ମିଶି ଜଣେ ଦୁଇଜଣଙ୍କୁ ମରଣାନ୍ତକ ଆକ୍ରମଣ କରିବା ଧାରା ପୂର୍ବରୁ ବିଜେପି ଉତ୍ତରପ୍ରଦେଶ, ରାଜସ୍ଥାନ, ହରିଆନା ଭଳି ରାଜ୍ୟଗୁଡ଼ିକରେ କରୁଥିଲା। ତା'ର ପ୍ରଭାବ ଏବେ ଓଡ଼ିଶାରେ ପଡ଼ିଛି। ନିକଟ ଅତୀତରେ ଓଡ଼ିଶାରେ ସଂଘଟିତ ଏପରି ହିଂସାକାଣ୍ଡରେ ଶାସକ ଦଳର ନେତାମାନଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ସଂପୃକ୍ତି ରହୁଥିବାରୁ ସେଥିରେ କେହି ହାତ ମାରିବାକୁ ସାହସ କରୁନାହାନ୍ତି। ଆଇନ ତା' ବାଟରେ ଯାଉନାହିଁ। ଫଳରେ ବିଜେପି ନେତା ଓ କର୍ମୀମାନେ ପୁଲିସ ଅସହାୟତାର ସୁଯୋଗ ନେଇ ରକ୍ତମୁଖା ହୋଇଉଠିଛନ୍ତି।

କଣାସ ଭିଡ଼ ହିଂସା ହତ୍ୟାରେ ବିଧାୟକଙ୍କ ଲୋକମାନେ ସଂପୃକ୍ତ ଥିବାରୁ ଆଇନ ତା' ବାଟରେ ଯିବା ଏକରକମ ଅସମ୍ଭବ ବୋଲି ସମସ୍ତେ ଜାଣନ୍ତି। ସେହିପରି, ବାଲିଅନ୍ତାରେ ସୌମ୍ୟରଂଜନଙ୍କୁ ପୁଲିସ ସହାୟତାରେ ପିଟିପିଟି ମାରିଦେବାର ଆସ୍ପର୍ଦ୍ଧା ପଛରେ ଜଣେ ଏଡିଜି ପାହ୍ୟାର ପୁଲିସ ଅଧିକାରୀଙ୍କ ପ୍ରଚ୍ଛନ୍ନ ସଂପୃକ୍ତି ଉକ୍ତ ଅଭାବନୀୟ ଘଟଣାକୁ ଆହୁରି ରହସ୍ୟାବୃତ କରି ପକାଇଛି। ବ୍ରହ୍ମପୁର ଗିରିରୋଡ୍ ଆକ୍ରମଣ ମୁଖ୍ୟ ଅଭିଯୁକ୍ତ ସନ୍ଦୀପ ସାହୁ ଓରଫ୍ ମୋଗ୍ଲୀ ସତ୍ତାଧାରୀ ବିଜେପି ବିଧାୟକ କେ. ଅନିଲ କୁମାରଙ୍କ ପାଖ ଲୋକ ବୋଲି ସମସ୍ତେ ଜାଣନ୍ତି। ସେମାନଙ୍କର ଘନିଷ୍ଠତାର ଏକାଧିକ ଫଟୋ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ତେଣୁ, ପୁଲିସ ଏହି ଘଟଣାରେ ନିରପେକ୍ଷ ଭାବେ ତଦନ୍ତ କରିବା ନେଇ ସନ୍ଦେହ ଉପୁଜିଛି। ନେଡ଼ିଗୁଡ଼ କାହାଣୀକୁ ବହିଯିବା ପରେ ମୁଖ୍ୟମନ୍ତ୍ରୀ ଦୁଇଦୁଇ ଥର ସମୀକ୍ଷା ବୈଠକ କଲେ; ଅଥଚ ଫଳଘର ଶୂନ। ଏପରିକି, ବାଉଳାଚାଉଳା ହୋଇ କିଛି ସ୍ଥାନରେ ପୁରୁଣା ଦାଗୀଙ୍କୁ ଏନ୍କାଉଣ୍ଟର କରିବା କୌଶଳ ମଧ୍ୟ ଆଉ କାମ ଦେଉନାହିଁ। ଅପରାଧୀ ଦମନରେ ସରକାରଙ୍କ ଆନ୍ତରିକତା ନଥିବା ସ୍ପଷ୍ଟ ହୋଇଥିବାରୁ କେହି ଆଉ ପୁଲିସକୁ ଡରୁନାହାନ୍ତି ବୋଲି ସେ କହିଛନ୍ତି।

---


**AFFIDAVIT**

I RASED JAMAL S/O SK NIZAMUDDIN RESIDNET OF VILL KAJIMOHALLA ,P.O . SORO , PS SORO , DIST. BALASORE ,ODISHA ,PIN. 756045 DECLARE BY THIS AFFIDAVIT NO 3251 DTD 18.05.2026 THAT NOW ONWARDS I SHALL BE KNOWN AS RASHED JAMAL, S/O - SK NEZAMUDDIN FOR ALL FUTURE PURPOSES.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF.No. 99, dated 19/05/2026, I **KARUNAKAR DHAL**, S/o Prasanna Kumar Dhal resident of At- Adibasigaon, Salia Sahi, Jaidev Vihar, PO: RRL, P.S: Nayapalli, Bhubaneswar, Dist: Khordha, Odisha, PIN: 751013, declare that I have changed my minor daughter name from **KKHUSI DHAL (Old Name)** to **SMRUTI PRANGYA DHAL (New Name).** Henceforth, she shall be known as **SMRUTI PRANGYA DHAL** for all purposes.
Sd- **KARUNAKAR DHAL**

**AFFIDAVIT**

By virtue of an affidavit (CF No. 96, date: 14/05/2026) sworn before The Executive Magistrate, Gaisilet. I, **Isarani Purohit**, D/o- Niranjan Purohit, R/o- At/Po: Gaisilet, PS: Gaisilet, Dist: Bargarh, PIN: 768037, State: Odisha declare that I have changed my name from **Srabani Purohit** to **Isarani Purohit.** Henceforth, I shall be known as **Isarani Purohit** for all purposes.
**Isarani Purohit**

**AFFIDAVIT**

By virtue of an affidavit sworn before the Court of the Executive Magistrate Bhubaneswar, I **DR. PRACHISHRI MISHRA,** W/o.: Sri Lokanath Samantray, D/o.: Dr. Prafulla Kumar Mishra resident of At/PO.: LIG-212, Brit Colony, Nayapalli, P.S.: Nayapalli, Bhubaneswar, Dist.: Khordha, Odisha, Pin-751012, Aadhaar No.: 2222 1532 1406 do hereby declare vide Affidavit dated 18.05.2026 that my name reflected as Prachishri Mishra as per my Aadhaar card, PAN and other relevant documents. That in my HSC certificate as well as my Passport and some other documents my name has been reflected as Pranchishri Misra instead of Prachishri Mishra. That I do hereby declare that Prachishri Mishra and Prachisri Misra is one and same person who is my self. Hence forth I shall be known as **PRACHISHRI MISHRA** for all purposes.

**AFFIDAVIT**

By virtue of an affidavit Sl. No. 2226, dated 27.04.2026 in the court of the Executive Magistrate, Salipur, Cuttack, I, Sayed Mamurul Islam, aged 53 years, S/o- Sayed Moinul Islam, R/o- Shankarpur, Po- Chhanipur, Ps- Salipur, Dist.- Cuttack - 754202, have changed my name as well as my father's name from Syed Mamurul Islam and Moulana Syed Moinul Islam to Sayed Mamurul Islam and Sayed Moinul Islam respectively. Henceforth I shall be known as **Sayed Mamurul Islam, S/o- Sayed Moinul Islam** for all purposes.
**Sd/- Sayed Mamurul Islam.**


---

**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE SUPERINTENDING ENGINEER,**
**PURI (R&B) DIVISION, PURI**
**WORKS DEPARTMENT** 34001/220/2627
**Short Tender Call Notice**
E-mail: eerbpuri@yahoo.co.in
Bid Identification No. SE (R&B) Puri-07/2026-27

The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in **Double cover/ Single Cover system** in ONLINE MODE form the eligible class of contractors registered with the State Governments and contractors of equivalent Grade/Class registered with Central Government / Railways:

1. Nature of Work : Temporary fabricated shed works.
2. No of Work : 5 Nos
3. Tender Cost : Rs. 10,000/- (On-Line)
4. Class of bidders : B Class
5. Available of Bid document in the Website : From 10.00 AM of Dt.22.05.2026 to Dt.01.06.2026 up to 5.00 PM
6. Last Date of receipt of tender : Dt.01.06.2026 up to 05.00 PM
7. Date of opening of Bid : Dt.02.06.2026 at 11:00 AM
8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

**Superintending Engineer,**
**Puri (R&B) Division, Puri**
OIPR-34001/34064/1/26-27/0006

---

**GOVERNMENT OF ODISHA** 32001/248/2627
**DEPARTMENT OF WATER RESOURCES**
Office of the Superintending Engineer,
Bhanjanagar Irrigation Division, Bhanjanagar.
Phone No. 06821-291004, e-mail ID:- bnjirrigation2010@gmail.com

**e-Procurement Notice No. e-BNID-01/2026-27**

| | | |
|---|---|---|
| 1. | Name of work | Canal Renovation works |
| 2. | Total No of works | 43 (Forty Three) only. |
| 3. | Estimated cost | Rs. 5.02 Lakhs to 18.00 Lakhs |
| 4. | Period of completion | 01 (One) calendar month. |
| 5. | Date & time of availability of Bid Document in the portal | 10.00 hours of 25.05.2026 to 5.00 hours 04.06.2026 |
| 6. | Last date/ Time for receipt of Bids in the Portal | 04.06.2026 upto 5.00 hours |
| 7. | Date and place of opening of Bid | 05.06.2026 at 11.00 Hours in the office of the Superintending Engineer, Bhanjanagar Irrigation Division, Bhanjanagar |
| 8. | Name and address of the O.I.T (Officer Inviting Tender) | Superintending Engineer, Bhanjanagar Irrigation Division, Bhanjanagar |

Further details can be seen from the e-Procurement Portal "https://tendersodisha.gov.in".

Superintending Engineer
Bhanjanagar Irrigation Division
Bhanjanagar
OIPR-32001/32010/1/26-27/0001

---

GOVERNMENT OF ODISHA 32001/240/2627
OFFICE OF THE SUPERINTENDING ENGINEER
POTTERU IRRIGATION DIVISION, AT/PO: BALIMELA
DIST: MALKANGIRI(ODISHA)
**e-mail Id: eepid78@gmail.com**
**e-Procurement Notice No.- SE-PID-BML-03/2026-27**

| | | |
|---|---|---|
| 1. | No. of works | 1 (One) |
| 2. | Approx. Estimated cost | Rs.27.27 Lac |
| 3. | Eligibility of the bidders | Registered & licensed security service agencies for deployment of security personnel |
| 4. | Period of completion | 274 days |
| 5. | Date & time of availability of bid document in the portal | 21/05/2026 (10:00 A.M.) to 30/05/2026 (05:00 P.M.) |
| 6. | Last date/time for receipt of bid in the portal | 30/05/2026 (05:00 P.M.) |
| 7. | Date of opening of the bids on-line | 01/06/2026 (11:00 A.M.) |
| 8. | Name & address of the O.I.T. | Superintending Engineer, Potteru Irrigation Division, At/Po: Balimela, District: Malkangiri |

Further details can be seen from the e-procurement portal http://tendersodisha.gov.in

Superintending Engineer
Potteru Irrigation Division
Balimela
OIPR-32001/32052/1/26-27/0003

---

**OFFICE OF THE COLLECTOR & DISTRICT MAGISTRATE: BOLANGIR**
**(ST & SC DEVELOPMENT SECTION)**
e-mail. dwo.balangir@gmail.com, Phone No. 06652-232745
No. 1364 Date 14.5.26
**SHORT TENDER NOTICE** 26001/18/2627

Bids in sealed cover are invited under Two Bid system from reputed and experienced man-power service providers for engagement 18 nos. of DEO-cum-Office Assistants of Legal Aid Cells engaged on outsourced basis under ST & SC Development M&BCW Deptt. in Balangir District. The details of the bidding process are as follows;

| Sl. No. | Bidding Schedule | Dateline |
|---|---|---|
| 1 | Date of Issue | 14-05-2026 |
| 2 | Last Date and Time of receipt of Bid | 26-05-2026, 1 P.M |
| 3 | Opening of Technical Bid | 28-05-2026, 8 A.M |
| 4 | Opening of Financial Bid | 28-05-2026, 11:30 A.M |

Bidders are required to submit the Technical and Financial bids separately. The bids in sealed cover-I containing "Technical Bid" and the sealed cover-II containing "Financial Bid" should be placed in a third sealed cover super-scribed "Bid for Engagement of the DEO-cum-Office Assistants of Legal Aid Cells Section engaged on outsourced basis under ST & SC Dev. M&BCW Deptt. in Balangir District" and must reach the O/O DWO Balangir on or before date 26-05-2026 by 1.00 PM by Speed Post/Registered Post only. The Bid documents containing eligibility criteria, scope of work, terms and conditions of the tender can be downloaded from the District website https://balangir.odisha.gov.in/en

**Complete Address for submission of Bid:**
**The DWO, Balangir,**
**At/Po/Dist:- Balangir**
**Pin Code: 767001**

**Collector & District Magistrate,**
**Balangir**
OIPR-26001/26061/1/26-27/0001

---

ଓଡ଼ିଶା ସରକାର 24001/132/2627
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଘୋଷଣା

No RDM-LAA-MBJ-0019-2024-**16644** R&DM **Dated: 05.05.2025**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ନଛିପୁରିଆ(ଅତିରିକ୍ତ)**, ଥାନା- ବୈଶିଙ୍ଗା ନଂ. ୧୩୩, ତହସିଲ- ବେତନଟୀ, ଜିଲ୍ଲା- ମୟୁରଭଞ୍ଜ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରଘୁପୁର ଡିଷ୍ଟ୍ରୀବ୍ୟୁଟାରୀ ମାଇନର ଓ ନୁହୁରୁଦା ସବ୍-ମାଇନର ନଂ-୧ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୨୨୭୧୮ ତା. ୧୨.୦୭.୨୦୨୪** ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ନଛିପୁରିଆ(ଅତିରିକ୍ତ)**, ଥାନା- ବୈଶିଙ୍ଗା ନଂ. ୧୩୩, ତହସିଲ- ବେତନଟୀ, ଜିଲ୍ଲା- ମୟୁରଭଞ୍ଜ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ,ବାରିପଦା ସ୍ଥିତ ମୟୂରଭଞ୍ଜ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ- କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା: ମୟୂରଭଞ୍ଜ — ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ନଛିପୁରିଆ(ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୦.୩୭ | ଏକର ୦.୦୫ | ଏଥି ସହିତ ସଂଲଗ୍ନ |

**ତଫସିଲ- ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)**

ଜିଲ୍ଲା:- ମୟୂରଭଞ୍ଜ — ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ- ୦୧.୧୧.୨୦୨୪।**

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା: ୧୩୯/୨୦୨୩
ଏ.୦.୦୫ଡି

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରଘୁପୁର ଡିଷ୍ଟ୍ରିବ୍ୟୁଟାରୀ ଓ ନୁହୁରୁଦା ସବ୍-ମାଇନର ନଂ-୧ ନିମନ୍ତେ ମୌଜା- ନଛିପୁରିଆ (ଅତିରିକ୍ତ) ଥାନା-ବୈଶିଙ୍ଗା, ନଂ-୧୩୩, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ. ଓ ସତ୍ୱ | ପ୍ଲଟ୍ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୬୦ | ୧୦୯ | ୦.୩୭ | ୦.୦୫ | ଘରବାରୀ | ଜସ୍ମିତା ରଣଜିତ, ସ୍ୱା- ନିହାର ରଞ୍ଜନ ରଣଜିତ, ଜା ଖଣ୍ଡାୟତ, ବା- ପୁନ୍ଦାଳ, ଥାନା- ନିଳଗିରି, ଜି- ବାଲେଶ୍ୱର |
| ମୋଟ | ୧ ପ୍ଲଟକୁ | ଏ.୦.୩୭ ଡେ.ମି | ଏ.୦.୦୫ ଡେ.ମି | | |

Zone Officer-cum-L.A. Collector
S.I.P. Laxmiposi Zone

Spl. Land Acquisition Officer
SIP Baripada

OIPR-24001/24001/3/26-27/0031

# ମହିଳା ବନରକ୍ଷୀଙ୍କୁ ଆକ୍ରମଣ ଘଟଣାରେ ବନପାଳ ନିଲମ୍ବିତ

ଔପଦା, ୧୯।୫(ସମିସ): ସୋର ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ଔପଦା ସେକ୍ସନର ମହିଳା ବନରକ୍ଷୀ ସୁଜାତା ଓଝାଙ୍କୁ ଅସଦାଚରଣ ଓ ମରଣାନ୍ତକ ଆକ୍ରମଣ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଔପଦା ଥାନାରେ ମାମଲା ରୁଜୁ ହେବା ପରେ, ଘଟଣାର ଗମ୍ଭୀରତାକୁ ଦେଖି ପୂର୍ବତନ ଡିଏଫଓ ବନପାଳ ମନୋରଞ୍ଜନ ସିଂଙ୍କୁ ଚାକିରିରୁ ୧୩/୦୫/୨୦୨୬ ରେ ବିଭାଗ ପତ୍ର ସଂଖ୍ୟା ୩୫୩୧ ରେ ନିଲମ୍ବନ କରିଛନ୍ତି। ଏହି ସଙ୍ଗୀନ ସ୍ଥିତି ଭିତରେ ବନ ବିଭାଗରେ ଏବେ କର୍ମଚାରୀ ସଙ୍କଟ ଚରମ ସୀମାରେ ପହଞ୍ଚିଛି। ବନପାଳ ସସପେଣ୍ଡ ହେବା ପରେ, ରେଞ୍ଜର ହରିହର ମାଝୀ ମଧ୍ୟ ନିଜର ଦେହ ଅସୁସ୍ଥତା ଦର୍ଶାଇ ହଠାତ୍ ଲମ୍ବା ଛୁଟିରେ ଚାଲିଯାଇଛନ୍ତି। ଫଳରେ ସମଗ୍ର ସେକ୍ସନ ଏବେ ସମ୍ପୂର୍ଣ୍ଣ ଅଭିଭାବକଶୂନ୍ୟ ହୋଇପଡ଼ିଛି। ଏ ସମ୍ପର୍କରେ ଔପଦା ଥାନା ଆଇଆଇସି ପ୍ରମୋଦ କୁମାର ଦାସ କହିଛନ୍ତି ଯେ, କେସ୍ ରୁଜୁ ହୋଇଛି ଏବଂ ପୁଲିସ ପକ୍ଷରୁ ନିରପେକ୍ଷ ତଦନ୍ତ ଜାରି ରହିଛି। ଜଣେ ସରକାରୀ ମହିଳା କର୍ମଚାରୀଙ୍କୁ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ନ ମିଳିବା ଏବଂ ବାବୁମାନଙ୍କ ଅନୁପସ୍ଥିତି ଯୋଗୁଁ ବନ ସୁରକ୍ଷା ବାଧାପ୍ରାପ୍ତ ହେବାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଔପଦା ବ୍ଲକରେ ପ୍ରଶାସନିକ ସ୍ଥାଣୁତା

# ପଦବୀ ଖାଲି, ବିକାଶ ବାଟବଣା

ବାଲେଶ୍ୱର, ୧୯।୫ (ସମିସ)

ସରକାର କହୁଛନ୍ତି ବିକାଶର ଗତି ରକେଟ୍ ଭଳି ଛୁଟୁଛି, କିନ୍ତୁ ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକରେ ପ୍ରଶାସନ ଏବେ ଆଇସିୟୁ ରେ। କର୍ମଚାରୀ ଅଭାବ ଏବଂ ପ୍ରଶାସନିକ ଉଦାସୀନତା ଯୋଗୁଁ ସମଗ୍ର ବ୍ଲକର ଉନ୍ନୟନମୂଳକ କାର୍ଯ୍ୟ ଏବେ ସମ୍ପୂର୍ଣ୍ଣ ଆଇସିଂରେ ପଡ଼ିଛି। ସରକାର ଜନହିତକର ଯୋଜନା ପାଇଁ କୋଟି କୋଟି ଟଙ୍କାର ଅନୁଦାନ ତ ଅଜାଡ଼ି ଦେଉଛନ୍ତି, କିନ୍ତୁ ବାବୁମାନଙ୍କ ଅପାରଗତା ଓ ଆନ୍ତରିକତା ଅଭାବରୁ ସେହି ଅର୍ଥ ତିଆରି ହୋଇପାରୁନି କାମରେ। ଫଳରେ ସାଧାରଣ ଲୋକେ ମୌଳିକ ସୁବିଧା ଟିକକ ପାଇଁ ବ୍ଲକ କାର୍ଯ୍ୟାଳୟ ଚଉକାଠ ଡେଇଁ ଡେଇଁ ନୟାନ୍ତ ହେଉଛନ୍ତି। ବୈଷୟିକ କାର୍ଯ୍ୟ ପରିଚାଳନାରେ ଏବେ ଔପଦା ବ୍ଲକ ଦେବାଳିଆ ସ୍ଥିତିରେ। ଜଣେ ସହକାରୀ ଯନ୍ତ୍ରୀଙ୍କ ମୁଣ୍ଡରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭଳି ବଡ଼ ପଦବୀର ବୋଝ ଲଦି ଦିଆଯାଇଛି। ସବୁଠାରୁ ବଡ଼ ସାଂଘାତିକ ଅଭିଯୋଗ ହେଉଛି, ବ୍ଲକରେ କନିଷ୍ଠ ଯନ୍ତ୍ରୀ କିଶାନ କିଶୋର ଥାଇ ମଧ୍ୟ ସେ କୌଣସି ନିର୍ଦ୍ଦିଷ୍ଟ ଦାୟିତ୍ୱରେ ନାହାଁନ୍ତି କିମ୍ବା କୌଣସି ସରକାରୀ କାର୍ଯ୍ୟ କରୁନାହାଁନ୍ତି। ପ୍ରଶାସନ ଆଖି ଆଗରେ ଜଣେ ସରକାରୀ ବାବୁ ଏଭଳି ନିଷ୍କ୍ରିୟ ରହିବା କେଉଁ ସୁଶାସନର ସଙ୍କେତ? ଚଳିତ ମାସ ୧୮ ତାରିଖରେ ନୂତନ ଭାବେ କନିଷ୍ଠ ଯନ୍ତ୍ରୀ ବିରଜ କୁମାର ନାଇକି ଯୋଗ ଦେଇଛନ୍ତି ସତ, କିନ୍ତୁ ଏଭଳି ଦଳଗତ ବିପର୍ଯ୍ୟୟ ଭିତରେ ସେ କେତେ ସୁଧାର ଆଣିବେ, ତାହା ବଡ଼ ପ୍ରଶ୍ନବାଚୀ। ବ୍ଲକର ମୋଟ ୧୯ଟି ପଞ୍ଚାୟତ ମଧ୍ୟରୁ ଦୁଇ ନମ୍ବର ଜୋନ୍‌ର ୫ଟି ପଞ୍ଚାୟତ ସାମ୍ଭାଳିବାକୁ କନିଷ୍ଠ ଯନ୍ତ୍ରୀ ନିମିତ ଭୋଇଙ୍କ ଉପରେ ସମସ୍ତ ଭାର ଲଦାଯାଇଛି। ଜଣେ ମଣିଷ ୫ଟି ପଞ୍ଚାୟତର ଗ୍ରାଉଣ୍ଡ ଜିରୋ କାମ କେମିତି ଦେଖିବେ? ଅନ୍ୟପଟେ, ଏକ ନମ୍ବର ଜୋନ୍‌ର ୬ଟି ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମୋନାଲିସା ସିଂ ଦେହ ଅସୁସ୍ଥତା ଦର୍ଶାଇ ଦୀର୍ଘ ଦିନ ହେବ ଛୁଟିରେ ଚାଲିଯାଇଛନ୍ତି। ଫଳରେ ଏହି ୬ଟି ପଞ୍ଚାୟତର ବିକାଶମୂଳକ ଯୋଜନା ଏବେ ସମ୍ପୂର୍ଣ୍ଣ 'ଅନାଥ' ହୋଇପଡ଼ିଛି। ପଡ଼ି ରହିଛି ସରକାରୀ ଅର୍ଥ, ହନ୍ତସନ୍ତ ସାଧାରଣ ଜନତା । ରାସ୍ତାଘାଟ ଶୋଚନୀୟ, ପାନୀୟ ଜଳ ପାଇଁ ହାହାକାର ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ବିପର୍ଯ୍ୟସ୍ତ। ସରକାରଙ୍କ କୋଟି କୋଟି ଟଙ୍କା ବ୍ଲକର ତିଜୋରିରେ ବସି ରହିଛି, କିନ୍ତୁ ତାକୁ ଲୋକଙ୍କ କାମରେ ଲଗାଇବାକୁ ପ୍ରଶାସନ ପାଖରେ ସମୟ ନାହିଁ। କେବଳ ତଦାରଖ ଓ ସଠିକ୍ ସମନ୍ୱୟର ଅଭାବରୁ ଔପଦା ବ୍ଲକବାସୀ ଆଜି ନିଜର ମୌଳିକ ଅଧିକାରରୁ ବଞ୍ଚିତ। ଔପଦା ବ୍ଲକର ଏଭଳି ସ୍ଥାଣୁତାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ପ୍ରକାଶ ପାଉଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଖାଲି ପଡ଼ିଥିବା ପଦବୀ ପୂରଣ କରି କାର୍ଯ୍ୟକୁ ସ୍ୱାଭାବିକ ନକଲେ, ଆଗାମୀ ଦିନରେ ବ୍ଲକବାସୀ ରାଜପଥକୁ ଓହ୍ଲାଇବେ ଏବଂ ପ୍ରଶାସନ ଘେରାଉ ହେବ ବୋଲି ସିଧାସଳଖ ଚେତାବନୀ ଦିଆଯାଇଛି।

# ଭଦ୍ରକ ଜିଲ୍ଲା ମାଟ୍ରିକ୍ ଟପ୍ପରଙ୍କୁ ଏମ୍‌ବିଡି ତରଫରୁ ସମ୍ବର୍ଦ୍ଧନା



ଭଦ୍ରକ,୧୯।୫(ସମିସ): ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ବିଏସ୍‌ସି ନୋଡାଲ ହାଇସ୍କୁଲ, ଦାନ୍ତୁଆଳି, ଚାନ୍ଦବାଲିର ଛାତ୍ରୀ ସରିତା ନାୟକ ସର୍ବୋଚ୍ଚ ୫୭୩ ନମ୍ବର ରଖି ଭଦ୍ରକ ଜିଲ୍ଲାର ଟପ୍ପର ହୋଇଛନ୍ତି। ଏହି ଉପଲକ୍ଷେ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଏମ୍‌ବିଡି ପୁସ୍ତକ ପ୍ରକାଶନ ତରଫରୁ କୃତୀ ଛାତ୍ରୀ ସରିତା ନାୟକ, ବାପା ନିରଞ୍ଜନ ନାୟକ, ମାଆ ରଞ୍ଜିତା ନାୟକ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ରାଉତଙ୍କୁ ଏମ୍‌ବିଡି ପୁସ୍ତକ ପ୍ରକାଶନ ସଂସ୍ଥାର ଭଦ୍ରକ ପ୍ରତିନିଧି ଦୀପକ କୁମାର ସ୍ୱାଇଁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। କୃତୀ ଛାତ୍ରୀ ଏହି ସଫଳତାର ଶ୍ରେୟ ନିଜ ବାପାମାଆ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଅର୍ପଣ କରିଛନ୍ତି। ଭବିଷ୍ୟତରେ ଉଚ୍ଚଶିକ୍ଷା ଲାଭ କରି ସମାଜସେବା କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି।

# ଜିଲ୍ଲାସ୍ତରୀୟ ଯୋଗାସନ କ୍ରୀଡ଼ା ପ୍ରତିଯୋଗିତା




ବାଲେଶ୍ୱର,୧୯।୫ (ସମିସ): ଜିଲ୍ଲାସ୍ତରୀୟ ଯୋଗାସନ କ୍ରୀଡା ପ୍ରତିଯୋଗିତା ବାଲେଶ୍ୱର ଯୋଗାସନ କ୍ରୀଡାସଙ୍ଘ ପକ୍ଷରୁ ବିଜୁ ପଟ୍ଟନାୟକ ଇନଡୋର୍ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅମୂଲ୍ୟ ଦାସ, ଜିଲ୍ଲା ହୋମିଓପାଥି ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ବେହେରା, ଜିଲ୍ଲା ଆୟୁର୍ବେଦିକ ଚିକିତ୍ସାକାରୀ ଡାକ୍ତର ଜୟନ୍ତ କୁମାର ପ୍ରଧାନ, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଯୋଗ ବିଶେଷଜ୍ଞ ଡାକ୍ତର ଚିତ୍ତରଞ୍ଜନ ସାହୁ, ସୁଜିତ କୁମାର ଜେନା, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଅଶୋକ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦିବ୍ୟରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୋଗାସନ କ୍ରୀଡା ସଂଘର ସଭାପତି ଗୋବର୍ଦ୍ଧନ ସାହୁ ଓ ସମ୍ପାଦକ ମୁକ୍ତିକାନ୍ତ ପାଣିଗ୍ରାହୀ ଉଦଘାଟନ କରିଥିଲେ। ଜିଲ୍ଲାରୁ ମୋଟ ୧୧୨ ଜଣ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ବିଭିନ୍ନ ବୟସ ବର୍ଗରେ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯୋଗ ବିଚାରକ ଭାବେ ବସନ୍ତ ଖିଲାର, ଶୀତଳ ଦାସ, ବ୍ରହ୍ମାନନ୍ଦ ଭକ୍ତ, ବତ୍ସଳ ଦଳେଇ, ବିଶ୍ୱରଞ୍ଜନ, ସ୍ନେହଲତା ଦାସପତି ଉପସ୍ଥିତ ଥିଲେ। ମୋଟ ୧୮ ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଥିଲା। ଏହାର ଉଦଯାପନୀ ସମାରୋହରେ ରାଜ୍ୟ ଯୋଗ ପ୍ରଶିକ୍ଷକ ଗିରିଜା ଶଙ୍କର ଶତପଥୀ, ଭାରତ ସ୍ୱାଭିମାନ ଜିଲ୍ଲା ପ୍ରହରୀ କରୁଣାକର ଶିଅଳ, କବି ପ୍ରଶାନ୍ତ ଦାସ, ସମାଜସେବୀ ଚନ୍ଦ୍ରବିନ୍ଦୁ ଦାସ, ମନୋରଞ୍ଜନ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲାର ଯୋଗ ବିଶେଷଜ୍ଞଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ମମତା ମଲ୍ଲୁଆଳ, ମନୋଜ ଦେ, ହରିଚନ୍ଦନ ଦାସ, ପ୍ରିତିଲତା ଗିରି, ଯାମିନୀକାନ୍ତ ପାତ୍ର, ମୋନାଲି ମହାନ୍ତି, ହୃଷିକେଶ ଦ୍ୱିବେଦୀ, ତପନ ବେହେରା ପ୍ରମୁଖ ସହଯୋଗ କରିଥିଲେ। ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆସନ୍ତା ୨୧ ତାରିଖ ଦିନ ରାୟଗଡ଼ାରେ ଅନୁଷ୍ଠିତ ହେବ ବୋଲି ସଭାପତି ସୂଚନା ଦେଇଥିଲେ।

# ବନ ବିଭାଗ ଜାଲରୁ ଖସିଗଲା କ୍ଷତାକ୍ତ ମାଙ୍କଡ଼

ନୀଳଗିରି, ୧୯।୫ (ସମିସ): ବନ ବିଭାଗ ଜାଲରୁ ଖସିଗଲା କ୍ଷତାକ୍ତ ମାଙ୍କଡ। ବାଲେଶ୍ୱର ଜିଲ୍ଲା ନୀଳଗିରି ରେଞ୍ଜ ଅଧିନ ରେ ଗୋଟିଏ ମାଙ୍କଡ଼ ଜଙ୍ଗଲରୁ ନୀଳଗିରି ସହର ଭିତର କୁ ପଶି ଆସି ଗତ ସୋମବାର ଅପରାହ୍ନରେ କଚେରୀ ହତା ଭିତରେ ଓ ପରେ ତହସିଲ ଅଫିସ ସମ୍ମୁଖ ବରଗଛ, ଦୁର୍ଗାମଣ୍ଡପ ପାଖରେ ଦେଖିବାକୁ ମିଳିଥିଲା। ମାଙ୍କଡର ଡାହାଣ ହାତରେ କ୍ଷତ ହୋଇଥିବା ବେଳେ ଲୋକେ ଫଳ ଓ ବିସ୍କୁଟ ଦେଉଥିଲେ ବି ନ ଖାଇ ବସି ରହୁଥିଲା। ମଙ୍ଗଳବାର ନୀଳଗିରି (ପି.ଡବ୍ଲ୍ୟୁ.ଡି) ଅଫିସ ଭିତରେ ପସି ଯାଇଥିବା ବେଳେ ପି.ଡବ୍ଲ୍ୟୁ.ଡି ଅଫିସ କର୍ମଚାରୀ ଭୟଭୀତ ହୋଇ ନୀଳଗିରି ବନବିଭାଗ କୁ ଖବର ଦେଇଥିଲେ। ନୀଳଗିରି ବନବିଭାଗ ଘଟଣା ସ୍ଥଳରେ ସଦଳବଳେ ପହଞ୍ଚି ଗୋଟିଏ ପାଖରେ ଜାଲରେ ମାଙ୍କଡ୍ କୁ କାବୁ କରିଥିବା ବେଳେ ସେଠାରୁ ବନବିଭାଗକୁ ଚକ୍‌ମା ଦେଇ ଖସିପଳାଇଥିଲା ନୀଳଗିରି ଗୁଣ୍ଡିଚା ମନ୍ଦିର ପାଖକୁ। ସେଠାରେ ମାଙ୍କଡ଼କୁ କାବୁ କରିବା ପାଇଁ ବନ ବିଭାଗ ପକ୍ଷରୁ ଅପରେସନ ଜାରି ରହିଥିବା ବେଳେ ମାଙ୍କଡ଼ ଆକ୍ରମଣରେ ଜଣେ ବନ କର୍ମଚାରୀଙ୍କୁ ଆହତ କରି ଖସିପଳାଇଥିଲା। କ୍ଷତାକ୍ତ ମାଙ୍କଡ଼କୁ ଧରିବା ପରେ ଚିକିତ୍ସା କରାଯାଇ ସୁରକ୍ଷିତ ଭାବେ କୁଲଡିହା ଅଭୟାରଣ୍ୟରେ ଛାଡ଼ିବା ଚେଷ୍ଟା ଜାରି ରହିଥିବାବେଳେ ଏଯାଏଁ ମାଙ୍କଡ଼କୁ କାବୁ କରିବାରେ ବିଭାଗ ବିଫଳ ହୋଇଛି। ମାଙ୍କଡ଼ଟି ବିଦ୍ୟୁତ ଆଘାତ ପାଇ ଡାହାଣ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥାଇ ପାରେ ବୋଲି ଅନୁମାନ କରାଯାଉଛି। ତା'କୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ବୁଧବାର ସକାଳୁ ପୁଣି ମାଙ୍କଡ଼ ଧରାଯିବାକୁ ପ୍ରୟାସ କରାଯିବା ନେଇ ବନବିଭାଗ ପ୍ରକାଶ କରିଛି।



# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆହାର କେନ୍ଦ୍ର ସ୍ଥାପନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଭଦ୍ରକ,୧୯।୫(ସମିସ): ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆହାର କେନ୍ଦ୍ର ନ ଥିବାରୁ ଜିଲ୍ଲା ଓ ଜିଲ୍ଲା ବାହାରୁ ଆସୁଥିବା ରୋଗୀମାନେ ଖାଦ୍ୟ ବିନା ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ପ୍ରତିଦିନ ପ୍ରାୟ ୮ରୁ ୯ ଶହ ବାହ୍ୟ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଆସିଥା'ନ୍ତି। ଏଥିସହ ଏହା ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ। ଏହି ସହର ମଧ୍ୟଦେଇ ଦକ୍ଷିଣରୁ ପୂର୍ବକୁ ରେଳପଥ ବିସ୍ତାର କରିଛି। ତେଣୁ ଦୁର୍ଘଟଣାଗ୍ରସ୍ତ ରୋଗୀମାନେ ଆଶୁ ଚିକିତ୍ସା ପାଇଁ ଏଠାକୁ ଆସିଥା'ନ୍ତି। ଜିଲ୍ଲା ମୁଖ୍ୟ ହସ୍ପିଟାଲ ସହରଠାରୁ ୩ କି.ମି. ଦୂରରେ ଅବସ୍ଥିତ ହୋଇଥିବାରୁ ଭୋଜନ ପାଇଁ କୌଣସି ସୁବିଧା ମଧ୍ୟ ନାହିଁ। ଉକ୍ତ ହସ୍ପିଟାଲରେ ଏକ ଆହାର କେନ୍ଦ୍ର ସ୍ଥାପନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଜରିଆରେ ଉତ୍କଳ ସର୍ବୋଦୟ ମଣ୍ଡଳ ଭଦ୍ରକ ଜିଲ୍ଲା ସଭାପତି ଅମର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସର୍ବୋଦୟ ମଣ୍ଡଳର ମୁଖ୍ୟ ଉପଦେଷ୍ଟା ଡ. ରାମଚନ୍ଦ୍ର ପଣ୍ଡା, ଉପସଭାପତି ଅଧିବକ୍ତା ଆଦିତ୍ୟ ନାୟକ, ମହିଳା ସଭାନେତ୍ରୀ ଶାନ୍ତିଲତା ବାରିକ, ବରିଷ୍ଠ ନାଗରିକ ଶୈଳେନ୍ଦ୍ର ପାଢ଼ୀ, ଅଧିବକ୍ତା ମନୋରଞ୍ଜନ ଦାସ, ସମ୍ପାଦକ ଗୟାଧର ପଣ୍ଡା ପ୍ରମୁଖ ଉକ୍ତ ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଏକ ଆହାର କେନ୍ଦ୍ର ରୋଗୀମାନଙ୍କର ହିତ ଦୃଷ୍ଟିରୁ କାଳ ବିଳମ୍ବ ନ କରି ସ୍ଥାପନ କରିବାକୁ ଅନୁରୋଧ କରିଥିଲେ। ଜିଲ୍ଲାପାଳ ଶ୍ରୀ ରାଉତରାଏ ଏହାର ଗୁରୁତ୍ୱ ଦୃଷ୍ଟିରୁ ସରକାରଙ୍କୁ ଅବଗତ କରରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ଭଦ୍ରକ ଜିଲ୍ଲାପାଳ ଶ୍ରୀ ରାଉତରାଏ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଥିବାରୁ ଉତ୍କଳ ସର୍ବୋଦୟ ମଣ୍ଡଳର କର୍ମକର୍ତ୍ତା ତାଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଥିଲେ।

# ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ




ବାଲେଶ୍ୱର,୧୯।୫ (ସମିସ): ବଢୁଥିବା ଗ୍ରୀଷ୍ମ ପ୍ରବାହ ଯୋଗୁଁ ସାଧାରଣ ଜନଜୀବନକୁ ଆଖି ଆଗରେ ରଖି ନିଷ୍ଟ ନର୍ସିଂ କଲେଜ (ବିଏସି ନର୍ସିଂ ଓ ଜି ଏନ ଏମ୍ ) ତରଫରୁ ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିଷ୍ଟ ନର୍ସିଂ କଲେଜର ଭାରପ୍ରାପ୍ତ ଅଧକ୍ଷା ପ୍ରାଚୀ ପ୍ରଭା ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ନର୍ସିଂ ଛାତ୍ରଛାତ୍ରୀ ବୈରାମ ନଗର ଛକରୁ ବାହାରି ଗଡ଼ଗଡ଼ିଆ, ମୋତିଗଞ୍ଜ, ସିନେମା ଛକ, ଏଫ୍ ଏମ କଲେଜ ହୋଇ କଂଗ୍ରେସ ଗଳି ପର୍ଯ୍ୟନ୍ତ ପ୍ଲାଗ୍ କାର୍ଡ ଧରି ସ୍ଲୋଗାନ ଦେଇ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ବିଶେଷକରି ଗାଡି ମଟର ବଢିବା ସହ ଜନବସତି, ଜନସଂଖ୍ୟା ବୃଦ୍ଧି ଯୋଗୁଁ ଗାଁରୁ ସହରୀ ଜନ ଜୀବନକୁ ବିଶେଷ ଭାବରେ ବ୍ୟତିବ୍ୟସ୍ତ କରିପକାଇଛି। ଏଭଳି ସମସ୍ୟାକୁ ଦେଖି ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଭିନବ ଉପାୟରେ ବାର୍ତ୍ତା ରାସ୍ତାରେ ଯାତାୟାତ କରୁଥିବା ସବୁ ବର୍ଗର ଲୋକ ମାନଙ୍କୁ ଅଧିକ ଖରାରେ ନ ବାହାରନ୍ତୁ, ସାଥିରେ ଓଦା ଗାମୁଛା,ପାଣି ବୋତଲ ଛତା ଆଦି ଧରି ବାହାରିବା ପାଇଁ କହିବା ସହିତ ପରିବେଶ ସଚେତନତା ଦିଗର ପଦକ୍ଷେପ ନେବାକୁ ସ୍ଲୋଗାନ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ସସ୍ମିତା ଚାନ୍ଦ, ଲିପସିତା ନାୟକ, ସୌମ୍ୟାଜ୍ୟୋତି ନାୟକ, ପୂର୍ଣ୍ଣିମା ମହାପାତ୍ର, ଦେବସ୍ମିତା ପ୍ରଧାନ, ସଦାଶିବ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କାଳବୈଶାଖୀ ପ୍ରଭାବରେ ଭାଙ୍ଗିଲା ଘର



ଜଳେଶ୍ୱର ବ୍ଲକ, ୧୯।୫ (ସମିସ) : ଗତ ସୋମବାର ସନ୍ଧ୍ୟା ସମୟରେ କାଳ ବୈଶାଖିରେ ଜଳେଶ୍ୱର ଅଞ୍ଚଳରେ ଅନେକ ସ୍ଥାନରେ ବଡ଼ ବଡ଼ ଗଛ, ବିଦ୍ୟୁତ ଖୁଣ୍ଟି ସାଙ୍ଗକୁ ଘର ମଧ୍ୟ ଭାଙ୍ଗି ପଡ଼ିଛି ବର୍ତ୍ତନା ଗ୍ରାମ ପଞ୍ଚାୟତର ଖରିଦା ଗ୍ରାମର ରଘୁନାଥ ହୁଇ, ସର୍ବେଶ୍ୱର ହୁଇ, ଅଜୟ ମହାନ୍ତି, ଭଗବତ୍ ହୁଇ, ଗଣେଷ ହୁଇ, ବିକ୍ରମ୍ ହୁଇ, କେଶବ ହୁଇ, ଯଦୁନାଥ ପ୍ରଧାନ ମାଳତୀ ଜେନା, ଝୁନୁ ଜେନା, ମନ୍ମଥ ଜେନା, ଅଭିରାମ ମହାଲିକଙ୍କ ଘର ଭାଙ୍ଗି ଯାଇଛି ଯାହା ଫଳରେ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ଏବଂ ବଡ଼ ବଡ଼ ଗଛ ରାସ୍ତାରେ ଭାଙ୍ଗୀ ପଡ଼ିବାରୁ ରାସ୍ତା ଯିବା ଆସିବା ମଧ୍ୟ ସମ୍ପୁର୍ଣ୍ଣ ଭାବେ ବନ୍ଦ ହୋଇ ପଡ଼ିଛି ଯାହା ଫଳରେ ଗ୍ରାମର ଯୁବ ସମାଜସେବୀ ବାସୁଦେବ ହୁଇ, ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ତିଲୋଚନ ଦାସ ଏ ବାବଦରେ ପ୍ରଶାସନ ନିକଟରେ ଅବଗତି କରାଇବା ପରେ ସ୍ଥାନୀୟ ରାଜସ୍ୱ ଅଧକାରୀ ଖରିଦା ଗ୍ରାମାରେ ପହଞ୍ଚି ଲୋକଙ୍କ କ୍ଷୟକ୍ଷତି ଆକଳନ କରିଥିଲେ। କ୍ଷତିଗ୍ରସ୍ତ ପରିବାରକୁ କିପରି ତୁରନ୍ତ ସରକାରୀ ସହାୟତା ପ୍ରଦାନ କରାଯାଇ ପାରିବେ ସେ ନେଇ ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଶିଖରପୁରରୁ ବାଘାବାଳି ରାସ୍ତାରେ ବଡ଼ ବଡ଼ ଗଛ ରାସ୍ତା ଉପରେ ଭାଙ୍ଗି ପଡ଼ିଥିବାରୁ ରାସ୍ତାରେ ଯିବା ଆସିବା କରୁଥିବା ଲୋକ ମାନେ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିଥିଲା। ଏ ପର୍ଯ୍ୟନ୍ତ ଅନେ ଅନକେ ଗ୍ରାମରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇ ଥିବାରୁ ସୂଚନା ମିଳିଛି।

# ବାଲେଶ୍ୱର ଜିଲ୍ଲାର ଅଥର୍ବ ବେଦୀ ପଣ୍ଡିତ ଉମାକାନ୍ତ ଉପାଧ୍ୟାୟଙ୍କ ପରଲୋକ



ରେମୁଣା, ୧୯।୫ (ସମିସ): ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ୍ ଅନ୍ତର୍ଗତ ବଡ଼ପାଳ ଗ୍ରାମ ପଞ୍ଚାୟତର ଗୋପାଳପୁର ଗ୍ରାମର ଅଥର୍ବ ବେଦୀ ପଣ୍ଡିତ ଉମାକାନ୍ତ ଉପାଧ୍ୟାୟ ଭୁବନେଶ୍ୱରର ସମ୍ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଦୀର୍ଘଦିନ ଧରି ସେ ହୃଦରୋଗ, ବୃକକ ଜନିତ ରୋଗ, ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ। ତାଙ୍କର ଶେଷ ଦର୍ଶନ ପାଇଁ ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦର ସଂପାଦକ ଏବଂ ସଦସ୍ୟ, ବେଲେଶ୍ୱର ବ୍ରାହ୍ମଣ ସାମଜ ର ସଭାପତି ଏବଂ ସଦସ୍ୟ, ରେମୁଣା ବ୍ଲକ୍ ବ୍ରାହ୍ମଣ ସମାଜର ସଭାପତି ଏବଂ ସଦସ୍ୟ, ବାବା ପିତାମ୍ବର ମହାରାଜ ଆଶ୍ରମର ସଂପାଦକ ଏବଂ ସମସ୍ତ ସଦସ୍ୟ, ବଡ଼ପାଳ ସରପଞ୍ଚ, ପୂର୍ବତନ ରେମୁଣା ବ୍ଲକ୍ ଅଧକ୍ଷଙ୍କ ସମେତ ଶତାଧିକ ଲୋକ ଉପସ୍ଥିତ ଥିଲେ। ସେ ଏକାଧାରରେ ଜଣେ ସଂସ୍କୃତ ବିତ୍, କର୍ମକାଣ୍ଡ ବିତ୍, ରାମଚରିତ ମାନସର ପ୍ରବଚକ ତଥା ପରାୟଣରେ ବାଲେଶ୍ୱର ଜିଲ୍ଲାର ଖ୍ୟାତି ସମ୍ପନ୍ନ ପଣ୍ଡିତ ଥିଲେ। ସେ ବାଲେଶ୍ୱର ଜିଲ୍ଲା ବ୍ରାହ୍ମଣ ସମାଜର ପ୍ରତିଷ୍ଠାତା ସଦସ୍ୟ ଥିଲେ। ତାଙ୍କ ବିୟୋଗରେ ସାରା ରେମୁଣାରେ ଶୋକର ଛାୟା ଖେଳିଯାଇଥିଲା। ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲା ଜଣେ ସୁନାମ ଧନ୍ୟ ପଣ୍ଡିତଙ୍କୁ ହରାଇଛି। ତାଙ୍କ ଜ୍ୟେଷ୍ଠ ପୁତ୍ର ଗୋକୁଳାନନ୍ଦ ଉପାଧ୍ୟାୟ ମୁଖାଗ୍ନି ଦେଇଥିଲେ। ଶତାଧିକ ଲୋକେ ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଦେଇ ଅନ୍ତିମ ବିଦାୟ ଦେଇଥିଲେ।

## ● ଜିଲ୍ଲାପାଳଙ୍କ କଥା ପାଣିର ଗାର

# ଥାନାକୁ ଯାଇ ନିରାଶ ହୋଇ ଫେରିଲେ ମହିଳା ଗୋଷ୍ଠୀ



ବାରିକପୁର,୧୯।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବାଲିପୋଖରୀ ପଞ୍ଚାୟତ ଜଗନ୍ନାଥ ପ୍ରସାଦ ଗ୍ରାମର ଏକ ଏସ୍‌ଏଚ୍‌ଜି ଗୋଷ୍ଠୀର ମହିଳାମାନେ ବାରମ୍ବାର ଥାନାକୁ ଦୌଡ଼ି ନିରାଶ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ମହିଳାମାନେ ଗ୍ରୁପ୍ ଗଠନ କରି ଆଖୁଆପଦାସ୍ଥିତ ଏକ ରାଷ୍ଟ୍ରାୟତ ବ୍ୟାଙ୍କରୁ ଋଣ ନେଇଥିଲେ। ଋଣ ନେବାର କିଛିଦିନ ପରେ ଏସ୍‌ଏଚ୍‌ଜି ଗ୍ରୁପ୍‌ର ଜଣେ ସଦସ୍ୟାଙ୍କ ଅକାଳ ବିୟୋଗ ଘଟିଥିଲା। ଏପରିସ୍ଥଳେ ମୃତକ ସଦସ୍ୟାଙ୍କ ଋଣ ସୁଝିବାକୁ ତାଙ୍କ ସ୍ୱାମୀ ରାଜି ହେଉନାହାନ୍ତି। ଏପଟେ ବ୍ୟାଙ୍କ କର୍ତ୍ତୃପକ୍ଷ ଗ୍ରୁପ୍‌ର ଅନ୍ୟ ସଦସ୍ୟାଙ୍କଠାରୁ ମୃତ ମହିଳାଙ୍କ ନାମରେ ଥିବା ଋଣକୁ ସୁଧମୂଳ ସହିତ ଜୋର୍‌ଜବରଦସ୍ତ ଆଦାୟ କରୁଛନ୍ତି। ମୃତକଙ୍କ ପରିବାର ବର୍ଗ ଋଣ ଟଙ୍କା ଦେଉ ନ ଥିବାବେଳେ ଅନ୍ୟ ମହିଳାମାନେ ବ୍ୟାଙ୍କ ତାଗିଦ୍‌ରେ ଭୟଭୀତ ହୋଇ ଋଣ ସୁଝିବାକୁ ବାଧ୍ୟ ହେଉଛନ୍ତି। ଆପତ୍ତି ଅଭିଯୋଗ ନେଇ ପଞ୍ଚାୟତସ୍ତରୀୟ ଆଇନ ସଚେତନତା ଶିବିରରେ କୌଣସି ସମାଧାନ ନ ହେବାରୁ ନ୍ୟାୟ ପାଇଁ ମହିଳାମାନେ ପୂର୍ବରୁ ଥାନାକୁ ଆସିଥିଲେ। ଥାନାରେ ମହିଳା ଗୋଷ୍ଠୀ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିଲେ। ସେଠାରୁ ନିରାଶ ହେବା ପରେ ଗତ ସୋମବାର ବ୍ଲକ୍ କାର୍ଯ୍ୟାଳୟରେ ମହିଳାମାନେ ପହଞ୍ଚି ଜନଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ସମସ୍ତ ଘଟଣା ବାବଦରେ ଲିଖିତ ଭାବେ ଜଣାଇଥିଲେ। ଜିଲ୍ଲାପାଳ ଏନେଇ ପୁଲିସ ପ୍ରଶାସନକୁ ଅନୁଧ୍ୟାନ ପାଇଁ କହିଥିବାବେଳେ ତୁରନ୍ତ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ପୁଣି ଗୋଷ୍ଠୀ ସଦସ୍ୟାମାନେ ମଙ୍ଗଳବାର ଥାନାରେ ଉପସ୍ଥିତ ହୋଇଥିଲେ ସୁଦ୍ଧା ପୁଲିସ ଅଧିକାରୀମାନେ ଏ ବାବଦରେ ମୁଣ୍ଡକାନ ହଲାଇ ନ ଥିଲେ। ଜଣେ ମହିଳା ମଧ୍ୟ ଥାନା ପରିସରରେ ଅଂଶୁଘାତର ଶିକାର ହୋଇଥିବା ଜଣାପଡ଼ିଛି। ଜିଲ୍ଲାପାଳଙ୍କ କଥା ପୁଲିସ ପ୍ରଶାସନ ପାଇଁ ପାଣିର ଗାର ବୋଲି ଏଥିରୁ ସ୍ପଷ୍ଟ ଜଣାପଡୁଛି। ମଙ୍ଗଳବାର ଥାନାରୁ ନିରାଶ ହୋଇ ଫେରିବା ପରେ ଏନେଇ ପୁଣି ମହିଳାମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ୍ କରିବେ ବୋଲି ସୂଚନା ଦେଇଛନ୍ତି।

## ଅଙ୍ଗନବାଡ଼ିରୁ ମିଳୁଥିବା ବାଦାମ ଚିକି ଖାଇ ଗର୍ଭବତୀ ଗୁରୁତର

# ସିଡିପିଓ ଅଫିସରେ ଧାରଣା ଦେଲେ ସ୍ଥାନୀୟ ଲୋକେ

ଭଦ୍ରକ,୧୯।୫(ସମିସ)





ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ବନ୍ତ ପଞ୍ଚାୟତର ସଖୀପାଟଣା ଅଙ୍ଗନବାଡ଼ି କେନ୍ଦ୍ରରୁ ମିଳିଥିବା ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇ ଜଣେ ଗର୍ଭବତୀ ମହିଳା ଗୁରୁତର ଅସୁସ୍ଥ ହୋଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଏବଂ ଉତ୍ତେଜନା ପ୍ରକାଶ ପାଇଛି। ନିମ୍ନମାନର ଖାଦ୍ୟ ଯୋଗାଣ ପ୍ରତିବାଦରେ ସ୍ଥାନୀୟ ଜନପ୍ରତିନିଧି ଓ ସାମାଜିକ କର୍ମୀମାନେ ବ୍ଲକ୍ ସିଡିପିଓ କାର୍ଯ୍ୟାଳୟ ଘେରଉ କରିବା ସହ ଧାରଣାରେ ବସି ରହିଛନ୍ତି।

ସୂଚନା ଅନୁସାରେ, ସଖୀପାଟଣା ଅଙ୍ଗନବାଡ଼ି କେନ୍ଦ୍ରରୁ ମିଳିଥିବା ଅସ୍ୱାସ୍ଥ୍ୟକର ବାଦାମ ଚିକି ଖାଇ ବର୍ଷା ଜେନା ନାମକ ଜଣେ ୭ ମାସର ଗର୍ଭବତୀ ମହିଳା ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହି ଖବର ଜଣାପଡ଼ିବା ପରେ ସ୍ଥାନୀୟ ସମିତିସଭ୍ୟ ପରମେଶ୍ୱର ବାରିକ ନିମ୍ନମାନର ବାଦାମ ଚିକି ଧରି ସିଧାସଳଖ ବ୍ଲକ୍ ସିଡିପିଓ ଅଲାଡ଼ି ମାରାଣ୍ଡିଙ୍କ ନିକଟକୁ ଯାଇ ଏ ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ସିଡିପିଓ ଏହି ସମ୍ବେଦନଶୀଳ ଘଟଣା ଉପରେ କୌଣସି ସନ୍ତୋଷଜନକ ଉତ୍ତର ନ ଦେବାରୁ ଉତ୍ତେଜନା ଆହୁରି ବଢ଼ିଥିଲା। ସିଡିପିଓଙ୍କ ଏଭଳି ଦାୟିତ୍ୱହୀନତାକୁ ପ୍ରତିବାଦ କରି ସମିତିସଭ୍ୟ ପରମେଶ୍ୱର ବାରିକଙ୍କ ନେତୃତ୍ୱରେ ବହୁସଂଖ୍ୟାରେ ସ୍ଥାନୀୟ ଲୋକ ଓ ନେତା କାର୍ଯ୍ୟାଳୟ ପରିସରରେ ଧାରଣାରେ ବସି ରହିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ବନ୍ତ ବ୍ଲକ୍ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ସାଂସଦଙ୍କ ପ୍ରତିନିଧି ସନ୍ତୋଷ ନାୟକ, କେନ୍ଦୁଆପଦା ସରପଞ୍ଚ ଇଂ. ପ୍ରମୋଦ ଜେନା, ମହାନ୍ତିପଡ଼ା ସମିତିସଭ୍ୟ ନିର୍ମଳଚନ୍ଦ୍ର ନାୟକ ଓ ଚାରିଗାଁ ସମିତିସଭ୍ୟ ଧରଣୀଧର କର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସିଡିପିଓଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସମାଧାନ ହୋଇନି। ଧାରଣାରତ ପ୍ରତିବାଦକାରୀମାନେ ଅଭିଯୋଗ କରିଛନ୍ତି ଯେ, ବାସୁଦେବପୁର ଅଞ୍ଚଳର 'ଈଶ୍ୱର ଆଶା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ' ଦ୍ୱାରା ଏହି ନିମ୍ନମାନର ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଇ ଦିଆଯାଉଛି। ଯାହା ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ଜୀବନ ସହ ସିଧାସଳଖ ଖେଳ ସଦୃଶ ଅଟେ। ଏହି ଦୁର୍ନୀତିଗ୍ରସ୍ତ ଓ ଦାୟିତ୍ୱହୀନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ବିରୋଧରେ ତୁରନ୍ତ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି। ଏହି ପ୍ରତିବାଦରେ ନିଳୋକ ସମିତିସଭ୍ୟ ଉଦ୍ଧବ ସେଠୀ, ଫାଲ୍‌ଗୁନି ରାଉତ୍, ସୂରଜ ଗୋସ୍ୱାମୀ, ଜୟଦେବ ମହାରାଜ, କ୍ଷୀରୋଦ ନାୟକ, ଶିଶିର ଜେନାଙ୍କ ସମେତ ଶତାଧିକ ସ୍ଥାନୀୟ ବାସିନ୍ଦା ସାମିଲ୍ ଥିଲେ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି।

## ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ଯାଜପୁର,୧୯।୫(ସମିସ):** ଯାଜପୁର ଜିଲ୍ଲାର ଅଗ୍ରଣୀ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ପଣସା ଉପ୍ରା ବିଦ୍ୟାଳୟ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅନ୍ୱେଷଣ ଥିଏଟର ଗ୍ରୁପର ସମ୍ପାଦକ ଅଭିମନ୍ୟୁ ମିଶ୍ରଙ୍କ ଜନ୍ମ ଦିନ ଅବସରରେ ଗ୍ରୀଷ୍ମ ଋତୁରେ ରକ୍ତଭଣ୍ଡାରରେ ରକ୍ତ ଅଭାବ ଦୂର କରିବା ଉଦ୍ଦେଶ୍ୟରେ ଅନ୍ୱେଷଣ ପରିବାର ସଦସ୍ୟ ସଦସ୍ୟାମାନଙ୍କ ଦ୍ୱାରା ଏହା ଆୟୋଜିତ ହୋଇଥିଲା । ଏହି ରକ୍ତଦାନ ଶିବିରରେ ଅନୁଷ୍ଠାନର ସଦସ୍ୟ ସଦସ୍ୟା ଓ ଯାଜପୁର ପଣସା ପଞ୍ଚାୟତ ଓ ଯାଜପୁର ସହର ନିକଟସ୍ଥ ରକ୍ତଦାତାମାନେ ରକ୍ତଦାନ କରିଥିଲେ । ଏହି ରକ୍ତଦାନ ଶିବିରରେ ମୋଟ୍ ୨୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଭୂଲେଖ ବନ୍ଦୋବସ୍ତ ଆୟୁକ୍ତ ଯାଜପୁର ରୋଡ଼ର ଅକ୍ଷୟ କୁମାର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୀତିକଣ୍ଠ କାନୁନ୍‌ଗୋ, ଯାଜପୁର ଥାନା ଅଧିକାରୀ ଶରତ କୁମାର ନାୟକ, ଅବସରପ୍ରାପ୍ତ ପ୍ରଧାପକ ଦାମୋଦର ବେହେରା, ବରିଷ୍ଠ ବିଜେପି ଯୁବ ନେତା ମୃତ୍ୟୁଞ୍ଜୟ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ଶିଶିର କୁମାର ନାୟକ, ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ, ବରିଷ୍ଠ ସମାଜସେବୀ ନିଶିଥ୍ କୁମାର ଦାସ ଓ ପଣ୍ଡିତ ବିଜୟ ଭୂଷଣ ନନ୍ଦ ଯୋଗଦାନକରି ରକ୍ତଦାନ ଶିବିରକୁ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ସୁବାସ ଚନ୍ଦ୍ର ଦେବତା, କୋର କମିଟି ଅଧ୍ୟକ୍ଷ ସେକ୍ ଅବ୍‌ଦୁଲ୍ ସାଜିଦ୍, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ସହ ସମ୍ପାଦିକା ସକୁନ୍ତଳା ବେହେରା ପ୍ରମୁଖ ସହଯୋଗ କରିଥିଲେ ।

● କଙ୍ଗାରୁ କୋର୍ଟ ଫଇସଲା ମାନିଲେନି

## ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ; ୧୧ଗିରଫ

**ଧର୍ମଶାଳା,୧୯।୫(ସମିସ):** ଧର୍ମଶାଳା ଥାନା ହରିଦାସପୁର ପଞ୍ଚାୟତ ଭଡ଼ଙ୍ଗା ନିକଟସ୍ଥ ଆଳିଜଙ୍ଗା ଗ୍ରାମରେ କଙ୍ଗାରୁ କୋର୍ଟ ଫଇସଲା ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଉଭୟ ଗୋଷ୍ଠୀରୁ ୧୩ ଜଣ ଆହତ ହୋଇଛନ୍ତି । ସୂଚନା ମୁତାବକ ଆଳିଜଙ୍ଗା ଗ୍ରାମର ଜନୈକ ବ୍ୟକ୍ତିଙ୍କ ସାନ ଝିଅ ବିଭିନ୍ନ ଶୋଭାଯାତ୍ରାରେ ନୃତ୍ୟ ପରିବେଷଣ କରିଥାଏ । ଏହାକୁ ଗ୍ରାମବାସୀ ବାରଣ କରିବାରୁ ସଂପୃକ୍ତ ବ୍ୟକ୍ତି ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲା । ଏହାକୁ ନେଇ ଗ୍ରାମବାସୀ ସଂପୃକ୍ତ ବ୍ୟକ୍ତିଙ୍କ ଉପରେ ୫ ହଜାର ଟଙ୍କା ଜୋରିମାନା କରିଥିଲେ । ଏହି ନିଷ୍ପତି ଉପରେ ସେ ନ ମାନିବାରୁ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିଲା । ଏହି ମାରପିଟ ଘଟଣାରେ ଉଭୟ ଗୋଷ୍ଠୀର ୧୩ଜଣ ଆହତ ହୋଇଛନ୍ତି । ଏନେଇ ଉଭୟ ଗୋଷ୍ଠୀରୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ୨୦୩/୨୬ ଓ ୨୦୪/୨୬ରେ ୨ଟି ମାମଲା ରୁଜୁ କରିବା ସହିତ ୨୦୩ ମାମଲାରେ ଗୋଟିଏ ପକ୍ଷରୁ କାହ୍ନୁ ମଳିକ, କାଳନ୍ଦୀ ମଳିକ, ଜଗା ମଳିକ, ଚନ୍ଦ୍ରମଣି ମଳିକ ଓ ସୁଦାମ ମଳିକଙ୍କୁ ଗିରଫ କରିଥିବା ବେଳେ ୨୦୪ ମାମଲାରେ ରବୀନ୍ଦ୍ର ଯେନା, ମୋହନ ମଳିକ, ମଣ୍ଟୁ ମଳିକ, ଅକ୍ଷୟ ମଳିକ, ସୁଶାନ୍ତ ମଳିକ, ଲିପୁକାନ୍ତ ମଳିକଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି ବୋଲି ଧର୍ମଶାଳା ଥାନାଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି ।

## ଜଳିଗଲା ଡମ୍ଫର, ସ୍କୁଟି ଓ ବାଇକ୍



**କବାଟବନ୍ଧ,୧୯।୫(ସମିସ):** ମଙ୍ଗଳବାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନରେ ରହିଥିବା ଏକ ମୋଟର ଗ୍ୟାରେଜରେ ଅଗ୍ନିକାଣ୍ଡ ଘଟି ଏକ ୬ ଚକିଆ ଡମ୍ଫର ସମେତ ଏକ ବାଇକ ଓ ସ୍କୁଟିରେ ନିଆଁ ଲାଗିଥିବା ଜଣାପଡ଼ିଛି । ଅଗ୍ନିଶମ ବାହିନୀ ଦ୍ୱାରା ନିଆଁକୁ ନିୟନ୍ତ୍ରଣ ପାଇଁ ଉଦ୍ୟମ କରା ଯାଇଥିଲେ ମଧ୍ୟ ଡମ୍ଫରଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା । ମିଳିଥିବା ସୂଚନା ଅନୁସାରେ ଜେନାପୁର ଥାନା ଅଧୀନ ରାଇଛନ୍ଦା ପଞ୍ଚାୟତ ବାରକଣା ଗ୍ରାମର ଜଣେ ଗାଡି ମାଲିକ ତାଙ୍କ ଡମ୍ଫର (୬ ଚକିଆ) ଗାଡ଼ିର ମରାମତି ପାଇଁ ଗ୍ୟାରେଜକୁ ନେଇଥିଲେ । ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ବଳରାମପୁର କନ୍ତପଡ଼ା ଛକ ନିକଟରେ ଥିବା ଗ୍ୟାରେଜରେ କୌଣସି କାରଣରୁ ସଟ୍‌ସର୍କିଟ ହୋଇ ଅଗ୍ନିକାଣ୍ଡ ଘଟିଥିଲା । ଫଳରେ ଗାଡ଼ିଟି ହୁତୁ ହୁତୁ ହୋଇ ଜଳିଯାଇଥିଲା । ଯାହା ଦ୍ୱାରା ସେଠାରେ ଥିବା ଲୋକମାନେ ନିଆଁକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇ ଥିଲେ । ଖବର ପାଇ ଚଢ଼େଇଧରା ଅଗ୍ନିଶମ ବାହିନୀ ଉକ୍ତ ସ୍ଥାନରେ ପହଞ୍ଚିଥିଲେ । ମାତ୍ର ଗାଡ଼ିଟି ସମ୍ପୂର୍ଣ୍ଣ ଜଳି ସାରିଥିଲା । ଏହା ସହିତ ଉକ୍ତ ଗାଡ଼ି ନିକଟରେ ଥିବା ଅନ୍ୟ ଦୁଇଟି ବାଇକ୍ ଏବଂ ସ୍କୁଟି ମଧ୍ୟ ଏହି ଅଗ୍ନିକାଣ୍ଡରେ ଆଂଶିକ ଭାବେ କ୍ଷତି ହୋଇଛନ୍ତି ।

### ଗାଁ ମଝିରେ ଚୋରା ମଦ ବ୍ୟବସାୟକୁ ନେଇ ତାତିଲେ ମହିଳା

# ଥାନାରେ ଧାରଣା; ମଦ ବ୍ୟବସାୟୀ ଗିରଫ



**ମଙ୍ଗଳପୁର/ଦଶରଥପୁର, ୧୯।୫(ସମିସ):**

ମଙ୍ଗଳପୁର ଥାନା ପାଳଟପୁର ପଞ୍ଚାୟତ ବିନ୍ଧାନନ୍ଦିପୁର ଗ୍ରାମ ମଝିରେ ଚୋରା ମଦ ବ୍ୟବସାୟକୁ ଗିରଫ ଦାବିରେ ଗ୍ରାମବାସୀ ଆଜି ଥାନା ସମ୍ମୁଖରେ ଧାରଣାରେ ବସିଥିଲେ । ମଙ୍ଗଳପୁର ଆଇଆଇସି ରଞ୍ଜନ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ସଂଯୁକ୍ତା ପଣ୍ଡା, ଏସ୍‌କେ ମଲିକ ଚଢ଼ଉ କରି ଚୋରା ମଦ ବ୍ୟବସାୟୀ ସୁରଥ କୁମାର ସାମଲଙ୍କୁ ଗିରଫ କରିବା ପରେ ମହିଳାମାନେ ଧାରଣରୁ ଉଠିଥିଲେ । ସୂଚନା ଅନୁସାରେ ଏଥିନେଇ ଗାଁର ମହିଳାମାନେ ଏକାଠି ହୋଇ ମଙ୍ଗଳପୁର ଥାନାରେ ଗତ ୯ ତାରିଖରେ ଚୋରା ମଦ ବ୍ୟବସାୟୀ ଅତୁଳ ସାମଲ ଏବଂ ପୁଅ ସୁରଥ ସାମଲଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ । ମାତ୍ର ପୁଲିସ କିମ୍ବା ଅବକାରୀ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା । ଏଣୁ ବିନ୍ଧାନନ୍ଦିପୁର ଗ୍ରାମର ମହିଳା ଏବଂ ପୁରୁଷମାନେ ଏକାଠି ହୋଇ ଗାଁକୁ ମଦ ପିଇବାକୁ ଆସିବା ଲୋକଙ୍କୁ ଅଟକ ରଖାଯିବା ସହିତ ଚୋରା ବ୍ୟବସାୟ ବନ୍ଦ କରିବାକୁ ନିଷ୍ପତି ନିଆଯାଇଥିଲା । ଅଭିଯୋଗ ଅନୁସାରେ ଏହି ବାପା ପୁଅ ଗାଁ ମଝିରେ ବ୍ୟବସାୟୀ କରିବାରୁ ମଦ୍ୟପମାନେ ଗାଁରେ ଗାଳି ଗୁଲଜ ଦେବା, ଅଶ୍ଳୀଳ ଭାଷାରେ କଥା ହେବା, ମାଡ଼ ଗୋଳ ହେବା, ହତ୍ୟା ଧମକ ଦେବା, ଚୋରି ହେବା ଭଳି କାର୍ଯ୍ୟ ଅତିସହ୍ୟ ହୋଇଗଲାଣି ବୋଲି ଅଭିଯୋଗ କରାଯାଇଥିଲା । ଅନନ୍ତ କୁମାର ଜେନା, ନିରଞ୍ଜନ ଜେନା, ୱାର୍ଡ ସଭ୍ୟ କବିତା ମଳିକ, ପୂର୍ଣ୍ଣ ଚନ୍ଦ୍ର ସାହୁ, ଗୁରୁବାରୀ ପରାମନିକ, ଅଖନ ପରାମନିକ, ସୁକାନ୍ତି ମହାପାତ୍ର, ହେମଲତା ମହାପାତ୍ର, ମଞ୍ଜୁଲତା ବାରିକ, ଲିପିକା ସାମଲ, ଅମ୍ବିକା ସାହୁ, ନିରୁପମା ସାହୁ, ସାବିତ୍ରୀ ସାହୁ, ସାବିତ୍ରୀ ଦାସ, ଚଗୁଲୁ ବାରିକଙ୍କ ସମେତ ବହୁତ ମହିଳା ସାମିଲ ଥିଲେ ।

## ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଆଲୋଚନାଚକ୍ର

**ଧର୍ମଶାଳା,୧୯।୫(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ଶାନ୍ତବଜାରସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ସାରସ୍ୱତ କୃତି ଉପରେ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ଅବସରପ୍ରାପ୍ତ ପ୍ରାଧାପକ ତଥା ସ୍ତମ୍ଭକାର ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡ. ତୁହିନାଂଶୁ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ସାରସ୍ୱତ କୃତି ଉପରେ ଆଲୋକପାତ କରିବା ସହ ବିବେକ ହେଉଛି ସ୍ୱଚ୍ଛ ଝରଣାଟିଏ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ କବି ଗୋବିନ୍ଦ ଚନ୍ଦ୍ର ସାହୁ, ଗାଳ୍ପିକ ଅର୍ଜୁନ ପୃଷ୍ଟି ଓ କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ ଯୋଗଦେଇ ଲେଖକଟିଏ ସଂକୀର୍ଣ୍ଣତା ଛାଡ଼ିବା ଉଚିତ ବୋଲି ମତପ୍ରକାଶ କରିଥିଲେ । ସାଧାରଣ ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସାହିତ୍ୟିକ ପ୍ରଫୁଲ୍ଲ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୂର୍ବତନ ସଭାପତି କାହ୍ନୁଚରଣ ଦାଶ ସ୍ୱାଗତ ଭାଷଣ ଦେଇଥିଲେ । କବି ଗଣେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ ।



## ଜଳଛତ୍ର ଖୋଲିବା ପାଇଁ ପ୍ରଶାସନକୁ ଦାବି

**ବିଞ୍ଝାରପୁର,୧୯।୫(ସମିସ):** ସାରା ରାଜ୍ୟ ଗ୍ରୀଷ୍ମ ପ୍ରଭାବରେ କବଳିତ ହୋଇ ରହିଥିବା ବେଳେ ବିଞ୍ଝାରପୁର ଅଞ୍ଚଳରେ ଅସହ୍ୟ ତାତି ଏବେ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ପଶୁ ପକ୍ଷୀ ଠାରୁ ଆରମ୍ଭ କରି ସାଧାରଣ ଲୋକ ପର୍ଯ୍ୟନ୍ତ ସମସ୍ତେ ତୀବ୍ର ଗ୍ରୀଷ୍ମ ପ୍ରବାହରେ ସିଝୁଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଞ୍ଚାୟତରେ ସ୍ଥାୟୀ ଜଳଛତ୍ର ବ୍ୟବସ୍ଥା ନଥିବା ଅଭିଯୋଗ ହେଉଛି । କେତେକ ସମାଜସେବୀ ଓ ସଂଗଠନ ପକ୍ଷରୁ ଜଳଛତ୍ର ଖୋଲାଯାଉଥିଲେ ମଧ୍ୟ ତାହା କେବଳ ଦୁଇ ଚାରି ଦିନରେ ସୀମିତ ହୋଇଯାଉଥିବାରୁ ସାଧାରଣ ଲୋକଙ୍କୁ ଆଶ୍ୱାସନ ଛଡ଼ା ବିଶେଷ ସୁବିଧା ମିଳୁନାହିଁ । ତୀବ୍ର ଖରା କାରଣରୁ ନଈ, ପୋଖରୀ ଓ ଜଳାଶୟ ଶୁଖିବାକୁ ବସିଥିବା ବେଳେ ବିଲ ଭିତରେ ଥିବା ଗାଈ, ଗୋରୁ, ଛେଳି, ମେଣ୍ଢା ଭଳି ତୃଣଭୋଜୀ ପ୍ରାଣୀମାନେ ପାଣି ଟୋପାଏ ପାଇଁ ଡହଳବିକଳ ହେଉଛନ୍ତି । ଅନ୍ୟପଟେ ଖରାବେଳ ସମୟରେ ଦୋକାନ ବଜାର ବନ୍ଦ ରହୁଥିବାରୁ ପଥଚାରୀ ଓ ଗାଡ଼ି ମୋଟର ଚାଳକମାନେ ମଧ୍ୟ ପିଇବା ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ଲୋକଙ୍କ ଦାବି ଅନୁସାରେ, ପ୍ରଶାସନ ପକ୍ଷରୁ ପ୍ରମୁଖ ଛକ, ହାଟବଜାର ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ତୁରନ୍ତ ଜଳଛତ୍ର ଖୋଲାଯିବା ସହ ପଶୁପକ୍ଷୀଙ୍କ ପାଇଁ ମଧ୍ୟ ପାଣି ବ୍ୟବସ୍ଥା କରାଯିବା ଆବଶ୍ୟକ ବୋଲି ସାଧାରଣରେ ଦାବି ଜୋର ଧରିଛି ।

● ଘର ଉଜାଡ଼ି ଦେଲା କାଳବୈଶାଖୀ

## ମୁଣ୍ଡ ଗୋଞ୍ଜିବାକୁ ନାହିଁ ଛାତ



**ଯଖପୁରା,୧୯।୫(ସମିସ):** କାଳବୈଶାଖୀର ଉଗ୍ରରୂପ ଦେଖିବାକୁ ମିଳିଛି ପଙ୍କପାଳ ଗ୍ରାମରେ । ଏହି ଗ୍ରାମର ଗରିବ କାଳନ୍ଦୀ ସ୍ୱାଇଁ (୩୨)ଙ୍କ ମାଟି ଓ ଚାଳ ଛପର ଘର କାଳବୈଶାଖୀରେ ଉଡ଼ିଯାଇଛି । କାଳନ୍ଦୀ ପାଖରେ ଥିବା ଏକ କାରଖାନାରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରିଥାନ୍ତି । ସ୍ତ୍ରୀ, ଗୋଟିଏ ଝିଅ ଓ ଗୋଟିଏ ପୁଅକୁ ନେଇ କୁ ନେଇ ତାଙ୍କ ପରିବାର ଯେନେତେନେ ଚଳିଯାଆନ୍ତି । ନିଜର ଗୋଟିଏ ପକ୍କା ଘର ତୋଳିବା କାଳନ୍ଦୀ ପାଇଁ ସାତସପନ । ବହୁ କଷ୍ଟରେ କାଳନ୍ଦୀ ସେଇ ମାଟି ଚାଳ ଛପର ଘରେ ନିଜ ପରିବାରକୁ ନେଇ ରହି ଆସୁଥିଲେ । ମାତ୍ର କାଳବୈଶାଖୀ କାଳନ୍ଦୀ ମୁଣ୍ଡ ଉପରୁ ସେହି ଚାଳ ଛପର ଘରଟି ମଧ୍ୟ ନେଇଗଲା । ଏବେ ପରିବାରକୁ ନେଇ କୁଆଡେ ଯିବ ଭାବି ସେଇ ଭଙ୍ଗା ଘର ପାଖରେ ଜରିପାଲ ଟାଙ୍ଗି ରାତ୍ରୀଯାପନ କରୁଛନ୍ତି ।

ପୂର୍ବରୁ ପ୍ରଶାସନକୁ ବହୁବାର ଘର ଖଣ୍ଡେ ପାଇଁ ଜଣାଇଥିଲେ ମଧ୍ୟ ଏଯାଏଁ ମିଳିନାହିଁ । ପଞ୍ଚାୟତରେ କାଳନ୍ଦୀଠାରୁ ଭଲରେ ଥିବା ଲୋକ ଘର ପାଇସାରିଛନ୍ତି । କାଳନ୍ଦୀ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି କି ଯାହାର ପୂର୍ବରୁ ପକ୍କା ଘର ଅଛି, ସେ ମଧ୍ୟ ପ୍ରଶାସନ ତରଫରୁ ଘର ପାଇପାରୁଛି । କିନ୍ତୁ ମୋର ମାଟି ଚାଳ ଘର ଗୋଟେ ଥିଲା ତାକୁ ବି ଦଇବ ଭାଙ୍ଗିଦେଲା । ଏବେ ମୋ ପରିବାରକୁ ନେଇ କୁଆଡେ ଯିବି ବୋଲି କହିଛନ୍ତି କାଳନ୍ଦୀ । ଘରଟି ଭାଙ୍ଗି ଯିବା ପରେ କାଳନ୍ଦୀର ଦୁଃଖ ଦ୍ୱିଗୁଣିତ ହୋଇଛି । ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି କି ବିଡିଓଙ୍କ ମାଧ୍ୟମରେ ତୁରନ୍ତ ଏକ ପକ୍କା ଘର କାଳନ୍ଦୀକୁ ପ୍ରଦାନ କରନ୍ତୁ । କାରଣ ଯେଉଁଠି ଦୁଇ ପିଲାଙ୍କ ପାଠ ପଢ଼ା ସହ ପରିବାର ପ୍ରତିପୋଷଣ କରିବା କାଳନ୍ଦୀ ପକ୍ଷରେ କଷ୍ଟକର ହେଉଛି ସେଠାରେ ସେ କିପରି ଏକ ଘର ତୋଳିପରିବ । ପ୍ରଶାସନ ଏହାକୁ ଗୁରୁତ୍ୱ ସହ ନେଇ ତୁରନ୍ତ କାଳନ୍ଦୀକୁ ଏକ ପକ୍କା ଘର ଯୋଗାଇ ଦେବାର ବ୍ୟବସ୍ଥା କରାନ୍ତୁ ।

## ବ୍ରାଉନସୁଗର ଜବତ, ଜଣେ ଗିରଫ

**ଯାଜପୁର,୧୯।୫(ସମିସ):** ଯାଜପୁର ସହରର ଯୋଡିକୁଅ ନିକଟରେ ଯାଜପୁର ରେଞ୍ଜ ଅବକାରୀ ବିଭାଗ ପକ୍ଷରୁ ବଡ଼ ଧରଣର ଚଢ଼ଉ କରାଯାଇଛି । ଏଥିରେ ୨୧ ଗ୍ରାମର ବ୍ରାଉନସୁଗର ଜବତ କରାଯାଇଛି । ଏହି ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ଗଣପତିପୁର ଅଞ୍ଚଳର ରୋନିତ ଧଳ । ଜବତ ବ୍ରାଉନସୁଗାର ଆନୁମାନିକ ମୂଲ୍ୟ ୨ଲକ୍ଷ ୭୦ ହଜାର । ଅବକାରୀ ଅଧିକ୍ଷକ ଅଜୟ ବେହେରାଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିଲା ।



## କଳା ସଙ୍ଗୀତ ବିଦ୍ୟାଳୟ ଉଦ୍‌ଘାଟିତ

**ଜେନାପୁର,୧୯।୫(ସମିସ):** କଳା ଓ ସଙ୍ଗୀତ ବିନା ମଣିଷ ଜୀବନ ଏକ ପ୍ରକାର ଅସମ୍ପୂର୍ଣ୍ଣ । ଏହା ମାନବ ଜୀବନର ଅବସର ଚିତ୍ତ ବିନୋଦନର ବଳିଷ୍ଠ ମାଧ୍ୟମ ହେବା ସହିତ ସାମାଜିକ ଶୃଙ୍ଖଳା ତଥା ସଂସ୍କୃତି ଓ ପରମ୍ପରା ଉଜାଗରରେ ସହାୟକ ହୋଇଥାଏ । ଯାହାକୁ ଦୃଷ୍ଟିରେ ରଖି ସଚେତନ ନାଗରିକ ମଞ୍ଚ ବେଢ଼ା ପକ୍ଷରୁ ବରଡ଼ା ଛକ ନିକଟରେ ଥିବା ବେହେରା କମ୍ପ୍ଲେକ୍ସରେ ସ୍ଥାନୀୟ ଅଞ୍ଚଳରେ ନୃତ୍ୟ ସଙ୍ଗୀତର ବିକାଶ ପାଇଁ ଏକ ନୂତନ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ଉଦ୍‌ଘାଟିତ ହୋଇଥିବା ଉକ୍ତ ବିଦ୍ୟାଳୟରେ ସ୍ଥାନୀୟ ତଥା ଦୂର ଦୂରାନ୍ତରେ ଏହି ସୁଯୋଗ ପାଇ ପାରୁନଥିବା ପିଲା ଓ ଅଭିଭାବକ ମାନଙ୍କ ପାଇଁ ଏକ ସୁଯୋଗ ଭାବେ ବିବେଚନା କରାଯାଇ ପାରିବ । ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସାମାଜିକ ସଂଗଠନ ସଚେତନ ନାଗରିକ ମଞ୍ଚ ବେଢ଼ାର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ । ଉଦୀୟମାନ ସ୍ୱେଚ୍ଛାସେବୀ ସଂଗଠନ ସମ୍ପାଦକ ଅନିଲ କୁମାର ଦାସ ଭଗବତୀ କଳା ବିକାଶ କେନ୍ଦ୍ରକୁ ଉଦ୍‌ଘାଟନ କରିବା ଅବସରରେ କହିଥିଲେ ଯେ ଏଠାରେ ଏହି ଆଞ୍ଚଳିକ କଳାର ଶିକ୍ଷା ନିମନ୍ତେ କୌଣସି ଅନୁଷ୍ଠାନ ନଥିବା ବେଳେ ଏହା ଅଞ୍ଚଳର ଆର୍ଥିକ ଅନଗ୍ରସର ପିଲା ମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା । ସକାଳ ୭ରୁ ଏହା ଆରମ୍ଭ ହୋଇ ୧୦ ଘଟିକା ପର୍ଯ୍ୟନ୍ତ ଚାଲିବ । ୧୯ ତାରିଖ ଠାରୁ ନାମଲେଖା ଆରମ୍ଭ ହୋଇଥିବାରୁ ଆଗ୍ରହୀ ଅଭିଭାବକ ମାନେ ଏହାର ସୁଯୋଗ ନେଇ ପାରିବେ ବୋଲି ସଭାପତି ଉଦ୍‌ଘାଟନ ଅବସରରେ କହିଛନ୍ତି ।



## ସନଭିରା କାରଖାନା କର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ

**ଦାନଗଦି,୧୯।୫(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳ ସନଭିରା କାରଖାନାରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କର ଗତକାଲି ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି । ମୃତ କର୍ମଚାରୀ ଜଣକ ହେଲେ ସୁମନ ଗଡ଼ନାୟକ (୩୫) ଓ ତାଙ୍କ ଘର ଭୁବନେଶ୍ୱର ଅଞ୍ଚଳରେ । ସେ କାରଖାନାରେ ଇଲେକ୍ଟ୍ରିକାଲ ଇଞ୍ଜିନିଅର ଭାବେ କାମ କରନ୍ତି । ଗତକାଲି ସେ ଯାଜପୁର ରୋଡରୁ କାରଖାନାକୁ ଡ୍ୟୁଟି କରିବା ପାଇଁ ଆସିଥିଲେ ।

ପ୍ରାୟ ୪ଟା ସମୟରେ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ । କମ୍ପାନୀ ଗାଡ଼ିରେ ତାଙ୍କୁ ତୁରନ୍ତ ଦାନଗଦି ଡାକ୍ତରଖାନାକୁ ଅଣାଯାଇଥିଲା । ହେଲେ ସେଠାରେ ଡାକ୍ତର ଅବସ୍ଥା ସଂକଟାପନ୍ନ ଥିବା ଦେଖି କଟକ ପଠାଇ ଦେଇଥିଲେ । ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ତେବେ ଏ ସମ୍ପର୍କରେ ଯଖପୁରା ଥାନାରେ କୌଣସି ଖବର ନ ଥିବା ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ କହିଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣା ପଡିବ ବୋଲି ସେ କହିଛନ୍ତି । ଏ ସମ୍ପର୍କରେ କାରଖାନା କର୍ତ୍ତୃପକ୍ଷଙ୍କ ଶହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ ।

## ମାଟ୍ରିକ ଜିଲ୍ଲା ଟପ୍ପର ଶୁଭମ୍‌ଙ୍କୁ ସମ୍ବର୍ଦ୍ଧନା



**ଯାଜପୁର,୧୯।୫(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ୨୦୨୬ ମସିହା ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ୯୫.୦୫ ପ୍ରତିଶତ ରଖି ଜିଲ୍ଲାର ଗୌରବ ମଣ୍ଡନ କରିଥିବା ଶୁଭମ ସାହୁଙ୍କୁ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଓ ଜିଲ୍ଲାପାଳ ଅମ୍ବର କୁମାର କର ସମ୍ବର୍ଦ୍ଧିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶୁଭମଙ୍କ ମା' ସୁମିତ୍ରା ସାହୁ ଉପସ୍ଥିତ ରହିଥିଲେ । ଶୁଭମ୍ ସାହୁଙ୍କ ଘର କାକୁଡିକୁଦ ଗ୍ରାମର ଓ ସେ ସତ୍ୟସାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ । ଶୁଭମ ୨୦୨୩ ମସିହାରେ ତାଙ୍କ ପିତାଙ୍କୁ ହରାଇଥିଲେ । ବହୁ ଅଭାବ ଅସୁବିଧାରେ ଥାଇ ମଧ୍ୟ ପାଠ ପଢ଼ାରେ ଧ୍ୟାନ ଦେଇ ଆଜି ସଫଳତା ପାଇଛନ୍ତି । ଭବିଷ୍ୟତରେ ଡାକ୍ତର ହୋଇ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବେ ବୋଲି କହିଥିଲେ । ତାଙ୍କ ମାତା ସୁମିତ୍ରା ସାହୁ ଏବେ ସ୍କୁଲରେ ପାଚିକା ସହାୟିକା ରୂପେ କାର୍ଯ୍ୟ କରୁଛନ୍ତି । ଶୁଭମର ପାଠପଢ଼ାରେ ଜିଲ୍ଲା ପ୍ରଶାସନ ସମସ୍ତ ସହଯୋଗ କରିବ ବୋଲି ଜିଲ୍ଲାପାଳ ଅମ୍ବର କୁମାର କର କହିଥିଲେ । ଏ ସମ୍ପର୍କରେ ଶିଶୁ ସୁରକ୍ଷା ୟୁନିଟକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଦିବ୍ୟଭୂଷଣ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଯାଜପୁର ଆଇଟିଆଇ ଅଧ୍ୟକ୍ଷ ପ୍ରଭାତ କୁମାର ମଲ୍ଲିକ, ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ କୁଳମଣି ନାୟକ, ସ୍ୱେଚ୍ଛାସେବୀ ଅଶୋକ ଓଝା ପ୍ରମୁଖ ଉପସ୍ଥିତ ଥିଲେ ।

### ପଙ୍କପାଳ ପଞ୍ଚାୟତ ମନରେଗା କାମରେ ଅନିୟମିତତା

# ଶ୍ରମିକ ବଦଳରେ ମେସିନ୍ କରୁଛି କାର୍ଯ୍ୟ

**ଯାଖପୁର,୧୯।୫(ସମିସ):**



ସରକାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଶ୍ରମିକ ମାନଙ୍କୁ ମଜୁରି ଉପଲବ୍ଧ କରିବା ପାଇଁ ପଞ୍ଚାୟତ ସ୍ତରରେ ଅନେକ ପ୍ରକାରର ବ୍ୟବସ୍ଥା କରାଯାଇଛି । ସାଧାରଣ ଜନତା ସରକାରଙ୍କ ଉନ୍ନତି ମୂଳକ କାର୍ଯ୍ୟ ହେବା ସହ ଗରିବ ଶ୍ରମିକ ମାନଙ୍କୁ ମଜୁରି ଉପଲବ୍ଧ ରହୁଛି । ଯେଉଁଠି ମନରେଗା ଯୋଜନାର ସମ୍ପୂର୍ଣ୍ଣ କାର୍ଯ୍ୟ ଶ୍ରମିକ ଦ୍ୱାରା କରାଯିବାର ବ୍ୟବସ୍ଥା ରହିଛି ମାତ୍ର ସେଠାରେ ଏହାକୁ ଅଣଦେଖା କରି ମେସିନ୍ ସାହାଯ୍ୟରେ କରାଯାଉଛି । ସେମିତି ଏକ କାର୍ଯ୍ୟ ଦାନଗଦି ବ୍ଲକ୍ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତରେ ଦେଖିବାକୁ ମିଳିଛି । ପଙ୍କପାଳ ପଞ୍ଚାୟତରେ ଥିବା ବସୁମତୀ ବନ୍ଧର ପୁନରାଦ୍ଧାର କାର୍ଯ୍ୟ ହେଉଛି । ଏହି କାର୍ଯ୍ୟ ୨୦୨୫- ୨୬ ମସିହାରେ ହେବାକୁ ଧାର୍ଯ୍ୟ କରାଯାଇଛି । ଉକ୍ତ କାର୍ଯ୍ୟର ମୂଲ୍ୟ ୧୦ ଲକ୍ଷ ଟଙ୍କା ରହିଛି । ମୋଟ ବ୍ୟୟ ହେବାକୁ ଥିବା ଟଙ୍କାର ୬ ଲକ୍ଷ ୪୦ ହଜାର ଟଙ୍କା ଶ୍ରମିକ ମାନଙ୍କ ମଜୁରି ବାବଦରେ ଖର୍ଚ୍ଚ ହେବାକୁ ଥିବା ବେଳେ ସହିତ ବଳକା ୩ ଲକ୍ଷ ୬୦ ହଜାର ଟଙ୍କା ସାମଗ୍ରୀ ପାଇଁ ରହିଛି । ଯେଉଁ କାର୍ଯ୍ୟ ମନରେଗା କାର୍ଯ୍ୟ ଅଧୀନରେ ହେଉଛି । ଯାହା ସମ୍ପୂର୍ଣ୍ଣ ଭାବରେ ଶ୍ରମିକମାନେ କରିବା କଥା । ମନରେଗା କାର୍ଯ୍ୟ କୌଣସି ମେସିନ ଦ୍ୱାରା କରାଯାଇପାରିବ ନାହିଁ ବୋଲି ପ୍ରାବଧାନ ରହିଛି । ମାତ୍ର ବାସୁମତୀ ବନ୍ଧ ମନରେଗା କାର୍ଯ୍ୟ ଅଧୀନରେ ହେଉଥିବା ସତ୍ତ୍ୱେ ଉକ୍ତ କାର୍ଯ୍ୟକୁ ଜଣେ ହେଲେ ଶ୍ରମିକଙ୍କ ହାତରେ କରାଯାଇନାହିଁ । ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଦର୍ଶାଯାଇଛି । ଯେତିକି କାର୍ଯ୍ୟ ହୋଇଛି ତାହା ମେସିନ ଦ୍ୱାରା କରାଯାଇଥିବାର ଅଭିଯୋଗ ହେଉଛି । ଉକ୍ତ କାର୍ଯ୍ୟରେ ଜଣେ ହେଲେ ଶ୍ରମିକ ନିଜ ଜବ୍‌କାର୍ଡରେ କାମ କରି ନାହାଁନ୍ତି । ଯେଉଁ ଜବକାର୍ଡ ଅଧିକାରୀଙ୍କ ନାମରେ କାର୍ଯ୍ୟ ହେଉଛି ସେମାନଙ୍କ ଭିତରୁ ଅନେକ ଶ୍ରମିକ ନୁହଁନ୍ତି । ବିଭାଗୀୟ ଅଧିକାରୀଙ୍କୁ ଭୁଆଁ ବୁଲାଇ ଭୁଲ ଲୋକଙ୍କୁ ଜବକାର୍ଡରେ ଅନ୍ତର୍ଭୁକ୍ତ କରି ସେମାନଙ୍କ ନାମରେ ମିଛ ବିଲ୍ କରାଯାଇ ଟଙ୍କା ଉଠାଣ କରାଯାଉଛି । ଯାହାର ତଦନ୍ତ କରିଲେ ସମ୍ପୂର୍ଣ୍ଣ ସତ୍ୟ ପଦାକୁ ଆସି ପାରନ୍ତା । ମାତ୍ର ଏଠାରେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛନ୍ତି । ତୁରନ୍ତ ଏହାର ତଦନ୍ତ କରି ସତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି ।

# ଯାତ୍ରୀବାହୀ ବସ୍‌କୁ ଧକ୍କାଦେଲା ଟ୍ରକ୍

● ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ଯୋଡ଼ା, ୧୯।୫(ସମିସ): କେନ୍ଦୁଝର ଜିଲ୍ଲାର ଯୋଡ଼ା ସହର ପାଖ ଦେଇ ଲମ୍ବିଥିବା ଜାତୀୟ ରାଜପଥରେ ଖଣିଜ ପଦାର୍ଥ ପରିବହନ କରୁଥିବା ଗାଡ଼ି ଚାଳକଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଯୋଡ଼ା ଥାନା ଅନ୍ତର୍ଗତ ଯୋଡ଼ା ପୌରାଞ୍ଚଳର ଡିଏଭି ଛକ ନିକଟରେ ଯୋଡ଼ାରୁ ଝାଡ଼ଖଣ୍ଡ ଚକ୍ରଧରପୁର ଯାଉଥିବା ଏକ ଘରୋଇ ବସ୍‌କୁ ଟ୍ରକ୍ ଧକ୍କା ଦେଇଛି। ଆଜି ଯୋଡ଼ାରୁ ଚକ୍ରଧରପୁର ଯାଉଥିବା ଯାତ୍ରୀବାହୀ ବସ୍ ନିହାରିକା ବସକୁ ଡିଏଭି ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଓଡି ୦୯ଭି ୭୫୫୩ ନମ୍ବର ବିଶିଷ୍ଟ ହାଇୱା ଧକ୍କା ଦେଇଥିଲା। ଯାତ୍ରୀଙ୍କ ମଧ୍ୟରୁ କାହାରି କିଛି କ୍ଷୟକ୍ଷତି ହୋଇ ନଥିବା ନେଇ ବେଳେ ଟ୍ରକ୍‌ଟି ଘଟଣାସ୍ଥଳରୁ ଫେରାର ହେଉଥିଲା। ଲୋକେ ତାକୁ ଅଟକାଇଥିଲେ। କିଛି ସମୟ ଉକ୍ତ ରାସ୍ତାରେ ଯାନବାହନ ଅଟକିଥିବା ବେଳେ ଯୁକ୍ତିତର୍କ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ ମାଲିକ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା ପରେ ଯାନବାହନ ଚଳାଚଳ ହୋଇଥିଲା। ଟ୍ରକ ଚାଳକ ଟ୍ରାଫିକ ନିୟମ ଉଲଙ୍ଘନ କରିବା ସହ ବେପରୁଆ ଭାବେ ଗାଡି ଚାଳନା କରୁଥିବା ଯୋଗୁଁ ଏପରି ଦୁର୍ଘଟଣା ବାରମ୍ବାର ଘଟୁଥିବା ନଜିର ରହିଛି। ସେହିପରି କିଛିଦିନ ପୂର୍ବରୁ ୫୨୦ ନମ୍ବର ଜାତୀୟ ରାଜପଥର ଯୋଡ଼ା କଳାପାହାଡ଼ ନିକଟରେ ଭୁବନେଶ୍ୱରରୁ ଯୋଡ଼ା ଆସୁଥିବା ଏକ ଘରୋଇ ବସକୁ ଏକ ଟ୍ରେଲର ଧକ୍କା ଦେଇଥିଲା। ଏହାକୁ ନେଇ ସାଧାରଣରେ ଘୋର୍ ଅସନ୍ତୋଷ ଦେଖାଦେବା ସହ ଏପରି ବେପରୁଆ ଢ଼ଙ୍ଗରେ ଗାଡ଼ି ଚାଳନା କରି ଦୁର୍ଘଟଣା ଘଟାଉଥିବା ଚାଳକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି।

● ମୋରଡ଼ାରେ କାଳବୈଶାଖୀର ତାଣ୍ଡବ

# ଉପୁଡ଼ିଲା ଗଛ, ଯାତାୟାତ ବାଧାପ୍ରାପ୍ତ

ମୋରଡ଼ା,୧୯।୫(ସମିସ): ମୋରଡ଼ା ବ୍ଲକ୍‌ରେ ମଙ୍ଗଳବାର ସନ୍ଧ୍ୟାରେ କାଳବୈଶାଖୀ ତାଣ୍ଡବ ରଚିଛି। ହଠାତ ପବନ, ବିଜୁଳି, ଘଡଘଡି ସାଙ୍ଗକୁ ପ୍ରବଳ ବର୍ଷା ହୋଇଛି। ଫଳରେ ଚିତ୍ରଡା ପଞ୍ଚାୟତ ୩ନଂ ୱାର୍ଡର ବାସନ୍ତୀ ମହାକୁଡ଼ଙ୍କ ଛପର ଘର ଭାଙ୍ଗିଯାଇଛି। ତେବେ ଅସହ୍ୟ ଗରମ ଓ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ଦେଇଛି କାଳବୈଶାଖୀ ବର୍ଷା। ଆଜିର ତିନି ଘଣ୍ଟା ଧରି ପ୍ରବଳ ବିଜୁଳି, ଘଡଘଡି ସାଙ୍ଗକୁ ବର୍ଷା ଓ ପବନ ଯୋଗୁଁ ୬୧ନଂ ରାଜ୍ୟ ରାଜପଥର ବାଘୁଆଷୋଳ, ଅସ୍ତିଆ ଓ ବାରମାଇଲରୁ ଗଡ଼ିଆ ରାସ୍ତାର ବିଭିନ୍ନ ସ୍ଥାନରେ ଗଛ ରାସ୍ତା ଉପରେ ପଡିଥିବାରୁ ଦୀର୍ଘ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସେହିପରି ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ଉପରେ ଗଛ ପଡିଥିବାରୁ ବିଦ୍ୟୁତ୍ ସେବା ପ୍ରଭାବିତ ହୋଇଥିଲା। ଫଳରେ ରାତି ସାରା ଅନ୍ଧାରରେ ରହିଥିଲେ ମୋରଡ଼ା ବ୍ଲକ ଅଞ୍ଚଳବାସୀ। ମଙ୍ଗଳବାର ସନ୍ଧ୍ୟା ୫ଟା ସମୟରୁ ଲଗାତର ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ତାଣ୍ଡବ ରଚିଥିଲା କାଳବୈଶାଖୀ। ତେବେ କାଳବୈଶାଖୀ ଯୋଗୁଁ କ୍ଷୟକ୍ଷତି ଘଟିଥିବା ଲୋକଙ୍କୁ କିପରି ସରକାରୀ ସହାୟତା ମିଳିବ ସେଥିପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ କଂଗ୍ରେସ ନେତା ପ୍ରଭାସ କର ମହାପାତ୍ର ଦାବି କରିଛନ୍ତି।

# ଖୁଦଫୁଟଲି ଗ୍ରାମରେ ଗାଡ଼ଭାଲୁ ଆତଙ୍କ; ୫ ଜଣ ଆହତ



ଉଦଳା,୧୯।୫(ସମିସ): ଗାଁରେ ମାତିଛି ଗାଡ଼ଭାଲୁ। ଯାହାକୁ ପାଉଛି ତାକୁ ଗୋଡ଼ାଇ ଗୋଡ଼ାଇ କାମୁଡୁଛି। ଆକ୍ରମଣରେ ୫ ଜଣ ଗୁରୁତର ଆହତ ହୋଇ ଉଦଳା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଉଦଳା ବନାଞ୍ଚଳର ଖୁଦପୁଟଲି ଗ୍ରାମରେ ମାତିଛି ଏହି ଜନ୍ତୁ। ଗ୍ରାମବାସୀ ଏବେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଗତକାଲି ରାତିରୁ ଗ୍ରାମରେ ପଶିଥିବା ଏହି ଜନ୍ତୁଟି ରାତିରେ ଦୁଇଜଣଙ୍କୁ ଆକ୍ରମଣ କରି ଗୁରୁତର କରିଥିବାବେଳେ ସେମାନେ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆଜି ସକାଳୁ ଆଉ ୩ ଜଣଙ୍କୁ ଆକ୍ରମଣ କରିଛି। ଆକ୍ରମଣ କରିବା ପରେ ଗାଡ଼ଭାଲୁ ନିକଟସ୍ଥ ଜଙ୍ଗଲକୁ ପଶି ଯାଉଥିବାବେଳେ ଯେତେବେଳେ ଆସୁଛି କେବଳ ଲୋକଙ୍କୁ ଗୋଡ଼ାଉଛି। ଉଦଳା ବନ ବିଭାଗ ପହଞ୍ଚି କାବୁ କରିବା ପାଇଁ ଚେଷ୍ଟା ଜାରି ରଖିଛି।

# ବଜ୍ରପାତରେ ଜଳିଗଲା ଦୁଇ ବଖରା

ବଡ଼ସାହି, ୧୯।୫(ସମିସ): ବଡ଼ସାହି ବ୍ଲକ ଅଧୀନ କେନ୍ଦୁଡିହା ପଞ୍ଚାୟତ ନିଶ୍ଚିନ୍ତପୁର ଗ୍ରାମର ଜ୍ଞାନରଞ୍ଜନ ଦାଶଙ୍କ ଘର ଜଗାରଖା କରୁଥିବା ରବି ସିଂଙ୍କ ଦୁଇବଖରା ଘର ମଙ୍ଗଳବାର ସନ୍ଧ୍ୟାରେ ହୋଇଥିବା ବଜ୍ରପାତରେ ପୋଡି ପାଉଁଶ ହୋଇଯାଇଛି। ଘରର ସମସ୍ତ ଆସବାବପତ୍ର, ଦରକାରୀ କାଗଜ ପତ୍ର, ୨୫ କ୍ୱିଣ୍ଟାଲ ଧାନ, ୫ କ୍ୱିଣ୍ଟାଲ ଚାଉଳ, ୩ଟି ଛେଳି ଛୁଆ ଓ ୩୦ ହଜାର ଟଙ୍କା ପୋଡ଼ି ଯାଇଥିବାର ଜଣାଯାଇଛି। ଖବର ପାଇ ବଡ଼ସାହି ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଛି।

# ଦୁର୍ଘଟଣାରେ ମହିଳା ଓ ଶିଶୁ ଗୁରୁତର

କରଞ୍ଜିଆ,୧୯।୫(ସମିସ): କରଞ୍ଜିଆ ବାଇପାସ୍ ରାସ୍ତାରେ ଦୁର୍ଘଟଣା ଘଟି ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଏକ କାର୍ ଦ୍ରୁତଗତିରେ ଆସୁଥିବା ବେଳେ ପଛପଟୁ ଏକ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟିରେ ଯାଉଥିବା ଜଣେ ମହିଳା ଓ ଜଣେ ଶିଶୁ ଗୁରୁତର ଭାବେ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# ବେତନଟୀ ବାର୍ ଆସୋସିଏସନ୍ ପକ୍ଷରୁ ସହାୟତା

ବେତନଟୀ, ୧୯।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବାର୍ ଆସୋସିଏସନ୍ ତରଫରୁ ଆଜି ଅମ୍ବଯୋଡ଼ା ଗ୍ରାମର ବରିଷ୍ଠ ଓକିଲ ପ୍ରଫୁଲ୍ଲ ବେହେରାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପ୍ରଫୁଲ୍ଲ ବେହେରାଙ୍କ ମୃତ୍ୟୁ ପରେ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଥିଲା। ଆଜି ସକାଳ ୯ଟା ସମୟରେ ବେତନଟୀ ବାର୍ ହଲ୍‌ରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ମୃତ ଓକିଲଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ପ୍ରଥମାର୍ଦ୍ଧରେ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଥିଲା। ସଂଘର ସମ୍ପାଦକ ପ୍ରବୀର କୁମାର ବାରିକ୍ ଏହି ସହାୟତା ରାଶି ପ୍ରଦାନ କରିଥିଲେ। ଏ ଅବସରରେ ସଦସ୍ୟ ସଞ୍ଜୟ ପାତ୍ର ଓ ରଞ୍ଜିତ ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ। ବେତନଟୀ ବାର୍ ଆସୋସିଏସନ୍ ମୃତ ଓକିଲଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛି।



# ଠାକୁରାସାହି ଛକରୁ କପ୍ତିପଦା ବ୍ଲକ୍ କାର୍ଯ୍ୟାଳୟ ରାସ୍ତା ଶୋଚନୀୟ

ଶରତ,୧୯।୫(ସମିସ):



କପ୍ତିପଦା ବ୍ଲକ୍ ଅନ୍ତର୍ଗତ ପଦ୍ମପୋଖରୀ ପଞ୍ଚାୟତର ଠାକୁରାସାହି (ବେତେଇ) ଛକଠାରୁ କପ୍ତିପଦା ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ୧୭ କିଲୋ ମିଟର ରାସ୍ତା ବର୍ତ୍ତମାନ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା କପ୍ତିପଦା ବ୍ଲକର ପଦ୍ମପୋଖରୀ ଓ ମଝିଗୋଡିଆ ଗ୍ରାମପଞ୍ଚାୟତ ଦେଇ ବ୍ଲକ କାର୍ଯ୍ୟାଳୟକୁ ସଂଯୋଗ କରୁଥିବାବେଳେ ଏହି ରାସ୍ତାରେ ଦୈନିକ ବସ୍, ମୋଟର ଯାନ, ସାଇକଲ ଯାତ୍ରୀ ଯାତାୟାତ କରନ୍ତି। ଏହି ରାସ୍ତାର ଠାକୁରାସାହି ଛକ ପୂର୍ବ ଦିଗକୁ ବାଲେଶ୍ୱର ଜିଲ୍ଲାର ଔପଦା ବଜାରକୁ ସଂଯୋଗ କରୁଛି। ଅର୍ଥାତ ଏହି ରାସ୍ତାରେ ଉଭୟ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଲୋକେ ନିର୍ଭରଶୀଳ ଅଟନ୍ତି। ଏହି ରାସ୍ତା ନିର୍ମାଣ ପାଇଁ ଶରତ ବିକାଶ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଯଦି ରାସ୍ତା କାମ ନ ହୁଏ, ତେବେ ଜୁନ୍ ୨୫ରେ ମଞ୍ଚ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବାକୁ ଚେତାବନୀ ଦେଇଛି।

ସୂଚନା ମୁତାବକ, ତତ୍କାଳୀନ ବିଜେଡି ସରକାରଙ୍କ ସମୟରେ ୨୦୧୪-୧୫ ଆର୍ଥିକ ବର୍ଷରେ ମୟୂରଭଞ୍ଜ (ବାରିପଦା) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ରାସ୍ତା ନିର୍ମାଣ କରାଯାଇଥିଲା। ଶରତ ଭଳି ଉପାନ୍ତ ଅଞ୍ଚଳରେ ବିଜେପି ସରକାରଙ୍କ ଅମଳରେ କୌଣସି ଗୋଟିଏ ହେଲେ ମଧ୍ୟ ବୃହତ ରାସ୍ତା ପ୍ରକଳ୍ପ ନିର୍ମାଣ

● ଶରତ ବିକାଶ ମଞ୍ଚର ରାସ୍ତା ନିର୍ମାଣ ଦାବି
● ଦାବି ପୂରଣ ନ ହେଲେ ଜୁନ ୨୫ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ଚେତାବନୀ

କରାଯିବା ନିମନ୍ତେ ଅର୍ଥ ଅନୁମୋଦନ ହୋଇ ନ ଥିବା ଶରତ ବିକାଶ ମଞ୍ଚ ଅଭିଯୋଗ କରିଛି। ଏହି ରାସ୍ତା ନିର୍ମାଣ କରାଯିବା ନିମନ୍ତେ ସରକାରଙ୍କ ରାଜକୋଷରୁ ଯଥେଷ୍ଟ ପରିମାଣରେ ଅର୍ଥ ଅନୁମୋଦନ କରାଯାଇ ରାସ୍ତା ନିର୍ମାଣ କରାଯିବାକୁ ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ ଶରତ ବିକାଶ ମଞ୍ଚ ଦାବି କରିଛି। କପ୍ତିପଦା ବ୍ଲକ ତଥା ଶରତ ଅଞ୍ଚଳ ଉଭୟ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରାସ୍ତା ନିର୍ମାଣ କରାଯିବା ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଶରତ ବିକାଶ ମଞ୍ଚ ଅନୁରୋଧ କରିଛି। କାରଣ ରାସ୍ତାର ଦୁରାବସ୍ଥା କାରଣରୁ ଏହି ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବାବେଳେ ଧନଜୀବନ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଯତ୍ନବାନ ହେବାକୁ ବିକାଶ ମଞ୍ଚ ସଭାପତି ଗାମାଏ ରାମିଲ ସିଂ ଗୋଇପାଇ ନିବେଦନ କରିଛନ୍ତି। ଦାବି ନ ପୂରଣ ହୋଇ ପାରିଲେ ଆସନ୍ତା ମାସ ଜୁନ ୨୫ ତାରିଖ ଦିନ ଶରତ ବିକାଶ ମଞ୍ଚ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବ ବୋଲି ଶ୍ରୀ ଗୋଇପାଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ବାରିପଦାରେ କାଳବୈଶାଖୀର ତାଣ୍ଡବ





ବାରିପଦା,୧୯।୫(ସମିସ): ମଙ୍ଗଳବାର ଅପରାହ୍ନରେ ବାରିପଦା ସହରରେ କାଳବୈଶାଖୀ ତାଣ୍ଡବ ରଚିଛି। ଜୋରରେ ପବନ ବର୍ଷା ସହ ଘଡଘଡି ପାଇଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଷ୍ଟେସନ ରାସ୍ତାରେ ବିଶାଳ ଗଛ ପଡି ରାସ୍ତା ଅବରୋଧ ହୋଇଛି। ସେହିପରି କଚେରୀ ରାସ୍ତାରେ ଗଛ ପଡି ଲୋକଙ୍କ ବାଇକ କ୍ଷତିଗ୍ରସ୍ତ ହୋଇଛି। ଅନେକ ସ୍ଥାନରେ ଗଛ ଉପୁଡିବା ଓ ଡାଳ ଭାଙ୍ଗି ଲୋକଙ୍କ ଘର କ୍ଷତି ପହଞ୍ଚିଛି। ତତସହିତ ବିଭିନ୍ନ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗିବା ଓ ତାର ଛିଡିବା ଫଳରେ ବିଦ୍ୟୁତ ସରବରାହ ବାଧା ପ୍ରାପ୍ତ ହୋଇଛି। ଓଡ୍ରାଫ, ଅଗ୍ନିଶମ ବାହିନୀ, ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟ ଓ ପୌରପାଳିକା ଅଧିକାରୀ/କର୍ମଚାରୀ ସ୍ୱାଭାବିକ ଅବସ୍ଥା ଫେରାଇବା ପାଇଁ ତତ୍କାଳ ପଦକ୍ଷେପ ଗ୍ରହଣ କରିଛନ୍ତି। ନଗରପାଳ କୃଷ୍ଣାନନ୍ଦ ମହାନ୍ତି କାଉନସିଲର ମାନଙ୍କ ସହିତ ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ୱାଭାବିକ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି। ତେବେ ଦୁଇଦିନ ଧରି ସହରର ଦିନର ସର୍ବୋଚ୍ଚ ତାପମାତ୍ରା ୪୦ଡିଗ୍ରୀ ସେଲସିୟସ ଅତିକ୍ରମ ସହିତ ଅସହ୍ୟ ଗରମ ଗୁଳଗୁଳି ଜନିତ କଷ୍ଟ କାଳବୈଶାଖି ବର୍ଷା ପାଇଁ ଲାଘବ ହୋଇଛି।

ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା

# ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀଙ୍କ ତଦନ୍ତ

ବେତନଟୀ,୧୯।୫(ସମିସ): ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ଦିନଧରି ବିଭିନ୍ନ ସମସ୍ୟା ଲାଗି ରହିଥିବାବେଳେ ଡାକ୍ତରଖାନାରେ ରୋଗୀ ଉଦ୍ଦେଶ୍ୟରେ କେତେକ ଭୁଲ କାମ ପାଇଁ ରୋଗୀଙ୍କ ଜୀବନ ବିପଦପୂର୍ଣ୍ଣ ଥିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ରୋଗୀଙ୍କ ପରିବାର ସଦସ୍ୟ ବେତନଟୀ ଡାକ୍ତରଖାନାର ଚିକିତ୍ସା ଅଧିକାରୀ ସିପୁନ ପଣ୍ଡାଙ୍କୁ ଏକ ସପ୍ତାହ ପୂର୍ବରୁ ଲିଖିତ ଅଭିଯୋଗ କରିଥିଲେ। ବେତନଟୀ ମିଡ଼ିଆ ଆସୋସିଏସନ ମଧ୍ୟ ଡାକ୍ତରଖାନାରେ ଲାଗିରହିଥିବା କେତେକ ସମସ୍ୟା ଓ ଅଭିଯୋଗ ପାଇଁ ବାରିପଦାସ୍ଥ ପିଆରଏମ ମେଡିକାଲ କଲେଜର ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ ଲିଖିତ ଅଭିଯୋଗ ସହ ଆଲୋଚନା କରିଥିଲେ। ରୋଗୀଙ୍କ ପରିବାର ସଦସ୍ୟ ଓ ମିଡ଼ିଆ ଆସୋସିଏସନ ଅଭିଯୋଗର ତଦନ୍ତ ପାଇଁ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଶଶୀକାନ୍ତ ସେଠୀ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ତଦନ୍ତ ପାଇଁ ଆସିଥିଲେ। ପୂର୍ବ ନିର୍ଦ୍ଧାରିତ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ ଚିଠି ନିର୍ଦ୍ଦେଶ ଅନୁସାରେ ରୋଗୀ ଓ ତାଙ୍କ ପିତାମାତା, ବେତନଟୀ ମିଡ଼ିଆ ଆସୋସିଏସନର ସଦସ୍ୟ ଉପସ୍ଥିତ ରହି ଏହି ତଦନ୍ତରେ ସହଯୋଗ କରିଥିଲେ। ବାହାନାଡ଼ା ଗ୍ରାମର ସବିତା ବେହେରା ଓ ବିଦ୍ୟାଧର ବେହେରାଙ୍କ ଝିଅ ସ୍ନେହାଶ୍ରୀ ବେହେରାଙ୍କ ଗୋଡ଼ ଭାଙ୍ଗିବାର ଭୁଲ ଏକ୍ସରେ ରିପୋର୍ଟ ବେତନଟୀ ଡାକ୍ତରଖାନାରୁ ପ୍ରଦାନ କରାଯାଇଥିବେଳେ ଡାକ୍ତର ଏହି ରିପୋର୍ଟକୁ ଆଧାର କରି ରୋଗୀଙ୍କୁ ବାରିପଦା ରେଫର କରି ମେଡ଼ିସିନ ପ୍ରଦାନ କରାଯାଇଥିଲା। ଫଳରେ ପରିବାର ଲୋକ ହତାଶ ହୋଇ ଅଧିକ ସମୟ ଅପଚୟ କରିବା ସହ ଅନ୍ୟ ଡାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହେବା ବିଷୟରେ ଅଭିଯୋଗର ତଦନ୍ତ କରିଥିଲେ। ସେହିଭଳି ମିଡ଼ିଆ ଆସୋସିଏସନ ଅଭିଯୋଗ ଅନୁସାରେ ବେତନଟୀ ଡାକ୍ତରଖାନାରେ ଇଞ୍ଜେକେସନ ଅନାବଶ୍ୟକ ଭାବେ ଆଗୁଆ ଔଷଧ ସିରିଞ୍ଜରେ ଲୋଡ଼ କରି ରଖିବା ଓ ରୋଗୀ ଆସିଲେ ପୂର୍ବରୁ ଲୋଡ଼ ହୋଇଥିବା ଔଷଧ ଭର୍ତ୍ତି ଇଞ୍ଜେକ୍ସନ ଦିଆଯାଉଥିବା ଅଭିଯୋଗ ଓ ଏହାର ପ୍ରମାଣ ସମ୍ପର୍କରେ ତଦନ୍ତ କରାଯାଇଥିଲା। ଡାକ୍ତରଖାନାରେ ସ୍ୱତନ୍ତ୍ର ଆମ୍ବୁଲାନ୍ସ ନ ଥିବାରୁ ସର୍ପ ଆଘାତ, ବଜ୍ରପାତ, ବିଷଖିଆ ରୋଗୀ ଓ ଦୁର୍ଘଟଣାରେ ଅଧିକ ଗୁରୁତର ହୋଇଥିବା ରୋଗୀଙ୍କୁ ବାରିପଦା ରେଫର ସମୟରେ ଏକଘଣ୍ଟାରୁ ତିନିଘଣ୍ଟା ପର୍ଯ୍ୟନ୍ତ ୧୦୮ ଆମ୍ବୁଲାନ୍ସ ଆସିବା ପାଇଁ ବିଳମ୍ବ କରୁଛି। ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଶବ ବ୍ୟବଚ୍ଛେଦ ଗୃହ ବିଧାୟକ ଉଦଘାଟନ କରିଥିଲେ ମଧ୍ୟ ଅଧିକାଂଶ ବ୍ୟବଚ୍ଛେଦ ପାଇଁ ରୋଗୀ ସମ୍ପର୍କୀୟଙ୍କୁ ଡାକ୍ତରଖାନା ପକ୍ଷରୁ ବାରିପଦା ଯିବା ପାଇଁ ବାଧ କରାଯାଉଛି। ବେତନଟୀ ଠାରେ ନୟମିତ ଶବ ବ୍ୟବଚ୍ଛେଦ କରିବା ପାଇଁ ମିଡ଼ିଆ ଆସୋସିଏସନ ଦାବି କରିଥିଲା।

# ମଙ୍ଗଳା ମନ୍ଦିରରୁ ଚୋରି ଓ ଭଙ୍ଗାରୁଜା

କୁଆମରା,୧୯।୫(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ଗୋପବନ୍ଧୁନଗର ବ୍ଲକ୍ କୁଆମରା ପଞ୍ଚାୟତ ଉପରକଡଦା ଗ୍ରାମର ରାସ୍ତା ପାଶ୍ୱର୍ରେ ଥିବା ମା' ମଙ୍ଗଳାଙ୍କ ମନ୍ଦିରରୁ ଗତକାଲି ରାତିରେ କେହି ଦୁର୍ବୃତ୍ତ ପଶି ଭଙ୍ଗାରୁଜା କରିବା ସହ ମା'ଙ୍କ ବେକରେ ଲାଗିଥିବା ସୁନା ମଙ୍ଗଳ ସୂତ୍ର, ହାର ଓ ରୂପା ମୁକୁଟ ସମେତ ହୁଣ୍ଡି ବାକ୍ସରୁ ସମସ୍ତ ଟଙ୍କା ଲୁଟି ନେଇଛି। ଏଥିସହିତ ଆକ୍ରୋଶମୂଳକ ଭାବେ ମନ୍ଦିର ସମ୍ମୁଖରେ ଥିବା ଦୁଇ ସିଂହ ମୂର୍ତ୍ତି, ଯଜ୍ଞ କୁଣ୍ଡ, ଘୋଡ଼ା ଓ ତୁଳସୀ ଚଉରାକୁ ଭଙ୍ଗାରୁଜା କରିଛି। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

# ଅନ୍ଧବିଶ୍ୱାସ ନେଲା ଜୀବନ

ଉଦଳା,୧୯।୫(ସମିସ): ପୁଣି ସାମ୍ନାକୁ ଆସିଲା ଆଉ ଏକ ଅନ୍ଧବିଶ୍ୱାସର କରୁଣ ଚିତ୍ର। ସାପ କାମୁଡ଼ିଥିବା ରୋଗୀକୁ ଡାକ୍ତରଖାନା ନ ନେଇ ଝଡାଫୁଙ୍କା କଲେ ଓ ଶେଷରେ ଚାଲିଗଲା ମହିଳାଙ୍କ ଜୀବନ। ଉଦଳା ଥାନା ଚନ୍ଦ୍ରପୁର ଗ୍ରାମରେ ଘଟିଛି ଏଭଳି ଘଟଣା। ଗ୍ରାମର ସିଙ୍ଗ ମୁର୍ମୁଙ୍କୁ ସକାଳ ସମୟରେ ଏକ ବିଷାକ୍ତ ସାପ କାମୁଡ଼ିଥିଲା। ଜାଣିବା ପରେ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେବା ବଦଳରେ ଗରୁଡ଼ବସା ଗ୍ରାମର ଜଣେ ଗୁଣିଆ ନିକଟକୁ ଝଡାଫୁଙ୍କା କରିବା ନିମନ୍ତେ ନେଇଥିଲେ। ସେଠାରେ ଏକ ଘଣ୍ଟାରୁ ଅଧିକ ସମୟ ଝଡା ଫୁଙ୍କା କରାଯାଇଥିବା ବେଳେ ସିଙ୍ଗ ମୁର୍ମୁଙ୍କ ଅବସ୍ଥା ଅଧିକ ବିଗିଡିବାରେ ଲାଗିଥିଲା। ପରେ ହାତ ଟେକିଦେଲା ଗୁଣିଆ। ଗୁରୁତର ସିଙ୍ଗଙ୍କୁ ସାପ କାମୁଡ଼ିବାର ଦୁଇ ଘଣ୍ଟା ପରେ ମେଡିକାଲ ଅଣାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଉଦଳା ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

# ଜଣେ ବ୍ୟକ୍ତି ଦ୍ୱୈତ ଦାୟିତ୍ୱରେ, ପୁଣି ଚର୍ଚ୍ଚାରେ ଓଁକାର ସେବାଶ୍ରମ

ଆନନ୍ଦପୁର,୧୯।୫(ସମିସ): କେନ୍ଦୁଝର ଜିଲ୍ଲାର ଘଷିପୁରାରେ ପୁଣି ଚର୍ଚ୍ଚାରେ ଓଁକାର ସେବାଶ୍ରମ। ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ନେଇ ବଢୁଛି ଅସନ୍ତୋଷ। ସରକାରୀ ଚାକିରି କରୁଥିବା ବ୍ୟକ୍ତି କିପରି ସେବାଶ୍ରମରେ ପ୍ରୋଜେକ୍ଟ ମ୍ୟାନେଜର ଦାୟିତ୍ୱ ନେଲେ ତାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ଚେକ୍ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ଉଠାଣ, ଶିକ୍ଷକଙ୍କ ଦରମା ବନ୍ଦ, ଅସହାୟ ପିଲାଙ୍କ ଦୁର୍ଦ୍ଦଶା ଓ ବିଦେଶୀ ଅତିଥିଙ୍କୁ ବିରୋଧ, ସମଗ୍ର ଘଟଣାକୁ ନେଇ ଏବେ ଜୋର ଧରିଛି ତଦନ୍ତ ଦାବି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ ମଦନପୁର ପଞ୍ଚାୟତ ବାଙ୍କିଡିସ୍ଥିତ ଗୋଡିସାହି ଓଁକାର ସେବାଶ୍ରମକୁ ନେଇ ପୁଣି ତେଜିଛି ବିବାଦ। ଦୀର୍ଘ ଦିନ ଧରି ଲାଗି ରହିଥିବା ଅନେକ ଅଭିଯୋଗ ଏବେ ପୁଣି ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ଅଭିଯୋଗ ଅନୁଯାୟୀ, ଟୁକୁଣା ସଂସ୍କୃତ ମହାବିଦ୍ୟାଳୟର ଜଣେ ଅଧ୍ୟାପକ ଓଁକାର ସେବାଶ୍ରମରେ ପ୍ରୋଜେକ୍ଟ ମ୍ୟାନେଜର ଦାୟିତ୍ୱ ନେଇଥିବା ବେଳେ ସରକାରୀ ଚାକିରି ସହ ଏଭଳି ଦାୟିତ୍ୱକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ସେବାଶ୍ରମ ଆରମ୍ଭ ଦିନଠାରୁ କିଏ କେଉଁ ଦାୟିତ୍ୱ ନେଇଥିଲେ, ପରେ କେଉଁ ପରିସ୍ଥିତିରେ ବିବାଦ ଉପୁଜିଲା ଓ କାହିଁକି ଘଟଣା ଥାନା ପର୍ଯ୍ୟନ୍ତ ପହଞ୍ଚିଲା ତାହାକୁ ନେଇ ଏବେ ନାନା ପ୍ରଶ୍ନ ଉଠୁଛି। ଗରିବ ଓ ଅସହାୟ ପିଲାମାନଙ୍କୁ ବିସ୍କୁଟ ଓ ପାଣି ପିଇ ରହିବାକୁ ପଡ଼ିଥିବା ଅଭିଯୋଗ ମଧ୍ୟ ପୂର୍ବରୁ ସାମ୍ନାକୁ ଆସିଛି। ଏପରିକି ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ ହୋଇଥିବାରୁ ଅସନ୍ତୋଷ ଆହୁରି ବଢ଼ିଥିଲା। ଗତ ଏପ୍ରିଲ ୨୧ ତାରିଖରେ ୟୁକେରୁ ଆସିଥିବା ଅତିଥିଙ୍କୁ ସେବାଶ୍ରମ ଗେଟ୍ ସମ୍ମୁଖରେ ବିରୋଧ କରାଯାଇଥିବା ଘଟଣା ମଧ୍ୟ ଚର୍ଚ୍ଚାକୁ ଆଣିଥିଲା। ସବୁଠାରୁ ବଡ଼ କଥା ହେଉଛି, ଚେକ୍ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ଉଠାଣ କିଏ କରୁଥିଲା ଓ ସେହି ଟଙ୍କା କେଉଁଠି ବ୍ୟୟ ହେଉଥିଲା ତାହାର ସଠିକ୍ ହିସାବକୁ ନେଇ ଉଠିଛି ସନ୍ଦେହ। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ ଓଁକାର ସେବାଶ୍ରମର ଏଭଳି ପରିସ୍ଥିତି ସମଗ୍ର ଅଞ୍ଚଳର ଭାବନାକୁ ଆଘାତ ଦେଇଛି। ତେଣୁ ଜିଲ୍ଲାପାଳ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ସମସ୍ତ କର୍ମଚାରୀଙ୍କ ସମ୍ପତ୍ତି ଯାଞ୍ଚ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଜୋର ଧରିଛି। ଓଁକାର ସେବାଶ୍ରମକୁ ନେଇ ଉଠୁଥିବା ଏତେ ସବୁ ଗୁରୁତର ଅଭିଯୋଗର ସତ୍ୟତା କେବେ ସାମ୍ନାକୁ ଆସିବ ଏବଂ କେବେ ହେବ ଉଚ୍ଚସ୍ତରୀୟ ତଦନ୍ତ ତାହାକୁ ନେଇ ଏବେ ସମସ୍ତଙ୍କ ନଜର ଜିଲ୍ଲା ପ୍ରଶାସନ ଉପରେ।

# ତମ୍ପୋ ବାଲି ଘାଟ ବନ୍ଦ; ଉଚ୍ଚସ୍ତରୀୟ ତଦନ୍ତ ଦାବି



ଆନନ୍ଦପୁର,୧୯।୫(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାତୋ ପଞ୍ଚାୟତ ବୈତରଣୀ ନଦୀର ତମ୍ପୋ ବାଲି ଘାଟକୁ ନେଇ ପୁଣି ବଢୁଛି ସନ୍ଦେହ। ନିଲାମ ସରିଥିଲେ ମଧ୍ୟ ଦୀର୍ଘ ଦଶ ଦିନ ଧରି ଘାଟ ବନ୍ଦ ରହିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁଯାୟୀ, ଏହି ବାଲି ଘାଟ ଯାଜପୁର ଜିଲ୍ଲାର ଜଣେ ବ୍ୟକ୍ତିଙ୍କ ନାମରେ ଥିବା ବେଳେ ଘଷିପୁରାର ଜଣେ ପ୍ରଭାବଶାଳୀ ବ୍ୟକ୍ତି କୁଆଡେ ସମସ୍ତ ବୁଝାବୁଝି କରୁଥିବା ଚର୍ଚ୍ଚା ହେଉଛି। ସ୍ପେସାଲ ସ୍କ୍ୱାଡର ଚଢ଼ଉ ପରେ ହଠାତ୍ ଘାଟ ବନ୍ଦ ହୋଇଯିବା ଘଟଣା ସାଧାରଣ ଲୋକଙ୍କ ସନ୍ଦେହକୁ ଆହୁରି ଗଭୀର କରିଛି। ସରକାରୀ ତଥ୍ୟ ଅନୁଯାୟୀ, ଘାଟର ଲିଜ୍ ଅବଧି ୨୩.୦୪.୨୦୨୫ ଠାରୁ ୨୨.୦୪.୨୦୩୦ ପର୍ଯ୍ୟନ୍ତ ରହିଛି। ସୌରାତ ଉତ୍ସର କ୍ଷେତ୍ରଫଳ ୧୨.୫୦ ଏକର ଥିବା ବେଳେ ବାର୍ଷିକ ଅନୁମୋଦିତ ବାଲି ପରିମାଣ ୨୫୫୪୫ ଘନମିଟର ରହିଛି। କିନ୍ତୁ ଅଭିଯୋଗ ହେଉଛି ଯେ ଲିଜ୍‌ଧାରୀ ଅନୁମତିଠାରୁ ଅଧିକ ବାଲି ଉଠାଇ ନେଇଛନ୍ତି। କେବଳ ସେତିକି ନୁହେଁ, ଯେଉଁ ସ୍ଥାନ ପାଇଁ ଅନୁମତି ମିଳିଥିଲା ସେଥିରୁ ବାହାରେ ମଧ୍ୟ ଖନନ ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଆବଶ୍ୟକଠାରୁ ଅଧିକ ବାଲି ଉଠାଣ ପରେ ବର୍ତ୍ତମାନ ଘାଟ ବନ୍ଦ କରି ମାମଲାକୁ ଚାପି ଦେବାକୁ ଚେଷ୍ଟା ଚାଲିଛି। ଅନ୍ୟପଟେ ଘାଟ ଚଳାଉଥିବା ପ୍ରଭାବଶାଳୀ ବ୍ୟକ୍ତି କୁଆଡେ ଲୁଚିଯାଇଥିବା ଚର୍ଚ୍ଚା ମଧ୍ୟ ଜୋର ଧରିଛି। ଏହି ସମସ୍ତ ଘଟଣାକୁ ନେଇ ଅଞ୍ଚଳବାସୀ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଯଦି କାଗଜପତ୍ରରେ କିମ୍ବା ବାଲି ଉଠାଣରେ କୌଣସି ଅନିୟମିତତା ହୋଇଥାଏ, ତେବେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ଜୋର ଧରିଛି।

ଦୀପ ତଳ ଅନ୍ଧାର

# ବ୍ଲକ୍‌ର ଦୁଇଶହ ମିଟର ଦୂରରେ ପିଇବା ପାଣି ପାଇଁ ଗ୍ରାମବାସୀ ହନ୍ତସନ୍ତ

ମୋରଡା,୧୯।୫(ସମିସ):



ପାନୀୟଜଳ ପ୍ରକଳ୍ପ ପାଇଁ ପାଣି ଭଳିଆ ଟଙ୍କା ଖର୍ଚ୍ଚ ହେଉଛି। ପିଇବା ପାଣି ଟୋପେ ପାଇଁ ତହଳବିକଳ ହେଉଛନ୍ତି ଲୋକେ। ତେବେ ଦୀପ ତଳ ଅନ୍ଧାର ଭଳି ଚିତ୍ର ସାମ୍ନାକୁ ଆସିଥିବାବେଳେ ଏହାର ପ୍ରତିବାଦରେ ମଙ୍ଗଳବାର ମୋରଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି ଚିତ୍ରଡା ପଞ୍ଚାୟତ ଭୈରବୀ ସ୍କୁଲ ସାହିର ମହିଳା। ଖରାରେ ହଜାର ହଜାର ଲୋକ ପାନୀୟଜଳ ପାଇଁ ତହଳବିକଳ ହେଉଛନ୍ତି। ତେବେ ଦୀର୍ଘଦିନ ଧରି ପାନୀୟଜଳ ସମସ୍ୟା ଥିବାରୁ ତୁରନ୍ତ ପିଇବା ପାଣି ଯୋଗାଇ ଦେବାକୁ ଦାବି କରିଛନ୍ତି ଉକ୍ତ ଗ୍ରାମର ମହିଳା।

ଉକ୍ତ ଗ୍ରାମର ଜଣେ ଦୃଷ୍ଟିବାଧିତ ମହିଳା କବିତା ମହାନ୍ତଙ୍କ ଅଭିଯୋଗ ମୁତାବକ, ତାଙ୍କ ଗ୍ରାମ ବ୍ଲକଠାରୁ ମାତ୍ର ଦୁଇଶହ ମିଟର ଦୂରରେ ଥିବାବେଳେ ଦୀର୍ଘଦିନ ଧରି ପାନୀୟଜଳ ସମସ୍ୟାରେ ସେମାନେ ହନ୍ତସନ୍ତ ହୋଇଆସୁଛନ୍ତି। ପାନୀୟଜଳ ଯୋଗାଇ ଦେବା ପାଇଁ ପ୍ରକଳ୍ପରେ ଖର୍ଚ୍ଚ ହୋଇଛି କୋଟି କୋଟି ଟଙ୍କା। ପାଣି ପାଇପ ଲାଇନ ବିଛାଯାଇଛି। କିନ୍ତୁ ସେମାନଙ୍କ ନିକଟରେ ପହଞ୍ଚୁନି ପାଣି। ସମସ୍ୟା ସମ୍ପର୍କରେ ଅଭିଯୋଗ କଲେ ପମ୍ପ ଡ୍ରାଇଭର ଖାରାପ ଦାସ ସେମାନଙ୍କୁ ବିଭିନ୍ନ ପ୍ରକାରର କଥା କହିବା ସହ ଏବେ ଚିତ୍ରଡା ଏନଏସି ହେଲା। ତେଣୁ ପାଣି ମିଳିବ ନାହିଁ ବୋଲି କବିତା ଅଭିଯୋଗ କରିଛନ୍ତି। ସେହିପରି ସେହି ଗ୍ରାମର ଝୁଲାବତୀ ମହାନ୍ତଙ୍କ କହିବା ମୁତାବକ, ପୂର୍ବରୁ ଅନେକ ଥର ଅଭିଯୋଗ କଲେ କିଛିଦିନ ଠିକ୍‌ଭାବେ ପାଣି ମିଳେ। ପରେ ପୁଣି ଅବହେଳା କରାଯାଏ। ଆଜି ସେମାନେ ବିଡିଓଙ୍କୁ ଭେଟିବା ପାଇଁ ଆସିଥିବାବେଳେ ବିଡିଓ ତାଙ୍କୁ ପାଣି ବିଭାଗ ଆମ ଅଧୀନରେ ନୁହେଁ ବୋଲି କହି ଚାଲିଯାଇଥିଲେ।

## ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ଧାରଣା

ମୋରଡା ବ୍ଲକ୍‌ର ବହୁ ଗ୍ରାମର ଅବସ୍ଥା ସମାନ। ଅଧିକାଂଶ ମେଗା ପ୍ରକଳ୍ପ ଅଧାପନ୍ତରିଆ ହୋଇ ରହିଥିବାରୁ ପିଇବା ପାଣି ମୁନ୍ଦେ ପାଇଁ ତହଳବିକଳ ହେଉଛନ୍ତି ଗ୍ରାମବାସୀ। ଯଦି ବ୍ଲକ ସମ୍ମୁଖରେ ଏପରି ଅବସ୍ଥାରେ ତେବେ ଅନ୍ୟ ପଞ୍ଚାୟତରେ କ'ଣ ହୋଇପାରେ, ତାହା ସହଜରେ ଅନୁମାନ କରାଯାଉଛି। ଏ ସମ୍ପର୍କରେ ଆରଡବ୍ଲୁଏସଏସ କନିଷ୍ଠ ଯନ୍ତ୍ରୀ ମାର୍କଣ୍ଡ ମାରାଣ୍ଡିଙ୍କୁ ପଚାରିବାରୁ ମିସ୍ତ୍ରିଙ୍କୁ ମଟର ମରାମତି କରିବାକୁ ପଠାଯାଇଛି। ଖୁବଶୀଘ୍ର ସମାଧାନ ହେଇଯିବ ବୋଲି କହିଛନ୍ତି।



ସକାଳ
THE SAKALA
www.sakalaepaper.com

# ସମ୍ପୂର୍ଣ୍ଣା



## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୨୭- ସାଉଦି ଆରବ ବ୍ରିଟେନ୍‌ଠାରୁ ସ୍ୱାଧୀନ ହେଲା।
- ୧୯୩୨- ସ୍ୱାଧୀନତା ସଂଗ୍ରାମୀ ବିପିନ୍ ଚନ୍ଦ୍ର ପାଲ୍‌ଙ୍କ ଦେହାନ୍ତ।
- ୧୯୯୦- ହବଲ୍ ଟେଲିସ୍କୋପ୍ ମହାକାଶରୁ ପ୍ରଥମ ଫଟୋ ପଠାଇଲା।
- ୧୯୯୫- ରୁଷ୍‌ରେ ମାନବ ରହିତ ମହାକାଶ ଯାନର ସଫଳ ପ୍ରକ୍ଷେପଣ କରାଗଲା।
- ୨୦୦୩- ପାକିସ୍ତାନ ଆତଙ୍କବାଦୀ ସଂଗଠନ ହିଜବୁଲ୍ ମୁଜାହିଦ୍ଦିନ୍ ଉପରେ ପ୍ରତିବନ୍ଧକ ଲଗାଗଲା।

## ‘ୱେଲକମ୍ ଟୁ ଦ ଜଙ୍ଗଲ’ରୁ ଆସିଲା ଅକ୍ଷୟଙ୍କ ଲୁକ୍



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ପୁଣି ଥରେ ମଜାଳିଆ ଅନ୍ଦାଜରେ ପରଦାକୁ ଫେରୁଛନ୍ତି। ଅକ୍ଷୟ ‘ୱେଲକମ୍’ ସିରିଜ୍‌ର ତୃତୀୟ ଫିଲ୍ମ ‘ୱେଲକମ୍ ଟୁ ଦ ଜଙ୍ଗଲ’ରେ ଲିଡ୍ ରୋଲରେ ନଜର ଆସିବେ। ଇତିମଧ୍ୟରେ ଏହି ଫିଲ୍ମରୁ ଅକ୍ଷୟଙ୍କ ଫାଷ୍ଟ ଲୁକ୍ ଆସିବା ପରେ ସାମାଜିକ ଗଣମାଧ୍ୟମରେ ଏହା ବେଶ୍ ଭାଇରାଲ ହୋଇଛି। ନିଜେ ଅକ୍ଷୟ ମଧ୍ୟ ଇନ୍‌ଷ୍ଟାଗ୍ରାମ୍‌ରେ ଏହି ପୋଷ୍ଟର୍‌କୁ ସେୟାର୍ କରିଛନ୍ତି। ଏଥିରେ ସେ ବେଶ୍ ଷ୍ଟାଇଲିସ୍ ଅନ୍ଦାଜରେ ଦେଖାଯାଇଛନ୍ତି। ସେ ଜଙ୍ଗଲରେ ବିଛାଯାଇଥିବା ରେଡ୍ କାର୍ପେଟ୍ ଉପରେ ପୋଜ୍ ଦେଉଥିବାର ନଜର ଆସିଛନ୍ତି। ଏହି ପୋଷ୍ଟର୍‌ର କ୍ୟାପସନ୍‌ରେ ଅକ୍ଷୟ ଲେଖିଛନ୍ତି- ‘ଆଗାମୀ ଫିଲ୍ମ ୱେଲକମ୍ ଟୁ ଦ ଜଙ୍ଗଲ’। ଏଥିରେ ବଲିଉଡ୍‌ର ୩୦ରୁ ଅଧିକ କଳାକାର କାମ କରୁଛନ୍ତି। ଏହା ଆସନ୍ତା ଜୁନ୍ ୨୬ରେ ପରଦାକୁ ଆସିବ। ଅହମ୍ମଦ ଖାନ୍ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏଥିରେ ଅକ୍ଷୟଙ୍କ ସହ ପରେଶ ରାୱଲ୍, ସୁନୀଲ ସେଟ୍ଟୀ, ଜ୍ୟାକି ସ୍ରଫ୍, ଅରଶଦ ୱାର୍ସି, ଲାରା ଦତ୍ତା, ଦିଶା ପଟାନି, ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍, ରାଜପାଲ ଯାଦବ ପ୍ରମୁଖ ନଜର ଆସିବେ।

## ନଦୀ ପାଣିରେ ଜଳେ ଦୀପ



ମଧ୍ୟପ୍ରଦେଶ ମାଲୱାସ୍ଥିତ ଗଡ଼ିୟାଘାଟ ମାତା ମନ୍ଦିର ତା’ର ନିଆରା ମାନ୍ୟତା ଓ ରହସ୍ୟମୟୀ ଘଟଣା ଲାଗି ପ୍ରସିଦ୍ଧ। ମନ୍ଦିରଟି କାଳୀସିନ୍ଧ ନଦୀକୂଳରେ ଅବସ୍ଥିତ। ଏହି ମନ୍ଦିର ସମ୍ପର୍କରେ ସବୁଠାରୁ ଖାସ୍ କଥା ହେଉଛି, ଏଠାରେ ଜଳୁଥିବା ଅଖଣ୍ଡ ଦୀପ ପାଇଁ କୌଣସି ଘିଅ କିମ୍ବା ତେଲର ଆବଶ୍ୟକତା ପଡ଼େନାହିଁ। ଏଠାରେ କାଳୀସିନ୍ଧ ନଦୀର ପାଣିକୁ ଦୀପରେ ଢାଳିବା ମାତ୍ରେ ତାହା ଏକ ଚିକ୍କଣ ତରଳ ପଦାର୍ଥରେ ପରିଣତ ହୋଇଯାଏ ଏବଂ ଦୀପଟି ସାଧାରଣ ତେଲ ଦୀପ ଭଳି ଜଳିବାକୁ ଲାଗେ। ଏହି ଚମତ୍କାରିତାକୁ ଦେଖିବା ଲାଗି ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଏହି ସ୍ଥାନକୁ ଆସନ୍ତି। ମନ୍ଦିରର ପୂଜାରୀଙ୍କ କହିବା ଅନୁଯାୟୀ, କିଛି ବର୍ଷ ପୂର୍ବେ ମାଆ ଭବାନୀ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ ପାଣିରେ ଦୀପ ଜଳାଇବାକୁ କହିଥିଲେ। ପରଦିନ ସେ ନଦୀର ପାଣି ଆଣି ଚେଷ୍ଟା କରିବା ପରେ ଏହି ଚମତ୍କାର ଆରମ୍ଭ ହୋଇଥିଲା। ଏହି ଘଟଣା ପରେ ପୂଜାରି କିଛି ସମୟ ଲାଗି ଭୟଭୀତ ହୋଇ ଯାଇଥିଲେ। ଫଳରେ ପାଖାପାଖି ଦୁଇ ମାସ ପର୍ଯ୍ୟନ୍ତ ସେ ଏହି କଥାକୁ କାହା ପାଖରେ କହିଲେ ନାହିଁ। ପରେ ଗାଁ ଲୋକଙ୍କୁ ଏ ବିଷୟରେ କହିଲେ। ପ୍ରଥମେ ପ୍ରଥମେ ଏହି କଥାକୁ ଲୋକେ ମଧ୍ୟ ବିଶ୍ୱାସ କଲେ ନାହିଁ। ତେବେ ଲୋକେ ନିଜେ ଯେତେବେଳେ ପାଣିରେ ଦୀପ ଜଳାଇଲେ, ତାହାକୁ ବିଶ୍ୱାସ କଲେ। ଏହା ପରେ ଏହି ଘଟଣା ପୂରା ଅଞ୍ଚଳରେ ବ୍ୟାପି ଗଲା। ସେବେଠୁ ଏହି ମନ୍ଦିରର ଦୀପ କାଳୀସିନ୍ଧ ପାଣିରେ ଜଳୁଛି। ଦୀପରେ ପାଣି ରଖିବା ଦ୍ୱାରା ତାହା ତେଲିଆ ପଦାର୍ଥରେ ପରିଣତ ହୋଇଯାଏ ଏବଂ ଦୀପ ଜଳି ଉଠେ। ଅନେକ ଶ୍ରଦ୍ଧାଳୁ ଏହାକୁ ମାତାଙ୍କ ଚମତ୍କାର ବୋଲି ମାନନ୍ତି। ତେବେ ବର୍ଷା ଦିନରେ ଏହି ଦୀପ ଜଳେ ନାହିଁ। କାରଣ ସେତେବେଳେ ଏହି ନଦୀର ଜଳସ୍ତର ବଢ଼ିଯାଏ ଏବଂ ମନ୍ଦିର ପାଣିରେ ବୁଡ଼ିଯାଏ। ଏଭଳି ସ୍ଥିତିରେ ପୂଜାପାଠ ବନ୍ଦ ହୋଇଥାଏ। ପରେ ଶାରଦୀୟ ନବରାତ୍ରୀରେ ଘଟ ସ୍ଥାପନା ଦିନ ପୁଣି ଥରେ ଦୀପ ଜଳାଯାଏ।

## ବାହାଘରରେ ଅଜବ ବ୍ୟବସ୍ଥା

ସାମାଜିକ ଗଣମାଧ୍ୟମରେ ବର୍ତ୍ତମାନ ବାହାଘରକୁ ନେଇ ଏକ ମଜାଦାର ଭିଡିଓ ଭାଇରାଲ ହୋଇଛି। ବିହାରର ଏହି ବାହାଘରରେ ଯେଉଁ ସବୁ ବ୍ୟବସ୍ଥା କରାଯାଇଛି, ସେସବୁ କରିବା କଥା ହୁଏତ କେହି କେବେ ଭାବି ନ ଥିବେ। କଥାରେ ଅଛି ‘ଅତିଥି ଦେବୋ ଭବଃ।’ ଏହି କଥାକୁ ଆଧାର କରି ଉକ୍ତ ବାହାଘରରେ ଅତିଥି ସେବାକୁ ପ୍ରାଧାନ୍ୟ ଦିଆଯାଇଛି। ସେଥିପାଇଁ ଏହି ବାହାଘରରେ ନାପିତଙ୍କଠାରୁ ଆରମ୍ଭ କରି ଧୋବାଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି। ସେହିପରି ବାହାଘରରେ ଯୋଗ ଦେଇଥିବା ଅତିଥିଙ୍କୁ କେବଳ ଖାଦ୍ୟ ନୁହେଁ, ଚୁଟିକଟା, ଲୁଗାସଫାଠାରୁ ଆରମ୍ଭ କରି ଡାକ୍ତରଙ୍କ ପାଖରେ ରୋଗ ଦେଖାଇବା ସୁବିଧା ପ୍ରଦାନ କରାଯାଇଛି। ବିବାହ ସ୍ଥାନରେ ଅଲଗା ଅଲଗା ଜୋନ୍ କରାଯାଇଛି। ସାଧାରଣତଃ ବାହାଘରରେ ଖାଦ୍ୟ, ପାନୀୟ, ପାନ ଆଦିର ଷ୍ଟଲ୍ ରହିଥାଏ। ହେଲେ ଉକ୍ତ ବାହାଘରରେ ଖାଦ୍ୟ ପାନୀୟ ବ୍ୟତୀତ ସେଲୁନ ଷ୍ଟଲ୍ ଅଛି। ଯେଉଁଠାରେ ଅତିଥି କେଶ ତଥା ଦାଢ଼ି ଆରାମରେ କାଟିବାର ସୁବିଧା ଅଛି। ଏହାସହିତ ବାହାଘରକୁ ଆସଥିବା ଅତିଥି ନିଜ ପୁରୁଣା ତଥା ଇସ୍ତ୍ରୀ ହୋଇ ନ ଥିବା ପୋଷାକକୁ ଧୋବାଙ୍କ ଦ୍ୱାରା ସଫା ବା ଇସ୍ତ୍ରୀ କରିପାରିବେ। କେବଳ ସେତିକି ନୁହେଁ, ବାହାଘରରେ ମେଡିକାଲ ଷ୍ଟଲ୍‌ର ବି ବନ୍ଦୋବସ୍ତ କରାଯାଇଛି। ଯଦି କାହାର ପେଟ ଅଚାନକ ଖରାପ ହୋଇଯାଏ କିମ୍ବା ଝାଡ଼ା, ବାନ୍ତି ଭଳି ସମସ୍ୟା





ଦେଖା ଦିଏ, ଡାକ୍ତର ଓଆର୍‌ଏସ୍ ଏବଂ ଅନ୍ୟାନ୍ୟ ଜରୁରି ଔଷଧ ସହିତ ପ୍ରସ୍ତୁତ ରହିଥିବା ଦେଖାଯାଇଥିଲା। ତେବେ ବିହାରରେ ବିବାହ ବଡ଼ ସ୍ତରରେ ଆୟୋଜନ କରାଯାଏ। ଦୂର ଦୂରାନ୍ତରୁ ଅତିଥି ଆସନ୍ତି ଏବଂ ଅନେକ ସମୟରେ ଖାଦ୍ୟ ପାନୀୟ ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ। ତେଣୁ ଆୟୋଜକ ଏହି ସମସ୍ୟା ଉପରେ ପୂରା ଦୃଷ୍ଟି ଦେଇଛନ୍ତି। ଅନ୍ୟପଟେ କିଛି ଲୋକ ଏହି ବ୍ୟବସ୍ଥାକୁ ଦେଖି ଖୁବ୍ ହସିଛନ୍ତି ଓ ମଜା ବି ନେଇଛନ୍ତି। ଏପରିକି ବିଭିନ୍ନ ପ୍ରକାର ଖାଦ୍ୟ ପାନୀୟଠାରୁ ଆରମ୍ଭ କରି ଅନ୍ୟାନ୍ୟ ସୁବିଧାର ଲୋକେ ଆନନ୍ଦ ଉଠାଇଛନ୍ତି। ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ବାହାଘରକୁ ଉପଭୋଗ କରିଛନ୍ତି। ଅନ୍ୟପଟେ ବିହାରରେ ଅତିଥି ଭୋକିଲା ତଥା ସମସ୍ୟାରେ ନ ରହିବାର ପରମ୍ପରା ବହୁ ପୁରୁଣା। ତେଣୁ ଏହି ବାହାଘର ଏଭଳି ପରମ୍ପରାକୁ ଆଧୁନିକ ଓ ସୃଜନଶୀଳତାର ସହିତ ପରିଚିତ କରାଇଛି। ତେଣୁ ଆୟୋଜକ ପେସାଦାର ଲୋକଙ୍କୁ ଡାକି ଅତିଥିମାନଙ୍କୁ ଦିନଟିଏ ରାଜକୀୟ ଅନୁଭୂତି ଦେବାକୁ ଚେଷ୍ଟା କରିଥିଲେ।

# ସମ୍ଭାବନା



## ଯୁକ୍ତ ଦୁଇ ପରେ ଡିଜିଟାଲ କୌଶଳ ଶିକ୍ଷା

**ଏକ ରିପୋର୍ଟ ଅନୁସାରେ, ଯୁକ୍ତ ଦୁଇ ପାସ୍ କରିବା ପରେ ଯଦି ପିଲାମାନେ ଠିକ୍ କୌଶଳ ଶିଖିବେ, ତେବେ ଭଲ କ୍ୟାରିୟର ଆରମ୍ଭ କରିପାରିବେ। ଏବେ କେବଳ ଡିଗ୍ରୀ ନୁହେଁ, ବରଂ କୌଶଳ ବି ସଫଳତାର ମାନଦଣ୍ଡ ହୋଇଛି। ତେଣୁ ଛାତ୍ରଛାତ୍ରୀ ଏବେ ଏମିତି କୋର୍ସ ଓ ଟ୍ରେନିଂ ଦିଗକୁ ଅଗ୍ରସର ହେଉଛନ୍ତି, ଯାହାକି ସେମାନଙ୍କୁ ସୁନ୍ଦର କ୍ୟାରିୟର ଓ ଭଲ ପାରିଶ୍ରମିକ ପ୍ରଦାନ କରିବ।**

ଏକ ରିପୋର୍ଟ ଅନୁସାରେ, ଏବେ କେବଳ ଡିଗ୍ରୀ ଯଥେଷ୍ଟ ନୁହେଁ। ଚାକିରି ଓ ଭଲ ଆୟ ପାଇଁ ସ୍କିଲ ବି ଜରୁରି। ତେଣୁ ଛାତ୍ରଛାତ୍ରୀ ଠିକ୍ ସମୟରେ ଜରୁରି ସ୍କିଲ୍ ଶିଖିଲେ, ଆଗକୁ ସେମାନଙ୍କୁ ଭଲ ଚାକିରି ଓ ଦରମା ମିଳିପାରିବ। ଏହି କାରଣ ଯୋଗୁଁ ଏବେ ସ୍କିଲ ବେସଡ୍ କୋର୍ସ ପ୍ରତି ବେଶି ଦୃଷ୍ଟି ଦିଆଯାଉଛି। ଡିଜିଟାଲ ମାର୍କେଟିଂ, ସୋସିଆଲ ମିଡିଆ, କମ୍ପ୍ୟୁଟର ସହ ଜଡ଼ିତ କୌଶଳର ଚାହିଦା ବଢ଼ୁଛି। ଯୁକ୍ତ ଦୁଇ ପରେ ଛାତ୍ରଛାତ୍ରୀ କମ୍ପ୍ୟୁଟର, ଅନଲାଇନ କାମ ଏବଂ ଡିଜିଟାଲ ସ୍କିଲ୍ ଶିଖିଲେ ନିଯୁକ୍ତିର ଭଲ ଅବସର ମିଳିବ। ଡିଜିଟାଲ କୌଶଳ ଶିଖିବାର ବଡ଼ ଲାଭ ହେଉଛି ଜଣେ ଘରେ ବସି ବି କାମ କରିପାରିବେ। ପଢ଼ା ସହିତ ଅନଲାଇନ୍ ପ୍ରୋଜେକ୍ଟ, ଫ୍ରିଲାନ୍ସିଂ ଏବଂ ଛୋଟ ମୋଟ କାମ କରି ଅଭିଜ୍ଞତା ହାସଲ କରି ହେବ। ଏହା ଦ୍ୱାରା ଚାକିରି ମିଳିବା ସହଜ ହୁଏ ଏବଂ ଆତ୍ମନିର୍ଭର ହେବାର ସୁଯୋଗ ମିଳେ।

ସେହିପରି ସ୍କିଲ ଶିଖୁଥିବା ଯୁବପିଢ଼ିଙ୍କୁ କମ୍ପାନି ବେଶି ପସନ୍ଦ କରେ। ତା’ସହ ଯେଉଁମାନଙ୍କ ପାଖରେ ପ୍ରାକ୍ଟିକାଲ ଜ୍ଞାନକୌଶଳ, କମ୍ୟୁନିକେସନ ସ୍କିଲ ଏବଂ କାମ କରିବା କ୍ଷମତା ଥାଏ, କମ୍ପାନିରେ ଗୁରୁତ୍ୱ ସେମାନଙ୍କର ଅଧିକ ବେଢ଼। ତେଣୁ ଠିକ୍ ଜ୍ଞାନକୌଶଳ ଓ ପରିଶ୍ରମ ଦ୍ୱାରା ବିଦ୍ୟାର୍ଥୀ ନିଜ ଭବିଷ୍ୟତକୁ ସୁଦୃଢ଼ କରିପାରିବେ।

## ୱାର୍କ ଫ୍ରମ୍ ହୋମ୍ ଚାକିରିରୁ ବଢ଼ୁଛି ନୂଆ ଅବସର



**ବର୍ତ୍ତମାନ ଅନଲାଇନ୍ ରୋଜଗାର ଅବସର ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି। ତେଣୁ ଏମିତି ସବୁ ପ୍ଲାଟଫର୍ମ ତିଆରି ଉପରେ ଏବେ ଦୃଷ୍ଟି ଦିଆଯାଉଛି, ଯେଉଁଥିରେ ଘରେ ବସି ରୋଜଗାର କରି ହେବ। ଏ ଦୃଷ୍ଟିରୁ ଆଗାମୀ ଦିନରେ ୱାର୍କ ଫ୍ରମ୍ ହୋମ ଚାକିରିର ଚାହିଦା ବୃଦ୍ଧି ପାଇବା ଆଶା କରାଯାଉଛି।**

**କ୍ରିଏଟିଭ୍ ରାଇଟିଂ:** ଲେଖାଲେଖି ପସନ୍ଦ ଥିଲେ କ୍ରିଏଟିଭ୍ ରାଇଟିଂ କ୍ଷେତ୍ରକୁ ବାଛିପାରିବେ। କଣ୍ଟେଣ୍ଟ ରାଇଟିଂ ପାଇଁ ଅନେକ କମ୍ପାନି ଅଛି। ଯାହାକି ଘରୁ କାମ କରିବାର ସୁଯୋଗ ଦିଏ। ଏ କ୍ଷେତ୍ରରେ ଗୋଟିଏ ଆର୍ଟିକଲ ପାଇଁ ଭଲ ପାରିଶ୍ରମିକ ମିଳିଥାଏ।

**ସୋସିଆଲ ମିଡିଆ ମ୍ୟାନେଜମେଣ୍ଟ:** ସୋସିଆଲ ମିଡିଆ ସମ୍ଭାଳି ପାରୁଥିଲେ ଏହାକୁ ମ୍ୟାନେଜ କରିକି ଭଲ ଆୟ କରିବା ସହଜ। ଅନେକ କମ୍ପାନି ଅଛି, ଯାହାକି ଇନଷ୍ଟାଗ୍ରାମ ତଥା ଫେସବୁକ ଭଳି ପ୍ଲାଟଫର୍ମକୁ ସମ୍ଭାଳିବା ପାଇଁ ରିମୋଟ୍ ଚାକିରି ପ୍ରଦାନ କରନ୍ତି। ଏ କ୍ଷେତ୍ରରେ ଏକ୍ସପର୍ଟ ଥିଲେ କିମ୍ବା କ୍ରିଏଟିଭ୍ ଷ୍ଟ୍ରାଟେଜି ତିଆରି କରିପାରୁଥିଲେ, ଘରେ ବସି ଚାକିରି କରିପାରିବେ।

**ଗ୍ରାଫିକ୍ ଡିଜାଇନିଂ:** ଗ୍ରାଫିକ୍ ମାମଲାରେ ଭଲ ଅଭିଜ୍ଞତା ଥିଲେ ଏହି ଚାକିରି କରିପାରିବେ। କିଛି କମ୍ପାନି ୱାର୍କ ଫ୍ରମ ହୋମ୍ କରାଉଛନ୍ତି। ଏହିପ୍ରକାରେ ଭିଡିଓ ଏଡିଟିଂର ଚାକିରି ଘରେ ବସି କରିବା ସମ୍ଭବ। ସେହିପରି ଭିଡିଓ ଏଡିଟରଙ୍କ ଚାହିଦା ଏବେ ଖୁବ୍ ବେଶି। ସେମାନେ ଭଲ ପାରିଶ୍ରମିକ ସହିତ ୱାର୍କ ଫ୍ରମ୍ ହୋମ୍ ତଥା ଫ୍ରିଲାନ୍ସ କାମ ହାସିଲ କରିପାରିବେ।

## ଶ୍ରେଣୀରେ ପଛୁଆ ରହୁଥିଲେ

**ଅନେକ ପିଲା ଏମିତି ଅଛନ୍ତି, ମନଧ୍ୟାନ ଦେଇ ପାଠ ପଢ଼ିବା ପରେ ବି ଶ୍ରେଣୀରେ ଭଲ ପ୍ରଦର୍ଶନ କରି ନ ଥାନ୍ତି। ତେବେ ଶ୍ରେଣୀରେ ତଥା ଟ୍ୟୁସନ୍‌ରେ ଅନ୍ୟମନସ୍କ ରହୁଥିବା ଛାତ୍ରଛାତ୍ରୀ ହିଁ ପଢ଼ାରେ ପଛୁଆ ରହନ୍ତି। ଅବଶ୍ୟ ସେମାନଙ୍କ ବିଫଳତା ପଛରେ କିଛି ଅଭ୍ୟାସ ହିଁ ଦାୟୀ।**

- ଏଭଳି ବିଦ୍ୟାର୍ଥୀ ଶ୍ରେଣୀଗୃହରେ ପଢ଼ା ସମୟରେ ଶିକ୍ଷକଙ୍କ କଥାକୁ ଧ୍ୟାନରେ ଶୁଣି ନ ଥାନ୍ତି। ଏହାସହ ପାଠକୁ ମଧ୍ୟ ଭଲଭାବେ ବୁଝି ନ ଥାନ୍ତି। ସେଥିପାଇଁ ସେମାନେ ପଛୁଆ ରହନ୍ତି।
- ଦୁର୍ବଳ ଛାତ୍ରଛାତ୍ରୀ ଜାଣିପାରି ନ ଥାନ୍ତି କ’ଣ ପଢ଼ିବେ ଓ କେଉଁ ବିଷୟ ପଢ଼ିବେ।
- ପାଠ ବୁଝିପାରୁ ନ ଥିବାରୁ ପଢ଼ା ପ୍ରତି ଆଗ୍ରହ ଆସି ନ ଥାଏ। ଯଦ୍ଦ୍ୱାର ସେମାନେ ଅନ୍ୟମାନଙ୍କଠାରୁ ପଛରେ ରହନ୍ତି।
- ନିୟମିତ ପାଠ ନ ପଢ଼ିବା ଏବଂ ପରୀକ୍ଷାର କିଛିଦିନ ପୂର୍ବରୁ ପଢ଼ିବା ଦ୍ୱାରା ସେମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରି ନ ଥାନ୍ତି।
- ସେହିପରି ଏକୁଟିଆ ପଢ଼ିବା ଏବଂ କାହାର ସାହାଯ୍ୟ ନ ନେବା ମଧ୍ୟ ବିଫଳତାର ଅନ୍ୟତମ କାରଣ।

## ଅଫିସ୍ କାମରେ ଏଆଇ ବ୍ୟବହାର

ବର୍ତ୍ତମାନ ପ୍ରତ୍ୟେକ କାମରେ ଏଆଇର ବ୍ୟବହାର କରାଯାଉଛି। ବିଭିନ୍ନ କମ୍ପାନି ବି ଏଆଇ ଟୁଲ୍‌କୁ ଆପଣାଉଛନ୍ତି। ଏ ଦୃଷ୍ଟିରୁ ସ୍ମାର୍ଟ କାମ ଲାଗି ଏଆଇ ବ୍ୟବହାର କରାଯାଇପାରିବ। ତେବେ ଏହାକୁ ଠିକ୍ ଉପାୟରେ ବ୍ୟବହାର କଲେ ଅଫିସ୍ କାମ ସହଜ ଏବଂ ଶୀଘ୍ର ଶେଷ ହୋଇପାରିବ।

- ଅନେକ ଏଆଇ ଟୁଲ୍ ଅଛି, ଯାହାକୁ ଉପଯୋଗ କରି ପ୍ରଫେସନାଲ ଇ-ମେଲ ତଥା ମେସେଜ ଲେଖିପାରିବେ। ଏ ଲାଗି ଏଆଇ ଟୁଲ୍‌କୁ ପ୍ରମ୍ପ୍ଟ ଦେବାକୁ ହୁଏ। ଚାଟ୍‌ଜିପିଟି, ଜେମିନି ଭଳି ଏଆଇ ଟୁଲ୍ ଦ୍ୱାରା ଇ-ମେଲ, କାମର ରିପୋର୍ଟ ଆଦି ପ୍ରସ୍ତୁତ କରିପାରିବେ।
- ଏଆଇ ଡାଟା ଆନାଲିସିସ୍ ବା ତଥ୍ୟ ବିଶ୍ଳେଷଣର କାମ କରିପାରିବ। ଏକ୍ସସେଲ ତଥା ଗୁଗଲ ସିଟ୍‌ରେ ବି ଏଆଇ ଫିଚର୍‌ର ଉପଯୋଗ କରିପାରିବେ। ଏହାବାଦ୍ ଏଆଇ କୌଣସି ପ୍ରକାର ତଥ୍ୟକୁ ବିଶ୍ଳେଷଣ କରିବା କାମ କରେ।
- ମିଟିଂ ସମୟରେ ଏଆଇ ଟୁଲ୍ ମାଧ୍ୟମରେ ମିଟିଂକୁ ରେକର୍ଡ କରିକି ତାହାର ସମରି ସହଜରେ ପ୍ରସ୍ତୁତ କରିପାରିବେ।
- ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ବି ଏଆଇ ପ୍ରସ୍ତୁତ କରିପାରିବ। ଏଆଇ ଦ୍ୱାରା କାମର ଆଗାମୀ ଯୋଜନା ପ୍ରସ୍ତୁତ କରିବା ସମ୍ଭବ।
- ସେହିପରି ଏଆଇ ଆଧାରିତ ଆପ୍ ପ୍ରତିଦିନ କାମ ତାଲିକାକୁ ଆପେ ଆପେ ନିୟନ୍ତ୍ରଣ କରିଥାଏ ଏବଂ ରିମାଇଣ୍ଡର ପ୍ରଦାନ କରେ। ଏହା ଦ୍ୱାରା କାମକୁ ଠିକ୍ ସମୟରେ ପୂରା କରିବାରେ ସାହାଯ୍ୟ ମିଳେ।



## ହ୍ୱାଟ୍ସଆପ୍‌ର ନୂଆ ଫିଚର୍

**ଲୋକପ୍ରିୟ ମେସେଜିଂ ଆପ୍ ହ୍ୱାଟ୍ସଆପ୍ ଆଇଓଏସ୍ ଏବଂ ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କ ଲାଗି ନୂଆ ପ୍ରାଇଭେସି ଫିଚର୍ ପରୀକ୍ଷା କରୁଛି। ଏହି ଫିଚର୍‌ର ବିଶେଷତ୍ୱ ହେଉଛି ମେସେଜ ପଢ଼ିବାର କିଛି ସମୟ ପରେ ଆପେ ଆପେ ଡିଲିଟ୍ ହୋଇଯିବ।**

ଏହି ନୂଆ ଫିଚର୍‌ର ନାଁ ‘ଆଫ୍ଟର ରିଡିଂ।’ ଯାହାକି ଡିଜାପିଅରିଂ ମେସେଜ ସେଟିଂରେ ମିଳିବ। ବ୍ୟବହାରକାରୀ ମେସେଜ ପଢ଼ିବା ପରେ ୫ ମିନିଟ୍, ଘଣ୍ଟାଏ, ୧୨ ଘଣ୍ଟାରୁ କୌଣସି ସମୟ ସୀମା ବାଛିପାରିବେ। ଯଦି ରିସିଭର ମେସେଜ ଖୋଲିବ ନାହିଁ, ତେବେ ଏହା ୨୪ ଘଣ୍ଟା ପରେ ଆପେ ଆପେ ଡିଲିଟ୍ ହୋଇଯିବ।

ହ୍ୱାଟ୍ସଆପ୍‌ରେ ଏବେ ଥିବା ଡିଜାପିଅରିଂ ମେସେଜ ସିଷ୍ଟମରେ ୨୪ ଘଣ୍ଟା, ୭ ଦିନ, ୯୦ ଦିନର ସମୟସୀମା ମିଳିଥାଏ। ରିପୋର୍ଟରେ କୁହାଯାଇଛି, ନୂଆ ଆଫ୍ଟର ରିଡିଂ ଫିଚର ଏହା ସହିତ କାମ କରିବ। ବ୍ୟବହାରକାରୀ ଏହି ସିଷ୍ଟମକୁ କୌଣସି ଗୋଟିଏ ଚାଟ୍ ଏବଂ ସମସ୍ତ ନୂଆ ଚାଟ୍ ପାଇଁ ସକ୍ରିୟ କରିପାରିବେ। ସେହିପରି ରିପୋର୍ଟରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ, ଏହି ଫିଚର ଆପେ ଆପେ କାମ କରିବ ନାହିଁ, ବରଂ ବ୍ୟବହାରକାରୀଙ୍କୁ ଆପେ ଆପେ ସେଟ୍ କରିବାକୁ ପଡ଼ିବ। ତେବେ ଚାଟ୍ ଉପରେ ଏହା କୌଣସି ପ୍ରଭାବ ପକାଇବ ନାହିଁ। ଅନ୍ୟପଟେ ଏହି ଫିଚର୍ ସମସ୍ତ ବ୍ୟବହାରକାରୀଙ୍କ ପାଇଁ କେବେ ଲାଗୁ ହେବ, ସେ କଥା କୁହାଯାଇ ନାହିଁ।

# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

### ଆଫଗାନିସ୍ତାନ ବିପକ୍ଷ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା

# ଟେଷ୍ଟ ଦଳରେ ହର୍ଷ, ଗୁର୍‌ନୁର୍ ଓ ସୁତାର ସାମିଲ

- ଶୁବମନ ଗିଲ୍‌ଙ୍କୁ ଉଭୟ ଦଳର ନେତୃତ୍ୱ
- ଟେଷ୍ଟରେ ରାହୁଲ, ଦିନିକିଆରେ ଶ୍ରେୟସ ଡେପୁଟି
- ଯଶପ୍ରୀତ୍ ବୁମ୍‌ରା, ରବୀନ୍ଦ୍ର ଜାଡେଜାଙ୍କୁ ବିଶ୍ରାମ
- ଟେଷ୍ଟ ଜୁନ୍ ୬ରୁ, ଦିନିକିଆ ସିରିଜ୍ ୧୪ରୁ ଆରମ୍ଭ


ହର୍ଷ ଦୁବେ


ଗୁରନୁର ବ୍ରାର୍

**ଗୁଆହାଟୀ,୧୯।୫(ଏଜେନ୍ସି):** ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ଓ ଦିନିକିଆ ସିରିଜ୍ ଲାଗି ଭାରତୀୟ କ୍ରିକେଟ ଦଳ ଘୋଷଣା କରାଯାଇଛି। ଶୁଭମନ ଗିଲ୍‌ଙ୍କୁ ଉଭୟ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ପଞ୍ଜାବର ମୁଲାନପୁରରେ ଜୁନ୍ ୬ରୁ ଆରମ୍ଭ ହେବାକୁ ଯାଉଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍ ଲାଗି ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ସ୍ପିନ ବୋଲିଂ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ବିଶ୍ରାମ ଦିଆଯାଇଛି। ସେହିପରି ୱିକେଟରକ୍ଷକ ଋଷଭ ପନ୍ତ୍‌ଙ୍କୁ ଉପଅଧିନାୟକ ପଦରୁ ଅବ୍ୟାହତି ଦିଆଯାଇ ଲୋକେଶ ରାହୁଲଙ୍କୁ ଦିଆଯାଇଛି। ଦଳରେ ୩ଜଣ ନୂଆମୁହଁଙ୍କୁ ସାମିଲ କରାଯାଇଛି। ସେମାନେ ହେଲେ ରାଜସ୍ଥାନର ସ୍ପିନ୍ ବୋଲିଂ ଅଲରାଉଣ୍ଡର ମାନବ ସୂତାର, ବିଦର୍ଭ ସୀମିତ ଓଭର ସିରିଜ୍ ଅଧିନାୟକ ହର୍ଷ ଦୁବେ ଓ ପଞ୍ଜାବ ଫାଷ୍ଟ ବୋଲର ଗୁରନୁର ବ୍ରାରଙ୍କୁ ଦଳରେ ସ୍ଥାନ ଦିଆଯାଇଛି। ରଣଜୀ ଚାମ୍ପିଅନ ଜମ୍ମୁ-କଶ୍ମୀରର ଆକ୍ୱିବ ଦରଙ୍କୁ ସ୍ଥାନ ମିଳିବ ବୋଲି ଆଶା କରାଯାଉଥିଲେ ମଧ୍ୟ ଚୟନକର୍ତ୍ତାଙ୍କ ପସନ୍ଦର ହୋଇନାହାନ୍ତି। ଏହି ୩ଜଣଙ୍କ ମଧ୍ୟରୁ ସୂତାର ଓ ବ୍ରାର ଆଇପିଏଲ୍ ଟିମ୍ ଗୁଜରାଟ ଟାଇଟାନ୍ସ ଦଳରେ ଗିଲ୍‌ଙ୍କ ସହଯୋଗୀ ରହିଛନ୍ତି। ହର୍ଷ ହାଇଦରାବାଦ୍‌କୁ ପ୍ରତିନିଧିତ୍ୱ କରୁଛନ୍ତି। ଦକ୍ଷିଣ ଆଫ୍ରିକା ସହ ଭାରତ ଶେଷଥର ଟେଷ୍ଟ ମ୍ୟାଚ୍ ଋଷଭ ପନ୍ତ୍‌ଙ୍କ ନେତୃତ୍ୱରେ ଖେଳିଥିଲା। ଆଫଗାନିସ୍ତାନ ବିପକ୍ଷରେ ଭାରତ ଦ୍ୱିତୀୟଥର ଏକ ଟେଷ୍ଟ ମ୍ୟାଚ୍ ଖେଳିବ।

### ସିରିଜ୍‌ର ଖେଳସୂଚୀ

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ଜୁନ୍ ୬ରୁ ୧୦ | ଏକମାତ୍ର ଟେଷ୍ଟ | ମୁଲାନପୁର |
| ଜୁନ୍ ୧୪ | ପ୍ରଥମ ଦିନିକିଆ | ଧର୍ମଶାଳା |
| ଜୁନ୍ ୧୭ | ଦ୍ୱିତୀୟ ଦିନିକିଆ | ଲକ୍ଷ୍ନୌ |
| ଜୁନ୍ ୨୦ | ତୃତୀୟ ଦିନିକିଆ | ଚେନ୍ନାଇ |

**ଭାରତୀୟ ଟେଷ୍ଟ ଦଳ:** ଶୁବମନ ଗିଲ୍ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ (ଉପଅଧିନାୟକ), ବି ସାଇ ସୁଦର୍ଶନ, ଋଷଭ ପନ୍ତ୍ ଓ ଧ୍ରୁପ ଜୁରେଲ (ଉଭୟ ୱିକେଟରକ୍ଷକ), ଦେବଦତ୍ତ ପାଡିକଲ, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମାନବ ସୂତାର, ହର୍ଷ ଦୁବେ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ଗୁରନୁର ବ୍ରାର୍।

### ■ ଦିନିକିଆ ଦଳରେ ବିରାଟ, ରୋହିତ ଓ ପାଣ୍ଡ୍ୟା ସାମିଲ


ମାନବ ସୂତାର- ଟେଷ୍ଟ


ପ୍ରିନ୍ସ ଯାଦବ (ଦିନିକିଆ)

ଏକମାତ୍ର ଟେଷ୍ଟ ମ୍ୟାଚ୍ ପରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳାଯିବ। ଏହି ମ୍ୟାଚ୍ ଗୁଡ଼ିକ ଧର୍ମଶାଳାରେ ଜୁନ୍ ୧୪, ଲକ୍ଷ୍ନୌରେ ଜୁନ୍ ୧୭ ଓ ଚେନ୍ନାଇରେ ଜୁନ୍ ୨୦ରେ ଖେଳାଯିବ। ଦିନିକିଆ ମ୍ୟାଚ୍ ଗୁଡ଼ିକ ଦିବାରାତ୍ର ଏବଂ ଅପରାହ୍ଣ ୧ଟା ୩୦ ମିନିଟ୍‌ରୁ ଆରମ୍ଭ ହେବ। ଶୁବମନଙ୍କ ନେତୃତ୍ୱରେ ୧୫ଜଣିଆ ଦଳ ଚୟନ କରାଯାଇଛି। ଏହି ଦଳରେ ଦୁଇ କିଂବଦନ୍ତୀ ଖେଳାଳି ବିରାଟ କୋହଲି, ରୋହିତ ଶର୍ମାଙ୍କୁ ସାମିଲ କରାଯାଇଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମଧ୍ୟ ସ୍ଥାନ ଦିଆଯାଇଛି। କିନ୍ତୁ ରୋହିତ ଓ ହାର୍ଦ୍ଦିକ ଫିଟ୍ ରହିଲେ ସିରିଜ୍‌ରେ ଖେଳିପାରିବେ। ଲୋକେଶ ରାହୁଲ ଦଳକୁ ଫେରିଥିଲାବେଳେ ଶ୍ରେୟସ ଆୟରଙ୍କୁ ଦଳରେ ସାମିଲ କରାଯାଇଛି। ଟେଷ୍ଟ ଦଳରେ ସ୍ଥାନ ପାଇଥିବା ଗୁରନୁର ବ୍ରାର୍, ହର୍ଷ ଦୁବେ ଓ ପ୍ରିନ୍ସ ଯାଦବଙ୍କ ପରି ନୂଆ ଖେଳାଳିମାନେ ସାମିଲ ହୋଇଛନ୍ତି। ପ୍ରିନ୍ସ ଯାଦବ ଚଳିତ ଆଇପିଏଲ୍‌ରେ ପ୍ରଭାବଶାଳୀ ପ୍ରଦର୍ଶନ କରିଛନ୍ତି।

**ଘୋଷିତ ଦଳ:** ଶୁବମନ ଗିଲ (ଅଧିନାୟକ), ବିରାଟ କୋହଲି, ରୋହିତ ଶର୍ମା, ଶ୍ରେୟସ ଆୟର (ଉପଧିନାୟକ), ଲୋକେଶ ରାହୁଲ ଓ ଇଶାନ କିଶାନ (ଉଭୟ ୱିକେଟରକ୍ଷକ), ହାର୍ଦ୍ଦିକ ପାଣ୍ଡ୍ୟା, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ହର୍ଷ ଦୁବେ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ଗୁରନୁର ବ୍ରାର ଓ ପ୍ରିନ୍ସ ଯାଦବ।

## ଷଷ୍ଠଥର ଲାଗି ଫିଫା ବିଶ୍ୱକପ୍ ଖେଳିବେ ରୋନାଲ୍ଡୋ



**ଲିସବନ, ୧୯ ।୫ (ଏଜେନ୍ସି):** ଫୁଟ୍‌ବଲର ସର୍ବୋଚ୍ଚ ପ୍ରତିଯୋଗିତା ଫିଫା ବିଶ୍ୱକପର ୨୩ତମ ସଂସ୍କରଣ ଜୁନ ୧୧ରୁ ଜୁଲାଇ ୧୯ ତାରିଖ ପର୍ଯ୍ୟନ୍ତ ଆମେରିକା, କାନାଡା ଓ ମେକ୍ସିକୋରେ ମିଳିତ ଭାବେ ଆୟୋଜିତ ହେବ। ଏହି ମେଗା ଇଭେଣ୍ଟ ଲାଗି ମଙ୍ଗଳବାର କୋଚ୍ ରବର୍ଟ ମାର୍ଟିନେଜ ୨୬ ଜଣିଆ ପର୍ତ୍ତୁଗାଲ ଦଳ ଘୋଷଣା କରିଛନ୍ତି। ଭେଟେରାନ ଷ୍ଟ୍ରାଇକର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ଘୋଷିତ ଦଳର ନେତୃତ୍ୱ ଭାର ଦିଆଯାଇଛି। ୪୧ ବର୍ଷୀୟ ଏହି କିମ୍ବଦନ୍ତୀ ଖେଳାଳି ରେକର୍ଡ ଷଷ୍ଠଥର ଲାଗି ବିଶ୍ୱକପ୍ ଖେଳିବେ। ଅନ୍ତର୍ଜାତୀୟ ପୁରୁଷ ଫୁଟ୍‌ବଲ ଇତିହାସରେ ରୋନାଲ୍ଡୋ ସର୍ବକାଳୀନ ସର୍ବାଧିକ ୧୪୩ଟି ଗୋଲ୍ ଦେଇଛନ୍ତି। କିନ୍ତୁ ତାଙ୍କ ଦଳ ଆଜି ପର୍ଯ୍ୟନ୍ତ ବିଶ୍ୱକପ୍ ବିଜୟ ସ୍ୱାଦ ଚାଖିପାରିନାହିଁ। ରୋନାଲ୍ଡୋଙ୍କ ସମେତ ଆର୍ଜେଣ୍ଟିନା ତାରକା ଲିଓନେଲ ମେସି ମଧ୍ୟ ଶେଷ ଓ ରେକର୍ଡ ୬ଷ୍ଠଥର ଲାଗି ବିଶ୍ୱକପ୍ ଖେଳିବାର ସୁଯୋଗ ପାଇଛନ୍ତି। ବିଶ୍ୱକପ୍‌ରେ କଙ୍ଗୋ, କଲମ୍ବିଆ ଓ ଉଜବେକିସ୍ତାନ ସହ ପର୍ତ୍ତୁଗାଲ୍ ଗ୍ରୁପ୍-କେ’ରେ ସ୍ଥାନ ପାଇଛି। ଜୁନ ୧୭ରେ କଙ୍ଗୋ ସହ ଖେଳି ପର୍ତ୍ତୁଗାଲ ଅଭିଯାନ ଆରମ୍ଭ କରିବ। ତେବେ ବିଶ୍ୱକପ୍ ପୂର୍ବରୁ ପର୍ତ୍ତୁଗାଲ ଚିଲି ଓ ନାଇଜେରିଆ ସହ ଅଭ୍ୟାସମୂଳକ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

## ଭାରତରେ ଖେଳାଯିବ ବିଗ୍ ବାସ୍ ଲିଗ୍

**ଚେନ୍ନାଇ, ୧୯ ।୫ (ଏଜେନ୍ସି):** କ୍ରିକେଟ୍ ଅଷ୍ଟ୍ରେଲିଆ ଦ୍ୱାରା ଆୟୋଜିତ ହେଉଥିବା ବିଗ୍ ବାସ୍ ଲିଗ୍ (ବିବିଏଲ)ର ଆଗାମୀ ୧୬ତମ ସଂସ୍କରଣର କେତୋଟି ମ୍ୟାଚ୍ ଭାରତରେ ଆୟୋଜିତ ହେବ। ଯେଉଁଥିରେ ଡିସେମ୍ବରରେ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚ୍ ଚେନ୍ନାଇ ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯିବା ପାଇଁ ସ୍ଥିର କରାଯାଇଛି। ଯଦି ବିବିଏଲ୍‌ର ପ୍ରଥମ ମ୍ୟାଚ୍ ଚେନ୍ନାଇରେ ଅନୁଷ୍ଠିତ ହୁଏ, ତେବେ ଉଦଘାଟନୀ ସମାରୋହ ମଧ୍ୟ ସେଠାରେ ଅନୁଷ୍ଠିତ ହୋଇପାରେ। ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ମଧ୍ୟ ଏହାକୁ ଅନୁମୋଦନ କରିଥିବା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ଗତକାଲି ଚେନ୍ନାଇରେ ଅନୁଷ୍ଠିତ ଆଇପିଏଲ୍ ମ୍ୟାଚ୍ ସମୟରେ କ୍ରିକେଟ ଅଷ୍ଟ୍ରେଲିଆର ୫ ଜଣିଆ ଦଳ ଯାଞ୍ଚ ପାଇଁ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ବିସିସିଆଇ ସଭାପତି ମିଥୁନ ମନହାସ ମଧ୍ୟ ଉପସ୍ଥିତ ରହି ଅଷ୍ଟ୍ରେଲୀୟ ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ଉଲ୍ଲେଖଯୋଗ୍ୟ କ୍ରିକେଟ୍ ଅଷ୍ଟ୍ରେଲିଆ ଏହାର ଲିଗକୁ ବିଶ୍ୱବ୍ୟାପୀ ବିସ୍ତାର କରିବାକୁ ଚାହୁଁଛି। ଯଦି ଭାରତରେ ଏହା ଖେଳାଯିବ ତେବେ ପ୍ରଥମଥର ଅଷ୍ଟ୍ରେଲିଆ ବାହାରେ ଏକ ବିବିଏଲ୍ ମ୍ୟାଚ୍ ଅନୁଷ୍ଠିତ ହେବ। ରିପୋର୍ଟ ଅନୁଯାୟୀ, ଲିଗର ୧୬ତମ ସଂସ୍କରଣ ଡିସେମ୍ବରରେ ଆରମ୍ଭ ହେବାର ଆଶା କରାଯାଉଛି।

## ଡି କକ୍, ବାୱା ବାଦ୍

**ମୁମ୍ବଇ,୧୯।୫(ଏଜେନ୍ସି):** ଆଘାତଜନିତ କାରଣରୁ କ୍ୱିଣ୍ଟନ ଡି କକ୍ ଓ ରାଜ ଅଙ୍ଗଦ ବାୱା ୨୦୨୬ ଆଇପିଏଲ୍‌ରୁ ବାଦ୍ ପଡ଼ିଛନ୍ତି। ଉଭୟ ଖେଳାଳି ମୁମ୍ବଇ ଇଣ୍ଡିଆନ୍ସ ପକ୍ଷରୁ ଖେଳୁଥିଲେ। ଦଳ ଏବେ ପ୍ଲେ ଅଫ୍‌ରୁ ବାଦ୍ ପଡ଼ିଥିଲାବଳେ ସେମାନଙ୍କ ସ୍ଥାନରେ ବଦଳ ଖେଳାଳି ଘୋଷଣା କରାଯିବ। ଦଳର ଆଉ ଦୁଇଟି ମ୍ୟାଚ୍ ଖେଳିବାକୁ ବାକି ରହିଛି। ତାହା ମଧ୍ୟରୁ ମେ ୨୦ରେ କୋଲକାତା ନାଇଟ ରାଇଡର୍ସ ଓ ମେ ୨୪ରେ ରାଜସ୍ଥାନ ରୟାଲ୍ସର ସହ ଖେଳିବାର କାର୍ଯ୍ୟକ୍ରମ ରହିଛି। ଉଭୟ ଖେଳାଳିଙ୍କୁ ସେମାନଙ୍କ ଘରକୁ ପଠାଇଦିଆଯାଇଛି। ଡି କକ୍ ୩ଟି ମ୍ୟାଚ୍ ଖେଳି ୧୩୨ ରନ୍ କରିଥିଲେ। ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ସେ ୧୧୨ରନ୍‌ର ଅପରାଜିତ ଇନିଂସ ଖେଳିଥିଲେ।

## କାଲିଠୁ ପାରା ସନ୍ତରଣ ଚୟନ ପ୍ରକ୍ରିୟା

**ଭୁବନେଶ୍ୱର, ୧୯ ।୫ (ସମିସ):** ମେ ୨୧ରୁ ରାଜ୍ୟ କନିଷ୍ଠ ଓ ଉପ-କନିଷ୍ଠ ପାରା ସନ୍ତରଣ ଚୟନ ପ୍ରକ୍ରିୟା ୨୦୨୬ ଭୁବନେଶ୍ୱର ର କଳିଙ୍ଗ ଷ୍ଟାଡିୟମ ରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗୀତା ଟି ପାରା ସ୍ପୋର୍ଟସ ଆସୋସିଏସନ ଅଫ୍ ଓଡ଼ିଶା ଓ ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ମିଳିତ ସହଯୋଗରେ ରେ ଏହି ପ୍ରତିଯୋଗୀତାଟି ଅନୁଷ୍ଠିତ ହେବ। ଏହି ପ୍ରତିଯୋଗୀତାରେ ଜୁନିୟର ଓ ସବ ଜୁନିଅର ବାଳକ ଓ ବାଳିକା ବିଭିନ୍ନ ବର୍ଗ ରେ ଅଂଶ ଗ୍ରହଣ କରି ପାରିବେ। ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବା ସହିତ ଖେଳାଳୀ ଜାତୀୟସ୍ତରରେ ମିନିମମ କ୍ୱାଲିଫିକେଶନ ଷ୍ଟାଣ୍ଡାର୍ଡ ଅତିକ୍ରମ କରୁଥିବା ଖେଳାଳିମାନଙ୍କ ଭିତରୁ ଖେଳାଳି ଚୟନ କମିଟି ନିଷ୍ପତି ଅନୁଯାଇ ଉତ୍କୃଷ୍ଟ ପାରା କ୍ରୀଡ଼ାବିତ ମାନଙ୍କୁ ୨୬ ତମ ଜୁନିଅର ଓ ସବ ଜୁନିଅର ଜାତୀୟ ପାରା ସନ୍ତରଣ ଚାମ୍ପିୟନସିପ୍ ୨୦୨୬-୨୭ ଯାହା ଜି ସ୍ୱଇମିଙ୍ଗ ଏକାଡେମୀ, ୱାଇଟଫିଲଡ଼, ବେଙ୍ଗାଲୁରୁ ରେ ଆସନ୍ତା ୮ ରୁ ୧୦ ଜୁନ ୨୦୨୬ ରେ ଅନୁଷ୍ଠିତ ହେବାକୁ ଯାଉଛି ସେଥିରେ ରେ ରାଜ୍ୟ ତରଫରୁ ଅଂଶ ଗ୍ରହଣ କରିବା ପାଇଁ ସୁଯୋଗ ମିଳିବ।

### ମିଚେଲ ମାର୍ଶ ଓ ଜୋଶ ଇଂଲିଶଙ୍କ ବିସ୍ଫୋରକ ବ୍ୟାଟିଂ

# ରାଜସ୍ଥାନ ବିପକ୍ଷରେ ଲକ୍ଷ୍ନୌର ବିଶାଳ ସ୍କୋର



**ଜୟପୁର,୧୯।୫(ଏଜେନ୍ସି):** ଦୁଇ ଅଷ୍ଟ୍ରେଲୀୟ ଓପନର ମିଚେଲ ମାର୍ଶ ଓ ଜୋଶ ଇଂଲିଶଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ରାଜସ୍ଥାନ ରୟାଲ୍ସ ବିପକ୍ଷ ମୁକାବିଲାରେ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲଏସ୍‌ଜି) ବିଶାଳ ସ୍କୋର ସଂଗ୍ରହ କରିଛି। ମାର୍ଶ ୫୭ ବଲ୍‌ରେ ୯୬ ଓ ଇଂଲିଶ ୨୯ ବଲ୍‌ରେ ୬୦ ରନ୍ କରିବା ଫଳରେ ପ୍ରଥମ ବ୍ୟାଟିଂ କରିଥିବା ଏଲ୍‌ଏସ୍‌ଜି ନିର୍ଦ୍ଧାରିତ ୨୦ ଓଭର ଖେଳରେ ୫ ୱିକେଟ ହରାଇ ୨୨୦ ରନ୍ ସଂଗ୍ରହ କରିନେଇଛି। ମାର୍ଶ ୫୭ବଲ୍‌ରେ ୧୧ ଚୌକା ଓ ୫ ଛକା ସହ ସର୍ବାଧିକ ୯୬ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିକୋଲସ ପୂରନ ୧୧ ବଲ୍‌ରେ ୨ଟି ଛକା ସହ ୧୬, ଋଷଭ ପନ୍ତ୍ ୨୩ବଲ୍‌ରେ ୨ ଚୌକା ଓ ୨ଛକା ସହ ୩୫ ରନ୍‌ରେ ଆଉଟ ହୋଇଛନ୍ତି। ରାଜସ୍ଥାନର ଯଶରାଜ ପୁଞ୍ଜା ୨ଟି ୱିକେଟ ନେଇଥିଲାବେଳେ ଏଲଏସ୍‌ଜିର ଦୁଇଜଣ ରନ୍‌ଆଉଟ ହୋଇଥିଲେ। ଚଳିତ ଟୁର୍ଣ୍ଣାମେଣ୍ଟର ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିବା ପରେ ଏଲ୍‌ଏସ୍‌ଜି ପାଇଁ ଏହି ମ୍ୟାଚ୍‌ରେ ସମ୍ମାନଜନକ ବିଜୟ ବ୍ୟତୀତ ଅନ୍ୟ କୌଣସି ଗୁରୁତ୍ୱ ନାହିଁ। କିନ୍ତୁ ୧୨ଟି ମୁକାବିଲାରୁ ୧୨ ପଏଣ୍ଟ ପାଇଥିବା ରାଜସ୍ଥାନ ରୟାଲ୍ସ ଲାଗି ଏହି ମ୍ୟାଚ୍ ଜିତିବା ନିହାତି ଆବଶ୍ୟକ।

ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଏଲଏସ୍‌ଜି ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା। ଫଳରେ ଦଳ ପ୍ରଥମ ୱିକେଟରେ ମାତ୍ର ୮.୨ ଓଭରରୁ ୧୦୯ ରନ୍ ଉଠାଇଥିଲା। ଲେଗ୍ ସ୍ପିନର ଯଶରାଜ ପୁଞ୍ଜା ପ୍ରତିପକ୍ଷ ଓପନର ଜୋଶ ଇଂଲିଶକୁ ବୋଲ୍ଡ କରି ଆଉଟ କରିବା ପୂର୍ବରୁ ସେ ତାଙ୍କ ଚମକ ଦେଖାଇସାରିଥିଲେ। ସେ ମାତ୍ର ୨୯ବଲ୍‌ର ସାମ୍ନା କରି ୭ ଚୌକା ଓ ୩ ଛକା ସହ ୬୦ ରନ୍ କରିଥିଲେ। ତାଙ୍କ ଆଉଟ ପରେ ପୂରନ ୧୧ ବଲ୍‌ରେ ୧୮ ରନ୍ କରି ପୁଞ୍ଜାଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଏହା ଫଳରେ ରନ୍ ହାର କମି ନ ଥିଲା। ରାଜସ୍ଥାନ ପକ୍ଷରୁ କୌଣସି ବୋଲର ପ୍ରଭାବଶାଳୀ ସା।ବ୍ୟସ୍ତ ହୋଇ ପାରି ନ ଥିଲେ। ସେମାନଙ୍କ ବୋଲିଂରେ ମଧ୍ୟ ଶୃଙ୍ଖଳା ନ ଥିଲା। ଫଳରେ ଏଲ୍‌ଏସ୍‌ଜି ପ୍ରଥମ ୱିକେଟ ପାର୍ଟନରସିପ୍‌ରେ ୫୦ ବଲ୍‌ରୁ ୧୦୯ ରନ୍ ଉଠାଇଥିଲା।

### ଆଇପିଏଲ୍ ପଏଣ୍ଟ ଟେବୁଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୧୩ | ୯ | ୪ | ୦ | ୧୮ | +୧.୦୬୫ |
| ଗୁଜରାଟ | ୧୩ | ୮ | ୫ | ୦ | ୧୬ | +୦.୪୦୦ |
| ହାଇଦରାବାଦ | ୧୩ | ୮ | ୫ | ୦ | ୧୬ | +୦.୩୫୦ |
| ପଞ୍ଜାବ | ୧୩ | ୬ | ୬ | ୧ | ୧୩ | +୦.୨୨୭ |
| ରାଜସ୍ଥାନ* | ୧୨ | ୬ | ୬ | ୦ | ୧୨ | +୦.୦୨୭ |
| ଚେନ୍ନଇ | ୧୩ | ୬ | ୭ | ୦ | ୧୨ | -୦.୦୧୬ |
| ଦିଲ୍ଲୀ | ୧୩ | ୬ | ୭ | ୦ | ୧୨ | -୦.୮୭୧ |
| କୋଲକାତା | ୧୨ | ୫ | ୬ | ୧ | ୧୧ | -୦ .୦୩୮ |
| ମୁମ୍ବଇ (ଏ) | ୧୨ | ୪ | ୮ | ୦ | ୮ | -୦.୫୦୪ |
| ଲକ୍ଷ୍ନୌ (ଏ)* | ୧୨ | ୪ | ୮ | ୦ | ୮ | -୦.୭୦୧ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ




### ଆଜିର ଆଇପିଏଲ୍ ମ୍ୟାଚ୍

କୋଲକାତା ବନାମ ମୁମ୍ବଇ
ଭେନ୍ୟୁ -କୋଲକାତା
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ୨୫-୦ ଗୋଲ୍‌ରେ ଜିତିଲା ଏସଆର୍‌ଏମ୍ ସ୍ପୋର୍ଟ୍ସ କ୍ଲବ୍

**ଭୁବନେଶ୍ୱର, ୧୯ ।୫ (ସମିସ):** ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଫ୍) ଫୁଟ୍‌ବଲ ପ୍ରତିଯୋଗିତାର ୨୦୨୬ ସଂସ୍କରଣ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ କଟକ ଓ ଭୁବନେଶ୍ୱରରେ ଦୁଇଟି ଜୋନରେ ଖେଳାଯାଉଛି। ପ୍ରଥମ ଦିବସରେ ୩ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୟୁନିଟ୍-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଉମରକୋଟର ଏସଆରଏମ ସ୍ପୋର୍ଟିଂ କ୍ଲବ ୨୫-୦ ଗୋଲ୍‌ର ବୃହତ୍ ବ୍ୟବଧାନରେ ଗଞ୍ଜାମ ଏକାଦଶକୁ ପରାସ୍ତ କରିଛି। ସେହିଭଳି ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଓଡ଼ିଶା ପୁଲିସ ୨-୦ ଗୋଲ୍‌ରେ କିଟ୍-କିସ୍ ଦଳକୁ ହରାଇଦେଇଛି। କଟକ ଜୋନରେ ପୁଲିସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ନୀତା ଫୁଟବଲ ଏକାଡେମୀ ୭-୧ ଗୋଲ୍‌ରେ ଏକପାଖିଆ ଭାବେ ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଯୋଡ଼ା)କୁ ହରାଇ ଅଭିଯାନ ଆରମ୍ଭ କରିଛି।


ଓଡ଼ିଶା ଓମେନ୍ସ ଲିଗ୍ ଉଦ୍‌ଘାଟିତ

ଭୁବନେଶ୍ୱର ଜୋନରେ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ ସ୍ୱାଇଁ, ଅଶୋକ ପଣ୍ଡା, ଓଏଫଏସ୍ ଗୀତା ଦାସ, ଅମିତ କୁମାର ନାୟକ, ସୋନାଲି ଶୁଭଦର୍ଶିନୀ, ଶୁଭେନ୍ଦୁ ପଣ୍ଡା, ବିବିଏ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ସୁନିଲ ମିତ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ। ସେହିଭଳି କଟକ ଜୋନରେ ଓଡ଼ିଶା ପୁଲିସର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ, ଫାଓର ଉପସଭାପତି ବିଜୟଦାସ, କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡ଼େଇ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଜୁନ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଲିଗ୍‌ରେ ୧୨ଟି ମହିଳା ଦଳ ଅଂଶଗ୍ରହଣ କରିଛନ୍ତି।

## ରୋମାଞ୍ଚକ ସ୍ଥିତିରେ ଦ୍ୱିତୀୟ ଟେଷ୍ଟ

**ସିଲହଟ୍, ୧୯ ।୫ (ଏଜେନ୍ସି):** ଘରୋଇ ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ଏଠାରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ଟେଷ୍ଟ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ୪୩୭ ରନର କଷ୍ଟସାଧ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ପାକିସ୍ତାନ ମଙ୍ଗଳବାର ୪ର୍ଥ ଦିବସ ଶେଷ ସୁଦ୍ଧା ଦ୍ୱିତୀୟ ପାଳିରେ ୭ ୱିକେଟ୍ ହରାଇ ୩୧୬ ରନ ସଂଗ୍ରହ କରିଛି। ବୁଧବାର ମ୍ୟାଚ୍‌ର ଅନ୍ତିମ ତଥା ୫ମ ଦିବସ। ବଳକା ୩ ୱିକେଟ୍‌ରେ ପାକିସ୍ତାନକୁ ବିଜୟ ଲାଗି ଆଉ ୧୨୧ ରନ ଆବଶ୍ୟକ ପଡୁଛି। ଷ୍ଟମ୍ପବେଳକୁ ଅଭିଜ୍ଞ ବ୍ୟାଟର୍ ମହମ୍ମଦ ରିଜୱାନ ୭୫ ଓ ସାଜିଦ ଖାନ ୮ ରନ କରି ଖେଳୁଛନ୍ତି। ତେଣୁ ରିଜୱାନଙ୍କ ଉପରେ ସିରିଜର ଫଳାଫଳ ଏବେ ନିର୍ଦ୍ଧାରଣ କରିବ। ଆଉଟ୍ ହୋଇଥିବା ବ୍ୟାଟରଙ୍କ ମଧ୍ୟରେ ବାବର ଆଜମ ୪୭, ସଲମାନ ଆଘା ୭୧, ଅବଦୁଲ ଫଜର ଓ ସାଉଦ ସକିଲ ୬ ରନ ଲେଖାଏ କରିଛନ୍ତି। ବୋଲିଂରେ ବାଂଲାଦେଶ ପାଇଁ ବାମହାତୀ ସ୍ପିନର ତାଇଜୁଲ ଇସଲାମ ସର୍ବାଧିକ ୪ଟି ୱିକେଟ ନେଇଛନ୍ତି। ଅନ୍ତିମ ଦିବସର ପ୍ରଥମ ସେସନରେ ବଳକା ୩ଟି ୱିକେଟ୍ ନେଇ ବାଂଲାଦେଶ ଐତିହାସିକ ସିରିଜ ବିଜୟ ଲକ୍ଷ୍ୟରେ ରହିଛି। ପୂର୍ବରୁ ଢାକାରେ ଅନୁଷ୍ଠିତ ସିରିଜର ପ୍ରଥମ ମ୍ୟାଚକୁ ୧୦୪ ରନରେ ଜିତି ବାଂଲାଦେଶ ୧-୦ରେ ଅଗ୍ରଣୀ ରହିଛି।



### ବାଂଲାଦେଶକୁ ୩ ୱିକେଟ; ପାକିସ୍ତାନକୁ ଦରକାର ୧୨୧ ରନ

## ତମାଣ୍ଡୋରେ ହେବ ଟେନିସ ପ୍ରିମିୟର ଲିଗ୍ କ୍ରିକେଟ

**ଭୁବନେଶ୍ୱର,୧୯।୫(ସମିସ):** ରାଜ୍ୟରେ ଏକ ସମ୍ଭ୍ରାନ୍ତ ଓ ଅନ୍ୟତମ ଶ୍ରେଷ୍ଠ ଡ୍ୟୁଜ୍‌ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ‘ତମାଣ୍ଡୋ କପ୍’ ଆୟୋଜନ କରୁଥିବା ତମାଣ୍ଡୋ କ୍ରିକେଟ କ୍ଲବ୍ ପକ୍ଷରୁ ପ୍ରଥମଥର ଏକ ଟେନିସ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ। ମେ ୨୨ ତାରିଖରୁ ଏହା ଆରମ୍ଭ ହୋଇ ୩୧ତାରିଖରେ ଶେଷ ହେବ ବୋଲି କ୍ଲବ୍‌ର ସମ୍ପାଦକ ଅମୂଲ୍ୟକୁମାର ଜେନା ଜଣାଇଛନ୍ତି। ଆଇପିଏଲ୍ ଢ଼ାଞ୍ଚାରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୫ଟି ଦଳ ଅଂଶଗ୍ରହଣ କରୁଛନ୍ତି। ରାଉଣ୍ଡ ରବିନ ଲିଗ୍ ପର୍ଯ୍ୟାୟ ଶେଷହେବା ପରେ ମେ ୨୭ରେ ପ୍ରଥମ କ୍ୱାଲିଫାୟର, ୨୮ରେ ଏଲିମିନେଟର ଓ ୨୯ରେ ଦ୍ୱିତୀୟ କ୍ୱାଲିଫାୟର ମୁକାବିଲା ହେବ। ମେ ୩୧ରେ ଗ୍ରାଣ୍ଡ ଫାଇନାଲ ଖେଳାଯିବ। ଅଂଶଗ୍ରହଣ କରୁଥିବା ଦଳଗୁଡିକ ହେଲେ ତମାଣ୍ଡୋ ଟାଇଟାନ୍ସ, ବାବା ଶମ୍ଭୁ, ବାଲୁଙ୍କେଶ୍ୱର ୱାରିୟର୍ସ, ମା ନାରାୟଣୀ ୱାରିୟର୍ସ ଓ କେସିସି ଏଗଟଆଲାଇଭ୍ କ୍ରିକେଟ ଟିମ୍।

## ଫୋଗତ୍‌ଙ୍କୁ ମିଳିଲାନି ଆଶ୍ୱସ୍ତି

**ନୂଆଦିଲ୍ଲୀ, ୧୯ ।୫ (ଏଜେନ୍ସି):** ଏସୀୟ କ୍ରୀଡା ଟ୍ରାଏଲ ମାମଲାରେ କୁସ୍ତିଯୋଦ୍ଧା ଭିନେଶ ଫୋଗତଙ୍କୁ ଦିଲ୍ଲୀ ହାଇକୋର୍ଟରୁ ତୁରନ୍ତ ଆଶ୍ୱସ୍ତି ମିଳିନାହିଁ। ମେ ୩୦ ଓ ୩୧ ତାରିଖରେ ଆଗାମୀ ଏସୀୟ କ୍ରୀଡା ପାଇଁ ଚୟନ ଟ୍ରାଏଲ ଅନୁଷ୍ଠିତ ହେବ। ଭାରତୀୟ କୁସ୍ତି ମହାସଂଘ (ଡବ୍ଲୁଏଫ୍‌ଆଇ) ଦ୍ୱାରା ‘ଅଯୋଗ୍ୟ’ ଘୋଷଣା କରାଯିବା ସତ୍ତ୍ୱେ ଏହି ଟ୍ରାଏଲରେ ଅଂଶଗ୍ରହଣ କରିବାକୁ ଅନୁମତି ଦେବା ପାଇଁ ଭିନେଶ ଦିଲ୍ଲୀ ହାଇକୋର୍ଟରେ ଅପିଲ୍ କରିଥିଲେ। ତେବେ ‘ଅନ୍ୟ ପକ୍ଷକୁ ନ ଶୁଣି’ ତାଙ୍କୁ ତୁରନ୍ତ ଆଶ୍ୱସ୍ତି ଦେବାକୁ ହାଇକୋର୍ଟ ସୋମବାର ମନା କରିଦେଇଛନ୍ତି। ତଥାପି, ଅନୁଶାସନହୀନତା ଏବଂ ଡୋପିଂ ବିରୋଧୀ ନିୟମ ଉଲ୍ଲଂଘନ ଅଭିଯୋଗରେ ତାଙ୍କୁ ଜାରି କରାଯାଇଥିବା କାରଣ ଦର୍ଶାଅ ନୋଟିସ ଉପରେ ଡବ୍ଲ୍ୟୁଏଫଆଇକୁ ‘ଉତ୍ତର’ ଦେବାକୁ ଅନୁମତି ଦେଇଛନ୍ତି।

## ଜାତୀୟ କନିଷ୍ଠ ବାସ୍କେଟବଲ୍: ଓଡ଼ିଶା ଦଳର ପୁଡୁଚେରୀ ଗସ୍ତ



**ଭୁବନେଶ୍ୱର, ୧୯ ।୫ (ସମିସ):** ଜାତୀୟ କନିଷ୍ଠ ବାସ୍କେଟବଲ୍ ଚାମ୍ପିଅନସିପ୍‌ର ୭୬ତମ ସଂସ୍କରଣ ମେ ୨୨ ତାରିଖରୁ ପୁଡୁଚେରୀର ରାଜୀବ ଗାନ୍ଧୀ ଇନଡୋର ଷ୍ଟାଡିୟମରେ ଆରମ୍ଭ ହେବ। ଏଥିଲାଗି ୨୪ ଜଣିଆ ଓଡ଼ିଶା ବାଳକ ଓ ବାଳିକା ଦଳ ମଙ୍ଗଳବାର ଭୁବନେଶ୍ୱର ରେଳ ଷ୍ଟେସନରୁ ପୁଡୁଚେରୀ ଅଭିମୁଖେ ଯାତ୍ରା କରିଛି। ପ୍ରଶାନ୍ତ କୁମାର ନାୟକ ବାଳକ ଦଳର ମୁଖ୍ୟ ପ୍ରଶିକ୍ଷକ ଓ ସୌରଭ ସାହୁ ସହକାରୀ ରହିଛନ୍ତି। ସେହିଭଳି ପ୍ରଶାନ୍ତ କୁମାର ତରାଇ ଓ ସ୍ୱର୍ଣ୍ଣପ୍ରଭା ବେହେରା ଯଥାକ୍ରମେ ବାଳିକା ଦଳର ମୁଖ୍ୟ କୋଚ୍ ଓ ସହକାରୀ କୋଚ୍ ଭାବେ ଦଳ ସହ ଯାତ୍ରା କରିଛନ୍ତି। ଜ୍ଞାନେନ୍ଦୁ ସାମନ୍ତ ଓ ପ୍ରଶାନ୍ତ ନାୟକ ମ୍ୟାନେଜର ରହିଛନ୍ତି। ଏହି ଅବସରରେ ଓଡ଼ିଶା ବାସ୍କେଟବଲ୍ ସଂଘର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ଓ ସଭାପତି ଜ୍ଞାନରଞ୍ଜନ ପରିଡ଼ା ଉଭୟ ଦଳକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

**ଓଡ଼ିଶା ବାଳିକା ଦଳ:** ନାବ୍ୟା ସାଇଶ୍ରୀ ଛୁଆଲସିଂ, କାଜଲ ବାରିକ, ଅନୁଷ୍କା ପରିଡ଼ା, ଇଶା ପାଢ଼ୀ, ସୁନୀତା ଭୋଇ, ବିଦ୍ୟା ଭାସୁମତି, ପାତ୍ର, ଅନ୍ୱେଷା ଏକା, ରାଜଶ୍ରୀ ମହାପାତ୍ର, ପ୍ରିୟା ପାତ୍ର, ସାଇ ଶୁଭଶ୍ରୀ ସାହୁ, ଶ୍ରୀୟା ମହାପାତ୍ର ଓ ଯମୁନା ହାଁସଦା। **ଓଡ଼ିଶା ବାଳକ ଦଳ:** ଅଭିଷେକ ବାରିକ, ଆଲୋକ ରଞ୍ଜନ ଲାକ୍ରା, କୁନାଲ ସ, ଆଶୁତୋଷ ପଣ୍ଡା, ବିଷ୍ଣୁ ବେହେରା, ସୁନିଲ ଘଡ଼େଇ, ଓମ୍ ବାଦାତ, ଏସ ଅନୁଭବ ରାଓ, ହର୍ଷିତ ମହାପାତ୍ର, ଔସିମ ଖାନ, ବାସୁଦେବ ଦାସ ଓ ସଂଗ୍ରାମ ବାରିକ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS